

'ପଦ୍ମାବତ୍'ରେ ଏକାଠି ହୋଇଥା'ନ୍ତେ
▶ପୃଷ୍ଠା 9 ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-215 ◆BHUBANESWAR ◆FRIDAY ◆31 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୧୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୩୧ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ୱାସିଂଟନ ଆକାଶ

# ସେନା ହେଲିକପ୍ଟର-ବିମାନ ଧକ୍କା; ୬୭ ମୃତ



**ୱାସିଂଟନ, ୩୦।୧ (ଏଜେନ୍ସି):** ଆମେରିକା ରାଜଧାନୀ ୱାସିଂଟନ ଡିସି ଆକାଶରେ ଆତଙ୍କ ସୃଷ୍ଟି ହୋଇଛି। ବୁଧବାର ରାତି ୯ଟା (ସ୍ଥାନୀୟ ସମୟ)ରେ ରେଗାନ ନ୍ୟାସନାଲ ଏୟାରପୋର୍ଟ (ଡିସିଏ) ନିକଟରେ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ଆମେରିକା ସେନାର ବ୍ଲାକ ହକ୍ ହେଲିକପ୍ଟର (ଏଚ୍-୬୦) ଏବଂ ବୋମ୍ବାର୍ଡିଆର ଯାତ୍ରୀ ବିମାନ (ସିଆରଜେ୭୦୦) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଭୟଙ୍କର ବିସ୍ଫୋରଣ ପରେ ଉଭୟ ବିମାନ ପୋଟୋମାକ୍ ନଦୀକୁ ଖସି ପଡ଼ିଛି। ଏହି ନଦୀରୁ ୩୦ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହୁରି ୩୭ ଜଣ ନିଖୋଜ ଅଛନ୍ତି।

ରିପୋର୍ଟ ଅନୁଯାୟୀ କାନ୍‌ସାସ୍‌ରୁ ୱାସିଂଟନ ଯାଉଥିବା ଏହି ଯାତ୍ରୀବାହୀ ବିମାନରେ ୪ କ୍ରୁ ସଦସ୍ୟଙ୍କ ସମେତ ୬୪ ଯାତ୍ରୀ ଯାତ୍ରା କରୁଥିଲେ। ସେହିପରି ରାତ୍ରୀକାଳୀନ ପ୍ରଶିକ୍ଷଣରେ ବାହାରି ଥିବା ସେନା ବିମାନରେ ପାଇଲଟ୍‌ଙ୍କ ସମେତ ୩ ସୈନିକ ଥିଲେ। ସମସ୍ତଙ୍କୁ ଉଦ୍ଧାର କରିବାକୁ ପୋଟୋମାକ୍ ନଦୀରେ ବଡ଼ଧରଣର ତଲାସୀ ଅଭିଯାନ ଜାରି ରହିଛି। ପାଣି ଭିତରୁ ଜୀବନ ସନ୍ଧାନ କରିବାକୁ ୩୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତେବେ ୱାସିଂଟନ ଦମକଳ ବିଭାଗ ମୁଖ୍ୟ ଜନ୍ ଡୋନେଲି ସମସ୍ତ ଯାତ୍ରୀ (୬୭) ପ୍ରାଣ ହରାଇଥିବା ଆଶଙ୍କା କରିଛନ୍ତି। ବୀପରିତ ପରିସ୍ଥିତି ଯୋଗୁଁ ଉଦ୍ଧାରକାର୍ଯ୍ୟ ଶେଷ ହେବାକୁ ଅନେକ ଦିନ ଲାଗିପାରେ ବୋଲି ସେ କହିଛନ୍ତି। ▶ପୃଷ୍ଠା-୯

## ଡବଲ ଇଞ୍ଜିନ୍, ଡବଲ ଧୋକା

# ପାଣି ବନ୍ଦ କଲା ଛତିଶଗଡ଼



▶ କଲମାର ସବୁ ଫାଟକ ବନ୍ଦ କରିଦେଲେ ଛତିଶଗଡ଼ ସରକାର
▶ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଲୋଡ଼ା ୫୦ ହଜାର କ୍ୟୁସେକ ପାଣି
▶ ମହାନଦୀ ଜଳଭଣ୍ଡାରକୁ ପ୍ରବେଶ କରୁଛି ମାତ୍ର ୩୭୮ କ୍ୟୁସେକ
▶ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଛି ୨୦ରୁ ଊର୍ଦ୍ଧ୍ୱ ଜଳ ପ୍ରକଳ୍ପ

■ **ସମ୍ବଲପୁର, ୩୦।୧ (ସମିସ):** ମାଘ ଅଧା ହୋଇ ନାହିଁ, କଲମା ବ୍ୟାରେଜର ସବୁ ଫାଟକ ବନ୍ଦ କରିଛି ଛତିଶଗଡ଼ । ଫଳରେ ମହାନଦୀର ଜଳଧାର ସୂତା ପରି ହୋଇ ଯାଇଛି ଓ ହୀରାକୁଦକୁ ଜଳ ପ୍ରବାହ କ୍ଷୀଣ ହୋଇଛି । ଖରା ଆରମ୍ଭ ପୂର୍ବରୁ ମହାନଦୀର ଏପରି ସ୍ଥିତି ଆଗାମୀ ଦିନର ଚିତ୍ରକୁ ସ୍ପଷ୍ଟ କରି ଦେଇଛି। ଏହି ଅବସ୍ଥା ଲାଗି ରହିଲେ ଆଗାମୀ ବୈଶାଖ ଓ ଜ୍ୟେଷ୍ଠ ମାସ ବେଳକୁ କି ଅବସ୍ଥା ହେବ ତାହା କଳ୍ପନା କରି ହେଉ ନାହିଁ । ଏକ ପକ୍ଷରେ ମହାନଦୀ ଉପରମୁଣ୍ଡରେ କଲମାରେ ସବୁ ଫାଟକ ବନ୍ଦ କରି ଛତିଶଗଡ଼ ବେଆଇନ ଭାବରେ ୨୦ଟି ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଚଳାଇଥିବାବେଳେ ଓଡ଼ିଶାର ଡ଼ବଲ ଇଞ୍ଜିନ୍ ସରକାର ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି। ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ଡ଼ବଲ ଧୋକ୍କା ଦେଇଛି ବୋଲି ବିରୋଧୀମାନେ ଅଭିଯୋଗ କରିଛନ୍ତି ।

ମହାନଦୀ ପ୍ରସଙ୍ଗରେ ତତ୍‌କାଳୀନ ନବୀନ ସରକାର ବାରମ୍ବାର କେନ୍ଦ୍ର ସରକାର, ଜାତୀୟ ଜଳ ଆୟୋଗ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ଓଡ଼ିଶା ସ୍ୱାର୍ଥକୁ ଉପେକ୍ଷା କରାଯାଇଛି। ଶେଷରେ ତତ୍‌କାଳୀନ ସରକାର ଅଦାଲତର ଦ୍ୱାରସ୍ଥ ହେବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଟ୍ରିବ୍ୟୁନାଲ ମଧ୍ୟ ଏ ଦିଗରେ କୌଣସି ନିଷ୍କର୍ଷ ବାହାର କରିପାରି ନାହିଁ। ବୈଠକ ପରେ ବୈଠକ ବସୁଥିଲେ ବି ଓଡ଼ିଶାର ନ୍ୟାୟସଙ୍ଗତ ଦାବି ପୂରଣ ହୋଇ ପାରିନାହିଁ। ଏହି ସମୟରେ କଲମାର ଫାଟକ ବନ୍ଦ କରି ବେଆଇନ ଭାବରେ ଛତିଶଗଡ଼ ସରକାର ୨୦ଟି ନୂଆ ଜଳ ପ୍ରକଳ୍ପ କାର୍ଯ୍ୟ ଚଳାଇଥିବାବେଳେ ଓଡ଼ିଶାର ଡବଲ ଇଞ୍ଜିନ୍ ସରକାରଙ୍କ ରହସ୍ୟମୟ ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ରାଜ୍ୟର ହିତ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ ବୋଲି ନିର୍ବାଚନ ସମୟରେ ଗର୍ଜନ କରୁଥିବା ବିଜେପି ନେତାଙ୍କ ଏବେ ରହସ୍ୟଜନକ ନିରବତା ଅବଲମ୍ବନ କରୁଛନ୍ତି।

କଲମା ବ୍ୟାରେଜର ଉପରମୁଣ୍ଡରେ ଛତିଶଗଡ଼ ବେଆଇନ ଭାବରେ ଆରମ୍ଭ କରିଥିବା ୨୦ଟି ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ କେତେକ ପ୍ରକଳ୍ପ ପ୍ରାୟ ଶେଷ ହେବାକୁ ବସିଛି, ଆଉ କିଛି ପ୍ରକଳ୍ପ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ଆଧାରରେ ୭୦୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାମ କରାଯାଉଥିବା ସୂଚନା ମିଳିଛି। ଏଥିପାଇଁ ବଡ ବଡ ଇନଟାକ ୱେଲ୍ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଚାଲିଛି। ଯାହା ଓଡିଶାକୁ କଲମାରୁ ଆସିବାକୁ ଥିବା ପାଣିରୁ ପାଣି ଶୋଷିବେ। ଏଥିରେ ଜାଞ୍ଜଗିର- ଚାମ୍ପା ସମେତ ସାରଙ୍ଗଗଡ ଜିଲ୍ଲାର ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ଜଳ ଯୋଗାଣ ହେବ। ପ୍ରକଳ୍ପ କାର୍ଯ୍ୟ ପାଇଁ ବର୍ତ୍ତମାନ କଲମାର ସମସ୍ତ ଗେଟ ବନ୍ଦ ରଖାଯାଇଛି।

ବୁର୍ଲା ଓ ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ରକୁ କାର୍ଯ୍ୟକ୍ଷମ ପାଇଁ ୫୦୦୦୦ କ୍ୟୁସେକ୍ ଜଳ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ହୀରାକୁଦକୁ ମାତ୍ର ୩୭୮ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଫଳରେ ପାୱାର ଚ୍ୟାନେଲ୍‌କୁ ▶ପୃଷ୍ଠା-୯

# ଆଜିଠୁ ସଂସଦର ବଜେଟ ଅଧିବେଶନ



## ୱାକଫ୍ ବିଲ୍ ସମେତ ଆସିବ ୧୬ଟି ବିଲ୍

## ଆଜି ଅର୍ଥନୈତିକ ସର୍ଭେ ରିପୋର୍ଟ, ୧ରେ ବଜେଟ୍

■ **ନୂଆଦିଲ୍ଲୀ, ୩୦।୧(ଏଜେନ୍ସି):** ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ବଜେଟ୍ ଅଧିବେଶନ। ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ସଦନକୁ ସମ୍ବୋଧିତ କରିବା ପରେ ଏହି ଅଧିବେଶନ ଆରମ୍ଭ ହେବା ସହିତ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ହେବ। ଫେବୃଆରୀ ୧ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ଦରବୃଦ୍ଧି, ବେକାରୀ ଏବଂ ଚାଷୀ ସମସ୍ୟାକୁ ନେଇ ପୂର୍ବରୁ ବିରୋଧୀ କେନ୍ଦ୍ର ସରକାରଙ୍କୁ ଘେରିଥିଲା ବେଳେ ଏହି ବଜେଟର ରୂପରେଖ କିଭଳି ହେବ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ତେବେ ଏହି ଅଧିବେଶନରେ ଦରବୃଦ୍ଧି, ଚାଷୀ ସମସ୍ୟା ଏବଂ ମହାକୁମ୍ଭ ଦୁର୍ଘଟଣାକୁ ନେଇ ବିରୋଧୀ କେନ୍ଦ୍ରକୁ ଘେରିବାକୁ ପ୍ରସ୍ତୁତ ହୋଇଛନ୍ତି ବୋଲି କୁହାଯାଉଛି। କେନ୍ଦ୍ର ସରକାର ଏହି ଅଧିବେଶନରେ ୱାକଫ୍ ବିଲକୁ ନେଇ ସଂସଦୀୟ ଯୁଗ୍ମ ▶ପୃଷ୍ଠା-୯

### ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ଉଦ୍‌ବେଗ

## ସଂସଦୀୟ କମିଟିର ରାଜନୀତିକରଣ

■ **ନୂଆଦିଲ୍ଲୀ, ୩୦।୧(ଏଜେନ୍ସି):** ବଜେଟ ଅଧିବେଶନ ପୂର୍ବରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସଭ୍ୟମାନେ ସରକାରଙ୍କୁ ଘେରିଛନ୍ତି। ସରକାର ବିଭିନ୍ନ ପ୍ରସଙ୍ଗରେ ଗଠିତ ସଂସଦୀୟ କମିଟି (ଜେପିସି)ର ରାଜନୀତିକରଣ କରୁଛନ୍ତି ବୋଲି ବିରୋଧୀ ସଭ୍ୟମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ସରକାର ନିଜର ଏଜେଣ୍ଡାକୁ ଏହି କମିଟି ମାଧ୍ୟମରେ ପାସ୍ କରାଉଛନ୍ତି। ସଂସଦୀୟ କମିଟିଗୁଡ଼ିକରେ ଶାସକ ଦଳର ଅଧିକ ସଭ୍ୟ ରହୁଥିବାରୁ ବିରୋଧୀ ସଭ୍ୟଙ୍କ କଥାକୁ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଏହି କମିଟି କେବଳ ଲୋକଦେଖାଣିଆ ହୋଇଛି। କମିଟିରେ ବିରୋଧୀଙ୍କ କଥା ତ ରହୁନି, ସେମାନଙ୍କୁ କହିବାକୁ ▶ପୃଷ୍ଠା-୯

## କ୍ରିକେଟ ଖେଳି ଫେରୁଥିବା ବେଳେ ଦୁର୍ଘଟଣା; ୩ ମୃତ

■ **ବରଗଡ଼/ଦହିତା, ୩୦।୧ (ସମିସ):** ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏବେ ଚାଲିଛି ସଡ଼କ ସୁରକ୍ଷା ମାସ। ସ୍କୁଲ, କଲେଜ୍, ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ଚାଲିଛି ବିଭିନ୍ନ ସଚେତନତା କାର୍ଯକ୍ରମ। ହେଲେ ଆଜି ଅନ୍ତିମ ଦିବସରେ ଚାଲିଗଲା ତିନି ଜଣଙ୍କ ଜୀବନ। ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ମହୁଲପାଲି ଗ୍ରାମର ଅଙ୍ଗ ନଦୀ ଉପରେ ଥିବା ମହୁଲପାଲି ବ୍ରିଜରେ ସନ୍ଧ୍ୟାରେ ଦୁର୍ଘଟଣା ଘଟି ୩ଜଣଙ୍କ ଜୀବନ ଚାଲିଯାଇଛି। ମିଳିଥିବା ଖବର ଅନୁଯାୟୀ, ପଦ୍ମପୁର ନିକଟସ୍ଥ ବାଜେନମୁଣ୍ଡା ଗାଁର ପିଲାମାନେ ବାନ୍ଦେବାହାଲ ଗାଁକୁ କ୍ରିକେଟ ଖେଳିବା ପାଇଁ ଯାଇଥିଲେ। ସେଠାରେ ବାଜେନମୁଣ୍ଡା ଦଳ ବିଜୟୀ ହେଲା ପରେ ପିଲାମାନେ ମଉଜ ମଜଲିସ୍ କରି ଫେରୁଥିଲେ। ହେଲେ ପଦ୍ମପୁର ନିକଟସ୍ଥ ମହୁଲପାଲି ବ୍ରିଜ ଉପରେ ଏକ ଦୁର୍ଘଟଣା ଘଟି ୩ ଯୁବକ ଗୁରୁତର ହୋଇଥିଲେ। ଦୁର୍ଘଟଣା ସ୍ଥଳକୁ ପଦ୍ମପୁର ଥାନା ଅଧିକାରୀ ମମତା ନାୟକ ଓ ଷ୍ଟାଫ୍ ତଥା ମହୁଲପାଲି ଗ୍ରାମର କିଛି ଯୁବକ ମିଶି ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଗୁରୁତରଙ୍କୁ ନେଇଥିଲେ। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ ବୁଡେନ ଥାନା ବାଜେନମୁଣ୍ଡା ଗାଁର ପଦ୍ମନ ଥପା, ଆକାଶ ପୋଢ଼ ଓ ପଦ୍ମଲୋଚନ ଥପ୍ପା। ଏଭଳି ଅଘଟଣ ପରେ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟିହୋଇଛି।

# ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କୁ ବାଟବଣା କରୁଛି କିଏ ?

## ସନ୍ଦେହଘେରରେ ଅଧିକାରୀଙ୍କ ଭୂମିକା

### ଅପଦସ୍ଥ ହେଉଛନ୍ତି ସରକାର

■ **ଭୁବନେଶ୍ୱର, ୩୦।୧ (ସମିସ):** ରାଜ୍ୟରେ ସରକାର ଗଠନ କରିବାକୁ ବିଜେପିକୁ ୭ ମାସ ପୂରି ୮ ମାସ ଚାଲିଲାଣିମାତ୍ର ରାଜ୍ୟ ପ୍ରଶାସନ ଏବଂ ସରକାରରେ ସବୁ କିଛି ଯେ ଠିକ୍‌ଠାକ୍ ଚାଲୁନାହିଁ ତାହା ଜଳଜଳ ହୋଇ ଦିଶୁଛି। ବିଶେଷକରି ବିଭିନ୍ନ ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀମାନେ ଆଖିବୁଜା ବୟାନବାଜି କରିବା ଏବଂ ପରେ ଅପଦସ୍ଥ ହେବା ଉପରୋକ୍ତ ଦିଗକୁ ଇଙ୍ଗିତ କରୁଛି। ମନ୍ତ୍ରୀମାନେ ଏପରି ବାଟବଣା ହେବା ପଛରେ ଅମଲାତନ୍ତ୍ରଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଲାଣି। ନିକଟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏକ ବୟାନ ମଧ୍ୟ ସନ୍ଦେହକୁ ବଳ ଦେଉଛି। ପ୍ରଶାସନିକ କଳରେ ଏହି ଅସଙ୍ଗତିଟିକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ରାଜ୍ୟରେ ସଂପ୍ରତି ଧାନକିଣା ଜାରି ରହିଥିବା ବେଳେ ସବୁଆଡ଼େ ମିଲରଙ୍କ ମନମାନି, କଟନୀଛଟନୀକୁ ନେଇ ଚାଷୀକୂଳ ନାକେଦମ୍ ହେଲେଣି। ଏଫଏକ୍ୟୁ ମାନ ଆଳରେ ମିଲର ନିଜର ମନମାନି କରୁଥିବା ବେଳେ ଚାଷୀଙ୍କ ଉପରେ ଦାଉ ସାଜୁଛନ୍ତି। ଜୋର୍ ଜବରଦସ୍ତ ଚାଷୀଙ୍କଠାରୁ ୫-୮ କେଜି ଯାଏଁ ଧାନ କଟାଯାଉଛି। ପ୍ରତିବାଦ କଲେ ମଣ୍ଡିରେ ଧାନ ପଡ଼ିରହୁଛି। ରାଜ୍ୟବ୍ୟାପୀ ଚାଷୀମାନେ ଅବ୍ୟବସ୍ଥାକୁ ବିରୋଧରେ ପ୍ରତିବାଦ କରୁଥିବା ବେଳେ ବିଭାଗୀୟ ମନ୍ତ୍ରୀ ଅର୍ଥାତ୍ ମୁରବୀ ଭାବେ ଏହାର ସମାଧାନ କରିବାର ଉତ୍ତର ଦାୟିତ୍ୱ ଶ୍ରୀ ପାତ୍ରଙ୍କର ରହିଛି। ମାତ୍ର କିଛି ଆଇଏଏସ୍ ତାଙ୍କୁ ଧାନ କିଣା ଘଟଣାରେ ମୁଣ୍ଡ ନପୂରାଇବା ପାଇଁ କହୁଥିବା ଶ୍ରୀ ପାତ୍ର ଗଣମାଧ୍ୟମ ଆଗରେ ମନ୍ତବ୍ୟ ଦେଇଛନ୍ତି।

ମନ୍ତ୍ରୀଙ୍କର ଏହି ବୟାନ ଉଭୟ ରାଜନୈତିକ ଓ ଅମଲାତନ୍ତ୍ର ମହଲରେ କମ୍ପନ ସୃଷ୍ଟି କରିଛି। ଆଇଏଏସ୍ ଅଧିକାରୀଙ୍କ ଯୋଗୁଁ ମନ୍ତ୍ରୀମାନେ କେତେ ଅସହାୟ ହୋଇ ପଡ଼ିଛନ୍ତି, ତାହା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇପଡୁଛି। ଶ୍ରୀ ପାତ୍ରଙ୍କ ଭଳି ଅନ୍ୟ ମନ୍ତ୍ରୀମାନେ ଖୋଲାଖୋଲି ଏହା କହୁନଥିଲେ ମଧ୍ୟ ଏଭଳି ଅଫିସରମାନଙ୍କ ଯୋଗୁଁ ବଭିନ୍ନ ସମୟରେ ସେମାନେ ଅପଦସ୍ତ ହେଉଥିବା ସ୍ୱୀକାର କରିଛନ୍ତି। ନବଗଠିତ ବିଜେପି ସରକାରରେ ଯେଉଁମାନେ ମନ୍ତ୍ରୀ ହୋଇଛନ୍ତି ସେମାନେ ନୂଆ ଏବଂ ଏକ୍ଷେତ୍ରରେ ସେମାନଙ୍କର କୌଣସି ଅଭିଜ୍ଞତା ମଧ୍ୟ ନାହିଁ। ଏହାର ଫାଇଦା ଉଠାଇ ଅଧିକାରୀମାନେ ସେମାନଙ୍କୁ ଭୁଲ ବାଟରେ ନେଉଛନ୍ତି ବୋଲି ସ୍ପଷ୍ଟ ହୋଇଯାଇଛି। କେବଳ ମନ୍ତ୍ରୀ ନୁହେଁ, ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଛାଡ଼ି ନାହାନ୍ତି। ତାଙ୍କୁ ଅନ୍ଧାରରେ ରଖି ଅନେକ ନିଷ୍ପତ୍ତି ନେବା ଯୋଗୁଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରମାଣ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଠାରୁ ଆରମ୍ଭ କରି ଧାନ କଟନୀଛଟନୀ ପର୍ଯ୍ୟନ୍ତ ରହିଛି।

ସରକାର ଗଠନ ହେବା ପରେ ରାଜ୍ୟରେ ମଦ ବନ୍ଦ ଆରମ୍ଭଠାରୁ ମାଗଣା ବିଜୁଳି, ଆଳୁ ଦର ବୃଦ୍ଧି, ମାଗଣା ବିଜୁଳି, ଉତ୍ତର ଓଡ଼ିଶା ବିକାଶ ପରିଷଦ ▶ପୃଷ୍ଠା-୯

# ମହାକୁମ୍ଭରେ ପୁଣି ଲାଗିଲା ନିଆଁ

ଦଳଚକଟା ଘଟଣାରେ ଏବେ ବି ଅନେକ ନିଖୋଜ
ମୃତ୍ୟୁସଂଖ୍ୟା ଆହୁରି ବଢିବା ନେଇ ଆଶଙ୍କା
ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ଫେବୃଆରୀ ୪ ଯାଏଁ 'ନୋ ଭେହିକିଲ୍ ଜୋନ୍



■ **ପ୍ରୟାଗରାଜ, ୩୦।୧ (ଏଜେନ୍ସି):** ପ୍ରୟାଗରାଜ ମହାକୁମ୍ଭରେ ଗତକାଲି ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ହେବା ସହିତ ୬୦ରୁ ଅଧିକ ଶ୍ରଦ୍ଧାଳୁ ଆହତ ହେବା ଘଟଣାର କିଛି ଘଣ୍ଟା ପରେ ଗୁରୁବାର ପୁଣି ଅଘଟଣ ଘଟିଛି। ମହାକୁମ୍ଭ ମେଳା ଅଞ୍ଚଳର ସେକ୍ଟର ୨୨ରେ ନିଆଁ ଲାଗି ୧୫ରୁ ଅଧିକ ଶିବିର ଜଳିଯାଇ ନଷ୍ଟ ହୋଇଯାଇଛି ।

ମହାକୁମ୍ଭ ମେଳାରେ ବାରମ୍ବାର ଏଭଳି ଦୁର୍ଘଟଣାକୁ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଏହାପୂର୍ବରୁ ଏଠାରେ ଗୀତାପ୍ରେସ୍ ଶିବିରରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗିଯିବାରୁ ୨୨ରୁ ୨୫ ଟି ଶିବିର ଜଳି ନଷ୍ଟ ହୋଇଯାଇଥିଲା। ଗତକାଲି ଦଳାଚକଟା ଘଟଣାରେ ମୃତକଙ୍କ ସଂଖ୍ୟା ଆହୁରି ବଢିବାର ଆଶଙ୍କା ପ୍ରକାଶ ପାଇଛି। କାରଣ ଏବେ ବି ଅନେକ ଲୋକ ନିଖୋଜ ରହିଛନ୍ତି। ଦଳାଚକଟାର ୩୬ ଘଣ୍ଟା ପରେ ମଧ ସେମାନଙ୍କର କୌଣସି ପତ୍ତା ମିଳୁନାହିଁ। ▶ପୃଷ୍ଠା-୯






## ▶ ୮ ବର୍ଷ ହେଲା କାର୍ଯ୍ୟକ୍ଷମ ଅପେକ୍ଷାରେ ସିର୍ତ୍ତିଗୁଡ଼ା ଗ୍ରୀଡ

# ହାତୀ କରିଡର୍ କହି ଅଟକାଇଛି କେନ୍ଦ୍ର

### ଖତ ଖାଉଛି ୧୦୦ କୋଟିର ସାମଗ୍ରୀ

■ **ଫୁଲବାଣୀ, ୩୦।୧ (ସମିସ):** କନ୍ଧମାଳ ଜିଲ୍ଲାର ଅନେକ ଗ୍ରାମକୁ ଆଜି ବି ପହଞ୍ଚି ପାରିନି ବିଜୁଳି ଆଲୁଅ। ଯେଉଁଠିକୁ ମଧ ବିଦ୍ୟୁତ ସଂଯୋଗ ହୋଇଛି, ଲାଇନ ଦିନେ ରହିଲେ ଚାରି ଦିନ ଗାଏବ। ସହରଗୁଡ଼ିକରେ ସନ୍ଧ୍ୟା ହେଲେ ମିଞ୍ଜି ମିଞ୍ଜି ହୋଇ ଜଳୁଛି ବଲବ। କାରଣ ହେଲା ଅଧିକାଂଶ ଅଞ୍ଚଳକୁ ଯେତିକି ପରିମାଣର ବିଦ୍ୟୁତ ଶକ୍ତି ଆବଶ୍ୟକ ସେତିକି ଯୋଗାଣ ହେଉନାହିଁ। ଏଭଳି ସ୍ଥିତିରେ ବାଲିଗୁଡା ସମେତ ଜିଲ୍ଲାର ଅର୍ଦ୍ଧାଧିକ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ପାଇଁ କ.ନୂଆଗାଁ ବ୍ଲକ ସିର୍ତ୍ତିଗୁଡାରେ ୧୦୦ କୋଟି ଟଙ୍କାରେ ନିର୍ମିତ ୨୨୦/୩୩ ଗ୍ରୀଡ ସବଷ୍ଟେସନ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ହାତୀ କରିଡର୍ କହି ପ୍ରକଳ୍ପକୁ ଅଟକାଇଛି କେନ୍ଦ୍ର।

ସୂଚନାଯୋଗ୍ୟ, ଫୁଲବାଣୀରେ ୧୯୮୦ ଦଶକରେ ସ୍ଥାପିତ ଜିଲ୍ଲାର ପ୍ରଥମ ୧୩୨ କେଭି ସବଷ୍ଟେସନରୁ ସମଗ୍ର ଜିଲ୍ଲାକୁ ବିଦ୍ୟୁତ ଯୋଗାଣ ହେଉଥିଲା। ଦୀର୍ଘ ବର୍ଷ ପରେ ୨୦୧୮ରେ ଜି.ଉଦୟଗିରିରେ ଅନ୍ୟ ଏକ ୧୩୨/୩୩ କେଭି ସବଷ୍ଟେସନ ନିର୍ମିତ ହୋଇଥିଲା। ଇତିମଧ୍ୟରେ ଆବଶ୍ୟକତା ଅନେକ ଗୁଣରେ ବଢ଼ି ଥିବାରୁ ଏହି ଦୁଇ ଗ୍ରୀଡ ପକ୍ଷରେ ଚାହିଦା ମୁତାବକ ବିଦ୍ୟୁତ ଯୋଗାଇ ଦେବା ପାଇଁ ସକ୍ଷମ ହେଉନାହିଁ। ଏହି ସମସ୍ୟାର ସମାଧାନ ପାଇଁ କ.ନୂଆଗାଁ ବ୍ଲକ ସିର୍ତ୍ତିଗୁଡାରେ ଏକ ନୂତନ ୨୨୦/୩୩ କେଭି ସବଷ୍ଟେସନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା, ବାଲିଗୁଡା, ଦାରିଙ୍ଗବାଡି, କୋଟଗଡ, ରାଇକିଆ, କ.ନୂଆଗାଁ ଓ ତୁମୁଡିବନ୍ଧ ବ୍ଲକକୁ ଆବଶ୍ୟକ ଅନୁଯାୟୀ ବିଦ୍ୟୁତ ଯୋଗାଇ ଦେବା। ୨୦୧୬ ମସିହା ଫେବୃଆରୀ ମାସରେ ତତ୍କାଳୀନ ଶକ୍ତିମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବ୍ୟୟ ଅଟକଳ ଥିଲା ୧୦୨ କୋଟି ଟଙ୍କା। ଯୋଜନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା କେସିଙ୍ଗା ଗ୍ରୀଡରୁ ଏଠାକୁ ବିଦ୍ୟୁତ ଆସି ବାଲିଗୁଡ଼ା ଉପଖଣ୍ଡକୁ ଯୋଗାଣ ହୋଇ ଥାଆନ୍ତା। ୨୦୧୮ ମାର୍ଚ୍ଚ ମାସରୁ ଉକ୍ତ ଗ୍ରୀଡ୍‌ରୁ ବିଦ୍ୟୁତ ଯୋଗାଇ ଦେବାର ଲକ୍ଷ୍ୟ ରହିଥିଲା। ଧାର୍ଯ୍ୟ ସମୟ, ଅର୍ଥାତ ୨୦୧୮ ମସିହାରୁ ସବଷ୍ଟେସନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି। ସମସ୍ତ ଯନ୍ତ୍ରପାତି ସ୍ଥାପନ ସହିତ କୋଠାବାଡି କାମ ବି ସରିଛି। କିନ୍ତୁ ଇତି ମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇପାରିନି। ସୂଚନା ମୁତାବକ, କେସିଙ୍ଗା ଠାରୁ ସିର୍ତ୍ତିଗୁଡ଼ା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ପାଇଁ ୩୮୨ଟି ଟାୱାରର ଆବଶ୍ୟକତା ରହିଛି। ▶ପୃଷ୍ଠା-୯

## ମଣିଷ କଟ୍‌ଆଉଟ୍ ମାଧ୍ୟମରେ ମାଛର ଏକାକୀତ୍ୱ ଦୂର



ଜାପାନ ବିଶ୍ୱର ଏକ ବିକଶିତ ରାଷ୍ଟ୍ର ଭାବେ ଜଣାଯାଏ । ଟେକ୍ନୋଲଜି କ୍ଷେତ୍ରରେ ବେଶ୍ ଆଗୁଆ ଥିବା ଜାପାନରେ ଏବେ ଏକାକୀତ୍ୱ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଏହାର ପ୍ରଭାବ ଯେ କେବଳ ବୟସ୍କ ଲୋକଙ୍କ ଉପରେ ପଡ଼ୁଛି ତାହା ନୁହେଁ, ଆକ୍ୱାରିୟମ୍‌ରେ ଥିବା ମାଛଙ୍କଠାରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳୁଛି । ଦକ୍ଷିଣ ଜାପାନର ଶିମୋନୋସେକିରେ ଥିବା କେଇକ୍ୟୋକାନ୍ ଆକ୍ୱାରିୟମ୍‌ରେ ଥିବା ଗୋଟିଏ ସନ୍‌ଫିସ୍‌ର ଏକାକୀତ୍ୱ ଦୂର କରିବା ପାଇଁ ଏଠାକାର କର୍ମଚାରୀମାନେ ଏକ ନିଆରା ଉପାୟ ବାହାର କରିଛନ୍ତି । ମାଛମାନଙ୍କ ଏକାକୀତ୍ୱ ଦୂର ପାଇଁ ସେମାନେ ଏକ ଅଜବ ଉପାୟ ବାହାର କରିଛନ୍ତି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଯେତେବେଳେ ଆକ୍ୱାରିୟମ୍‌ଟିକୁ ମରାମତି ପାଇଁ ବନ୍ଦ କରି ଦିଆଗଲା, ହଠାତ୍ ଚଳଚଞ୍ଚଳ ଓ ସୁସ୍ଥ ଥିବା ସନ୍‌ଫିସ୍‌ଟି ପୂର୍ବାପେକ୍ଷା ରୋଗାକ୍ରାନ୍ତ ହୋଇଗଲା । ପ୍ରଥମେ ମାଛଟି କୌଣସି ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥିବା କର୍ମଚାରୀ ଭାବୁଥିଲେ । କିନ୍ତୁ ଆକ୍ୱାରିୟମ୍ ନିକଟରେ ମଣିଷଙ୍କ ଉପସ୍ଥିତି କମିଯିବାରୁ ମାଛଟିର ଅବସ୍ଥା ଏପରି ହୋଇଥିବା ପରେ କର୍ମଚାରୀମାନେ ଭାବିଥିଲେ । ଏହାପରେ ମାଛଟିର ଏକାକୀତ୍ୱ ଦୂର କରିବା ପାଇଁ ସେମାନେ ଆକ୍ୱାରିୟମ୍ ନିକଟରେରେ ମଣିଷ କଟ୍‌ଆଉଟ୍ ଲଗାଇବାର ବ୍ୟବସ୍ଥା କଲେ । ତେବେ ମଣିଷଙ୍କ ଉପସ୍ଥିତି ମାଛଟିକୁ ଅନୁଭବ କରାଇବା ପାଇଁ କର୍ମଚାରୀମାନେ ଏପରି କରିଥିଲେ । ଏଘଟଣାର କିଛିଦିନ ପରେ ମାଛ ପୁଣି ଥରେ ପୂର୍ବ ଭଳି ଖାଦ୍ୟ ଖାଇବା ଆରମ୍ଭ କଲା ଏବଂ ପୂର୍ବାପେକ୍ଷା ସୁସ୍ଥ ଦେଖାଗଲା । ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ଅଚାନକ ପର୍ଯ୍ୟଟକଙ୍କ ଅନୁପସ୍ଥିତି ମାଛ ଉପରେ ପ୍ରଭାବ ପକାଇଛି । ଅନ୍ୟପଟେ ଏକଥା ସମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି ।

## ଆଜିର ଇତିହାସ

- ୧୯୧୫- ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ରୁଷ୍ ବିପକ୍ଷରେ ବିଷାକ୍ତ ଗ୍ୟାସ୍ ପ୍ରୟୋଗ କରିଥିଲା ।
- ୧୯୨୩- ପରମବୀର ଚକ୍ର ପ୍ରାପ୍ତ ମେଜର୍ ସୋମନାଥ ଶର୍ମାଙ୍କ ଜନ୍ମ ।
- ୧୯୫୮ - ଆମେରିକାର ପ୍ରଥମ ଭୂଉପଗ୍ରହର ପ୍ରକ୍ଷେପଣ ।
- ୨୦୦୪- ପ୍ରସିଦ୍ଧ ଗାୟିକା ସୁରୈୟାଙ୍କ ଦେହାନ୍ତ ।
- ୨୦୧୩- ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଏକ ଟ୍ରେନ୍ ଦୁର୍ଘଟଣାରେ ପାଖାପାଖି ୨୫୦୦ ଲୋକ ଆହତ ହୋଇଥିଲେ ।

### ଆଜି ଆସିଥିଲେ

## ମେଜର୍ ସୋମନାଥ ଶର୍ମା



ମେଜର ଜେନେରାଲ ସୋମନାଥ ଶର୍ମା । ହାଇଦ୍ରାବାଦ୍ ରେଜିମେଣ୍ଟର ଏହି ସିପାହୀ ଜଣକ ହେଉଛନ୍ତି ଭାରତର ଏମିତି ଜଣେ ଯୋଦ୍ଧା ଯାହାଙ୍କ କଥା ଶୁଣିଲେ ଲୋମ ଟାଙ୍କୁରି ଉଠିବ । ୧୯୪୭ ମସିହାରେ ଭାରତ-ପାକ୍ ଯୁଦ୍ଧରେ ସେ ଥିଲେ ମୁଖ୍ୟ ନାୟକ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମଧ୍ୟ ତାଙ୍କ ଭୂମିକା ଥିଲା ଅନସ୍ୱୀକାର୍ଯ୍ୟ । ୧୯୪୭ ମସିହା ନଭେମ୍ବର ୩ ତାରିଖରେ ଏହି ମହାନ୍ ଯୋଦ୍ଧା ବୀରଗତି ପ୍ରାପ୍ତ ହୋଇଥିଲେ । ମରଣୋପରାନ୍ତେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମିଳିଥିଲା ପରମବୀର ଚକ୍ର ଉପାଧି । ସେ ହେଉଛନ୍ତି ଦେଶର ପ୍ରଥମ ସୈନିକ ଯେ, ଏହି ମହାନ୍ ସମ୍ମାନର ଅଧିକାରୀ ହୋଇଥିଲେ ।

୧୯୨୩ ମସିହା ଜାନୁୟାରୀ ୩୧ ତାରିଖରେ ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ଦାଢ଼ଠାରେ ଜନ୍ମଲାଭ କରିଥିବା ସୋମନାଥଙ୍କ ପରିବାରରେ ସାମରିକ ସେବାର ଏକ ସୁଦୀର୍ଘ ପରମ୍ପରା ଥିଲା । ତାଙ୍କ ବାପା ଅମରନାଥ ଶର୍ମା ସେନାରେ ଡାକ୍ତର ଥିଲେ । ବାପା ଓ ମାମୁଁଙ୍କୁ ଦେଖି ସେନାରେ ସେ ଯୋଗ ଦେବା ପାଇଁ ସ୍ଥିର କରିଥିଲେ । ୧୯୪୨ ମସିହା ଫେବୃୟାରୀ ୨୨ ତାରିଖ ଦିନ ସୋମନାଥ ଶର୍ମା ଭାରତୀୟ ସେନାର ୧୯ ତମ ହାଇଦ୍ରାବାଦ୍ ରେଜିମେଣ୍ଟର ୮ ମ ବାଟାଲିଅନରେ ଯୋଗ ଦେଇଥିଲେ । ପରେ ଏହା କୁମାଓ ରେଜିମେଣ୍ଟର ୪ର୍ଥ ବାଟାଲିଅନ ଭାବେ ନାମିତ ହେଲା । ଦେଶ ସ୍ୱାଧୀନ ହେବାର ତୁରନ୍ତ ପରେ ୧୯୪୭ ଅକ୍ଟୋବର ୨୨ ତାରିଖ ଦିନ ଯେତେବେଳେ ପାକିସ୍ତାନ ପଟୁ ଅଚାନକ ଆକ୍ରମଣ ହେଲା, ସେତେବେଳେ କାଶ୍ମୀରରେ କୁମାଓ ରେଜିମେଣ୍ଟର ନେତୃତ୍ୱ ନେଉଥିବା ମେଜର୍ ଶର୍ମାଙ୍କ ସେନା ପାକିସ୍ତାନ ଆକ୍ରମଣକାରୀଙ୍କ ସହ ପ୍ରାୟ ୬ଘଣ୍ଟା କାଳ ଲଢ଼ି ସେମାନଙ୍କୁ ଭାରତର ସୀମାରେ ହିଁ ଅଟକାଇ ଦେଇଥିଲେ । ଏହି ସମୟରେ ଭାରତୀୟ ସେନା ଆସି ସେଠାରେ ପହଞ୍ଚି ମୋର୍ଚ୍ଚା ସମ୍ଭାଳିଥିଲେ । ସେହି ସମୟରେ ତାଙ୍କର ଡାହାଣ ହାତ ପ୍ଲାଷ୍ଟର୍ ହୋଇଥିଲା । ଡାକ୍ତର ତାଙ୍କୁ ବିଶ୍ରାମ କରିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ସେ ଏହାକୁ ଖାତିର ନକରି ଯୁଦ୍ଧ ଲଢ଼ିବା ପାଇଁ ଜିଦ୍ ଧରି ବସିଲେ । ତେଣୁ ମୋର୍ଚ୍ଚା ସମ୍ଭାଳିବା ପାଇଁ ତାଙ୍କୁ ଅନୁମତି ମିଳିଥିଲା ।

୧୯୪୭ ମସିହା ନଭେମ୍ବର ୩ ତାରିଖ ଦିନ ଶତ୍ରୁସେନା ଆସି କାଶ୍ମୀରର ବଡ଼ଗାମ ନିକଟରେ ପହଞ୍ଚି ସାରିଥିଲେ । ଶ୍ରୀନଗର ବିମାନ ବନ୍ଦରରୁ ସେମାନେ ମାତ୍ର କେଇ ମାଇଲ୍ ଦୂରରେ ଥିଲେ । ଠିକ୍ ସେତେବେଳେ ମେଜର୍ ଶର୍ମା ନିଜର ସୈନିକଙ୍କ ସହ ସେଠାରେ ପହଞ୍ଚିଲେ ଓ ମୋର୍ଚ୍ଚା ଦାୟିତ୍ୱ ନେଇଥିଲେ । ଅପରାହ୍ନ ୩.୩୦ ସମୟ ଥିଲା । ହଠାତ୍ ପାକିସ୍ତାନ୍ ପଟୁ ୫୦୦ ଆକ୍ରମଣକାରୀ ଆସି ତାଙ୍କ ସେନାକୁ ତିନିପଟୁ ଘେରିନେଲେ । ଗୁଳିବର୍ଷଣ ଆରମ୍ଭ ହେଲା । ମେଜର୍ ଶର୍ମାଙ୍କ ପାଖରେ ଥିଲେ ମାତ୍ର ୫୦ ଜଣ ସୈନିକ । ଶତ୍ରୁସେନାଙ୍କ ବୋମାବର୍ଷଣ ଫଳରେ କୁମାଓ ରେଜିମେଣ୍ଟକୁ ବହୁତ କ୍ଷତି ସହିବାକୁ ପଡ଼ିଲା । ଆହୁରି ସୈନ୍ୟ ପଠାଇବା ପାଇଁ ମେଜର୍ ଶର୍ମା ବାର୍ତ୍ତା ପଠାଇବା ସହ ଯୁଦ୍ଧ ଜାରି ରଖିଲେ । ମେଜର ସୋମନାଥଙ୍କ ଗୋଟିଏ ହାତରେ ପ୍ଲାଷ୍ଟର୍ ହୋଇଥିବାରୁ ସେ ଅନ୍ୟ ଗୋଟିଏ ହାତରେ ଗୁଳି ଭର୍ତ୍ତି କରି ସୈନିକମାନଙ୍କୁ ଯୋଗାଇ ଚାଲିଥିଲେ । ଏହି ସମୟରେ ସେ ସୈନିକମାନଙ୍କ ମନୋବଳ ବୃଦ୍ଧି ପାଇଁ କହି ଚାଲିଥିଲେ- 'ଶତ୍ରୁ ସେନା ଆମଠାରୁ ମାତ୍ର ୫୦ ଗଜ ଦୂରରେ ରହିଛି । ଆମର ସଂଖ୍ୟା ବହୁତ କମ୍ ଅଛି । ଆମକୁ ଗୁଳିଗୋଳାର ସାମ୍ନା କରିବାକୁ ହେବ । ମୁଁ ଇଞ୍ଚେ ବି ପଛକୁ ଘୁଞ୍ଚିବି ନାହିଁ । ମୁଁ ଶେଷ ସୈନିକ ଏବଂ ଗୁଳି ଥିବା ଯାଏ ଘୁଞ୍ଚିବି ନାହିଁ ।' ଏହି ସମୟରେ ଏକ ମୋର୍ଟାର ସେହି ସ୍ଥାନରେ ବିସ୍ଫୋରଣ ହୋଇଥିଲା । ମେଜର ଶର୍ମା ଶହିଦ ହୋଇଯାଇଥିଲେ । କିନ୍ତୁ ଏହି ବଳିଦାନ ବ୍ୟର୍ଥ ଯାଇ ନ ଥିଲା । ସାହସିକତା ଓ ବୀରତ୍ୱର ବଳିଦାନ ଯୋଗୁଁ ଶ୍ରୀନଗର ଶତ୍ରୁସେନାଙ୍କ ଅକ୍ତିଆର୍‌ରୁ ବର୍ତ୍ତି ଯାଇଥିଲା । ମେଜର ଶର୍ମା ଯୁଦ୍ଧ ସମୟରେ ଯେଉଁ ଅସୀମ ଧୈର୍ଯ୍ୟ ଓ ସାହସ ଦେଖାଇଥିଲେ ତା'ର ଫଳସ୍ୱରୂପ ତାଙ୍କୁ ମରଣୋତ୍ତର ଭାବେ ପରମବୀର ଚକ୍ର ପ୍ରଦାନ କରାଯାଇଥିଲା ।


## କୁକୁର କରନ୍ତି ରକ୍ତଦାନ



ମଣିଷମାନେ ରକ୍ତଦାନ କରିବା ସମସ୍ତେ ଜାଣନ୍ତି । କିନ୍ତୁ କୁକୁର ରକ୍ତଦାନ କରିବା କଥା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ । ରାଜସ୍ଥାନର ଅଲବରରେ କିଛି କୁକୁର ରକ୍ତଦାନ କରି ଅନ୍ୟ କୁକୁରମାନଙ୍କର ଜୀବନ ରକ୍ଷା କରୁଛନ୍ତି । ସାଧାରଣତଃ ସଡ଼କ ଦୁର୍ଘଟଣା ତଥା ଅନ୍ୟ କାରଣରୁ କୁକୁରମାନେ କ୍ଷତାକ୍ତ ହୋଇଥାନ୍ତି । ଏଥିଯୋଗୁଁ ସେମାନଙ୍କର ପ୍ରବଳ ରକ୍ତସ୍ରାବ ହୋଇ ମୃତ୍ୟୁ ହୋଇଥାଏ । ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଅଲବରର କିଛି କୁକୁର ରକ୍ତଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଏହାଦ୍ୱାରା କୌଣସି କୁକୁରଙ୍କର ରକ୍ତ ଅଭାବରୁ ମୃତ୍ୟୁ ହେବ ନାହିଁ । ଅଲବରସ୍ଥିତ ଏକ ସଂସ୍ଥା ଏଭଳି ଏକ ନିଆରା ପ୍ରୟାସ ଆରମ୍ଭ କରିଛି । ଏହା ଜିଲ୍ଲା ପଶୁ ଚିକିତ୍ସାଳୟ ପରିସରରେ କାମ କରିଥାଏ । ଏହି ସଂସ୍ଥା ଆହତ କୁକୁର, ମାଙ୍କଡ଼, ପାରା ଓ ଅନ୍ୟ ଜୀବଜନ୍ତୁଙ୍କ ଚିକିତ୍ସା କରିଥାଏ । ସଡ଼କ କିମ୍ବା ଅନ୍ୟ ଦୁର୍ଘଟଣାରେ ଆହତ ପଶୁମାନଙ୍କୁ ଏହି ସଂସ୍ଥା ପଶୁ ଚିକିତ୍ସାଳୟକୁ ନେଇ ଆସିଥାଏ । ଏହାପରେ ତାହାର ଚିକିତ୍ସା କରାଇ ଉକ୍ତ ସଂସ୍ଥା ରେସ୍‌କ୍ୟୁ କରିଥିବା ସ୍ଥାନରେ ନେଇ ସେମାନଙ୍କୁ ଛାଡ଼ିଦିଏ । ଏବେ ଏହି ସଂସ୍ଥା ପାଖରେ କୁକୁର, ମାଙ୍କଡ଼, ପାରା ଆଦି ୮୦ଟି ଜୀବ ଅଛନ୍ତି । ତନ୍ମଧ୍ୟରୁ କିଛି କୁକୁର ଏପରି ଅଛନ୍ତି, ଯେଉଁମାନେ ସଂପୂର୍ଣ୍ଣ ସୁସ୍ଥ ହୋଇ ରକ୍ତଦାନ କରୁଛନ୍ତି । କୁକୁରମାନଙ୍କର ରକ୍ତକୁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ସଂରକ୍ଷିତ କରି ରଖାଯାଏ । ଏହି ରକ୍ତକୁ ଛଅମାସ ପର୍ଯ୍ୟନ୍ତ ବ୍ୟବହାର କରାଯାଇଥାଏ । ଯେତେବେଳେ କୌଣସି କୁକୁରକୁ ରକ୍ତ ଆବଶ୍ୟକ ହୋଇଥାଏ, ସେମାନଙ୍କୁ ଏହି ସଂସ୍ଥା ରକ୍ତ ଯୋଗାଇଥାଏ । ଗୋଟିଏ କୁକୁର ବର୍ଷରେ ୫ରୁ ୬ ଥର ରକ୍ତଦାନ କରିପାରିବ ।

## ବସ୍‌ଙ୍କ ଅଜବ ନିର୍ଦ୍ଦେଶନାମା

### 'ବିମାନ ଦୁର୍ଘଟଣା ଘଟିଲେ ପ୍ରଥମେ ମତେ ଜଣାଅ'



ଆଜିକାଲି ଅନେକ ଘରୋଇ କମ୍ପାନି କର୍ମଚାରୀଙ୍କ ପାଇଁ ଅଜବ ନିୟମ ସବୁ ଆଣି ଚର୍ଚ୍ଚାରେ ରହିଛନ୍ତି । ଏହି କ୍ରମରେ ଦକ୍ଷିଣ କୋରିଆର ବବଲ୍ ଟି ବ୍ରାଣ୍ଡ ଗଙ୍ଗ ଚା' ନାମକ କମ୍ପାନୀ କର୍ମଚାରୀଙ୍କ ପାଇଁ ଅଜବ ଫରମାନ ଜାରି କରି ଚର୍ଚ୍ଚାରେ ରହିଛି । ତେବେ ଏହି କମ୍ପାନୀର ଜଣେ ମ୍ୟାନେଜର ଏହା ଜାରି କରିଛନ୍ତି । ମ୍ୟାନେଜରଙ୍କ କହିବାନୁଯାୟୀ, କର୍ମଚାରୀମାନେ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେଲେ ନିଜ ପରିବାର ଲୋକଙ୍କୁ ଏକଥା ନ ଜଣାଇ ବସ୍‌ଙ୍କୁ ଜଣାନ୍ତୁ । ତେବେ ଗତ ଡିସେମ୍ବର ୨୯ ତାରିଖଦିନ ଏହି ଆଦେଶ ବବଲ ଟି ଷ୍ଟାରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଦିଆଯାଇଥିଲା । ଏହି ଦିନ ଦକ୍ଷିଣ କୋରିଆରେ ଏକ ବିମାନ ଦୁର୍ଘଟଣା ହୋଇଥିଲା । ଏହି ଦୁର୍ଘଟଣାରେ ୧୭ ୯ ଲୋକଙ୍କ ଜୀବନ ଚାଲି ଯାଇଥିଲା । କେବଳ ଦୁଇଜଣ ଲୋକ ଜୀବିତ ଥିଲେ । ଏହି ଦିନ ଗାଙ୍ଗ ଚା ଫ୍ରାଞ୍ଚାଇଜର ଜଣେ ମ୍ୟାନେଜର ନିଜ କର୍ମଚାରୀଙ୍କୁ କହିଥିଲେ କି ଆଜି ଘଟିଥିବା ବିମାନ ଦୁର୍ଘଟଣା ଆପଣ ଦେଖିଛନ୍ତି ତ ? କିଛି କର୍ମଚାରୀ ଛୁଟିରେ ବିଦେଶ ଯାଇଥିଲେ । ଏପରି ସ୍ଥଳେ, କିଛି ଦୁର୍ଘଟଣା ଘଟିଲେ, ନିଜ ପରିବାର ଲୋକଙ୍କୁ ଜଣାଇବା ଆଗରୁ ପ୍ରଥମେ ମତେ ଏକ ବାର୍ତ୍ତା ଲେଖି ପଠାଅ ଯେ, ଆପଣ ମୋ ବଦଳରେ ଅନ୍ୟ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ଦିଅନ୍ତୁ । ତେବେ ସାମାଜିକ ଗଣମାଧ୍ୟମରେ ଏହି ମ୍ୟାନେଜଙ୍କ ଏପରି ଅମାନବୀୟ ନିର୍ଦ୍ଦେଶନାମାକୁ କଡ଼ା ସମାଲୋଚନା କରାଯାଇଛି । ଏହି ପୋଷ୍ଟ ଏତେ ମାତ୍ରାରେ ଭାଇରାଲ ହେଲା ଯେ, ଯେଉଁଥିପାଇଁ କମ୍ପାନୀ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବାକୁ ପଡ଼ିଥିଲା । ଉକ୍ତ ମ୍ୟାନେଜରଙ୍କ ବିପକ୍ଷରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏବେ କମ୍ପାନି ଚିନ୍ତା କରୁଛି ।

## 'ପଦ୍ମାବତ୍'ରେ ଏକାଠି କାମ କରିଥାନ୍ତେ ସଲମାନ୍-ଐଶ୍



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି ବେଶ୍ ଭଲ ଫିଲ୍ମ ନିର୍ମାଣ କରିବା ନେଇ ଚର୍ଚ୍ଚାରେ ଥାଆନ୍ତି । ନିକଟରେ ସଞ୍ଜୟଙ୍କ ପିରିୟଡ଼ିକ୍ ଫିଲ୍ମ 'ପଦ୍ମାବତ୍' ୭ ବର୍ଷ ପୂରଣ କରିଛି । ଏହି ଫିଲ୍ମରେ ସାହିଦ୍ କପୁର, ରଣବୀର ସିଂହ, ଦୀପିକା ପାଦୁ୍ୟକୋନ୍, ଅଦିତି ରାଓ ହୈଦିରି ଲିଡ୍ ରୋଲରେ ନଜର ଆସିଥିଲେ । କିନ୍ତୁ ସଞ୍ଜୟ ଏହି ଫିଲ୍ମ ସଲମାନ୍ ଖାନ୍ ଓ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପାଇଁ ଲେଖିଥିଲେ । ସଲମାନ୍ ଓ ଐଶ୍ୱର୍ଯ୍ୟାଙ୍କ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ୍' ହିଟ୍ ହେବା ପରେ ସଞ୍ଜୟ 'ପଦ୍ମାବତ୍' କାହାଣୀ ଲେଖିବା ଆରମ୍ଭ କରି ଦେଇଥିଲେ । ଏହି ଫିଲ୍ମ ପାଇଁ ଏଶ୍ ସଞ୍ଜୟଙ୍କ ସାମ୍ନାରେ କିଛି ସର୍ତ୍ତ ରଖିଥିଲେ । ଐଶ୍ ସଞ୍ଜୟଙ୍କୁ କହିଥିଲେ, ଯଦି ସଲମାନ୍ 'ପଦ୍ମାବତ୍'ରେ ଆଲ୍ଲାଉଦ୍ଦିନ୍ ଖିଲଜିଙ୍କ ଭୂମିକାରେ ଅଭିନୟ କରନ୍ତି, ତେବେ ସେ ଏଥିରେ କାମ କରିବେ । ଏହାବାଦ୍ ସଲମାନ୍ ଓ ତାଙ୍କୁ ନେଇ କୌଣସି ସିନ୍ ରହିବ ନାହିଁ । ସଲମାନ୍‌ଙ୍କର କିନ୍ତୁ ଐଶ୍‌ଙ୍କ ସହିତ କାମ କରିବାକୁ ନେଇ କୌଣସି ଆପତ୍ତି ନ ଥିଲା । କିନ୍ତୁ ସେ ଏହି ସର୍ତ୍ତ ମୁତାବିକ କାମ କରିବାକୁ ରାଜି ନଥିଲେ । 'ହମ୍ ଦିଲ୍ ଦେ ଚୁକେ ସନମ୍'ରେ ସଲମାନ୍‌ଙ୍କ ପ୍ରେମ କାହାଣୀ ଯେପରି ଦର୍ଶା ଯାଇଥିଲା, ସେପରି 'ପଦ୍ମାବତ୍'ରେ ମଧ୍ୟ ଦେଖାଯାଉ ବୋଲି ସେ ଚାହୁଁଥିଲେ । ଶେଷରେ ସଞ୍ଜୟ ରଣବୀର, ଦୀପିକା ଓ ଶାହିଦଙ୍କୁ ନେଇ ଏହି ଫିଲ୍ମ ନିର୍ମାଣ କରିଥିଲେ । ଏଥିରେ ରଣବୀର ଆଲାଉଦ୍ଦିନ୍ ଖିଲଜିଙ୍କ ଭୂମିକାରେ ନଜର ଆସିଥିଲେ । କେବଳ 'ପଦ୍ମାବତ୍' ନୁହେଁ 'ବାଜିରାଓ ମସ୍ତାନୀ' ପାଇଁ ମଧ୍ୟ ସଲମାନ୍ ଓ ଐଶ୍ ସଞ୍ଜୟଙ୍କ ପ୍ରଥମ ପସନ୍ଦ ଥିଲେ । କିନ୍ତୁ ସେତେବେଳକୁ ଏହି ଷ୍ଟାର୍ କପଲଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିଲା । ଏହାପରେ ସଞ୍ଜୟ ଦୀପିକା ଓ ରଣବୀରଙ୍କୁ ନେଇ 'ବାଜିରାଓ ମସ୍ତାନି'ରେ କାମ କରିଥିଲେ ।



## କୋରିଆନ୍ ଗ୍ଲାସ୍ ସ୍କିନ୍ ରହସ୍ୟ



ସୁନ୍ଦର ଦେଖାଯିବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ ଲୋକେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ଚର୍ଚ୍ଚା କରୁଥିବାର ଦେଖାଯାଉଛି । ବର୍ତ୍ତମାନ ସମୟରେ କେତେକ ମହିଳା କୋରିଆନ୍ ବ୍ୟୁଟି ଟ୍ରିଟ୍‌ମେଣ୍ଟକୁ ଅଧିକ ଅନୁସରଣ କରୁଥିବାର ଦେଖାଯାଉଛି । ଯେଉଁଥିରୁ ଏକ ଉଜ୍ଜ୍ୱଳ, ଚିକ୍କଣ ଓ ଚମକଯୁକ୍ତ ତ୍ୱଚା ମିଳିଥାଏ । ତେଣୁ ଏହାକୁ ସମସ୍ତେ ପସନ୍ଦ କରୁଛନ୍ତି । କିନ୍ତୁ, ଏହା ବାସ୍ତବରେ ସତ କି ମିଛ, ଏହାକୁ ନେଇ ନିକଟରେ ଏକ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ଜଣେ ବିୟୁଟି ବ୍ଲଗର କୋରିଆନ୍ ଗ୍ଲାସ୍ ସ୍କିନ୍ ପଛର ରହସ୍ୟ, ଲୋକମାନଙ୍କୁ ଜଣାଇଛନ୍ତି । ତେବେ ଏହାର ସତ୍ୟତା ଦେଖାଇବା ପାଇଁ ମହିଳା ଜଣକ ଏକ ଭିଡିଓ ସେୟାର କରି ନିଜର ପ୍ରତିକ୍ରିୟା ଦେଇଛନ୍ତି । ତାଙ୍କ କହିବାନୁଯାୟୀ, ବିୟୁଟି ବ୍ଲଗରଙ୍କ ଗ୍ଲାସ୍ ସ୍କିନ୍ ଦେଖିବାକୁ ଯେତିକି ସୁନ୍ଦର ତଥା ଉଜ୍ଜ୍ୱଳ, ଏହା ପଛର ସତ୍ୟତା ମଧ୍ୟ ସେତିକି ଭୟଙ୍କର । ଭିଡିଓରେ, ମହିଳା ଜଣଙ୍କ ପ୍ରାକୃତିକ ଆଲୋକରେ ଛିଡ଼ା ହୋଇଥିବାବେଳେ, ତାଙ୍କ ତ୍ୱଚା ସଫା ଦେଖାଯାଇଥିଲା । କିନ୍ତୁ ଯେତେବେଳେ କ୍ୟାମେରା ଆଡ଼କୁ ନିଜ ମୁହଁ ନେଇଥିଲେ,, ତାଙ୍କ ତ୍ୱଚାରେ ଛୋଟ ଛୋଟ ଲୋମଛିଦ୍ର ଥିବା ଦେଖିବାକୁ ମିଳିଥିଲା । ଯାହାକୁ ସେ ମେକ୍‌ଅପ୍ ଲଗାଇ ଚୁଲାଇଥିଲେ । ତେବେ ଦୂରରୁ ଦେଖିଲେ ସମସ୍ତେ ଏପରି ଉଜ୍ଜ୍ୱଳ ତଥା କାଚ ପରି ତ୍ୱଚା ପାଇବାକୁ ପସନ୍ଦ କରିବେ । କିନ୍ତୁ ଏହା ପଛର ସତ୍ୟତା ଜାଣିଲେ, ଯେ କେହି ଆଚମ୍ବିତ ହେବେ । ତେବେ ଏହା ଏପରି ଏକ କୌଶଳ, ଯାହାକୁ ସବୁ ଇନଫ୍ଲୁଏନ୍ସରମାନେ ଆପଣାଇଥାନ୍ତି । ତେବେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ makeupdouyin.tips ନାମକ ଆକାଉଣ୍ଟରୁ ସେୟାର କରାଯାଇଛି । ଏହି ଭିଡିଓକୁ ଲକ୍ଷ ଲକ୍ଷ ଲୋକ ଦେଖି ସାରିଛନ୍ତି । ଏହା ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି କରିଥିବାବେଳେ ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ । ଚାକିରିରେ ସଫଳତା ମିଳିବ । ଅର୍ଥ ନିବେଶ କରିବା ପାଇଁ ଭଲ ସମୟ । ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ । ନିଜ ଭୁଲ୍‌କୁ ସୁଧାରିବେ । ଧାର୍ମିକ ଯାତ୍ରା ଯୋଗ ଅଛି ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହେବେ । ବନ୍ଧୁଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ରାଜନୀତିରେ ସକ୍ରିୟ ହେବେ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ । ବ୍ୟବସାୟରୁ ଲାଭ ମିଳିବ । ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ । ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ । ସୁଖଦ ଯାତ୍ରା ଯୋଗ ଅଛି । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଭାଇ, ଭଉଣୀଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ । ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ । ଘରକୁ ଅତିଥିଙ୍କ ଆଗମନ ହେବ । ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ । ବିବାହ ପ୍ରସ୍ତାବ ସ୍ଥିର ହେବ । ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ । ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ । ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି । ଅଫିସ୍‌ରେ ମାନସମ୍ମାନ ବଢ଼ିବ । ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ । ଜବୀନସାଥିଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ । ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ । ସମାଜସେବାରେ ନିଜକୁ ନିୟୋଜିତ କରିବେ ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ । ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ । ଭାବିଚିନ୍ତି ଖର୍ଚ୍ଚ କରିବେ । କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି । ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ । ଚିନ୍ତାରେ ରହିବେ ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ । ଘରେ ପୂଜାପାଠ ଆୟୋଜନ କରିବେ । ନିଜ ପସନ୍ଦର କାର୍ଯ୍ୟ କରିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ପାରିବାରିକ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ସହଯୋଗ ମିଳିବ ।

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଦୋହରାଇଲା ବିଜେଡି

## କେନ୍ଦ୍ରକୁ ମନେ ପକାଇ ଦେଲା ୨୦୧୪ ନିର୍ବାଚନୀ ପ୍ରତିଶ୍ରୁତି

**ଭୁବନେଶ୍ୱର,୩୦।୧(ସମିସ):** ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ନିମନ୍ତେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଦୀର୍ଘଦିନ ହେଲା କେନ୍ଦ୍ର ନିକଟରେ ଦାବି କରି ଆସୁଛନ୍ତି । ଗତ ୨୦୧୪ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ରରେ କ୍ଷମତାସୀନ ହେଲେ ବିଜେପି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ବିଜେଡିର ଦାବି ବା ବିଜେପିର ପ୍ରତିଶ୍ରୁତି ପୂରଣ କରିବାରେ କେନ୍ଦ୍ର ସରକାର ସଫଳ ହୋଇ ନାହାନ୍ତି । ଆସନ୍ତାକାଲି ସଂସଦ ଅଧିବେଶନ ପୂର୍ବରୁ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜେଡି କେନ୍ଦ୍ର ସରକାରଙ୍କୁ ଏହି ପ୍ରସଙ୍ଗ ସ୍ମରଣ କରାଇ ଦେଇଛନ୍ତି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ ବୋଲି ମଧ୍ୟ ବିଜେଡି ବୈଠକରେ ସୂଚାଇ ଦେଇଛି।

ଗୁରୁବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟ ମାନ୍ୟତା ଦାବି ଦୋହରାଇଛି ବିଜେଡି। ବୈଠକରେ ବିଜେଡି ପ୍ରତିନିଧି ତଥା ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉଲ୍ଲେଖ କରିଥିଲେ ହେଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡଃ ପାତ୍ର କହିଛନ୍ତି ଯେ ୨୦୧୪ରେ ବିଜେପି ନିଜର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲା। ଇତିମଧ୍ୟରେ ୧୦ ବର୍ଷ ବିତି ଯାଇଛି। ଏବେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ରହିଛି। ମାତ୍ର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରାଯାଇ ନାହିଁ। ନିଜ ଘୋଷଣା ଓ ନିର୍ବାଚନୀ ପ୍ରତିଶ୍ରୁତିରୁ କାହିଁକି ବିଜେପି ସରକାର ପଛକୁ ହଟୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଡ଼. ପାତ୍ର ଏ ସଂକ୍ରାନ୍ତରେ ଉଭୟ ସଂସଦ ଓ ସଂସଦ ବାହାରେ ବିଜେଡି ଦାବିକୁ ଶାଣିତ କରିବ ବୋଲି କହିଛନ୍ତି। ଅନୁରୂପ ଭାବରେ ବେରୋଜଗାରୀ ବୃଦ୍ଧି, ଦରଦାମ ପ୍ରସଙ୍ଗ, ଚାଷୀଙ୍କ ସମସ୍ୟାକୁ ନେଇ ଦଳ ରଣନୀତି ପ୍ରସ୍ତୁତ କରିଛି। ସ୍ୱାମୀନାଥନ୍ କମିଟି ସୁପାରିସ ଆଧାରରେ ଏମ୍ଏସ୍‌ପିକୁ ଦୁଇଗୁଣ କରିବା, ମହାନଦୀ ଓ ପୋଲାଭରମ ପ୍ରସଙ୍ଗରେ ରାଜ୍ୟର କ୍ଷତି, କୋଇଲା ରାଜଭାଗ ସଂଶୋଧନ, ଜାତୀୟ ରାଜପଥ, କୋରାପୁଟ, ବାଲେଶ୍ୱର ଓ ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ଆଦି ଦାବି ସମ୍ପର୍କରେ ମଧ୍ୟ ଦଳ ଦାବି ରଖିଛି। ଏହା ବ୍ୟତୀତ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ସାଙ୍ଗକୁ ହୋ, ମୁଣ୍ଡାରୀ, ଭୂମିଜ, ସଉରା ଓ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ କରିବାକୁ ଦାବି କରାଯିବ ବୋଲି ସସ୍ମିତ କହିଛନ୍ତି। ଏହାସହିତ ଗ୍ରୀନ ଟିକସ ସମ୍ପର୍କରେ ମଧ୍ୟ ସର୍ବଦଳୀୟ ବୈଠକରେ ଦଳ ଦାବି ରଖିଥିବା ଡଃ ପାତ୍ର ସୂଚନା ଦେଇଛନ୍ତି।

# ଲାଗିଲାଣି ଗରମ

## ଦିନ ଓ ରାତି ତାପମାତ୍ରା ଆହୁରି ବଢ଼ିବ

**ଭୁବନେଶ୍ୱର,୩୦।୧(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଖରାର ପ୍ରଭାବ ବୃଦ୍ଧି ପାଇଛି। ଖରା ସାଙ୍ଗକୁ ରାତିରେ ମଧ୍ୟ ସ୍ୱାଭାବିକ ତୁଳନାରେ ତାପମାତ୍ରା ଅଧିକ ରହୁଥିବା ହେତୁ ଶୀତର ପ୍ରଭାବ ହ୍ରାସ ପାଇଛି। ଆଗକୁ ଏହି ସ୍ଥିତି ଜାରି ରହିବା ସହ ପ୍ରାୟତଃ ଆଉ ଶୀତର ପ୍ରଭାବ ନ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୫ ଦିନ ମଧ୍ୟରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ଏବଂ ଦିନର ତାପମାତ୍ରା ପ୍ରାୟ ୪ ଡିଗ୍ରୀ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ତାପମାତ୍ରା ବଢ଼ିବାକୁ ଯୋଗୁଁ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଅଧିକାଂଶ ଜିଲ୍ଲାରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି,ଆଗାମୀ ୫ ରୁ ୭ ଦିନ ଭିତରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏଥିପାଇଁ ଆଗାମୀ ଦିନରେ ତାପମାତ୍ରା ଧିରେ ଧିରେ ସାମାନ୍ୟ ବୃଦ୍ଧି ହେବ। ମକର ସଂକ୍ରାନ୍ତି ପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଯୋଗୁଁ ତାପମାତ୍ରା ବୃଦ୍ଧି ପାଉଛି। ତାପମାତ୍ରା ବୃଦ୍ଧିର ଦ୍ୱିତୀୟ କାରଣ ଭାବେ ରାଜ୍ୟରେ ସୃଷ୍ଟି ହେଉଥିବା କୁହୁଡ଼ି ସ୍ଥିତି ବୋଲି ସେ କହିଛନ୍ତି। ଉପକୂଳ ଓଡ଼ିଶାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ଉପସ୍ଥିତି ଯୋଗୁଁ ଏଠାରେ କୁହୁଡ଼ି ସହ ରାତିର ତାପମାତ୍ରା ଅଧିକ ରହୁଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବା ସମ୍ଭାବନା ରହିଛି ବୋଲି ଡଃ ମହାନ୍ତି କହିଛନ୍ତି।

ଅନ୍ୟପଟେ ଆସନ୍ତା କିଛି ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଜାରି ରହିବାର ସମ୍ଭାବନା ରହିଛି। ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ନେଇ ୧୦ ଜିଲ୍ଲା କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ଅନୁଗୁଳ, ଢେଙ୍କାନାଳ, କଟକ ଓ କେନ୍ଦୁଝରକୁ ୟେଲୋ ଆଲର୍ଟ ଜାରି ହୋଇଛି। କୁହୁଡ଼ି ଯୋଗୁଁ କିଛି ସ୍ଥାନରେ ଦୃଶ୍ୟମାନ କ୍ଷମତା ୫୦ ମିଟର ତଳକୁ ଖସିବ। କିଛି ସ୍ଥାନରେ ଦୃଶ୍ୟମାନ କ୍ଷମତା ଶୂନ୍ ରହିବା ନେଇ ମଧ୍ୟ ଆଲର୍ଟ ରହିଛି। ଏହି ସମୟରେ ଗାଡି ଚଳାଚଳ ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

# ମୋହନ ଭାଗବତଙ୍କୁ କଳା ପତାକା ଦେଖାଇଲା ଛାତ୍ର କଂଗ୍ରେସ

## ପୁଲିସକୁ ଗହନ ନିଦ, ଗୁଇନ୍ଦା ଫେଲ୍

- ଡଜନେରୁ ଅଧିକ ଛାତ୍ର କଂଗ୍ରେସ ନେତାଙ୍କୁ ଉଠାଇ ନେଲା ପୁଲିସ
- ପ୍ରତିବାଦରେ ଥାନା ଘେରିଲେ ଶତାଧିକ ଛାତ୍ର ଓ ଯୁବ କର୍ମୀ
- 'ଉତ୍କର୍ଷ ଓଡ଼ିଶା'ରେ ଶିଳ୍ପପତିଙ୍କୁ ଦେଖାଇଥିଲେ କଳା ପତାକା






**ଭୁବନେଶ୍ୱର,୩୦।୧(ସମିସ):** ରାଜ୍ୟରେ ପୁଲିସ ଶୋଇଛି, ଗୁଇନ୍ଦା ବ୍ୟବସ୍ଥା ଫେଲ୍। ବାରମ୍ବାର ଗୋଟିକ ପରେ ଗୋଟିଏ ଅଘଟଣ ଘଟୁଥିଲେ ବି ପୁଲିସ ଏ ସମ୍ପର୍କରେ ସୁରାକ ପାଉନାହିଁ। ଗୁଇନ୍ଦା ବିଭାଗ ନିକଟରେ ଏ ସଂକ୍ରାନ୍ତରେ ଖବର ମଧ୍ୟ ପହଞ୍ଚୁ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବଳୟରେ ଥିବା ରାଜଧାନୀରେ ଗୋଟିକ ପରେ ଗୋଟିଏ ଅଘଟଣ ଘଟିଥିବା ଦେଖାଯାଇଛି। ଦୁଇଦିନ ତଳେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ସମୟରେ ଓଡ଼ିଶାରେ ନିବେଶାକାଂକ୍ଷୀ ଜଣେ ବଡ଼ ଶିଳ୍ପପତିଙ୍କୁ କଳାପତାକା ପ୍ରଦର୍ଶନ କରାଯାଇଥିଲା। ଏହାର ଦୁଇଦିନ ପରେ ଅତି ବିଶିଷ୍ଟ ବ୍ୟକ୍ତି ଭାବରେ ଜେଡ୍ ପ୍ଲସ୍ ସୁରକ୍ଷା ପାଉଥିବା ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ବାଟ ଓଗାଳି ଛାତ୍ର ଓ ଯୁବ କଂଗ୍ରେସ କଳାପତାକା ପ୍ରଦର୍ଶନ କରିଛି। ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଏହି କଳାପତାକା ପ୍ରଦର୍ଶନ ପୁଲିସ ଓ ଗୁଇନ୍ଦା ବିଭାଗର ଦକ୍ଷତାକୁ କାଠଗଡ଼ାରେ ଠିଆ କରିଛି।

ମଞ୍ଚେଶ୍ୱର ଥାନା ନିକଟସ୍ଥ ଉତ୍କଳ ବିପନ୍ନ ସେବା ସଂଘରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜାତୀୟ ମୁଖ୍ୟ ମୋହନ ଭାଗବତ ଆସିଥିଲେ। ମାତ୍ର ସେଠାରେ ଛାତ୍ର କଂଗ୍ରେସର କିଛି ସଦସ୍ୟ ରାସ୍ତା ଅବରୋଧ କରିବା ସହ ତାଙ୍କୁ କଳାପତାକା ପ୍ରଦର୍ଶନ କରିଥିଲେ। ସମ୍ବିଧାନ ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କୁ କଳାପତାକା ପ୍ରଦର୍ଶନ କରାଯାଇଥିବା ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। କଳାପତାକା ପ୍ରଦର୍ଶନ କରିବା ପରେ ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନା ପୁଲିସ ପହଞ୍ଚି ଛାତ୍ର କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ଥାନାକୁ ନେଇ ଯାଇଥିଲା। ସେମାନଙ୍କୁ ଥାନାରେ ଅଟକ ରଖିବା ସହ ସୋସିଆଲ ମିଡ଼ିଆରେ ପୋଷ୍ଟ କରାଯାଇଥିବା କଳାପତାକା ପ୍ରଦର୍ଶନ ଫଟୋ ଓ ଭିଡିଓକୁ ଡିଲିଟ୍ କରିବାକୁ ବାଧ କରିଥିବା ଅଭିଯୋଗ ହୋଇଛି। ମାତ୍ର ଛାତ୍ର କଂଗ୍ରେସର ସଦସ୍ୟମାନେ ଫଟୋ ଡିଲିଟ୍ ନ କରିବାରୁ ସେମାନଙ୍କୁ ଦୀର୍ଘ ସମୟ ଅଟକ ରଖାଯାଇଥିବା ସୂଚନା ମିଳିବା ପରେ ଛାତ୍ର କଂଗ୍ରେସର ବହୁ ସଦସ୍ୟ ମଞ୍ଚେଶ୍ୱର ଥାନା ଘେରଉ କରିଛନ୍ତି। ଯାହାଫଳରେ ଘଟଣାସ୍ଥଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ପରେ ଉଚ୍ଚ ପୁଲିସ ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁଇଦିନ ମଧ୍ୟରେ କଳାପତାକା ପ୍ରଦର୍ଶନ ନେଇ ଦୁଇଟି ଘଟଣା ପୁଲିସର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରିଛି ଓ ଗୁଇନ୍ଦା -ପୁଲିସ ମଧ୍ୟରେ ସମନ୍ୱୟ ଅଭାବକୁ ସ୍ପଷ୍ଟ କରିଛି।

ଅନ୍ୟପକ୍ଷରେ ଛାତ୍ର କଂଗ୍ରେସ ନେତାମାନଙ୍କୁ ଥାନାରେ ଅଟକ ଘଟଣାକୁ ନେଇ ଯୁବ ଓ ଛାତ୍ର କଂଗ୍ରେସ ପୁଲିସକୁ ଚେତାବନୀ ଦେଇଛି। ଛାତ୍ର କଂଗ୍ରେସ ନେତା ୟାସିର ନୱାଜ କହିଛନ୍ତି ଯେ ଏବେ ଟ୍ରେଲର ଦେଖାଇଛୁ, ଆଗକୁ ଫିଲ୍ମ ଦେଖାଇବୁ । ତୁରନ୍ତ ଅଟକ ରଖାଯାଇଥିବା ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଛଡ଼ା ନ ଗଲେ ସାରା ରାଜ୍ୟରେ ମୋହନ ଭାଗବତ ଓ ବିଜେପି ନେତାଙ୍କୁ ବିରୋଧ କରାଯିବ ଓ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପୁଲିସ ଦାୟୀ ରହିବ ବୋଲି ୟାସିର କହିଛନ୍ତି ।

ଶ୍ରୀ ଭାଗବତଙ୍କ ଗସ୍ତ ସମ୍ପର୍କରେ ପୁଲିସ ଆଗୁଆ ଅବଗତ ଥିଲା। କେଉଁ ରାସ୍ତାରେ ସେ କେଉଁଠିକୁ ଯିବେ ଓ କେଉଁ କାର୍ଯ୍ୟକ୍ରମରେ ଯୋଗଦେବେ, ସେ ସମ୍ପର୍କରେ ମଧ୍ୟ ପୁଲିସ ନିକଟରେ ସୂଚନା ଥିଲା। ଏହାସତ୍ତ୍ୱେ କାହିଁକି ଆଗୁଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଗଲା ନାହିଁ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାସନ କାର୍ଡ ଇ-କେୱାଇସି ଅପ୍‌ଡେଟ୍ ୧୫ ଦିନ ବଢ଼ିଲା


**ଭୁବନେଶ୍ୱର/ଭବାନୀପାଟଣା, ୩୦।୧(ସମିସ):** ରାସନ କାର୍ଡ 'ଇ-କେୱାଇସି' ଅପଡେଟ୍ ପ୍ରକ୍ରିୟା ୧୫ ଦିନ ବୃଦ୍ଧି ପାଇଛି। ପୂର୍ବରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ କଣ୍ଟ ରଖାଯାଇଥିଲା। ହେଲେ ଏବେ ସୁଦ୍ଧା ବିଭିନ୍ନ କାରଣ ପାଇଁ ଅଧିକାଂଶ ହିତାଧିକାରୀ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଫେବ୍ରୁଆରୀ ୧୫ ପର୍ଯ୍ୟନ୍ତ ଏହି ଅବଧି ବୃଦ୍ଧି କରାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

**ଏବେ ବି ୩୮ ଲକ୍ଷ ହିତାଧିକାରୀ ଇ-କେୱାଇସି କରିନାହାନ୍ତି**

ମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୯ ଲକ୍ଷ ହିତାଧିକାରୀ 'ଇ-କେୱାଇସି' ଅପ୍‌ଡେଟ୍ କରିନାହାନ୍ତି। ୨୯ ତାରିଖ ସୁଦ୍ଧା ୨କୋଟି ୯୬ ଲକ୍ଷ ୯୭ ହଜାର ୩୩୨ ଜଣ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟରେ ରହୁଥିବା ୨ କୋଟି ୯୫ ଲକ୍ଷ ୬୪ ହଜାର ୯୫୪ ଜଣ ଇ-କେୱାଇସି ଅପ୍‌ଡେଟ୍ କରିଛନ୍ତି। ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୩୨ ହଜାର ୩୭୮ ଜଣ ମଧ୍ୟ ଅପ୍‌ଡେଟ୍ କରିଛନ୍ତି। ଜାନୁଆରୀ ୨୯ ତାରିଖ ସୁଦ୍ଧା ମୋଟ୍ ୩୮ ଲକ୍ଷ ୩ ହଜାର ୨୩୮ ଜଣ ଇ-କେୱାଇସି ଅପ୍‌ଡେଟ୍ କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି। କାର୍ଡରେ ଅଯୋଗ୍ୟ ଓ ମୃତ ବ୍ୟକ୍ତି ଥିବାରୁ ଇ-କେୱାଇସି କରିବାକୁ ବହୁ ହିତାଧିକାରୀ ଆସୁ ନ ଥିବା ମନ୍ତ୍ରୀ କହିଛନ୍ତି। ସୂଚନାଥାଉ କି, ଯେତେ ଦିନ ପର୍ଯ୍ୟନ୍ତ ଇ-କେୱାଇସି ପ୍ରକ୍ରିୟା ଜାରି ରହିଥିବ, ସେତେଦିନ ପର୍ଯ୍ୟନ୍ତ ନୂଆ ହିତାଧିକାରୀଙ୍କୁ ରାସନ କାର୍ଡ ମିଳିପାରୁନି। ଏହାଦ୍ୱାରା ରାସନ କାର୍ଡ ଅପେକ୍ଷାରେ ଥିବା ହଜାର ହଜାର ହିତାଧିକାରୀ ନିରାଶ ହେଉଛନ୍ତି। ବିଶେଷକରି ରାସନକାର୍ଡ ଜରିଆରେ ସ୍ୱାସ୍ଥ୍ୟ ସେବା ପାଇବାକୁ ଚାହିଁଥିବା ହିତାଧିକାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଏହା ଉପରେ ବିଚାର କରିବାକୁ ଆଶାୟୀ ହିତାଧିକାରୀମାନେ ଦାବି କରିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ପ୍ରକଳ୍ପ ଅଧିକାରୀ

**ଭୁବନେଶ୍ୱର/ବଣାଇଁ, ୩୦।୧(ସମିସ):** ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଆଜି ସୁନ୍ଦରଗଡ଼ ଜିଲ୍ଲା ବଣାଇଁର ଆଇଟିଡିଏର ପ୍ରକଳ୍ପ ଅଧିକାରୀ ବିଶ୍ୱଦର୍ଶୀ ସାହୁଙ୍କ ଘର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି କୋଟି କୋଟି ଟଙ୍କାର ସଂପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ଭୁବନେଶ୍ୱରସ୍ଥିତ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଦୁଇ ତାଲା ବିଶିଷ୍ଟ ଗୋଟିଏ କୋଠା, ଲକ୍ଷ୍ମୀସାଗର ଭଗବାନ ଟାୱାର୍‌ରେ ଗୋଟିଏ ଫ୍ଲାଟ୍, ଖାରବେଳନଗରରେ ଗୋଟିଏ ଫ୍ଲାଟ୍, ଭୁବନେଶ୍ୱର ଏବଂ ପୁରୀରେ ୯ଟି ପ୍ଲଟ୍ ରହିଛି। ଫ୍ଲାଟ୍ ଦୁଇଟିର ମୂଲ୍ୟ ୮୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ତାଙ୍କ ଘରୁ ନଗଦ ୪ଲକ୍ଷ ୫୧ହଜାର ଟଙ୍କା, ୧୫୦ ଗ୍ରାମ୍‌ର ସୁନାଗହଣା, ଗୋଟିଏ କାର୍, ୪ଟି ଦୁଇଚକିଆ ଗାଡ଼ି ଏବଂ ୨୧.୧୨ ଲକ୍ଷର ଘର ଆସବାବପତ୍ର ଠାବ କରାଯାଇଛି। ବ୍ୟାଙ୍କ୍ ଏବଂ ଇନ୍ସ୍ୟୁରାନ୍ସରେ ୬୧ଲକ୍ଷ ୪୨ହଜାର ୬୭୬ ଟଙ୍କା ଜମା ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଠାବ ସଂପତ୍ତିଗୁଡ଼ିକର ମୂଲ୍ୟ ଆକଳନ କରୁଛନ୍ତି। ଅପରପକ୍ଷେ, ଏହି ସବୁ ସଂପତ୍ତିର ଉତ୍ସ ସଂପର୍କରେ ବିଶ୍ୱଦର୍ଶୀ ହିସାବ ଦେଇ ନପାରିବାରୁ ତାଙ୍କ ଭିଜିଲାନ୍ସ ଉଠାଇ ନେଇଛି। ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏନେଇ ଭିଜିଲାନ୍ସ ଏକ ଆୟ ବହିର୍ଭୂତ ସଂପତ୍ତି ଠୁଳ (ଡିଏ) ମାମଲା ରୁଜୁ କରିଛି।



- ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ
- ଗୋଟିଏ ବହୁତଳ କୋଠା, ୮୨ ଲକ୍ଷର ୨ଟି ଫ୍ଲାଟ୍
- ୯ଟି ପ୍ଲଟ୍, ୧୫୦ ଗ୍ରାମର ସୁନା, ୪.୫୧ଲକ୍ଷ ନଗଦ ଟଙ୍କା ଜବତ

ବିଶ୍ୱଦର୍ଶୀ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିବା ପରେ ଭିଜିଲାନ୍ସ ଆଜି ସକାଳେ ସୁନ୍ଦରଗଡ଼ସ୍ଥିତ ତାଙ୍କ ବାସଭବନ ସମେତ ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲା। ଏହି ଚଢ଼ଉରେ ଅତିରିକ୍ତ ଏସ୍‌ପି, ୩ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର୍‌ଙ୍କ ସହ ଭିଜିଲାନ୍ସର ଅନ୍ୟ ଅଧିକାରୀମାନେ ସାମିଲ ଥିଲେ।

■ ଖେଳୁଖେଳୁ ବୁଡ଼ିଗଲେ

# ୨ ଶିଶୁଙ୍କ ସଲିଳ ସମାଧି

**ଗୋପ/ତୁରୁମୁଙ୍ଗା, ୩୦।୧(ସମିସ):** ଖେଳୁ ଖେଳୁ ବୁଡ଼ିଗଲେ ୨ଶିଶୁ। ପୁରୀ ଜିଲ୍ଲା ଗୋପ ବ୍ଲକ୍ ଏବଂ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ରେ ଆଜି ପୃଥକ୍ ପୃଥକ୍ ଦୁଇଟି ଘଟଣାରେ ୨ଶିଶୁ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଶିଶୁଦ୍ୱୟ ହେଲେ, ଗୋପ ବ୍ଲକ୍ ନୂଆଖୋଲମରା ପଞ୍ଚାୟତ ଗବଡିହ ଗ୍ରାମର ମାନସ ସେଠୀଙ୍କ ଏକମାତ୍ର ପୁତ୍ର ଗୁଗୁ(୪) ଏବଂ କେନ୍ଦୁଝର ଜିଲ୍ଲା ବାରିଆ ଥାନା ଛେଲିଆନାଳ ଗ୍ରାମର ଲୋକନାଥ ନାଏକଙ୍କ ଝିଅ ଲିତିସା।

ଗୁଗୁ ଆଜି ଘର ପାଖ ପୋଖରୀ ନିକଟରେ ଖେଳୁଥିବା ବେଳେ ପୋଖରୀ ଭିତରକୁ ପଶି ବୁଡ଼ି ଯାଇଥିଲା। ପାଖରେ କେହି ନଥିବାରୁ ଏହା କେହି ଜାଣିପାରିନଥିଲେ। ତେବେ ଘରକୁ ଫେରିବାରେ ବିଳମ୍ବ ହେବାରୁ ସନ୍ଦେହରେ କିଛି ଲୋକ ପୋଖରୀରେ ପଶି ଖୋଜାଖୋଜି କରି ତାକୁ ଉଦ୍ଧାର କରିଥିଲେ। ତାକୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। କେରଳରେ ରହୁଥିବା ମାନସଙ୍କର ଏକମାତ୍ର ପୁଅର ଏପରି ଅଭାବନୀୟ ମୃତ୍ୟୁ ନେଇ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

ସେହିପରି ଛେଲିଆନାଳ ଗ୍ରାମର ଲିତିସା ଆଜି ଅପରାହ୍ଣରେ ଘର ନିକଟ ପୋଖରୀ ପାଖରେ ଖେଳୁଥିବା ବେଳେ ପାଣିରେ ବୁଡ଼ି ଯାଇଥିଲା। ଝିଅର ଚପଲ ଭାସୁଥିବା ଦେଖି ପରିବାରଲୋକ ଖୋଜାଖୋଜି କରି ତାକୁ ଉଦ୍ଧାର କରିବା ପରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ବାରିଆ ପୁଲିସ ଶବକୁ ଜବତ କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଦରବୃଦ୍ଧି ଯନ୍ତ୍ରଣାରେ ଖାଉଟି ଛଟପଟ

# ପାଇକାରୀ କମୁଛି; ଖୁଚୁରା କମୁନି

**ଭୁବନେଶ୍ୱର, ୩୦।୧(ସମିସ):** ଅତ୍ୟାବଶ୍ୟକ ସାମଗ୍ରୀର ପାଇକାରୀ ଦର ନିୟନ୍ତ୍ରଣକୁ ଆସିଲାଣି; ହେଲେ ଖୁଚୁରା ଦର ଏବେ ବି ଲଗାମହୀନ୍ ସ୍ଥିତିରେ ଅଛି। ଅତ୍ୟାବଶ୍ୟକ ସାମଗ୍ରୀ ସବୁ ଉଚ୍ଚା ଦାମ୍‌ରେ କିଣି ଖାଉଟି ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ହେଲେ ଏଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି। ଖୁଚୁରା ବଜାର ଦର ସ୍ଥିର ପାଇଁ ସରକାର କୌଣସି ଉଦ୍ୟମ କରୁନାହାନ୍ତି। ଏହି ପ୍ରସଙ୍ଗରେ ବ୍ୟବସାୟୀ ସଂଘ ସରକାରଙ୍କୁ କଡ଼ା ସମାଲୋଚନା କରିଛି।

ସର୍ବଭାରତୀୟ ବ୍ୟବସାୟୀ ସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ଡାଲି, ଆଳୁ ଆଦି ବିଭିନ୍ନ ସାମଗ୍ରୀର ପାଇକାରୀ ଦର ଏବେ ହ୍ରାସ ପାଇଛି। ବୁଟ ଡାଲି ୧୦୨ ରୁ ୧୨୦ ଟଙ୍କା ଭିତରେ ରହୁଛି। ପୂର୍ବରୁ ହରଡ଼ ଓ ବୁଟ ଡାଲି କେଜି ୧୦୦ ଟଙ୍କା ଥିବାବେଳେ ଏବେ ୭୦ ଟଙ୍କାକୁ ଖସି ଆସିଛି। ଆଳୁ ଦର ମଧ୍ୟ କୁଇଣ୍ଟାଲ ପିଛା ପାଇକାରୀ ଦରରେ ୧୩ ରୁ ୧୮ ଯାଏ ବିକ୍ରି ହେଉଛି। ତେଣୁ ଖୁଚୁରା ବଜାରରେ ୨୫ଟଙ୍କା ଭିତରେ ଆଳୁ ବିକ୍ରି ହେବା କଥା। କିନ୍ତୁ ଏବେବି ଖୁଚୁରା ବେପାରୀମାନେ ଖାଉଟିଙ୍କୁ ମନଇଚ୍ଛା ଦର କଷୁଛନ୍ତି। ଗ୍ରାହକଙ୍କ ସ୍ୱାର୍ଥ ପାଇଁ ସରକାର କିଛି ବି ପଦକ୍ଷେପକୁ ନେଉନାହାନ୍ତି। ଦରଦାମ ନିୟନ୍ତ୍ରଣ ପାଇଁ ସରକାରଙ୍କ ଆନ୍ତରିକତା ଓ ପ୍ରତିଶ୍ରୁତିବଦ୍ଧତା ନାହିଁ ବୋଲି ସେ କହିଛନ୍ତି।

**ପଦକ୍ଷେପ ନେବାରେ ସରକାର ବିଫଳ: ବ୍ୟବସାୟୀ ମହାସଂଘ**

ଶ୍ରୀ ପଣ୍ଡା ଆହୁରି କହିଛନ୍ତି, ସରକାର କେବଳ ଅନ୍ୟର ଦୋଷ ଦେଇ ଖସିଯିବାକୁ ଚାହୁଁଛନ୍ତି। ରାଜ୍ୟର ନୂଆ ସରକାର ଆସିବା ବେଳେ ବିଭିନ୍ନ ବିଭାଗର ସମନ୍ୱୟ ବୈଠକ କରିବା ସହ ତିନି ମାସରେ ଥରେ ସବୁ ଅଂଶୀଦାରଙ୍କ ସହ ବୈଠକ କରିବାକୁ କହିଥିଲେ। କିନ୍ତୁ ସରକାର କୌଣସି ଅଂଶୀଦାରଙ୍କୁ ବିଶ୍ୱାସକୁ ନେଉନାହାନ୍ତି। ଶାସନ କ୍ଷମତାକୁ ଆସିବାର ୮ ମାସ ବିତି ଯାଇଥିଲେ ମଧ୍ୟ ଏଯାଏଁ କୌଣସି ବୈଠକ ହେଲା ନାହିଁ। ଏହାର ପ୍ରଭାବ ସାଧାରଣ ଗ୍ରାହକ, କୃଷକ, ବ୍ୟବସାୟୀ ସମସ୍ତେ ଭୋଗିବେ ବୋଲି ସେ କହିଛନ୍ତି। ଏବେ ପୁଣି ବଜେଟ ପ୍ରସ୍ତୁତି ଓ ଉତ୍କର୍ଷ ଓଡ଼ିଶାରେ ମଧ୍ୟ କୃଷି କ୍ଷେତ୍ରକୁ ସମୃଦ୍ଧ କରିବା କଥା କହୁଛନ୍ତି। କିନ୍ତୁ ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଛି। ଉତ୍କର୍ଷ ଓଡ଼ିଶାରେ ବହୁ କୋଟି ଟଙ୍କାର ନିବେଶ ହେଉଛି କହି ଖାଲି ହିସାବ ଯୋଡ଼ିଦେଲେ ହେବ ନାହିଁ। ଏହା ବାସ୍ତବରେ କେମିତି କାର୍ଯ୍ୟକାରୀ ହେବ, ତା'ଉପରେ ଦୃଷ୍ଟି ଦିଆଯିବା ଦରକାର। ତୁରନ୍ତ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ଶ୍ରୀ ପଣ୍ଡା ଆହ୍ୱାନ ଦେଇଛନ୍ତି। ସେହିଭଳି ବଜେଟ ଉପଦେଷ୍ଟା ମଣ୍ଡଳୀରେ ମଧ୍ୟ ସରକାରଙ୍କୁ ଏହା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। କିନ୍ତୁ ରାଜ୍ୟରେ ସରକାର ଆସିବା ପରେ ଏଯାଏଁ ଏସବୁ କିଛି ବି ଦେଖିବାକୁ ମିଳିଲା ନାହିଁ ବୋଲି ସେ କହିଛନ୍ତି।

**ଦିନ ଦ୍ୱିପହରେ ଗଣତନ୍ତ୍ରକୁ ହତ୍ୟା**

# ଲୋକେ ବାଛିଲେ; ନେତା ହଟାଇଦେଲେ

**ଭୁବନେଶ୍ୱର, ୩୦।୧ (ସମିସ):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ସ୍ଥାନରେ କ୍ଷମତା ହାତେଇବାକୁ ଚାଲିଛି ଭୟଙ୍କର ଷଡ଼ଯନ୍ତ୍ର। ଏଥିପାଇଁ ଶାସକ ଦଳର ନେତା ଯେକୌଣସିସ୍ତରକୁ ଖସିବାକୁ ପଛାଉ ନାହାନ୍ତି। ଦିନ ଦି ପହରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ଲୋକଙ୍କ ଦ୍ୱାରା ନିର୍ବାଚିତ ପୌର ପରିଷଦ ଭାଙ୍ଗିଦେବାକୁ ପଛାଉ ନାହାନ୍ତି। ନୂଆ ସରକାର ଗଠନ ହେବା ପରେ ବିରୋଧୀ ଦଖଲରେ ଥିବା ପୌର ପରିଷଦକୁ ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି। କେତେବେଳେ ଅଧ୍ୟକ୍ଷାକୁ ବରଖାସ୍ତ କରାଯାଉଛି ତ ପୁଣି କେତେବେଳେ ଅନାସ୍ଥାକୁ ଅସ୍ତ୍ର କରି ପରିଷଦକୁ ଭାଙ୍ଗିଦିଆଯାଉଛି।

ନୂଆ ସରକାର ଆସିବା ପରେ ଗତ ୮ମାସ ମଧ୍ୟରେ ୩ ପୌର ପରିଷଦରେ ଏପଟସେପଟ ଦେଖିବାକୁ ମିଳିଲାଣି। ଢେଙ୍କାନାଳ ସଦର ପରିଷଦକୁ ଅନାସ୍ଥା ମାଧ୍ୟମରେ ଭାଙ୍ଗି ଦେଇଥିବା ବେଳେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷାକୁ ରାଜ୍ୟ ସରକାର ନିୟମ ମାନୁନାହାନ୍ତି ବୋଲି ଆଳ ଦେଖାଇ ହଟାଇ ଦେଇଛନ୍ତି।

- ଅନାସ୍ଥା ନ ହେଲେ, ଅଭିଯୋଗ ଆଳରେ କାର୍ଯ୍ୟାନୁଷ୍ଠାନ
- ଟାର୍ଗେଟରେ ପୌର ପରିଷଦ, ବ୍ଲକ୍ ଅଧ୍ୟକ୍ଷ

ଏଭଳି ଘଟଣାକୁ ପୋଷ୍ଟମର୍ଟମ୍ କଲେ ଏକ ସମାନ ଢାଞ୍ଚା ଦେଖିବାକୁ ମିଳୁଛି। ଏପଟସେପଟ କରିବାକୁ ପ୍ରଥମେ ସଭ୍ୟ ସଂଖ୍ୟା ଯୋଗାଡ଼ରେ ଲାଗି ପଡୁଛି ସରକାରୀ ଦଳ। ଏହି କ୍ରମରେ ପ୍ରଥମେ ସ୍ୱାଧୀନ ସଭ୍ୟଙ୍କୁ ହାତ କରାଯାଉଛି। ଏହାପରେ ଅନ୍ୟ ଦୁର୍ବଳ ସଭ୍ୟଙ୍କୁ ଟାର୍ଗେଟ କରାଯାଉଛି। ଏହି ଦୁର୍ବଳ ସଭ୍ୟମାନେ ଅଚାନକ ସବଳ ହୋଇପଡୁଛନ୍ତି। ଆମ କଥା ଶୁଣାଯାଉନି, ପରିଷଦ ନିୟମ ଅନୁଯାୟୀ କାମ କରୁନି। କିଛି ନ ମିଳିଲେ ଦୁର୍ନୀତି ହେଉଛି ବୋଲି ହୋହାଲ୍ଲା କରୁଛନ୍ତି। ଏହାର କିଛିଦିନ ପରେ ନାଟକୀୟ ଭାବେ ଅଚାନକ ଅନାସ୍ଥା ପ୍ରସ୍ତାବ ସାମ୍ନାକୁ ଆସୁଛି। ଏଭଳି ଅସ୍ତ୍ର ପ୍ରୟୋଗ କରି ପୌର ପରିଷଦ ଗୁଡ଼ିକୁ ଭାଙ୍ଗିବାକୁ ଭରପୂର ପ୍ରୟାସ କରୁଛି ସରକାରୀ ଦଳ।

ଗତକାଲି ଦେବଗଡ଼ ମ୍ୟୁନିସିପାଲଟିର ଅଧ୍ୟକ୍ଷା ପଦରୁ ବିଜେଡିର ଶାନ୍ତି ମଞ୍ଜରୀ ଦେଇଙ୍କୁ ଯେଉଁପରି ବହିଷ୍କାର କରାଗଲା, ତାହା ହେଉଛି ଏଭଳି ଷଡଯନ୍ତ୍ରର ପ୍ରମାଣ। ପୌର ଅଧ୍ୟକ୍ଷ ନିର୍ବାଚନରେ ଶାନ୍ତି ମଞ୍ଜରୀ ବିପୁଳ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିଲେ। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ଦିନଠାରୁ ଦେବଗଡ଼ ପୌରାଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ କରିବାକୁ ପ୍ରତିପକ୍ଷ ଯୋଜନା କରୁଥିଲେ। ଶାନ୍ତି ମଞ୍ଜରୀଙ୍କ ବିରୁଦ୍ଧରେ ପୌର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ରାଜ୍ୟ ସରକାର ତାଙ୍କୁ ଅଧ୍ୟକ୍ଷା ପଦରୁ ବହିଷ୍କାର କରିଛନ୍ତି। ଗତ ନଭେମ୍ବର ୧୬ ତାରିଖରେ ଢେଙ୍କାନାଳ ସଦର ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କୁ ଅନାସ୍ଥା ଜରିଆରେ ହଟାଇ ଦିଆଇଥିଲା। ଗତବର୍ଷ ଅଗଷ୍ଟ ମାସରେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କୁ ଅନାସ୍ଥାରେ ପରାଜୟ ପରେ ପଦବୀ ଛାଡିବାକୁ ପଡ଼ିଥିଲା। ନିମାପଡାରେ ଏନ୍‌ଏସ୍‌ସି ଅଧ୍ୟକ୍ଷାଙ୍କ ଅନାସ୍ଥା ଆସିଥିଲା। ହେଲେ ସଂଖ୍ୟା ଯୋଗାଡ଼ ହୋଇ ନପାରିବାରୁ ଅନାସ୍ଥା କାଟ ଖାଇଯାଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. : CRPD/SCO/2024-25/28 | | |
|---|---|---|
| ପୋଷ୍ଟ ନାମ | ଖାଲି ପଦବୀ | ସମକକ୍ଷ ଗ୍ରେଡ୍ |
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 01 | ଏସ୍‌ଏମ୍‌ଜିଏସ୍-V |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 22.01.2025 ରୁ 13.02.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 22.01.2025
ମହା ପ୍ରବନ୍ଧକ (ଆରପି ଏବଂ ପିଏମ୍)

### ଏନ୍‌ଆଇଟି ରାଉରକେଲାର ପ୍ରୟାସ

# ହାଇବ୍ରିଡ୍ ବ୍ୟବସ୍ଥାରେ ହେବ ବର୍ଜ୍ୟଜଳ ବିଶୋଧନ

ରାଉରକେଲା, ୩୦।୧(ସମିସ)

ଏନ୍‌ଆଇଟି ରାଉରକେଲା ଦ୍ୱାରା ଉନ୍ନତ ହାଇବ୍ରିଡ୍ ବ୍ୟବସ୍ଥାରେ ବର୍ଜ୍ୟଜଳ ବିଶୋଧନ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହାଇବ୍ରିଡ୍ ବର୍ଜ୍ୟଜଳ ବିଶୋଧନ ପ୍ରଣାଳୀରେ ବର୍ଜ୍ୟଜଳରୁ ରଙ୍ଗକୁ ହଟାଇବା ପାଇଁ ନାନୋକମ୍ପୋଜିଟ୍ ଓ ମାଇକ୍ରୋବବଲ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର ସମ୍ଭବ ହେବ। ବିଶେଷ କରି ବୟନ ଶିଳ୍ପ ଓ ରାସାୟନିକ ଦ୍ରବ୍ୟ, ବର୍ଜ୍ୟଜଳ ବିଶୋଧନ ବୃଦ୍ଧି ଏବଂ ଜଳ ପୁନଃଚକ୍ରଣ ଓ ପୁନଃବ୍ୟବହାରକୁ ସକ୍ଷମ କରିବା ଭଳି ଶିଳ୍ପ ପାଇଁ ଏହି ବ୍ୟବସ୍ଥା ଖର୍ଚ୍ଚ କାଟ ପାଇଁ ସହାୟକ ହେବ ବୋଲି କୁହାଯାଇଛି।



ସୂଚନାଯୋଗ୍ୟ ଯେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରାଉରକେଲାର ଗବେଷକମାନେ ବିସ୍ମାର୍କ ବ୍ରାଉନ୍ ଆର୍ ଭଳି ସ୍ଥାୟୀ ରଙ୍ଗରେ ଦୂଷିତ ଶିଳ୍ପ ବର୍ଜ୍ୟଜଳକୁ ଦକ୍ଷତାର ସହ ବିଶୋଧନ କରିବା ପାଇଁ ଏକ ଅଭିନବ ପ୍ରକ୍ରିୟା ବିକଶିତ କରିଛନ୍ତି। କେମିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସୁଜିତ ସେନଙ୍କ ନେତୃତ୍ୱରେ ଏନ୍‌ଆଇଟି ରାଉରକେଲାର ରିସର୍ଚ୍ଚ ଗ୍ରାଜୁଏଟ୍ ଡ. ମଧୁମିତା ମାନ୍ନା ଓ ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ବିନୟ କାନ୍ତି ଦତ୍ତଙ୍କ ସମେତ ଗବେଷକ ଦଳ ରଙ୍ଗ ଅପସାରଣ କ୍ଷମତା ବୃଦ୍ଧି କରିବା ପାଇଁ ମାଇକ୍ରୋବବଲ୍ ପ୍ରଯୁକ୍ତିବିଦ୍ୟା ସହିତ ନାନୋକମ୍ପୋଜିଟ୍ ଭିତ୍ତିକ ସିରାମିକ୍ ମେମ୍ବ୍ରେନ୍‌କୁ ମାଇକ୍ରୋବବଲ୍ ପ୍ରଯୁକ୍ତିବିଦ୍ୟା ସହିତ ମିଶ୍ରଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବୟନ ଶିଳ୍ପ ଓ ରଙ୍ଗ ଉତ୍ପାଦନ ଭଳି ଶିଳ୍ପର ବର୍ଜ୍ୟଜଳରେ ପ୍ରାୟତଃ କ୍ଷତିକାରକ ରହିଥାଏ, ଯାହା ପାରମ୍ପରିକ ଫିଲ୍ଟରେସନ୍ ପଦ୍ଧତିରେ ବାହାର କରିବା କଷ୍ଟକର। ବିସ୍ମାର୍କ ବ୍ରାଉନ୍ ଆର୍ ଭଳି ରଙ୍ଗ ମାଇକ୍ରୋଫିଲ୍ଟରେସନ୍ ମେମ୍ବ୍ରେନ୍ ଦେଇଯିବା ପାଇଁ ଯଥେଷ୍ଟ ଛୋଟ, ଯାହା ସେ ମାନଙ୍କୁ ଚିକିତ୍ସା କରିବା ବିଶେଷ ଭାବରେ ଚ୍ୟାଲେଞ୍ଜିଂ କରିଥାଏ। ଏହି ରଙ୍ଗ ସେମାନଙ୍କର ତୀବ୍ର ରଙ୍ଗ ଓ ସମ୍ଭାବ୍ୟ କାର୍ସିନୋଜେନିକ ଗୁଣ ହେତୁ ଗୁରୁତ୍ୱପୂର୍ଣ୍ଣ ପରିବେଶ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ପାରମ୍ପରିକ ଚିକିତ୍ସା ପଦ୍ଧତି, ଯେପରିକି ଅଲ୍ଟ୍ରାଭାୟୋଲେଟ୍ ଆଲୋକ ଉପରେ ନିର୍ଭର କରୁଥିବା, ପ୍ରାୟତଃ ବଡ଼ ଧରଣର ପ୍ରୟୋଗ ସହିତ ସଂଘର୍ଷ କରେ, ବିଶେଷ କରି ଯେତେବେଳେ ରଙ୍ଗ କଣିକାକୁ ପାଣିରୁ ଅଲଗା କରାଯାଏ। ଦ୍ୱିତୀୟ ଜ୍ଞାନକୌଶଳରେ ମାଇକ୍ରୋବବଲ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଏକ ସାଧାରଣ ଏୟାର୍ ଡିଫ୍ୟୁଜର୍ ମାଧ୍ୟମରେ ଉତ୍ପନ୍ନ ହୁଏ, ଯାହା ମାସ୍ ଟ୍ରାନ୍ସଫର୍‌କୁ ବଢ଼ାଇଥାଏ ଏବଂ ଭାଙ୍ଗିବା ପ୍ରକ୍ରିୟାରେ ଉନ୍ନତି ଆଣିଥାଏ। ଏକ ସ୍ଥାନୀୟ ରଙ୍ଗ କାରଖାନାର ଉଭୟ ସିମୁଲେଟେଡ୍ ଓ ବାସ୍ତବ ବର୍ଜ୍ୟଜଳ ବ୍ୟବହାର କରି ଏକ ନିରନ୍ତର ସ୍ୱର୍ଶୀୟ ପ୍ରବାହ ମେମ୍ବ୍ରେନ୍ ଫଟୋରିଏକ୍ଟର ଡିଜାଇନ୍ ଓ ପରୀକ୍ଷଣ କରାଯାଇଥିଲା। ପ୍ରଫେସର ସୁଜିତ ସେନ୍ ଏହି ଗବେଷଣାର ମହତ୍ତ୍ୱ ବିଷୟରେ କହିଛନ୍ତି, ଏହି ହାଇବ୍ରିଡ୍ ସିଷ୍ଟମ୍ ମାତ୍ର ୯୦ ମିନିଟ୍‌ରେ ବିସ୍ମାର୍କ ବ୍ରାଉନ୍ ଆର୍‌ର ୯୫.୪୪ ଡିକଲରାଇଜେସନ୍ ଏବଂ ୯୪ ପ୍ରତିଶତ ରାସାୟନିକ ଅମ୍ଳଜାନ ଚାହିଦା (ସିଓଡି) ହଟାଇବାରେ ସଫଳ ହୋଇଛି। ଶିଳ୍ପ ବର୍ଜ୍ୟବସ୍ତୁରୁ ପ୍ରାପ୍ତ ନାନୋକମ୍ପୋଜିଟ୍‌ର ବ୍ୟବହାର ବ୍ୟବସ୍ଥାର ସ୍ଥାୟୀତାକୁ ଆହୁରି ବଢ଼ାଇଥାଏ। ଏହାବ୍ୟତୀତ, ହାଇବ୍ରିଡ୍ ମେମ୍ବ୍ରେନ୍ ଫାଉଲିଂର ସମ୍ଭାବନା କମ୍ ଥାଏ, ଯାହାକି ଦୀର୍ଘକାଳୀନ ବର୍ଜ୍ୟଜଳ ବିଶୋଧନ ପ୍ରକ୍ରିୟାରେ ଏକ ସାଧାରଣ ସମସ୍ୟା, ଓ ରାସାୟନିକ ସଫେଇର ଆବଶ୍ୟକତାକୁ ହ୍ରାସ କରି ବ୍ୟାକ୍‌ଫ୍ଲସିଂ ମାଧ୍ୟମରେ ସହଜରେ ପୁନଃଉତ୍ପନ୍ନ କରାଯାଇପାରେ। ଏହି ଜ୍ଞାନକୌଶଳ ବୟନ ଶିଳ୍ପ, ଇସ୍ପାତ, ପେଟ୍ରୋକେମିକାଲ୍ସ ଓ ଫାର୍ମାସ୍ୟୁଟିକାଲ୍ ଭଳି ଶିଳ୍ପରେ ପ୍ରୟୋଗ କରାଯାଇପାରିବ।

## ସମ୍ବିଧାନର ସୁରକ୍ଷା ପାଇଁ ଐକ୍ୟବଦ୍ଧ ହେବାକୁ ଆହ୍ୱାନ

ରାଉରକେଲା, ୩୦।୧(ସମିସ): ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ଶକ୍ତିନଗରସ୍ଥିତ ଏକେଜି ଭବନ ଦଳୀୟ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ବିଧାନର ସୁରକ୍ଷା ପାଇଁ ମୁଖବନ୍ଧକୁ ଶପଥ ପାଠ କରାଇଥିଲେ। ଦେଶର ଗଣତନ୍ତ୍ର, ଧର୍ମ ନିରପେକ୍ଷତା ଓ ସମ୍ବିଧାନର ସୁରକ୍ଷା ପାଇଁ ଐକ୍ୟବଦ୍ଧ ହୋଇ ସାମ୍ପ୍ରଦାୟିକତାବାଦ ବିରୁଦ୍ଧରେ ସଂଗ୍ରାମକୁ ଶାଣିତ କରିବାକୁ ଆହ୍ୱାନ କରିଥିଲେ। ଅବସରରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ଜିଲ୍ଲା କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ତାଜମୁନ ନେହାର, ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଆଞ୍ଚଳିକ କମିଟି ସଦସ୍ୟ ପ୍ରଭାତ ମହାନ୍ତି, ଏନ୍ କେ ରାଉତରାୟ, ଅଜିତ ରାୟ, ଆଦିତ୍ୟ ନାୟକ, ପ୍ରମୋଦ ପରିଡ଼ା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିରେ ଶହୀଦ ଦିବସ



ରାଉରକେଲା, ୩୦।୧(ସମିସ): ସେଲ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। କାରଖାନାରେ ଏହାର ପାଳନ ନିମନ୍ତେ ପୂର୍ବାହ୍ନ ୧୧ଟାରୁ ଘଣ୍ଟିକା ସମୟରେ ସାଇରନ୍ ବାଜିବା ସହ ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ମାନବ ସମ୍ବଳ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନୀରବ ପ୍ରାର୍ଥନାର ନେତୃତ୍ୱ ନେଇଥିଲେ। ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି ଆର ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସି ଏମ ଓ ଇନ ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ପ୍ରମୁଖ ନିଜନିଜ କାର୍ଯ୍ୟାଳୟରେ ବିଭାଗୀୟ ସହକର୍ମୀଙ୍କ ସହିତ ନୀରବ ପ୍ରାର୍ଥନାରେ ସାମିଲ ହୋଇଥିଲେ। କାରଖାନାର ବିଭିନ୍ନ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା।

## ୧ରେ ପାୟଲର ବାର୍ଷିକୋତ୍ସବ



ରାଉରକେଲା, ୩୦।୧(ସମିସ): ସହରର ଅନ୍ୟତମ ନୃତ୍ୟ ଓ କଳାନୁଷ୍ଠାନ ପାୟଲର ୩୭ତମ ବାର୍ଷିକୋତ୍ସବ 'ରିଦିମ୍-୨୦୨୫' ଆସନ୍ତା ଫେବୃଆରୀ ୧ ତାରିଖ ଦିନ ସ୍ଥାନୀୟ ସିଭିକ ସେଣ୍ଟର୍‌ରେ ଅନୁଷ୍ଠିତ ହେବ। ଏନେଇ ପାୟଲ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପାୟଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ଗୁରୁ କେତକୀ ଭଟ୍ଟାଚାର୍ଯ୍ୟ, ସଭାପତି କୃଷ୍ଣଲାଲ ଭଟ୍ଟାଚାର୍ଯ୍ୟ ଓ ସମ୍ପାଦିକା ଡା. ପୂଜା ପତି ପ୍ରମୁଖ ଏସମ୍ପର୍କରେ ସୂଚନା ଦେଇଛନ୍ତି ଯେ ସୁନ୍ଦର ଥିମ୍, ପରମ୍ପରା ଓ ସଂସ୍କୃତିକୁ ନେଇ କଥକ, ଓଡ଼ିଶୀ ଆଦି ନୃତ୍ୟ ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ୩ ବର୍ଷରୁ ୬୦ ବର୍ଷ ବୟସର ପ୍ରାୟ ୫୦ ଜଣ ନୃତ୍ୟଶିଳ୍ପୀମାନେ ସେମାନଙ୍କ ନୃତ୍ୟ ପରିବେଷଣ କରିବେ। ଏଥିରେ ସୋଲୋ ଓ ଗ୍ରୁପ୍ ଡ୍ୟାନ୍ସ ଆଦି ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ସିଆଇଏସଏଫ୍‌ର ବରିଷ୍ଠ କମାଣ୍ଡାଣ୍ଟ ଅଶୋକ ଜାଲୱନିଆ, ଆରଏସ୍‌ପି କାର୍ମିକ ବିଭାଗର ଇଡିଏସ୍ ପାଲ ଚୌଧୁରୀ, ଆରଏସ୍‌ପିର ସିଜିଏମ୍ ହୀରାଲାଲ ମହାପାତ୍ର ପ୍ରମୁଖ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସସ୍ମିତା ଜେନା, ସ୍ନେହା ଗାଙ୍ଗୁଲି, ଅଙ୍କିତା ଅନନ୍ୟା ଗୟା, ଟୁଲଟୁଲ ବାନାର୍ଜୀ, ଦୀପକ ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦିକା ଡା. ପୂଜା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀପିକା ଇସ୍ପାତ ଶିକ୍ଷା ସଦନରେ ବାର୍ଷିକୋତ୍ସବ

ରାଉରକେଲା, ୩୦।୧(ସମିସ): ଦୀପିକା ଇସ୍ପାତ ଶିକ୍ଷା ସଦନରେ ଆୟୋଜିତ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ବିଶେଷ ଅତିଥି ମାନଙ୍କ ମଧ୍ୟରେ ଡିଏମ୍ଏସ୍‌ର ଉପାଧ୍ୟକ୍ଷା ପ୍ରଭାତି ମିଶ୍ର ଏବଂ ନବନିତା ପାଲ ଚୌଧୁରୀ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ-ଚାର୍ଜ ମୁନ୍‌ମୁନ୍ ମିତ୍ର, ଜିଏମ୍ ବି ମଲ୍ଲିକ, ଏଜିଏମ୍ ଟିବି ଟପ୍ପୋ, ସମ୍ପାଦିକା ସାରିକା କୁମାରଙ୍କ ସମେତ ଡିଏମ୍ଏସ୍‌ର ଅନ୍ୟ ସଦସ୍ୟା ତଥା ପ୍ରଧାନଶିକ୍ଷକ ଏସ୍ ସାମଲ ଓ ବିଦ୍ୟାଳୟ ପ୍ରଶାସକ ଏସ୍ କେ ମିଶ୍ର ତଥା ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ତରୁଣ ମିଶ୍ର ପ୍ରତି କ୍ଷେତ୍ରରେ ଉନ୍ନତ ହେବା ସହିତ ସମାଜରେ ନିଜ ପାଇଁ ଏକ ନିଆରା ସ୍ଥାନ ସୃଷ୍ଟି କରିବାକୁ ଉତ୍ସାହିତ କରିଥିଲେ। ସେ ବିଦ୍ୟାଳୟର ସୁନାମ ଅର୍ଜନ କରିବାରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ କଠିନ ପରିଶ୍ରମର ପ୍ରଶଂସା କରିଥିଲେ। ସମାଜର ସୁନାଗରିକ ଗଠନ ଦିଗରେ ଭବିଷ୍ୟତରେ ଏଭଳି ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ପାଇଁ ପୁରସ୍କାର ପ୍ରଦାନ କରିବା ସହିତ ବିଭିନ୍ନ କ୍ରୀଡ଼ା ଇଭେଣ୍ଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ବିଦ୍ୟାଳୟର ଡ୍ରାମା ଟିମ ଦ୍ୱାରା ମଞ୍ଚସ୍ଥ ନାଟକ 'ମିଷ୍ଟର ଗାବ୍ରିଡନ୍'



ପାଇଁ ରାଜ୍ୟସ୍ତରୀୟ ଡ୍ରାମା ପ୍ରତିଯୋଗିତାରେ ବିଭିନ୍ନ ପୁରସ୍କାର ଲାଭ କରିଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥିଲା।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଶ୍ରୀ ବିଜୟନୀ ଜେନା ସମାବେଶକୁ ସ୍ୱାଗତ କରିଥିବାବେଳେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସିଶ୍ରୀ ମୋନାଲିସା ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଭୟେ ମିଳିତ ଭାବେ ସଂଯୋଜନା କରିଥିଲେ।

## ଖୁବ୍‌ଶୀଘ୍ର ଆର୍‌ଜିଏଚ୍ ଆହାର କେନ୍ଦ୍ର ଖୋଲାଯାଉ



ରାଉରକେଲା, ୩୦।୧(ସମିସ): ରାଉଲକେଲା ସରକାରୀ ଡାକ୍ତରଖାନା ନିକଟରେ ଥିବା ଆହାର କେନ୍ଦ୍ରକୁ ଆଜି ବିଜେପିର ଏକ ପ୍ରତନିଧି ମଣ୍ଡଳୀ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଆହାର କେନ୍ଦ୍ରକୁ ପରିଦର୍ଶନ କରି କିଛିଦିନ ଧରି ବନ୍ଦ ପଡ଼ିଥିବା ଆହାର କେନ୍ଦ୍ର ବିଷୟରେ କଥାବାର୍ତ୍ତା କରିଥିଲେ। ଏହି ମଣ୍ଡଳୀରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ଜିଲ୍ଲା ସାଧରଣ ସମ୍ପାଦକ ଶଶାଙ୍କ ଶେଖର ଜେନା, ଜିଲ୍ଲା ସମ୍ପାଦକ ଅଜୟ କଂସାରୀ, ବରିଷ୍ଠ ନେତା ଅକ୍ଷୟ କୁମାର ଦାଶ ଓ ସତ୍ୟପ୍ରିୟ ସାହୁ ସାମିଲ ହୋଇ ଥିଲେ। ଏହାପରେ ପ୍ରତିନିଧି ଦଳ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥିଲେ। ବହୁ ଆଲୋଚନା ପରେ ଏହି ଆହାର କେନ୍ଦ୍ର ଆସନ୍ତା କାଲି ଅର୍ଥାତ ଚଳିତ ମାସ ୩୧ ତାରିଖ ଠାରୁ ପୁର୍ନବାର ଖୋଲିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୩୦।୧(ସମିସ): ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ସିଭିକ୍ ସେଣ୍ଟର ପ୍ରାଙ୍ଗଣରେ ମହାତ୍ମାଗାନ୍ଧୀଙ୍କ ତୀରୋଧାନ ଦିବସରେ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଏବଂ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ସ୍ମୃତି ତର୍ପଣ ସଭା ଅନୁଷ୍ଠିତ ହେଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ହମିରପୁର ଉନ୍ନୟନ ପରିଷଦର ସଭାପତି ସୁମନ ଦତ୍ତ, କଲଚରାଲ ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀ, ଇସ୍ପାତ ସାହିତ୍ୟ ସଂସଦର ସଭାପତି ବ୍ରଜେନ୍ଦ୍ର ଦାଶ ପ୍ରମୁଖ ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ଗାନ୍ଧିଜୀଙ୍କର ସଂଗ୍ରାମର ଧାରା, ଭାରତୀୟ ସମାଜର ଚେତନାକୁ ଜାଗ୍ରତ କରିବା ପାଇଁ ତାଙ୍କର ସଂସ୍କାର ପ୍ରୟାସ, ରାଜନୈତିକ ମୁକ୍ତି ପାଇଁ ତାଙ୍କର ଯୋଜନାବଦ୍ଧ ଅହିଂସା ଅସହଯୋଗ ଆନ୍ଦୋଳନ, ବିଶ୍ୱ ମାନବିକତାର ମୁକ୍ତି ପାଇଁ ତାଙ୍କର କର୍ମଯୋଜନାକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ଆବାହକ ଶ୍ରୀ ମହାପାତ୍ର ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣରେ ଚିର ଦାରିଦ୍ର୍ୟ ଗ୍ରସ୍ତ, ଧର୍ମାନ୍ଧ, କୁସଂସ୍କାର ଗ୍ରସ୍ତ ଅନ୍ଧବିଶ୍ୱାସୀ ଭାରତୀୟଙ୍କ ମାନସିକ ଚେତନାକୁ ସର୍ବପ୍ରଥମେ ବଦଳାଇ, ତା'ପରେ ସେହି ମାନଙ୍କୁ ନେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ପତି ତାଙ୍କର ସଭାପତୀୟ ଅଭିଭାଷଣରେ ଏକ ବିଭେଦ ଗ୍ରସ୍ତ, ସହିଷ୍ଣୁ ନିର୍ବେଦ ଏବଂ ନିଶ୍ଚେଷ୍ଟ ଜାତିକୁ ମହାତ୍ମାଗାନ୍ଧୀ ଅଭିନବ ଉପାୟ ଏବଂ ବିଶ୍ୱକୁ ଚକିତ କଲାଭଳି ଶୃଙ୍ଖଳିତ କାର୍ଯ୍ୟପନ୍ଥା ଗ୍ରହଣ କରି କିପରି ସମଗ୍ର ଭାରତୀୟ ସମାଜକୁ ଭାରତୀୟ ମୁକ୍ତି ଯୁଦ୍ଧର ନିରସ୍ତ୍ର ସୈନିକ କରିଥିଲେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସ୍ମୃତି ତର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ସମେତ କାଶୀନାଥ ନନ୍ଦୀ, ଚନ୍ଦ୍ରଶେଖର ପାଇକରାୟ, ଦେବେନ୍ଦ୍ର ମହାରଣା, ସୁଶାନ୍ତ କୁମାର ନାୟକ, ପ୍ରଫୁଲ୍ଲ ସାମଲ, ପ୍ରବୀର କୁମାର ଦୁବେ, ରଞ୍ଜନ ସାମଲ ଏବଂ ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ଭଜକୃଷ୍ଣ ସାରସ୍ୱତ ସ୍ମୃତି ସଂସଦର ପ୍ରତିଷ୍ଠାତା ଅଧ୍ୟକ୍ଷ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




● ବିଦ୍ୟାଳୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

## ସରକାରୀ ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ

ରାଉରକେଲା, ୩୦।୧(ସମିସ): ହମିରପୁର ସ୍ଥିତ ସେଣ୍ଟ ପଲ୍ ସ୍କୁଲ ପ୍ରତି ବର୍ଷ ବିଦ୍ୟାଳୟସ୍ତରୀୟ ଆର. କେ. ନମ୍ବିଆର ମେମୋରିଆଲ ଭଲିବଲ୍ ଟ୍ରଫି ଆୟୋଜନ କରି ଆସୁଥିବା ପରିପ୍ରେକ୍ଷୀରେ ଚଳିତବର୍ଷ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ରା ସରକାରୀ ଉଚ୍ଚବିଦ୍ୟାଳୟ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଟ୍ରଫି ହାସଲ କରିଛି। ଏଥି ସହ ସ୍କୁଲର ଛାତ୍ରୀ ଲଳିତା ତିର୍କୀ ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲାବେଳେ ଶିକ୍ଷକ ପାବ୍ରୀନ ଏକ୍କା ଶ୍ରେଷ୍ଠ ଶିକ୍ଷକ ଭାବରେ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଆର କେ ନମ୍ବିଆରଙ୍କ ସାନ ଭାଇ ଜେ କେ ନମ୍ବିଆର ଏବଂ ସେଣ୍ଟ ପଲସ ସ୍କୁଲର ଅଧ୍ୟକ୍ଷ ଫାଦର ଏସ ଯୋଶେଫ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ସଫଳତାରେ ବିଦ୍ୟାଳୟର ପ୍ରଧାନ ଶୀକ୍ଷୟତ୍ରୀ ଲବେଶ୍ୱରୀ ନାଗ, ପିଇଟି ସୌମ୍ୟରଞ୍ଜନ ଘଡେଇ ଓ ପ୍ରଶିକ୍ଷଣ ଦେଉଥିବା ଚନ୍ଦ୍ର ଶେଖର କ୍ରୀଡ଼ା ସଂଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ବେଶ୍ ଉତ୍ସାହିତ ହେବା ସହ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




ସୂଚନାଯୋଗ୍ୟ ଯେ ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ବାଳିକା ବର୍ଗରେ ୫ଟି ସ୍କୁଲ ଭାଗ ନେଇଥିଲେ। ସେମାନେ ହେଲେ ସେଣ୍ଟ ପଲ୍ ସ୍କୁଲ, କାର୍ମେଲ ସ୍କୁଲ, ସେଣ୍ଟ ଜୋସେଫ, ଏମ୍‌ଜିଏମ୍ ସ୍କୁଲ ଓ ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ। ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ସେଣ୍ଟ ପଲ୍ ସ୍କୁଲକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ସେଣ୍ଟ ଜୋସେଫ ସ୍କୁଲକୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଏଥି ସହ ସ୍କୁଲର ଛାତ୍ରୀ ଲଳିତା ତିର୍କୀ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲା ବେଳେ ଶିକ୍ଷକ ପାବ୍ରୀନ ଏକ୍କା ଶ୍ରେଷ୍ଠ ଶିକ୍ଷକ ଭାବରେ ପୁରସ୍କୃତ ହୋଇଥିଲେ।

## ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ

ରାଉରକେଲା, ୩୦।୧(ସମିସ): ସମଗ୍ର ଦେଶରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଶହିଦ ଦିବସ ପାଳନ ହେଉଥିବା ବେଳେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ସମଗ୍ର ଦେଶରେ ଏହାକୁ ସାମ୍ପ୍ରଦାୟିକ ସଭାବନା ଦିବସ ଭାବରେ ପାଳନ କରାଯାଇଛି। ଏହି ଅବସରରେ ପାର୍ଟିର ବିଶ୍ରା ଶାଖା ପକ୍ଷରୁ ଜବାପାନପୋଷ ଗ୍ରାମରେ ଗ୍ରାମବାସୀମାନେ ସମବେତ ହୋଇ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିବା ପରେ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ସୁରେନ୍ଦ୍ର ଦାଶ ସମବେତ ଗ୍ରାମବାସୀଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ୧୯୪୮ ମସିହା ଆଜିର ଦିନରେ ଗାନ୍ଧିଜୀ ପ୍ରାର୍ଥନା ସଭାକୁ ଯାଉଥିବା ବେଳେ ଦେଶ ଦ୍ରୋହି ନାଥୁରାମ ଗଡ଼ସେ ଗୁଳି କରି ହତ୍ୟା କରିଥିଲା। ଆମ ଦେଶକୁ ସାମ୍ପ୍ରଦାୟିକତା ଆଧାରରେ ହିନ୍ଦୁ ରାଷ୍ଟ୍ର ଘୋଷଣାକୁ ଗାନ୍ଧିଜୀ ବିରୋଧ କରିବା ସହ ଆମ ଦେଶକୁ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ ଘୋଷଣା କରିବା ପାଇଁ ଦୃଢ଼ ଯୁକ୍ତି ରଖିଥିଲେ। ଠିକ୍ ସେହି ସମୟରେ ଇଂରେଜ ସରକାରର ଗୋଲାମୀ କରୁଥିବା ଦେଶ ଦ୍ରୋହି ଆର୍ ଏସ୍ ଏସ୍ ଏବଂ ହିନ୍ଦୁ ମହାସଭା ସମଗ୍ର ଦେଶରେ ଦଙ୍ଗା ଭିଆଇ ଥିଲେ। ଗାନ୍ଧିଜୀ ମର୍ମାହତ ହୋଇ ଦେଶବାସୀଙ୍କୁ ଦଙ୍ଗା ବନ୍ଦ କରିବା ପାଇଁ ନିବେଦନ କରି ଅନଶନ ଆରମ୍ଭ କରିଥିଲେ। ଏହା ଫଳରେ



ଦଙ୍ଗା ବନ୍ଦ ହୋଇଗଲା। ଦେଶକୁ ଖଣ୍ଡ ଖଣ୍ଡ କରିବାର ଚକ୍ରାନ୍ତ ପଣ୍ଡ ହେବା ପରେ, ଦେଶ ଦ୍ରୋହି ନାଥୁରାମ ଗଡ଼ସେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଗୁଳି କରି ହତ୍ୟା କରିଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୁଦ୍ଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ୍, ରାଜୀବ ବସନ୍ତରାୟ, ବିଷ୍ଣୁ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ସଦ୍‌ଭାବନା ଦିବସ ପାଳିଲା ସିପିଆଇଏମ୍

ରାଉରକେଲା, ୩୦।୧(ସମିସ)

ଜାତିରପିତା ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ଅବସରରେ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସହରର ଆମ୍ବାଗାନ ସ୍ଥିତି ପାର୍କ ଓ ପାନପୋଷ ଛକ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହିତ ପାର୍ଟି କେନ୍ଦ୍ର କମିଟି ଆହ୍ୱାନରେ ଆଜିର ଦିବସକୁ ଦେଶବ୍ୟାପୀ ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ ରୂପେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି ଉଭୟ ସ୍ଥାନରେ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନ ଉଭୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲା ବେଳେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ଜିଲ୍ଲା କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ତାଜମୁନ ନେହାର, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ଆଞ୍ଚଳିକ କମିଟି ସଦସ୍ୟ ଏନ୍‌ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅଜିତ ଏକ୍କା, ସମ୍ବିତ ସ୍ୱାଇଁ, ସରୋଜ ବାର୍ଲା, ଏନ୍ କେ ରାଉତରାୟ, ବୁବୁନ ମାଇତି, ଜିକେ ନାୟକ, କୁଳମଣି ରାଉତ, ଜୟନ୍ତୀ ମୋହିନୀ, ସି ଦିବାକର ରାଓ, ପ୍ରମୋଦ ପରିଡ଼ା, ସୁରେନ୍ଦ୍ର ବେହେରା, ଆଦିତ୍ୟ ନାୟକଙ୍କ ସମେତ ବହୁ ପାର୍ଟି ସଦସ୍ୟ ଓ ସମର୍ଥକ ସାମିଲ ହୋଇଥିଲେ।



# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

**କର୍ଲାମୁଣ୍ଡା,୩୦ ।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ସଭା ଗୃହରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧକ୍ଷା କୁନି ସାହୁ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ବିଡିଓ ଦେବେନ୍ଦ୍ର ସାମଲ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ବ୍ଲକ୍ ସାମାଜିକ ସମୀକ୍ଷକ ଉତ୍ତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ କିଭଳି ସ୍ୱଚ୍ଛତା ଅଣାଯାଇ ଅଧିକରୁ ଅଧିକ ଲୋକ ସୁବିଧା ପାଇ ପାରିବେ ସେ ଉପରେ ଆଲୋଚନା ହୋଇଥିଲା ।



ତେବେ ଶିବିରରେ ବ୍ଲକର ଜଣେ ମାତ୍ର ଯନ୍ତ୍ରୀ ଉପସ୍ଥିତ ଥିଲେ । ଏହାକୁ ନେଇ ଆଲୋଚନା ଜୋର୍ ଧରିଥିଲା । ଏହି ଶିବିରରେ ମୁଖ୍ୟତଃ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ଓ କେନ୍ଦ୍ରୀୟ ପଞ୍ଚ ଦଶ ଅର୍ଥ କମିଶନ ଯୋଜନା ଅଧୀନ ୨୦୨୪-୨୫ ଆର୍ଥିକ ବର୍ଷର ଜନଶୁଣାଣି ହୋଇଥିଲା । ଏସିପି ବିକାଶ ନାୟକ, ଏପିଓ ଲିଜା ବରିହାଙ୍କ ସମେତ ସମସ୍ତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି, ଆକାଉଣ୍ଟାଣ୍ଟ କମ୍ ଡିଇଓ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ଜେଏମ୍‌ଏଫ୍‌ସି କୋର୍ଟରେ ନୂତନ ବିଚାରପତିଙ୍କ ଯୋଗଦାନ

**କୋକସରା,୩୦ ।୧(ସମିସ):** କୋକସରା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ସମିତି ଅଧକ୍ଷା ଭାବରେ ଲିସ୍ପା ରାଉତ ଯୋଗ ଦେଇଛନ୍ତି । ଜେଏମଏଫସିଙ୍କ ଯୋଗଦାନ ପରେ କୋକସରା ଓକିଲ ସଂଘ କର୍ମକର୍ତ୍ତା ଓ କୋର୍ଟ କର୍ମଚାରୀଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।

# ଧାନ ସଂଗ୍ରହରେ ନୂଆପଡ଼ାର ରେକର୍ଡ

**୨୨ ଲକ୍ଷ ୮୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ**

**୯୯ ପ୍ରତିଶତ ଧାନକ୍ରୟ କରି ରାଜ୍ୟରେ ପ୍ରଥମ**

ନୂଆପଡ଼ା,୩୦ ।୧(ସମିସ)

ନୂଆପଡ଼ା ଜିଲ୍ଲା ପ୍ରଥମ ଥର ପାଇଁ ଧାନ ସଂଗ୍ରହରେ ରେକର୍ଡ ସୃଷ୍ଟି କରିଛି । ଚଳିତ ୨୦୨୪-୨୫ ଖରିଫ ଋତୁରେ ୩୯ଟି ସୋସାଇଟି ମାଧ୍ୟମରେ ୪୬୩୪୬ ଜଣ ଚାଷୀ ଧାନବିକ୍ରି ପାଇଁ ପଞ୍ଜୀକୃତ ହୋଇଥିଲେ ।ଏପର୍ଯ୍ୟନ୍ତ ୪୪୩୬୮ ଚାଷୀଙ୍କଠାରୁ ୨୨୮୯୪୦୧.୨୨ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି ଏବଂ ୪୪୧୧୭ ଚାଷୀଙ୍କୁ ୭୦୪.୯୧ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ ଚଳିତ ବର୍ଷ ଧାନ କିଣା ପ୍ରକ୍ରିୟାରେ ଜିଲ୍ଲାର ୩୧ଟି ମିଲର୍ ଅଂଶ ଗ୍ରହଣ କରିଥିଲେ ।ଗତ ୨୦୨୩ -୨୪ ଖରିଫ ଋତୁରେ ଧାନ ବିକ୍ରି ପାଇଁ ୪୪୩୩୪ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ ଏବଂ ୩୬୨୩୨ ଜଣ ଚାଷୀଙ୍କ ଠାରୁ ୧୭୮୭୬୮୯.୭୦ କୁଇଣ୍ଟାଲ ଧାନ ସଂଗ୍ରହ କରଯାଇଥିଲା । ବର୍ତ୍ତମାନ ସୁଦ୍ଧା ନିର୍ଦ୍ଧାରିତ ଧାର୍ଯ୍ୟ ଲକ୍ଷ ଏବଂ ଲକ୍ଷ ସାଧନ ହାରରେ ନୂଆପଡ଼ା ଜିଲ୍ଲା, ଓଡ଼ିଶାରେ ଏକନମ୍ବର ସ୍ଥାନ ଅଧିକାର କରିଛି ।ସୂଚନାଯୋଗ୍ୟ ଯେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତଦାରଖ କରିଥିଲେ ।ଯୋଗାଣ ଅଧିକାରୀ ,ସମବାୟ ସମିତିର କର୍ମକର୍ତ୍ତା ଓ ଆର୍‌ଏମସି ଓ ମିଲର୍‌ମାନଙ୍କ ପକ୍ଷରୁ ଚାଷୀମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ଜିଲ୍ଲାର ଚାଷୀମାନେ ଧାନ ବିକ୍ରି ସମୟରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ଘନ ଘନ ମଣ୍ଡି ଗସ୍ତ କରୁଥିଲେ । ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ଡିଆରସିଏସ, ଏଆରସିଏସ, ଆର୍‌ଏମ୍‌ସି ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କ କାର୍ଯ୍ୟାବଳୀ ବାରମ୍ବାର ସମୀକ୍ଷା କରୁଥିଲେ । ସମସ୍ତ ମଣ୍ଡିରେ ବିଦ୍ୟୁତ୍ ସଂଯୋଗ ଓ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶାନ୍ତି ଶୃଙ୍ଖଳାରେ ଧାନ କ୍ରୟ ପ୍ରାୟତଃ ସରି ଆସିଥିବାରୁ ଜିଲ୍ଲାପାଳ ସଂପୃକ୍ତ ସମସ୍ତ ଅଧିକାରୀ,କୃଷକ ଏବଂ ମିଲର୍‌ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

# ତିରୋଧାନ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି



**ଭବାନୀପାଟଣା, ୩୦ ।୧ (ସମିସ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ (ସହିଦ ଦିବସ) ପାଳିତ ହୋଇଯାଇଛି । ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ, ଉପ ଜିଲ୍ଲାପାଳ ପ୍ରଭାତ ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ପ୍ରମୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# 'ନୂଆ ବ୍ଲକ୍ ଘୋଷଣା କର'



**ଧର୍ମଗଡ଼,୩୦ ।୧(ସମିସ):** ସରକାର ବ୍ଲକ ସମ୍ପ୍ରସାରଣ ନେଇ ସୂଚନା ଦେବା ପରେ ବ୍ଲକ ସ୍ଥାପନ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦାବି ଜୋର ଧରିଛି । ଏହିକ୍ରମରେ ଧର୍ମଗଡ ବ୍ଲକ୍ ବଡ ପହିଲପାର ଅଞ୍ଚଳର କେନ୍ଦ୍ରସ୍ଥଳ କାଙ୍କେରୀରେ ନୂତନ ବ୍ଲକ ସ୍ଥାପନ ନେଇ ଜୋର ଧରିଛି । ଗୁରୁବାର କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ୭ଟି ପଞ୍ଚାୟତର ଲୋକେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି । ବିରାଟ ପଟୁଆରରେ ଏକ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । କ୍ରିୟାନୁଷ୍ଠାନ କମିଟି ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲା । କାଙ୍କେରୀ ସରପଞ୍ଚ ମମତା କେତକୀ, ସମିତି ସଭ୍ୟା ଜ୍ୟୋତ୍ସ୍ନାମୟୀ ଛତ୍ରିଆ, କ୍ରିୟାନୁଷ୍ଠାନ କମିଟିର ଅସ୍ଥାୟୀ ସଭାପତି ବିଶ୍ୱନାଥ ଛତ୍ରିଆ, ସମ୍ପାଦକ ଶ୍ୟାମଘନ କେତକୀ, ମହେଶ୍ୱର ସୁନାନୀ, ଭବେନ୍ଦ୍ର ଘି, ଲଳିତ ବାଗ, କୁମୁଦ ମେହେର, ଧୀରେନ୍ଦ୍ର ପୁରହିତ୍, ଦୟା କେତକୀ, ଶିମାନ ଛତ୍ରିଆ, ଦିଲୀପ ବାଗ, ବଂଶୀ କୈବର୍ତ୍ତ, ମନୁଧର କେତକୀ,ହରଦିପ, ସୁଧିର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ କୁଷ୍ଠ ନିରାକରଣ ଦିବସ

**ନୂଆପଡ଼ା,୩୦ ।୧(ସମିସ):** ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଶୋଭାଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ବିଭିନ୍ନ ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କୁ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ । ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ବାହାରି ଏକତା ଛକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚିଥିଲା ।ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ସଭାକାର୍ଯ୍ୟ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ସଭାରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ କୁମାର ଦୁବେ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡ଼ାକ୍ତର ଅନିତା ସାହୁ, ପରିସଂଖ୍ୟାନ ନିରୀକ୍ଷକ ମୀନକେତନ ମାଝୀ ଏବଂ ସୁଶିଳା ଦେବୀ ନର୍ସିଂ କଲେଜ ଓ ଜଗନ୍ନାଥ ନର୍ସିଂ କଲେଜର ଶିକ୍ଷକବୃନ୍ଦ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏଥିରେ କୁଷ୍ଠ ରୋଗୀ ଚିହ୍ନଟକରଣ କରିବା, କୁଷ୍ଠର ସମ୍ପୂର୍ଣ୍ଣ ଚିକିତ୍ସା, ଅନ୍ଧ ବିଶ୍ୱାସଠାରୁ ଦୁରେଇ ରହିବା ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ଓ ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡ଼ାକ୍ତର ଅନିତା ସାହୁ ପରିଚାଳନା କରିଥିଲେ ।



# ସର୍ଟସର୍କିଟ୍‌ରୁ ଜଳିଗଲା ଆମ୍ବ ବଗିଚା

ନୂଆପଡ଼ା/କୋମନା,୩୦ ।୧(ସମିସ)

ନୂଆପଡ଼ା ଜିଲ୍ଲାର ଦାଦନ ପ୍ରବଣ କୋମନା ବ୍ଲକ୍ ଢୋରଲାମୁଣ୍ଡା ପଞ୍ଚାୟତ ଅଞ୍ଚଳରୁ ପ୍ରତିବର୍ଷ ବହୁ ପରିବାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିଲେ । ଏଭଳି ସ୍ଥିତିରେ ଆଟ ଜମିରୁ ଅର୍ଥକାରୀ ଫସଲ ଚାଷ କରିବା ସହ ଗାଁର ଶ୍ରମିକମାନଙ୍କୁ ରୋଜଗାର ଯୋଗାଇଦେବା ଉଦ୍ଦେଶ୍ୟରେ ଛତାଗାଁର ବୈଷ୍ଣବ ଜଗତ ଅନ୍ୟୁନ ୬ଏକର ଜମିରେ ଆମ୍ବ ଗଛରୋପଣ କରିଥିଲେ । ଆମ୍ବ ବଉଳ ହେବା ସମୟରେ ବଗିଚା ଦେଇ ଯାଇଥିବା ବିଜୁଳୀ ତାରରେ ସଟ୍ ସର୍କିଟ ହେବାରୁ ନିଆଁ ଲାଗି ସବୁ ପୋଡ଼ି ପାଉଁସ ହୋଇ ଯାଇଛି ।ଚାଷୀ ଜଣକ ସର୍ବସ୍ୱାନ୍ତ ହୋଇ ଜିଲ୍ଲା ପ୍ରଶାସନ ନିକଟରେ କ୍ଷତିପୂରଣ ପାଇଁ ନିବେଦନ କରିଛନ୍ତି । ବର୍ଷାଭାବ ଯୋଗୁଁ ସବୁବେଳେ ମରୁଡିର ଶିକାର ହେଉଥିଲେ ବୋଲି ଉଦ୍ୟାନ ବିଭାଗର ପ୍ରୋତ୍ସାହନ ପାଇ ଆମ୍ବ ବଗିଚା କରିଥିଲେ । ବଗିଚା ଦେଇ ବିଦ୍ୟୁତ ଖୁଣ୍ଟ ଥିଲା । ଏହି ବିଦ୍ୟୁତ୍ ଖୁଣ୍ଟରେ ଅନେକ ସମୟରେ ସ୍ପାର୍କିଂ ହେଉଥିଲା । ଏନେଇ ସମ୍ପୃକ୍ତ ଚାଷୀ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଅନେକଥର ଜଣାଇଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ବର୍ତ୍ତମାନ ଆମ୍ବ ବଗିଚାର ଘାସ ଓ ଲଟାବୁଦା ସବୁ ଶୁଖି ଯାଇଥିବାରୁ ସଟ୍‌ସର୍କିଟ ଯୋଗୁଁ ବିଦ୍ୟୁତ୍ ଖୁଣ୍ଟ ନିକଟରେ ନିଆଁ ଲାଗିଗଲା । ଶୁଖିଲା ଘାସ ଓ ଲଟାବୁଦାରେ ନିଆଁ ସଂଯୋଗ ହୋଇ ଜଳିବା ଆରମ୍ଭ କରିଥିଲା । ଖବର ପାଇ ପରିବାର ଲୋକ ଆସିବା ବେଳକୁ ସବୁ ପୋଡି ସାରିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ବହୁକଷ୍ଟରେ ନିଆଁକୁ ଆୟତ କରିଥିଲେ । ତଥାପି ଅନ୍ୟୁନ ୪ଏକର ଜମିର ୬ଶହରୁ ଉର୍ଦ୍ଧ୍ୱ ଗଛ ପୋଡି ନଷ୍ଟ ହୋଇଥିବା ଚାଷୀ ଜଣକ ଦାବି କରିଛନ୍ତି । ଏହାର ତଦନ୍ତ କରିବା ସହ କ୍ଷୟକ୍ଷତିର ଆକଳନକରି ଚାଷୀଙ୍କୁ କ୍ଷତି ପୂରଣ ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଅନ୍ୟ ପକ୍ଷେ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବବୋଲି ଉଦ୍ୟାନ ବିଭାଗ ତରଫରୁ କୁହାଯାଇଛି ।



# କୁଲିଗାଁ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ନୂଆପଡା/ଖଡ଼ିଆଳ,୩୦ ।୧(ସମିସ):** ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ୍ କୁଲିଗାଁ ଅନୁସୂଚିତ ଜାତି ଜନଜାତି (ସେବାଶ୍ରମ)ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ପ୍ରଧାନ ସେବକ ବିଦ୍ୟାଧର ମାଝୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବ୍ଲକ୍ ଉପାଧକ୍ଷ ଗୌତମ ତାଣ୍ଡି, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଆହ୍ଲାଦିନୀ ବେହେରା,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ଉତ୍ସାହିତ କରିବା ସହ ମାର୍ଗ ଦର୍ଶନ କରିଥିଲେ । ବିଭିନ୍ନ ଖେଳ ପ୍ରତିଯୋଗିତା ମଧ୍ୟରେ ଲମ୍ଫ ଡିଆଁ, ସଟ ପୁଟ, ଲଙ୍ଗ ଫୁଟ, ଦୌଡ ପ୍ରତିଯୋଗୀତା ଆଦି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଦ୍ୱିତୀୟାର୍ଦ୍ଧରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ରଜନୀ କାନ୍ତ ଯୋଷୀ, ଶିକ୍ଷକ ପ୍ରଦ୍ୟୁମ୍ନ ପତି, ଚେରୁ ତାଣ୍ଡି, ଶିକ୍ଷୟତ୍ରୀ ଲତିକା ମଞ୍ଜରୀ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ଶିକ୍ଷା ବିଭାଗର ହିସାବ ରକ୍ଷକ ଓ ଏମ୍‌ଆଇଏସ୍‌ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୂଆପଡ଼ା/କୋମନା,୩୦।୧(ସମିସ):** ନୂଆପଡା ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ହିସାବ ରକ୍ଷକ ଓ ଏମଆଇଏସ କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ ନେଇ ବୁଧବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ଓଡିଶା ସରକାର ୨୦୧୨ ମସିହାରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମଗ୍ର ଶିକ୍ଷା ଅଧୀନରେ ୩ ଜଣ ହିସାବ ରକ୍ଷକ ଓ ଜଣେ ଲେଖାଏଁ ଏମଆଇଏସ ସଂଯୋଜକ ପଦବୀ ନିଯୁକ୍ତ କରିଛନ୍ତି ।ହେଲେ କର୍ମଚାରୀମାନେ ୨୦୧୨ ମସିହାରୁ କମ ଦରମା ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ କର୍ମଚାରୀମାନେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ଦରମା ସହିତ ସ୍ଥାୟୀ ନିଯୁକ୍ତି ପାଇଁ ଦାବିକରି ଆସୁଥିଲେ ହେଁ , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କୌଣସି ବିହୀତ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏନେଇ ୨୦୧୯ ମସିହାରେ କର୍ମଚାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଉଚ୍ଚ ନ୍ୟାୟାଳୟଙ୍କ ଜଣିକିଆ ଖଣ୍ଡପୀଠ ୨୦୨୩ ମସିହା ଅଗଷ୍ଟ ମାସରେ ରାୟ ପ୍ରକାଶ କରିଥିଲେ । କିନ୍ତୁ ଜାଣିଶୁଣି ଅଦାଳତଙ୍କ ରାୟକୁ ଓସେପା ରାଜ୍ୟ ପ୍ରକଳ୍ପ ଅଧିକାରୀ ପୁଣିଥରେ ରାୟକୁ ଆଗ୍ରାହ୍ୟ କରିଥିବା ଯୋଗୁଁ କର୍ମଚାରୀ ନିରାଶ ହୋଇଛନ୍ତି । କର୍ମଚାରୀ ମାନେ ଇତି ମଧ୍ୟରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସଚୀବ ଓ ରାଜ୍ୟ ପ୍ରକଳ୍ପ ଅଧିକାରୀଙ୍କୁ ଭେଟି ଦାବି ପ୍ରତି ଦୃଷ୍ଟି ଦେବାକୁ ନିବେଦନ କରିଥିଲେ ହେଁ ପ୍ରଶାସନିକ ପ୍ରତାରଣା ଯୋଗୁଁ କର୍ମଚାରୀମାନେ ବୁଧବାର ଦିନଠାରୁ ସମସ୍ତ କର୍ମଚାରୀ ଦାବି ପୁରଣ ନହେବା ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।








# ଛାତ୍ରଙ୍କୁ ବିବାହ କଲେ ପ୍ରାଧ୍ୟାପିକା



କୋଲକାତା, ୩୦।୧ (ଏଜେନ୍ସି): ପଶ୍ଚିମବଙ୍ଗର ଏକ ବିଶ୍ୱବିଦ୍ୟାଳୟରୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଶ୍ରେଣୀ ଭିତରେ ଜଣେ ଛାତ୍ରଙ୍କୁ ପ୍ରାଧ୍ୟାପିକା ରୀତିନୀତିରେ ବିବାହ କରିଛନ୍ତି। ନିର୍ବନ୍ଧ ପରେ ଉଭୟେ ପରସ୍ପରକୁ ବରଣ ମାଳା ପିନ୍ଧାଇଛନ୍ତି।ଅଗ୍ନିକୁସାକ୍ଷୀରଖିଦମ୍ପତିସାତଥରପରିକ୍ରମାକରିଛନ୍ତି। ଛାତ୍ର ଜଣକ ପ୍ରାଧ୍ୟାପିକାଙ୍କ ମଥାରେ ସିନ୍ଦୁର ଦେଇ ଗୋଲାପ ପ୍ରଦାନ କରିଛନ୍ତି। କୋଲକାତାରୁ ୧୫୦ କିମି ଦୂର ନଦିଆ ସ୍ଥିତ ହରିଣଘଟା ଟେକ୍ନୋଲୋଜି କଲେଜର ସାଇକୋଲୋଜି ବିଭାଗରେ ଅନୁଷ୍ଠିତ ଏହି ବିବାହର ଦୃଶ୍ୟ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଭିନ୍ନ ମହଲରୁ ଏହାକୁ ତୀବ୍ର ସମାଲୋଚନା କରାଯାଇଛି। ଏବେ ଏହା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଛି।

ଏହି ଭିଡିଓରେ ପ୍ରାଧ୍ୟାପିକା ପାୟଲ ବାନାର୍ଜୀଙ୍କୁ କନ୍ୟା ବେଶରେ ଦେଖିବାକୁ ମିଳୁଛି। ତେବେ ଏହା ଅସଲ ବିବାହ ନ ଥିଲା। ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଉଭୟେ ଅଭିନୟ କରିଥିଲେ ବୋଲି ପାୟଲ କହିଛନ୍ତି। କିନ୍ତୁ କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାୟଲଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ମାମଲାର ତଦନ୍ତ ପାଇଁ ଏକ ତିନି ଜଣିଆ ଟିମ୍ ଗଠନ କରାଯାଇଛି। ଯାଞ୍ଚ ପରେ ବିହୀତ ପଦକ୍ଷେପ ନିଆଯିବ ବୋଲି ଅଧିକାରୀ କହିଛନ୍ତି।

# କଂଗ୍ରେସ ସାଂସଦ ରାକେଶ ରାଠୋର ଗିରଫ

ଲକ୍ଷ୍ନୌ, ୩୦।୧ (ଏଜେନ୍ସି): ଉତ୍ତର ପ୍ରଦେଶ ସୀତାପୁରର କଂଗ୍ରେସ ସାଂସଦ ରାକେଶ ରାଠୋରଙ୍କୁ ପୁଲିସ ତାଙ୍କ ବାସଭବନରୁ ଗିରଫ କରିଛି। ଏକ ଦୁଷ୍କର୍ମ ମାମଲାରେ ସେ ଦାଏର କରିଥିବା ଆଗୁଆ ଜାମିନ ଆବେଦନକୁ ଆହ୍ଲାବାଦ ହାଇକୋର୍ଟ ଖାରଜ କରିବାର ଦିନକ ପରେ ଗୁରୁବାର ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ନିୟମିତ ଜାମିନ ପାଇବାକୁ ହେଲେ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବା ପାଇଁ କୋର୍ଟ ତାଙ୍କୁ କହିଥିଲେ। ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ଗତ ୧୭ ତାରିଖରେ ରାଠୋରଙ୍କ ବିରୋଧରେ ଏହି ମାମଲା ରୁଜୁ କରିଥିଲା। ଅଭିଯୋଗକାରିଣୀ କହିଥିଲେ ଯେ ସାଂସଦ ତାଙ୍କୁ ଯୌନ ଉତ୍ପୀଡ଼ନ ଦେଉଥିଲେ। ବିବାହ ପ୍ରତିଶ୍ରୁତି ଦେଇ ୪ ବର୍ଷ ହେଲା ଦୁଷ୍କର୍ମ କରି ଚାଲିଥିଲେ। ପୀଡ଼ିତା ତାଙ୍କର କଲ୍ ବିବରଣୀ ଏବଂ ରେକର୍ଡିଂ ମଧ୍ୟ ପୁଲିସକୁ ପ୍ରଦାନ କରିଥିଲେ।



ସେହିପରି ଗତ ୨୨ ତାରିଖରେ ପୀଡ଼ିତାଙ୍କ ସ୍ୱାମୀ ଏହାକୁ ନେଇ ୫ ଜଣଙ୍କ ବିରୋଧରେ ଏତଲା ଦେଇଥିଲେ। ମାମଲା ସମାଧାନ କରିବା ଲାଗି ରାଠୋର ଏବଂ ତାଙ୍କ ପୁଅ ପରିବାର ଉପରେ ଚାପ ପକାଉଥିବା ଅଭିଯୋଗ କରିଥିଲେ। ସାଂସଦଙ୍କ ସହଯୋଗୀ ତାଙ୍କ ପତ୍ନୀଙ୍କ ବିରୋଧରେ ସୋସିଆଲ ମିଡିଆର ଖରାପ ମନ୍ତବ୍ୟ ଦେଇଥିବା କହିଥିଲେ। ଏହାକୁ ନେଇ ସୀତାପୁର ପୁଲିସ ୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଷାକ୍ତ ଯମୁନା ଜଳ ବିବାଦ

# କେଜ୍ରିୱାଲ-ଇସି ମୁହାଁମୁହିଁ



### ଯମୁନା ଜଳ ବିଷାକ୍ତ ହୋଇଥିବା ପ୍ରମାଣ ଦିଅ: ଇସି

### ଯଦି ସାହସ ଅଛି ତେବେ ପିଇକି ଦେଖ: କେଜ୍ରିୱାଲ

ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ଯମୁନା ବିଷାକ୍ତ ଜଳ ପ୍ରସଙ୍ଗକୁ ନେଇ ଏବେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏବଂ ନିର୍ବାଚନ କମିସନର ମୁହାଁମୁହିଁ ହୋଇଛନ୍ତି। ହରିୟାଣାର ବିଜେପି ସରକାର ଯମୁନା ନଦୀ ଜଳରେ ବିଷ ମିଶାଉଛନ୍ତି। ଯଦି ଏହି ଜଳ ଦିଲ୍ଲୀବାସୀ ପିଇଥାଆନ୍ତେ ତେବେ ଦିଲ୍ଲୀରେ ମହାପ୍ରଳୟ ଘଟିଥାଆନ୍ତା। କାରଣ ବିଷାକ୍ତ ପାଣି ପିଇ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥାଆନ୍ତା। କିନ୍ତୁ ଦିଲ୍ଲୀ ଜଳବୋର୍ଡ ଏହି ଭୟାନକ ସ୍ଥିତିକୁ ଦୂରେଇ ଦେବାକୁ ସକ୍ଷମ ହୋଇଛି। ଯମୁନା ଜଳ ବିଷାକ୍ତ ହୋଇଥିବା ଜାଣିବା ପରେ ଜଳବୋର୍ଡ ଏହି ପାଣିକୁ ବନ୍ଦ କରିଦେଇଥିଲା ଏବଂ ବିପଦ ହଟିଥିଲା ବୋଲି କେଜ୍ରିୱାଲ ଦୁଇ ଦିନ ତଳେ କହିବା ପରେ ନିର୍ବାଚନ କମିସନ ଆସନ୍ତାକାଲି ସୁଦ୍ଧା ଏହାର ପ୍ରମାଣ ମାଗିଛନ୍ତି। ଆସନ୍ତାକାଲି ୧୧ଟା ସୁଦ୍ଧା କେଜ୍ରିୱାଲ ଏହି ପ୍ରସଙ୍ଗରେ ସମସ୍ତ ତଥ୍ୟଗତ ପ୍ରମାଣ ଦେବାକୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ହରିୟାଣା ସରକାର ପାଣିରେ କି ପ୍ରକାରର ବିଷ ମିଶାଉଛନ୍ତି, ଯମୁନା ଜଳରେ ବିଷ ମିଶିଛି ବୋଲି କିଏ ନିର୍ଦ୍ଧାରଣ କରିଛି ଏବଂ ବିଷ ନିର୍ଦ୍ଧାରଣର ପ୍ରକ୍ରିୟା କ'ଣ ବୋଲି ଇସି ୫ଟି ପ୍ରଶ୍ନ କରିଛନ୍ତି। ଯମୁନା ଜଳରେ ଆମୋନିଆ ଅଂଶ ଅଧିକ ରହୁଛି ବୋଲି କେଜ୍ରିୱାଲ ଯେଉଁ ଅଭିଯୋଗ ଆଣିଛନ୍ତି ଇସି ତାହାକୁ ଗ୍ରହଣ କରିଥିବା କହିଛନ୍ତି। କିନ୍ତୁ ହରିୟାଣା ସରକାର ପାଣିରେ ବିଷ ମିଶାଇ ଜଳ ଆତଙ୍କବାଦ ଚଳାଇଛନ୍ତି ବୋଲି ଯେଉଁ ଟିପ୍ପଣୀ ଦେଇଛନ୍ତି ତାହାକୁ ନେଇ ଇସି ପ୍ରମାଣ ମାଗିଥିବା କୁହାଯାଉଛି। ତେବେ ଇସିଙ୍କ ଏଭଳି ପ୍ରଶ୍ନକୁ ନେଇ କେଜ୍ରିୱାଲ କ୍ଷୁବ୍ଧ ହେବା ସହିତ ଯଦି ସାହସ ଅଛି ତେବେ ଇସି ନିଜେ ଯମୁନା ଜଳ ପିଇ ଦେଖନ୍ତୁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ଆୟୋଗଙ୍କ ନିକଟକୁ ମୁଁ ୪ ବୋତଲ ପାଣି ପଠାଇ ଦେଉଛି। ସେମାନେ ଏହି ପାଣି ପିଅନ୍ତୁ ଏବଂ ପରୀକ୍ଷା କରି ଆମକୁ ଦେଖାନ୍ତୁ ବୋଲି କେଜ୍ରିୱାଲ କହିଛନ୍ତି।

### କେଜ୍ରିୱାଲଙ୍କ ବିରୋଧରେ ମାମଲା

ହରିୟାଣା ସରକାର ଯମୁନା ଜଳରେ ପାଣି ମିଶାଇ ଜଳ ଆତଙ୍କବାଦ ଚଳାଇଛନ୍ତି ବୋଲି କେଜ୍ରିୱାଲ କହିବା ପରେ ହରିୟାଣା ସରକାରଙ୍କ ପକ୍ଷରୁ ତାଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ ଧାରା ୫୬ ଅନୁସାରେ ମାମଲା ରୁଜୁ ହୋଇଛି। କେଜ୍ରିୱାଲ କୌଣସି ପ୍ରମାଣ ଏବଂ ତଥ୍ୟ ବିନା ଏଭଳି କଥା କହି ଦିଲ୍ଲୀବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିବାରୁ ଏହି ଆଇନ ଅଧୀନରେ ମାମଲା ରୁଜୁ ହୋଇଥିବା କୁହାଯାଇଛି।



# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଘରେ ଚଢ଼ଉ

ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ଆସନ୍ତା ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବାକୁ ଯାଉଛି। ଏହା ପୂର୍ବରୁ ନିର୍ବାଚନ କମିଶନ (ଇସି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ଦିଲ୍ଲୀ ସ୍ଥିତ କପୁରଥଲା ହାଉସ୍‌ରେ ଇସି ଟିମ୍ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଚଢ଼ଉ କରାଯାଇଛି। ଏଥିପାଇଁ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ମାନ୍‌ଙ୍କ ବାସଭବନ ବାହାରେ ପୁଲିସ ପହରା ଦେଉଛି। ତେବେ ପୁଲିସ ଏବଂ ଇସି ଟିମ୍‌କୁ ୯୦ ମିନିଟ ପର୍ଯ୍ୟନ୍ତ ବାହାରେ ଅଟକାଇ ଦିଆଯାଇଥିଲା। ଏହା ପରେ ଭିତରେ ପ୍ରବେଶ କରିବାକୁ ଅନୁମତି ମିଳିଥିଲା।

ଇସି ପକ୍ଷରୁ କୁହାଯାଇଛି ଯେ ମାନ୍‌ଙ୍କ ବାସଭବନରୁ ଟଙ୍କା ବଣ୍ଟା ଯାଉଥିବା ନେଇ ଅଭିଯୋଗ ହୋଇଛି। ସିଭିଜିଲ ଆପ୍‌ରେ ଏହି ଅଭିଯୋଗ ଆସିଛି। ଶହେ ମିନିଟ ମଧ୍ୟରେ ଏହାର ସମାଧାନ କରିବାକୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ମାତ୍ର ମାନ୍‌ଙ୍କ ବାସଭବନରେ ଫ୍ଲାଇଁ ସ୍କ୍ୱାର୍ଡ ଟିମ୍ (ଏଫ୍‌ଏସ୍‌ଟି)କୁ ପ୍ରବେଶ କରିବାକୁ ପ୍ରଥମେ ଅନୁମତି ଦିଆଯାଇ ନ ଥିଲା। ତେଣୁ ଜଣେ କ୍ୟାମେରା ବାଲାଙ୍କ ସହ ଟିମ୍‌କୁ ପ୍ରବେଶ ଅନୁମତି ପାଇଁ ଅନୁରୋଧ କରିବାକୁ ଆସିଛି ବୋଲି ରିଟର୍ଣ୍ଣି ଅଧିକାରୀ ଓପି ପାଣ୍ଡେ କହିଛନ୍ତି।

ଏହି ଚଢ଼ଉକୁ ନେଇ ମୁଖ୍ୟମନ୍ତ୍ରୀ ମାନ୍ ବିଜେପି ଏବଂ ଇସିକୁ ସମାଲୋଚନା କରିଛନ୍ତି। ପଞ୍ଜାବୀଙ୍କୁ ଅପମାନିତ କରାଯାଉଛି ବୋଲି କହିଛନ୍ତି। ବିଜେପି ଖୋଲାଖୋଲି ଭାବେ ଦିଲ୍ଲୀରେ ଟଙ୍କା ବାଣ୍ଟୁଛି। ମାତ୍ର ଇସି ଏବଂ ଦିଲ୍ଲୀ ପୁଲିସ ଏ ସବୁ ଦେଖାଯାଉ ନାହିଁ। ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସେହିପରି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ବିଜେପି ନେତା ଖୋଲାଖୋଲି ଭାବେ ଟଙ୍କା ଏବଂ ଅନ୍ୟ ସାମଗ୍ରୀ ବାଣ୍ଟୁଛନ୍ତି। ମାତ୍ର ଇସି ଏବଂ ପୁଲିସ ଟିମ୍ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଘରେ ଚଢ଼ଉ କରୁଛି। ଅନ୍ୟପକ୍ଷରେ ଆପ୍ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛି। ଏଥିରେ କୈଳାଶ ଗେହଲଟ ଟଙ୍କା ବାଣ୍ଟୁଥିବା ଅଭିଯୋଗ କରାଯାଇଛି।

# କ୍ରସ୍ ଭୋଟିଂରେ ଚଣ୍ଡିଗଡ଼ ମେୟର ପଦ ହାତେଇଲା ବିଜେପି



### ବହୁମତ ସତ୍ତ୍ୱେ ହାରିଲେ ଆପ୍-କଂଗ୍ରେସ ମେଣ୍ଟ ପ୍ରାର୍ଥୀ

ଚଣ୍ଡିଗଡ଼, ୩୦।୧ (ଏଜେନ୍ସି): ଚଣ୍ଡିଗଡ଼ ମେୟର ନିର୍ବାଚନରେ ପୁଣି ବିଜେପି ବାଜି ମାରିନେଇଛି। ଆମ୍ ଆଦମୀ ପାର୍ଟି (ଆପ୍) ଏବଂ କଂଗ୍ରେସ ମେଣ୍ଟର ପ୍ରାର୍ଥୀ ପ୍ରେମଲତାଙ୍କୁ ବିଜେପି ପ୍ରାର୍ଥୀ ହରପ୍ରୀତ କୌର ବାବଲା ହରାଇ ଦେଇଛନ୍ତି। ତେବେ କ୍ରସ ଭୋଟିଂ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଏହି ନିର୍ବାଚନରେ ବିଜେପିକୁ ୧୯ ଏବଂ କଂଗ୍ରେସ-ଆପ୍ ମେଣ୍ଟ ପ୍ରାର୍ଥୀଙ୍କୁ ୧୭ ଭୋଟ୍ ମିଳିଥିଲା। କାଉନସିଲର ଏବଂ ସାଂସଦଙ୍କୁ ମିଶାଇ ଚଣ୍ଡିଗଡ଼ ପୌରପାଳିକା (ସିଏମସି)ରେ ମୋଟ ୩୫ ସଦସ୍ୟ ଅଛନ୍ତି। ଏମାନଙ୍କ ମଧ୍ୟରେ ବିଜେପିର ୧୫, ଆପ୍‌ର ୧୩, କଂଗ୍ରେସର ୬ କାଉନସିଲର ଏବଂ ସାଂସଦ ମନୀଷ ତିୱାରୀଙ୍କ ଭୋଟ ସାମିଲ ରହିଛି। ତେବେ ନିର୍ବାଚନ ପୂର୍ବରୁ କଂଗ୍ରେସ କାଉନସିଲର ଗୁରୁବାକ୍ସ ରାୱତ ବିଜେପିରେ ସାମିଲ ହୋଇଥିବାରୁ ଭୋଟ ସଂଖ୍ୟା ୧୬କୁ ବୃଦ୍ଧି ପାଇଥିଲା। ଏହା ସତ୍ତ୍ୱେ ଆପ୍-କଂଗ୍ରେସ ପାଖରେ ବହୁମତ ଥିଲା। ମେୟର ନିର୍ବାଚନ ପାଇଁ ଗୋପନୀୟ ଭାବେ ମତଦାନ ହୋଇଥିଲା। ଏହାର ଫଳାଫଳ କଂଗ୍ରେସ-ଆପ୍ ମେଣ୍ଟକୁ ବଡ଼ ଝଟ୍‌କା ଦେଇଥିଲା। କିଛି ସଦସ୍ୟଙ୍କ କ୍ରସ ଭୋଟିଂ କରିବାରୁ ଏହି ମେଣ୍ଟର ପ୍ରାର୍ଥୀ ପରାଜିତ ହୋଇଥିଲେ।

୨୦୨୪ ମେୟର ନିର୍ବାଚନରେ ମଧ୍ୟ ଜାଲିଆତି ହୋଇଥିଲା। ସେତେବେଳେ ନିର୍ବାଚନ ଅଧିକାରୀ ଭୋଟ୍‌କୁ ନାକଚ କରିଦେଇଥିଲେ। ଏହା ଦ୍ୱାରା ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏହି ସବୁ ଘଟଣା ସିସିଟିଭିରେ କଏଦ ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ଥିଲା। ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ବିଜେପିକୁ ତୀବ୍ର ଭର୍ତ୍ସନା କରିଥିଲେ। ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି କହିଥିଲେ। ପୁଣିଥରେ ଭୋଟ ଗଣତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆପ୍‌ର କୁଲଦୀପ ଟିଟା ବିଜୟୀ ହୋଇଥିଲେ। ପୂର୍ବ ସ୍ଥିତିକୁ ଦେଖି ଚଳିତ ଥର ସୁପ୍ରିମକୋର୍ଟ ଏହି ନିର୍ବାଚନ ପାଇଁ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜୟଶ୍ରୀ ଠାକୁରଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିଲେ। ମତଦାନର ଭିଡିଓ ରେକର୍ଡିଂ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

### କର୍ମଚାରୀଙ୍କୁ ୭୦ କୋଟିର ବୋନସ ଦେଲା କମ୍ପାନୀ

# ଯେତେ ଗଣିବେ ସେତେ ନେଇପାରିବେ

ବେଜିଂ, ୩୦।୧ (ଏଜେନ୍ସି): ଚୀନ୍‌ର ଏକ କ୍ରେନ କମ୍ପାନୀ ନିଜ କର୍ମଚାରୀଙ୍କ ପାଇଁ ବଡ଼ ଘୋଷଣା କରିଛି। ଏହି କମ୍ପାନୀ ବର୍ଷ ଶେଷର ବୋନସ୍ ଭାବେ କର୍ମଚାରୀଙ୍କୁ ୧୧ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୭୦ କୋଟି ଟଙ୍କା ଦେବାକୁ କହିଛି। ତେବେ ଏହି ଅର୍ଥ ନେବାକୁ ଅଜବ ସର୍ତ୍ତ ରଖାଯାଇଛି। ଏକ ଟେବୁଲ୍‌ରେ ନୋଟ ଗଦା ହୋଇ ରଖାଯାଇଛି। ଏଥିରୁ ଯେତେ ନୋଟ୍ ଗଣିପାରିବେ ସେତେ ଘରକୁ ନେଇଯିବାକୁ କର୍ମଚାରୀଙ୍କୁ କୁହାଯାଇଛି। ମାତ୍ର ଏଥିପାଇଁ ସର୍ବାଧିକ ୧୫ ମିନିଟ ସମୟ ଦିଆଯାଇଛି। ହେନାନ ମାଇନିଂ କ୍ରେନ କୋ. ଲିମିଟେଡ କମ୍ପାନୀର ଏହି ଘୋଷଣାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ହେଉଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ଏକ ଲମ୍ବା ଟେବୁଲ ଉପରେ ନୋଟ୍ ରଖାଯାଇଛି। ଏହା ଚାରିପଟେ କର୍ମଚାରୀ ଛିଡ଼ା ହୋଇଛନ୍ତି। ଜଣେ କର୍ମଚାରୀ ସମୟସୀମା ମଧ୍ୟରେ ଏଥିରୁ ଲକ୍ଷେ ୟୁଆନ ଅର୍ଥାତ୍ ପ୍ରାୟ ୧୨.୦୭ ଲକ୍ଷ ଟଙ୍କା ଗଣି ପାରିଛନ୍ତି।

ହେନାନ କମ୍ପାନୀର ଏହି ଅଫର ଉପରେ କିଛି ଲୋକ ଆଶ୍ଚର୍ଯ୍ୟ ପ୍ରକାଶ କରିଥିବାବେଳେ ଆଉ କିଛି ଖୁସି ହୋଇଛନ୍ତି। କିଛି ଲୋକ କମ୍ପାନୀର ଉଦାରତାକୁ ପ୍ରଶଂସା କରିଥିବାବେଳେ ଅନ୍ୟମାନେ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଣେ ବ୍ୟକ୍ତି କହିଛନ୍ତି ଯେ କମ୍ପାନୀ ନିଜ କର୍ମଚାରୀଙ୍କୁ ସର୍କସରେ ସାମିଲ କରିଛି। ଏପରି କରି କର୍ମଚାରୀଙ୍କୁ ଅପମାନିତ କରାଯାଇଛି। ସେ ଏହାକୁ ତଦ୍ରୂପ କ୍ରୀଡ଼ା କହିଛନ୍ତି। ଏହା ପୂର୍ବରୁ ୨୦୨୩ରେ ମଧ୍ୟ ହେନାନ କମ୍ପାନୀ ଚର୍ଚ୍ଚାରେ ରହିଥିଲା। କମ୍ପାନୀ ଏକ ରାତ୍ରିଭୋଜନ କାର୍ଯ୍ୟକ୍ରମରେ ନିଜ କର୍ମଚାରୀଙ୍କୁ ଟଙ୍କା ବାଣ୍ଟିଥିଲା।

# ବାଂଲାଦେଶକୁ ସ୍ୱିଜରଲାଣ୍ଡ ସହାୟତା ବି ବନ୍ଦ

ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାର ମୁଖିଆ ମହମ୍ମଦ ୟୁନୁସ୍‌ଙ୍କ ପାଇଁ ଚିନ୍ତା ବଢିବାରେ ଲାଗିଛି। ରାଜନୈତିକ ଏବଂ ଅର୍ଥନୈତିକ ଦିଗର ବିଭିନ୍ନ କାରଣକୁ ନେଇ ବାଂଲାଦେଶକୁ ବିଦେଶୀ ସହାୟତା ବନ୍ଦ ହେବାରେ ଲାଗିଥିବାରୁ ଆଗାମୀ ଦିନରେ ୟୁନୁସ୍ ସରକାରଙ୍କ ପାଇଁ କଠିନ ଆହ୍ୱାନ ସୃଷ୍ଟି ହେବାକୁ ଯାଉଛି। ୪ ଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଂଲାଦେଶକୁ ନେଇ ବଡ଼ ନିଷ୍ପତ୍ତି ଗ୍ରହଣ କରିଥିଲା ବେଳେ ବାଂଲାଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ଆମେରିକା ଯୋଗାଉଥିବା ପାଣ୍ଠି ସହାୟତା ବନ୍ଦ କରାଯିବ ବୋଲି ଘୋଷଣା କରିଥିଲେ। ଏହାପରେ ବିଦେଶୀ ରାଷ୍ଟ୍ରଙ୍କୁ ପାଣ୍ଠି ଯୋଗାଉଥିବା ଆମେରିକାର 'ୟୁଏସ୍-ଏଡ୍' ଏଜେନ୍ସି ବାଂଲାଦେଶକୁ କୌଣସି ଦିଗରେ ଆଉ ପାଣ୍ଠି ସହାୟତା କରିବ ନାହିଁ ବୋଲି ସ୍ପଷ୍ଟ କରିଥିଲା। ଏହି ଘଟଣାର ୪ ଦିନ ପରେ ସ୍ୱିଜରଲାଣ୍ଡ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଛି। ସ୍ୱିଜରଲାଣ୍ଡ ବାଂଲାଦେଶକୁ ବିଭିନ୍ନ କ୍ଷେତ୍ରର ଉନ୍ନୟନ ଓ ବିକାଶ ପାଇଁ ଦେଉଥିବା ଅର୍ଥ ଉପରେ ରୋକ୍ ଲାଗିବ ବୋଲି ଏଠାକାର ସରକାର ଗୁରୁବାର ଘୋଷଣା କରିଛନ୍ତି। ଏଥିପାଇଁ ସ୍ୱିଜରଲାଣ୍ଡ ସଂସଦରେ ନିଷ୍ପତ୍ତି ନିଆଯିବା ସହିତ ୨୦୨୫ ପାଇଁ ଆନ୍ତର୍ଜାତିକ ସହଯୋଗ ପାଣ୍ଠି ରାଶିରେ ହ୍ରାସ କରାଯାଇଛି। ବାଂଲାଦେଶ ସମେତ ୩ଟି ଦେଶକୁ ସ୍ୱିଜରଲାଣ୍ଡ ୨୦୨୮ ସୁଦ୍ଧା ସମସ୍ତ ସହାୟତା ବନ୍ଦ କରିବ ବୋଲି କୁହାଯାଇଛି।



ଏହାଦ୍ୱାରା ବାଂଲାଦେଶର ଅର୍ଥନୀତି ବହୁମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି। କାରଣ ବାଂଲାଦେଶରେ ବିଭିନ୍ନ କ୍ଷେତ୍ରର ବିକାଶ ଏବଂ ଅଭିବୃଦ୍ଧି ଲାଗି ଆମେରିକାର 'ୟୁଏସଏଡ୍' ଏଜେନ୍ସି ସର୍ବାଧିକ ହାରରେ ଅର୍ଥ ସହାୟତା ଯୋଗାଇ ଥାଏ। କିନ୍ତୁ ଏହି ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନାଗୁଡ଼ିକୁ ତୁରନ୍ତ ରଦ୍ଦ କରିଦିଆଯିବା ସହିତ ଏଥିପାଇଁ ହୋଇଥିବା ଚୁକ୍ତିକୁ ମଧ୍ୟ ଟ୍ରମ୍ପ ପ୍ରଶାସନ ବାତିଲ କରିଦେଇଛି। ଏହାପରେ ସ୍ୱିଜରଲାଣ୍ଡର ନିଷ୍ପତ୍ତିକୁ ନେଇ ବାଂଲାଦେଶର ଅନ୍ତରୀଣ ୟୁନୁସ୍ ସରକାର ହରଡ଼ ଘଣାରେ ପଡ଼ିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

## କୁମ୍ଭାଶ୍ଚର୍ଯ୍ୟ...

# ୨୭ ବର୍ଷ ହେଲା ଖୋଜୁଥିଲେ ପରିବାର ଲୋକେ; କୁମ୍ଭମେଳାରେ ପାଇଲେ !



ପ୍ରୟାଗରାଜ,୩୦।୧(ଏଜେନ୍ସି): ପ୍ରାୟ ୨୭ ବର୍ଷ ତଳେ ଘର ଛାଡିଥିଲେ ଗଙ୍ଗାସାଗର ଯାଦବ। ସେବେ ଠାରୁ ପରିବାର ଲୋକେ ତାଙ୍କୁ ଖୋଜିବାରେ ଲାଗିଥିଲେ। କିନ୍ତୁ ୨୭ ବର୍ଷ ପରେ ପରିବାର ଲୋକ ମହାକୁମ୍ଭରେ ପାଇଛନ୍ତି। ହେଲେ ଗଙ୍ଗାସାଗର ଏବେ ବାବା ରାଜକୁମାର। ସେ ସଂସାରୀ ମଣିଷରୁ ଅଘୋରୀ ବାବା ବନିଯାଇଛନ୍ତି। ପରିବାର ଲୋକେ ତାଙ୍କୁ ଚିହ୍ନିଥିଲେ ବି ସେ ନିଜ ପରିବାର ସଦସ୍ୟଙ୍କୁ ଚିହ୍ନିବାକୁ ନାରାଜ। ସତ୍ୟାସତ୍ୟ ଜାଣିବାକୁ ପରିବାର ଲୋକ ବାବା ରାଜକୁମାରଙ୍କ ଡିଏନଏ ପରୀକ୍ଷା କରିବାକୁ ମଧ୍ୟ ଦାବି କରିଛନ୍ତି। ଏଭଳି ଏକ ଘଟଣା ମହାକୁମ୍ଭ ମେଳାରେ ଦେଖିବାକୁ ମିଳିଛି। ୧୯୯୮ ମସିହାରେ ଝାଡ଼ଖଣ୍ଡର ଧାନବାଦରୁ ନିଖୋଜ ହୋଇଯାଇଥିଲେ ଗଙ୍ଗାସାଗର ଯାଦବ । ସାନଭାଇର ବିବାହ ଉତ୍ସବ ଚାଲିଥିବା ବେଳେ ସେ ଶାଢି କିଣିବାକୁ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ପତ୍ତା ପାଇନଥିଲେ । ନିକଟରେ ଜଣେ ସମ୍ପର୍କୀୟ କୁମ୍ଭମେଳାରେ ଅଘୋରୀ ବାବା ରାଜକୁମାରଙ୍କୁ ଦେଖି ପରିବାର ଲୋକଙ୍କୁ ତାଙ୍କର ଏକ ଭିଡିଓ ପଠାଇଥିଲେ । ଏହାପରେ ଗଙ୍ଗାସାଗରଙ୍କ ପତ୍ନୀ ଧନଓ୍ୱା ଦେବୀ ତାଙ୍କର ଅନ୍ୟ ଦୁଇ ପୁଅ କମଳେଶ, ବିମଳେଶ ଓ ତାଙ୍କ ଭାଇ ମୁରଲୀ ଯାଦବ କୁମ୍ଭମେଳାରେ ପହଞ୍ଚି ତାଙ୍କ ସହ କଥା ହୋଇଥିଲେ । ହେଲେ ବାବା ରାଜକୁମାର କାହାକୁ ବି ଚିହ୍ନିନଥିଲେ। ସେ ଗଙ୍ଗାସାଗର ନୁହନ୍ତି ବୋଲି ମନା କରିବା ସତ୍ତ୍ୱେ ଏହାକୁ ପରିବାର ସଦସ୍ୟ ମାନି ନଥିଲେ। ଏପରିକି ପରିବାର ଲୋକେ ଗଙ୍ଗାସାଗରଙ୍କ କପାଳ ଓ ଆଣ୍ଠୁରେ ଥିବା ଆଘାତ ଚିହ୍ନ ବି ଦେଖାଇଥିଲେ। କିନ୍ତୁ ଗଙ୍ଗାସାଗର ଯାଦବଙ୍କ ସହ କୌଣସି ସମ୍ପର୍କ ନଥିବା କହିଛନ୍ତି ଅଘୋରୀ ବାବା ରାଜକୁମାର । ଏପରିକି ସେ ଝାଡ଼ଖଣ୍ଡ ନୁହେଁ ବରଂ ବାରାଣସୀରୁ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ପରିବାର ଲୋକ ତାଙ୍କର ମୋହ ତୁଟାଇପାରି ନାହାନ୍ତି। ବାବା ରାଜକୁମାର ପ୍ରକୃତରେ ଗଙ୍ଗାସାଗର ଯାଦବ କି ନୁହେଁ ତାହା ଜାଣିବାକୁ ଡିଏନଏ ଟେଷ୍ଟ କରିବାକୁ ସେମାନେ ଦାବି କରିଛନ୍ତି । ସେମାନେ କୁମ୍ଭମେଳା ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବେ । ଡିଏନଏ ପରୀକ୍ଷା ରିପୋର୍ଟ ଯଦି ସତ୍ୟ ନ ହୁଏ ତେବେ ବାବା ରାଜକୁମାରଙ୍କୁ କ୍ଷମା ପ୍ରାର୍ଥନା କରିବେ ବୋଲି ଗଙ୍ଗାସାଗରଙ୍କ ପତ୍ନୀ କହିଛନ୍ତି ।

### ରାହା ଦେଖାଇଲେ ପ୍ରେମିକା

# ଦାନ୍ତକାଠି ବିକି ସପ୍ତାହକୁ ୪୦ ହଜାର ଆୟ କରୁଛନ୍ତି ଯୁବକ

ପ୍ରୟାଗରାଜ, ୩୦।୧ (ଏଜେନ୍ସି): ବିଶ୍ୱର ସବୁଠୁ ବଡ଼ ମେଳା ମହାକୁମ୍ଭ ଅନେକ ଲୋକଙ୍କୁ ରୋଜଗାର ଯୋଗାଇଛି। କିଏ ରୁଦ୍ରାକ୍ଷ ବିକି ପ୍ରସିଦ୍ଧି ଅର୍ଜନ କରିଛି ତ ଆଉ କିଏ ନିଜ ବେଶଭୂଷା ପାଇଁ ଚର୍ଚ୍ଚାରେ ରହିଛି। ଏବେ ଆଉ ଜଣେ ଯୁବକ ବ୍ୟବସାୟ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବିନା ନିବେଶରେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ମହାକୁମ୍ଭ ମେଳାରେ ଦାନ୍ତକାଠି ବିକି ସେ ସପ୍ତାହକୁ ୪୦ ହଜାର ଟଙ୍କା ରୋଜଗାର କରିଛନ୍ତି। ସେ ଏହାର ଶ୍ରେୟ ନିଜ ପ୍ରେମିକାଙ୍କୁ ଦେଇଛନ୍ତି। ମେଳାରେ ଦାନ୍ତକାଠି ବିକ୍ରି କରିବାକୁ ପ୍ରେମିକା ଅନୁପ୍ରାଣିତ କରିଥିଲେ ବୋଲି ଗର୍ବର ସହ କହିଛନ୍ତି। ନୀଳ ଜ୍ୟାକେଟ ପିନ୍ଧି ହାତରେ ଦାନ୍ତକାଠି ଧରି ହସ ହସ ମୁହଁରେ ନିଜ ବ୍ୟବସାୟିକ ଯୋଜନା ବିଷୟରେ କହୁଥିବା ଏହି ଯୁବକଙ୍କ ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଯୁବକ ଭିଡିଓରେ କହୁଛନ୍ତି ଯେ କୌଣସି ଟଙ୍କା ଖର୍ଚ୍ଚ ନ କରି ଦାନ୍ତକାଠି ବିକିବାକୁ ପ୍ରେମିକା ତାଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ମାଗଣାରେ ନେଇ ହେବ ବୋଲି କହିଥିଲେ। ପ୍ରେମିକାଙ୍କ ପାଇଁ ସେ ଏତେ ଟଙ୍କା ରୋଜଗାର କରିପାରିଲେ। ଲୋକେ ଏହି ଯୁବକଙ୍କ ସଚ୍ଚୋଟତାକୁ ଖୁବ୍ ପ୍ରଶଂସା କରୁଛନ୍ତି।



# କୋରାନ ପୋଡ଼ିଥିବା ବ୍ୟକ୍ତିଙ୍କୁ ହତ୍ୟା

ଷ୍ଟକହୋମ୍,୩୦।୧(ଏଜେନ୍ସି): ସ୍ୱିଡେନରେ କୋରାନ ପୋଡି ଦେଇଥିବା ସାଲୱାନ ମୋମିକା ନାମକ ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସାଲୱାନ ୨୦୨୩ରେ ବହୁବାର କୋରାନର ନକଲ ପୋଡ଼ି ଦେଇଥିଲେ। ସାଲୱାନ ଇରାକୀ ବଂଶୋଦ୍ଭବ ଭାବେ ଖ୍ରୀଷ୍ଟିଆନ ନାଗରିକ ହୋଇଥିଲାବେଳେ ଇସଲାମକୁ ନେଇ ତାଙ୍କ ଭିତରେ ବିଦ୍ୱେଷ ମନୋଭାବ ରହିଥିଲା। ଧର୍ମପୁସ୍ତକ ପୋଡ଼ିବା ମାମଲାରେ ତାଙ୍କୁ କୋର୍ଟରେ ହାଜର କରାଯିବାର ଥିଲା। ତେବେ ଏଠାରେ ଗୁଳିକାଣ୍ଡରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ୱିଡେନ୍ ଗଣମାଧ୍ୟମ ରିପୋର୍ଟ କରିଛି। ସଲୱାନଙ୍କୁ କିଏ ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ। ଅନେକ ବିକ୍ଷୋଭ ସମୟରେ ସେ ଏହି ଧର୍ମପୁସ୍ତକ ଜାଳିଥିଲେ, ଯାହାକୁ ସାରା ବିଶ୍ୱର ମୁସଲମାନମାନେ ସମାଲୋଚନା କରିଥିଲେ।

# ପୂର୍ବତନ ବିଚାରପତିଙ୍କ ପୁନଃ ନିଯୁକ୍ତି ଲାଗି ସୁପାରିସ କରିପାରିବେ ହାଇକୋର୍ଟ

ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ବଡ଼ ରାୟ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତିଙ୍କୁ ଅସ୍ଥାୟୀ ବିଚାରପତି ନିଯୁକ୍ତି ପାଇଁ ହାଇକୋର୍ଟଗୁଡିକ ସୁପାରିସ କରିପାରିବେ ବୋଲି ସିଜେଆଇ ସଞ୍ଜୀବ ଖାନ୍ନା, ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି। ତେବେ ଏହି ସୀମା ୧୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସ୍ଥାୟୀ ବିଚାରପତିଙ୍କ ସହ ଅସ୍ଥାୟୀ ବିଚାରପତି ଖଣ୍ଡପୀଠରେ ସାମିଲ ହୋଇପାରିବେ।

# ପତ୍ନୀଙ୍କୁ ମାରି ସିଆରପିଏଫ ଯବାନଙ୍କ ଆତ୍ମହତ୍ୟା

ଭୋପାଳ, ୩୦।୧ (ଏଜେନ୍ସି): ମଧ୍ୟପ୍ରଦେଶ ଭୋପାଳର ମିଶରୋଦ ଅଞ୍ଚଳରେ ରହୁଥିବା ସିଆରପିଏଫ ଯବାନ ରବିକାନ୍ତ ବର୍ମା (୩୫) ବୁଧବାର ରାତିରେ ନିଜ ସର୍ଭିସ ରିଭଲଭର୍‌ରୁ ପତ୍ନୀ ରେଣୁ ବର୍ମା (୩୨)ଙ୍କୁ ଗୁଳି ମାରି ହତ୍ୟା କରିଛନ୍ତି। ପରେ ପୁଲିସ ନିୟନ୍ତ୍ରଣ କକ୍ଷକୁ ଏହାର ସୂଚନା ଦେଇ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ଏହି ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

■ ୧୮ ବର୍ଷ ଧରି ପରିବାରକୁ ସାମାଜିକ ବାସନ୍ଦ

## ହାଇକୋର୍ଟରେ ହାଜର ହେଲେ ମୟୂରଭଞ୍ଜ ଏସ୍‌ପି ଓ ବାଙ୍ଗିରିପୋଷି ଥାନା ଅଧିକାରୀ

**କଟକ,୩୦ ।୧(ସମିସ):** ୧୮ ବର୍ଷ ତଳେ କଙ୍ଗାରୁ କୋର୍ଟ କରି ଏକ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ତଥା ନିକଟରେ ଆବେଦନକାରୀଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ମଧ୍ୟ ଗାଁ ଶ୍ମଶାନରେ ଶବଦାହ ପାଇଁ ଅନୁମତି ଦିଆନଯିବା ପ୍ରସଙ୍ଗରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ କ୍ରମେ ଆଜି ଏହି ମାମଲାରେ ମୟୂରଭଞ୍ଜ ଏସ୍‌ପି ଓ ବାଙ୍ଗିରିପୋଷି ଥାନା ଅଧିକାରୀ ଅଦାଲତରେ ଭର୍ଚୁଆଲରେ ହାଜର ହୋଇଥିଲେ । ଘଟଣାସ୍ଥଳ ଅନୁଧ୍ୟାନ କରି ସତ୍ୟପାଠ ଦେବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ବିଶୃଙ୍ଖଳାସୃଷ୍ଟିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଅଦାଲତଙ୍କୁ ଅବଗତ କରାଇବେ ବୋଲି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପୀଡ଼ିତ ପରିବାର ପକ୍ଷରୁ ମୃତକାଙ୍କ ଶୁଦ୍ଧିକ୍ରିୟା କିପରି ସମ୍ପନ୍ନ ହେବ, ତାହାକୁ ଏସ୍‌ପି ନଜର ରଖିବେ । ଆବେଦନକାରୀ ତାଙ୍କର ଚାଷ ଜମିରୁ ଫସଲ ଅମଳ ପାଇଁ ପୁଲିସ ସୁରକ୍ଷା ଯୋଗାଇଦେବ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ ଯେ, ଗୁଣିଗାରେଡ଼ି ସନ୍ଦେହରେ ଆବେଦନକାରୀଙ୍କ ପରିବାରକୁ ୧୮ ବର୍ଷ ତଳେ ବାସନ୍ଦ କରାଯାଇଥିଲା । ନିକଟରେ ଆବେଦନକାରୀଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା ବେଳେ ଗାଁ ଶ୍ମଶାନରେ ଶବଦାହ ପାଇଁ ଅନୁମତି ମିଳିନଥିଲା । ସେହିପରି ଫସଲ ମଧ୍ୟ ଅମଳ କରିବାକୁ ଦେଇନଥିଲେ ବିଶୃଙ୍ଖଳାକାରୀ । ଏହା ବିରୋଧରେ ସେ ବାଙ୍ଗିରିପୋଷି ଥାନାରେ ଏତଲା ଦେଇଥିଲେ ମଧ୍ୟ ପୁଲିସ୍ କୌଣସି ପଦକ୍ଷେପ ନ ନେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରି ୨୫କୁ ଧାର୍ଯ୍ୟ କରାଯାଇଛି ।

## ରତନେଇ ଜଙ୍ଗଲରେ ହାତୀର ମୃତଦେହ ଠାବ

**ବ୍ରହ୍ମପୁର/ସାନଖେମୁଣ୍ଡି,୩୦ ।୧(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପାଟପୁର ବନ ବିଭାଗ ଅଧୀନ ରତନେଇ ଜଙ୍ଗଲରେ ପୁଣି ଏକ ହାତୀର ମୃତ୍ୟୁ ଘଟିଛି । ଗୁରୁବାର ଭୀନଗର ଗ୍ରାମ ନିକଟ ରତନେଇ ପାହାଡ଼ ପାଦଦେଶରୁ ବନବିଭାଗ ହାତୀଟିର ମୃତଦେହ ଠାବ କରିଛି । ତେବେ କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି, ତାହା ଜଣାପଡ଼ିନାହିଁ । ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି

■ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଲା ବନ ବିଭାଗ

■ ମାସକ ଭିତରେ ବନଖଣ୍ଡରେ ମଲେଣି ଦୁଇ ହାତୀ

ଖୋଖର ସୂଚନା ଦେଇଛନ୍ତି । ମୃତ ହାତୀର ବୟସ ପାଖାପାଖି ୨୫ବର୍ଷ ହୋଇଥିବା ଅନୁମାନ କରାଯାଉଛି । ଶୁକ୍ରବାର ହାତୀର ବ୍ୟବଚ୍ଛେଦ କରି ପୋତାଯିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅପରପକ୍ଷେ, ଏହି ବନଖଣ୍ଡରେ ମାସକ ଭିତରେ ୨ଟି ହାତୀର ମୃତ୍ୟୁ ଘଟିସାରିଲାଣି । ଗତ ୨ ତାରିଖରେ ଗଙ୍ଗାପୁର ପଞ୍ଚାୟତ ଡେପାଗୁଡା ଗ୍ରାମ ନିକଟରେ ବନ ବିଭାଗ ଏକ ମାଈହାତୀର ମୃତଦେହ ଠାବ କରିଥିଲା ।

ସୂଚନାଯୋଗ୍ୟ, ପ୍ରାୟ ୬ ଦିନ ହେବ, ଗୋଟିଏ ସ୍ଥାନରେ ହାତୀପଲ ରହି ଆସୁଥିବା ବେଳେ ବନବିଭାଗ ଡ୍ରୋନ୍ କ୍ୟାମେରା ଜରିଆରେ ସେମାନଙ୍କ ଗତିବିଧି ନିରୀକ୍ଷଣ କରି ଆସୁଥିଲେ । ଗୁରୁବାର ଅପରାହ୍ନରେ ପାହାଡ଼ ନିକଟରେ ହାତୀଟି ମରି ପଡ଼ିଥିବା ଦେଖିବାକୁ ପାଇଥିଲା । ଅନ୍ୟ ଏକ ସ୍ଥାନରେ ୩ ଟିକିଆ ହାତୀପଲ ରହିଥିବା ଜଣାପଡ଼ିଥିଲା । ପାଟପୁର ବନ ଅଧିକାରୀ ପ୍ରମୋଦ କୁମାର ନାୟକ ହାତୀର ମୃତଦେହ ପଡ଼ିଥିବା ସ୍ଥାନକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ । ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ, ବ୍ରହ୍ମପୁର ଡିଏଫ୍‌ଓ ସୋନି ଖୋଖର, ଗଜପତି ଡିଏଫଓ



ଏସ ଆନନ୍ଦ, ବିଦ୍ୟୁତ ବିଭାଗ କର୍ମଚାରୀ, ସାନଖେମୁଣ୍ଡି ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରବୀଣ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି ।

ଖୋର୍ଦ୍ଧା ଜିଲ୍ଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ କୁମାର ମଲ୍ଲିକ କହିଛନ୍ତି ଯେ ହାତୀପଲ ଫସଲ ନଷ୍ଟ କରୁଛି ସତ କିନ୍ତୁ ସେ ତୁଳନାରେ ଚାଷୀ କ୍ଷତିପୂରଣ ପାଉନି । ଏଣୁ କ୍ଷତିପୂରଣ ରାଶି ବୃଦ୍ଧି ହେଲେ ଚାଷୀ ମଧ୍ୟ ହାତୀପଲ ପ୍ରତି ଏତେଟା ଗୁରୁତ୍ୱ ଦେବନାହିଁ । ଏହା ଯଦି ସରକାର କରନ୍ତି ତେବେ ଅନେକାଂଶରେ ହାତୀ ସୁରକ୍ଷିତ ରହିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

## ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ୩୪.୫ ଲକ୍ଷ ଠକେଇ

**ବ୍ରହ୍ମପୁର, ୩୦ ।୧(ସମିସ):** ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ସାଇବର୍ ଠକମାନେ ଜଣେ ମହିଳାଙ୍କଠାରୁ ୩୪ ଲକ୍ଷ ୫୦ହଜାର ଟଙ୍କା ଠକି ନେଇଛନ୍ତି । ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ହୋଇଛି । ଏହାକୁ ଆଧାର କରି ପୁଲିସ ମାମଲା ରୁଜୁ କରିଛି । ସୂଚନାଯୋଗ୍ୟ ଯେ ଜାନୁଆରୀ ୨୦ ତାରିଖରେ କୁକୁଡାଖଣ୍ଡି ଅଞ୍ଚଳର ଜଣେ ୫୧ବର୍ଷୀୟ ମହିଳାଙ୍କ ସ୍ୱାମୀଙ୍କ ମୋବାଇଲ ନମ୍ବରକୁ ବାହାର ରାଜ୍ୟର ଏକ ନମ୍ବରରୁ ଫୋନ ଅସିଥିଲା । ଅପରପକ୍ଷର ବ୍ୟକ୍ତିଜଣଙ୍କ ନିଜକୁ ଟେଲିକମ ରଗୁଲେଟରି ଅଥରିଟି ଅଫ ଇଣ୍ଡିଆ(ଟ୍ରାଇ)ର ଜଣେ ଅଧିକାରୀ ବୋଲି ପରିଚୟ ଦେଇଥିଲା । ସ୍ୱାମୀଙ୍କ ଆଧାର କାର୍ଡ ସହ ଏକ ଅନ୍ୟ ଏକ ମୋବାଇଲ ନମ୍ବର ଲିଙ୍କ ରହିଛି ଏବଂ ସେହି ମୋବାଇଲ ନମ୍ବରରେ ମହାରାଷ୍ଟ୍ରର ଏକ ଥାନାରେ ମନି ଲଣ୍ଡରିଙ୍ଗ ମାମଲା ରୁଜୁ ହୋଇଛି । ମୋଟ ୨କୋଟି ୩୮ ଲକ୍ଷ ଟଙ୍କା ହେରଫେର୍ ଅଭିଯୋଗ ରହିଥିବା ବେଳେ ତାଙ୍କ ନାମରେ ଆରେଷ୍ଟ ଅର୍ଡର ରହିଛି ବୋଲି ସେ କହିଥିଲା । ଏହାସହ ଆସନ୍ତା ୨ଘଣ୍ଟା ଭିତରେ ମହିଳାଙ୍କ ସ୍ୱାମୀଙ୍କ ମୋବାଇଲ ନମ୍ବର ବନ୍ଦ ହୋଇଯିବ ବୋଲି ଫୋନ କରିଥିବା ଅଜଣା ବ୍ୟକ୍ତି ଜଣଙ୍କ ସୂଚନା ଦେଇଥିଲା ।

ପରେ ସେହି ବ୍ୟକ୍ତିଜଣଙ୍କ ମହିଳାଙ୍କ ସ୍ୱାମୀଙ୍କୁ ହ୍ୱାଟସଆପ ଭିଡିଓ କଲ ରିସିଭ୍ କରିବାକୁ କହିଥିଲା । ସେହି ଭିଡିଓ କଲ ଜରିଆରେ ଏକାଧିକ ବ୍ୟକ୍ତି ଯୋଡ଼ି ହୋଇ ନିଜକୁ ବରିଷ୍ଠ ପୁଲିସ ଅଧିକାରୀ ଓ ସୁପ୍ରିମକୋର୍ଟ ଜଜ୍ ବୋଲି ପରିଚୟ ଦେବା ସହ ମନି ଲଣ୍ଡରିଙ୍ଗ ମାମଲା ସମ୍ପର୍କରେ ସୂଚନା ଦେଇ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଡରାଇଥିଲେ । ଟଙ୍କା ଓ ସମ୍ପତ୍ତିର ହିସାବ ନଦେଲେ ଉଭୟଙ୍କୁ ଗିରଫ କରାଯିବ ବୋଲି କହିଥିଲେ । ଏହା ଶୁଣି ଅଭିଯୋଗକାରୀ ମହିଳା ଓ ତାଙ୍କ ସ୍ୱାମୀ ଭୟଭୀତ ହୋଇଯାଇଥିଲେ । ପରେ ଉଭୟ ନିକଟସ୍ଥ ବ୍ୟାଙ୍କକୁ ଯାଇ ମହିଳାଙ୍କ ନାମରେ ଥିବା ୩୦ ଲକ୍ଷ ଟଙ୍କାର ସ୍ଥାୟୀ ଜମାକୁ ଉଠାଇବା ସହ ସାଇବର ଠକମାନେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟ (ମଧ୍ୟପ୍ରଦେଶର ବେଥେଲ ପବ୍ଲିକ ସ୍କୁଲର ବ୍ୟାଙ୍କ ଆକାଉଣ୍ଟ)ରେ ଜମା କରି ଦେଇଥିଲେ । ସେହିପରି ଏହାର ୨ଦିନ ପରେ ପୁଣିଥରେ ୪ଲକ୍ଷ ୫୦ ହଜାର ଟଙ୍କା ଅନ୍ୟ ଏକ ଆକାଉଣ୍ଟରେ ଜମା କରିଥିଲେ । ଠକମାନେ ପାଖାପାଖି ୩୫ଲକ୍ଷ ଟଙ୍କା ନେଇଯିବା ପରେ ମଧ୍ୟ ମହିଳା ଓ ତାଙ୍କ ସ୍ୱାମୀଙ୍କ ନିକଟକୁ ବାରମ୍ବାର କଲ କରି ଅଧିକ ଟଙ୍କା ଜମା କରିବାକୁ କହିଥିଲେ । ଏହାକୁ ନେଇ ସନ୍ଦେହ ଉପୁଜିବାରୁ ମହିଳାଜଣଙ୍କ ନିକଟସ୍ଥ ବ୍ୟାଙ୍କ ଶାଖାକୁ ଯାଇ ଘଟଣା ସମ୍ପର୍କରେ କହିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

■ ସ୍ୱୟଂକ୍ରିୟଯାନ ପରୀକ୍ଷଣ ବ୍ୟବସ୍ଥା ଅନୁଧ୍ୟାନ କଲେ ପରିବହନ ଆୟୁକ୍ତ

## ଯାଞ୍ଚରେ ବାଦ୍ ପଡ଼ିବ ଫିଟ୍‌ନେସ୍ ନଥିବା ଗାଡ଼ି

**କଟକ, ୩୦ ।୧(ସମିସ):** ମୋଟର ଯାନ ଫିଟନେସ୍ ପରୀକ୍ଷାକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବାକୁ ପରିବହନ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ରାଜ୍ୟରେ ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା କଟକ ଆରଟିଓ ଅଧୀନରେ ସ୍ଥାପନା ହୋଇଥିବା ବେଳେ ଆଜି ଉକ୍ତ ଏଟିଏସ୍‌ର ସଂପୂର୍ଣ୍ଣ କାର୍ଯ୍ୟକାରିତାର ଅନୁଧ୍ୟାନ କରିଛନ୍ତି ପରିବହନ ଆୟୁକ୍ତ ଅମିତାଭ ଠାକୁର । ଏହା ସଡ଼କ ସୁରକ୍ଷା କ୍ଷେତ୍ରରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ବୈଷୟିକ ଜ୍ଞାନକୌଶଳ ଜରିଆରେ ସ୍ୱୟଂକ୍ରିୟ ପଦ୍ଧତିରେ ଏହା ଗାଡ଼ିର ଫିଟନେସ୍ ପରୀକ୍ଷା କରିବ ।

**ରାଜ୍ୟର ୨୧ଟି ଆରଟିଓରେ ଖୁବଶୀଘ୍ର କାର୍ଯ୍ୟକାରୀ ଲକ୍ଷ୍ୟ**

ଖୁବ୍‌ଶୀଘ୍ର ରାଜ୍ୟରେ ଆହୁରି ୨୧ଟି ଆର୍‌ଟିଓ ତଥା ବୌଦ୍ଧ, ଝାରସୁଗୁଡ଼ା, ବରଗଡ଼, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ନୟାଗଡ଼, ନବରଙ୍ଗପୁର, ଗଞ୍ଜାମ, ସମ୍ବଲପୁର, ବାଲେଶ୍ୱର, କୋରାପୁଟ, ନୂଆପଡ଼ା, ଜଗତସିଂହପୁର, ମୟୂରଭଞ୍ଜ, ରାଉରକେଲା, କେନ୍ଦୁଝର, ଅନୁଗୋଳ, ଭୁବନେଶ୍ୱର, ଭୁବନେଶ୍ୱର ଆର୍‌ଟିଓ-୨ ସମେତ କଟକରେ ଆଉ ଏକ କେନ୍ଦ୍ର ସ୍ଥାପନା ପାଇଁ ଲକ୍ଷ୍ୟ ରହିଛି । ପୂର୍ବରୁ ଫିଟନେସ ସାର୍ଟିଫିକେଟ୍ ତଥା ଗାଡ଼ିର ପଞ୍ଜୀକରଣ ନବୀକରଣ ନିମନ୍ତେ ଗାଡ଼ିର ଯାଞ୍ଚ ଅଧିକାରୀଙ୍କ ଦ୍ୱାରା ହେଉଥିଲା । କେନ୍ଦ୍ର ସରକାର କେନ୍ଦ୍ରୀୟ ମୋଟର ଯାନ ଆଇନରେ ଏହି ପଦ୍ଧତିରେ ସଂଶୋଧନ କରି ଏଟିଏସ ମାଧ୍ୟମରେ ଯାଞ୍ଚ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି । କେନ୍ଦ୍ରୀୟ ମୋଟର ଯାନ ଆଇନର ଏହି ସଂଶୋଧନକୁ ଲାଗୁ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ ରାସ୍ତାରେ ଚଳାଚଳ ପାଇଁ ଯୋଗ୍ୟ ନ ଥିବା ଗାଡ଼ିଗୁଡ଼ିକ ସ୍ୱୟଂକ୍ରିୟ ପଦ୍ଧତିରେ ବାଦ୍ ପଡ଼ିବେ । ଯାହା ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି । କଟକ ଆରଟିଓଙ୍କ ଉଦ୍ଦେଶ୍ୟରେ ପଞ୍ଜୀକରଣ ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଅତିରିକ୍ତ ପରିବହନ ଆୟୁକ୍ତ ଦୀପ୍ତିରଂଜନ ପାତ୍ର, ଲାଲମୋହନ ସେଠୀ, ଯୁଗ୍ମ ପରିବହନ ଆୟୁକ୍ତ ସମରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ନାକେଦମ୍

■ ଲାଗୁନି ନମ୍ବର; ମିଳୁନି ବୈଷୟିକ ସହାୟତା

■ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ସ୍ୱତନ୍ତ୍ର କ୍ୟାମ୍ପରୁ ବି ନିରାଶ

**ଭୁବନେଶ୍ୱର, ୩୦ ।୧(ସମିସ):** ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ପାଇଁ ନାକେଦମ୍ ହେଲେଣି ଶିକ୍ଷକ ଶିକ୍ଷୟିତ୍ରୀ । ପୂର୍ବବର୍ଷ ପଞ୍ଜୀକରଣ କରିଥିବା ମୋବାଇଲ୍ ନମ୍ବର ଦେଇ ଲଗ୍-ଇନ୍ କଲେ ଅନ୍ୟ ବିଦ୍ୟାଳୟର ତଥ୍ୟ ଆସୁଛି । ନୂତନ ଭାବେ ଅନ୍ୟ ଏକ ମୋବାଇଲ୍ ନମ୍ବର ଦେଇ ପଞ୍ଜୀକରଣ କଲେ, ସମ୍ପୃକ୍ତ ଶିକ୍ଷକଙ୍କର ସମ୍ପୂର୍ଣ୍ଣ ତଥ୍ୟ ପୋର୍ଟାଲ୍‌ରେ ଆସୁନାହିଁ । ତେଣୁ, କେମିତି ଆବେଦନ କରିବେ ଜାଣି ପାରୁନାହାନ୍ତି ଶିକ୍ଷକ/ଶିକ୍ଷୟିତ୍ରୀ । ବୈଷୟିକ ସହାୟତା ନେବାକୁ ଟୋଲ୍-ଫ୍ରି ନମ୍ବରରେ ଫୋନ୍ କଲେ 'ଏହି ଦିଗ ପାଇଁ ସମସ୍ତ ଲାଇନ୍ ବ୍ୟସ୍ତ ଅଛି' କହୁଛି । କାଁ ଭାଁ ଟିଂ ହେଲେ ମଧ୍ୟ କେହି ରିସିଭ୍ କରୁନାହାନ୍ତି । ଏହାରି ଭିତରେ ଗୁରୁବାର ଆବେଦନ ଅବଧି ଶେଷ ହୋଇଥିବାରୁ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି । ମାଳମାଳ ଅଭିଯୋଗକୁ ସମାଧାନ କରିବା ପାଇଁ ଗତ ୨୮ ତାରିଖରୁ ଗୁରୁବାର ପର୍ଯ୍ୟନ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ସ୍ୱତନ୍ତ୍ର ସହଯୋଗ କ୍ୟାମ୍ପ୍ କରିଥିଲା ପଞ୍ଚସଖା ଶିକ୍ଷା ସେତୁ । ଶିକ୍ଷକମାନେ ସ୍କୁଲ୍ ଛାଡ଼ି ବ୍ଲକ୍ ମୁଖ୍ୟାଳୟକୁ ଧାଇଁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନି । ଫଳରେ ସାମାଜିକ ଗଣମାଧ୍ୟମରେ ବହୁ ଆଶାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅପରପକ୍ଷରେ ପଞ୍ଚସଖା ଶିକ୍ଷାସେତୁରେ କର୍ମଚାରୀ ଅଭାବ ଥିବା ଜଣାପଡ଼ିଛି । ପ୍ରାୟ ୧୩ ଜଣ ବୈଷୟିକ ସହାୟକ ପୂର୍ବରୁ କାର୍ଯ୍ୟରତ ଥିବାବେଳେ ୮ ଜଣଙ୍କର କାର୍ଯ୍ୟକାଳ ସରିଯାଇଛି । ସେମାନଙ୍କୁ ପୁନଃ ନିଯୁକ୍ତି ବା ନୂତନ ନିଯୁକ୍ତି ଦିଆଯାଉନାହିଁ । ଫଳରେ ସମସ୍ୟା ଅଧିକ ଉତ୍କଟ ହୋଇଛି । ବୈଷୟିକ ସମସ୍ୟା ପାଇଁ ଆବେଦନ ସଂଖ୍ୟା ମଧ୍ୟ କମିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଯଦି ଆଶାୟୀମାନେ ଆବେଦନ କରିପାରିବେ ନାହିଁ ତାହେଲେ ପୁରସ୍କାର କାହାପାଇଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ପଞ୍ଚସଖା ଶିକ୍ଷାସେତୁର ଏସ୍‌ପିଡି ଦାୟିତ୍ୱରେ ଥିବା ଡ. ମଣିପ୍ରସାଦ ମିଶ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା ।


**AFFIDAVIT**

I, KRISHNA CHANDRA PADHI, S/o-Late Babana Padhi, resident of village - Paligaon, Po - S. Mahada, Ps - Birmaharajpur, Dist- Subarnapur, Odisha declare by this affidavit No.124 dt. 29/01/ 2025 that now onwards I shall be known as KRISHNA CHANDRA PADHI for all future purposes.

**AFFIDAVIT**

By virtue of an affidavit, I Monalisha Rout, Adhar card No. 336620705727 W/o. Banchhanidhi Rout, At. Pakhara, Po. Saud, Ps. Soro, Balasore to state that before marraige my name was Monalisha Gochhayat, D/o. Somanath Gochhayat and also my name is spelling by mistake as one latter which is 'h'. So, that Monalisha Rout and Monalisha Gochhayat, W/o. Banchhanidhi Rout are one and same lady not different.

**AFFIDAVIT**

An affidavit before Notary public, Balasore, I, Ananta Kumar Das, declare that in DL vide No. OR0120000017515, Valid upto 11.09.2024 my name, DOB and my father's name is inadvertently mentioned as Anata Kumar Das, DOB 02.06.1982, S/O- Purna Chandra Das instead of Ananta Kumar Das, DOB 02.06.1993, S/O- Mihir Chandra Das. All the names and DOB are one and same person.

**IN THE COURT OF THE SESSIONS JUDGE, KORAPUT AT JEYPORE**

Cr.R.P. No. 1/2024

Between

SMT. GOURI NAYAK .....Petitioner

VERSUS

NARESH KUMAR PATRA and others ...Opposite Parties

To,

1. NARESH KUMAR PATRA, aged about 55 years, S/o Bamadeba Patra, resident of Sambartota Satreet, PO/PS: Jeypore Town, District: Koraput.
2. KRUTARTHA PANDA, Relationship Manager, DCB Bank, Jeypore Branch at Kella Mill Compound, M.G. Road, Near SBI Main Branch, PO/PS: Jeypore Town, District: Koraput.

WHEREAS, the Petitioner has instituted a case against the order of the learned SDJM, Jeypore.

You are hereby summoned to appear in this Court in person or by a pleader duly instructed, and able to answer all material questions relating to the revision petition, and who shall be accompanied by some persons able to answer all such questions on the day of 14.02.2025 at 10.30 AM 'O' clock to answer the claim and your are directed to produce on the day all the documents upon which you intend which to rely in support of your defence,

Take notice that in default of your appearance on the day before mentioned, the revision petition will be heard and determined in your absence.

Giving under my hand and seal of the court this the **21st day of January 2025.**

Sd/- District Judge
Koraput - Jeypore

**AFFIDAVIT**

I, SUSANTA KUMAR CHHATRIA, S/o-Late Santosh Kumar Chhatria, resident of AT/PO - Bileisarda , Ps - Puintala, Dist- Balangir, Odisha declare by this affidavit No.136 dt. 28/01/ 2025 that now onwards I shall be known as SUSANTA KUMAR CHHATRIA for all future purposes.

**AFFIDAVIT**

By virtue of an affidavit CF No. 27, Dt. 03.01.2025 sworn before Executive Magistrate, Bhubanewar. I Pratima Sahoo, W/o- Chaitanya Sahoo, At/Po- Karabar, Dist.- Nayagarh declare that in Aadhar my daughter's name wrongly mentioned as Sibani Sahoo instead of Nibasini Sahoo which is correct as per her birth certificate. She shall be known as Nibasini Sahoo for all purposes.

**SAMAGRA SHIKSHA,BARGARH**

No. 711 Dated 27.01.25

NOTICE INVITING TENDER (NIT) FOR Supply of "PRINTING & SUPPLY OF QUESTION-CUM-BLANK ANSWER SHEET SA-II 2024-25

Sealed tenders are invited from the reputed & credible Printers / firms / agencies for Supply of "PRINTING & SUPPLY OF QUESTION-CUM-BLANK ANSWER SHEET SA-II 2024-25 in two bid systems (Technical & Financial Bid) as detailed below.

The detailed BID document is available in the website http://bargarh.odisha.gov.in/ & http://osepa.odisha.gov.in Interested and eligible printer /agency / firm may download BID DOCUMENTS from the above website and apply accordingly. Corrigendum / addendum, if required, will be uploaded in the above web site. Last date & time for submission of bid is up to 5.30 PM Dt.10.02.2025. Opening time & Date is 11.00 AM Dt.11.02.2025.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of Collector-Cum-Chairman

District Project Coordinator
SS, Bargarh

**OFFICE OF THE NOTIFIED AREA COUNCIL, JUNAGARH** C-1522

No. 136/NAC (J) Date 27.01.2025

"e" Procurement Notice

Bid Identification No.- JNG/NAC/03/24-25

Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. www.tenderorissa.gov.in & www.junagarhnac.in

1. Name of the work : Civil works under NAC Junagarh.
2. Eligibility : "C" & "D"Class Civil Contractor
3. No of works : 4 (Four)
4. Value of works : 8-47 Lakhs to 16.94 lakhs
5. Completion Period : 30 days
6. Date and Time of Availability Bid Documents in the Portal : 30.01.25 from 10 AM onwards
7. Last Date and time for Submission : 10.02.25 upto 5 PM
8. BID opening date/time : 11.02.25 at 11 AM
9. Bid opening Place : NAC Office NAC Junagarh

Further details can be seen from the procurement portal i.e. www.tenderodisha.gov.in & www.junagarhnac.in

Sd/- Executive Officer
NAC, Junagarh

OIPR-13133/11/0013/2425

**GOVT. OF ODISHA** O-1349

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

NOTICE INVITING TENDER

NATIONAL COMPETITIVE BIDDING THROUGH e-PROCUREMENT NOTICE

On line-10 /ACE/RW/AND/2024-25

Maintenance of Buildings under Administrative Expenditure

No. 475 Date 27.01.2025

Additional Chief Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise' registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works . The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Additional Chief Engineer, R.W. Division, Anandapur | NCB-On line 10/ ACE/ RW / AND/ 2024-25 | 01.02.2025 at 10.00 A.M. | 10.02.2025 up to 5.30 P.M. | 10.02.2025 up to 5.30 P.M. | 11.02.2025 at 11.30 A.M. |

OIPR-25055/11/0013/2425

Sd/- Additional Chief Engineer
R.W. Division, Anandapur

**AFFIDAVIT**

I, Chidananda Mishra, S/o- Purnachandra Mishra, resident of At- Geetagram, Angul, Dist- Angul, Pin- 759123, Odisha declared by this affidavit No. 271, dtd- 30/01/2025 that now onwards I shall be known as **CHIDANANDA MISRA** for all future purposes.

**AFFIDAVIT**

I, Sri Susant Pradhan, S/o Govind Pradhan, resident of Village- Parinuagaon, Po- Tentuliapalli, Ps- Khallikote, District- Ganjam, State- Odisha, Pin- 761029, declare by this affidavit No. 62, date 10.01.2025 that now onwards I shall be known as **Sushanta Pradhan** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated-27/12/2024. I, **Suni Behera,** W/o- Bhagaban Behera, Address: Ghatikia, PS-Khandagiri, PO- Ghatikia, Bhubaneswar, Dist-Khordha, Pin-751003, Odisha declare that I have changed my name from **Sumi Behera To Suni Behera.** Henceforth, I shall be known as **Suni Behera** (Aadhaar Card No. 8272 0336 9203) for all purposes.

**AFFIDAVIT**

I, Govind Pradhan, S/o- Brundaban Pradhan, resident of At/Po- Tentuliapalli, Khallikote, Dist- Ganjam, Pin- 761029, Odisha declared by this affidavit No. 2521, dtd- 29/01/2025 that now onwards I shall be known as **GOBINDA PRADHAN** for all future purposes.

**AFFIDAVIT**

I, Dongala Rani, W/o- Indugu Shankar Rao, resident of Vill- Chudialanji, Po- Samantipalli, Ps- Jarada, Dist- Ganjam, Odisha declared by this affidavit No. A/372, dtd- 27/01/2025 that now onwards I shall be known as **INDUGU RANI** for all future purposes.

**SALE**

TATA LPT 1816, MODEL 2023, Regn. No -OD-02-CK-8091 and Regn. No -OD-02-CK-8096 in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**

Email:- cdmopuri2012@gmail.com., hdtpuri@gmail.com, Tel No-06752-222124

Letter No. 141 / Date 29.01.2025

TENDER CALL NOTICE

Seal tender are invited from registered agency for supply of new lift and buyback offer of lift's different materials set to the office of the of undersigned. The details term and condition are available in the district website www.dggm.puri@odisha.gov.in. the bid document complete in all respect must reach the office of the undersigned through registerd/ speed post / courier on or before 24.02.2025 at 5.00 PM.

OIPR-10021/11/0013/2425 E-718

Sd/- Chief District Medical & Public Health Officer, Puri

i-458 E-mail ID:ori-agalpur@nic.in

ଓଡ଼ିଶା ସରକାର

GOVERNMENT OF ODISHA

**OFFICE OF THE PANCHAYAT SAMITI,AGALPUR, AT: DUDUKA, DIST. BALANGIR**

"e"-Procurement Notice

Bid Identification No-PS-AGLP-02OF 2024-25.

Letter No. 210 Date27.01.2025

| | | | |
|---|---|---|---|
| 1. | The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of**Building and Electrical works** as detailed in DTCN. | | |
| 2. | Nature of Works | :- | Building and Electrical works |
| 3. | No. of works. | :- | 02(Two) Nos |
| 4. | Tender Cost | :- | Rs 6,000/- |
| 5. | Class of Contractor | :- | D&C Contractor |
| 6. | Availability of bid document in the website | :- | From 10:00A.M.Date-:01.02.2025to05:00 P.M Date-12.02.2025 |
| 7. | Date of opening of Bid | :- | 11:00A.M. OnDt.19.02.2025 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender can also be seen in thesaidwebsite only. | | |

OIPR-193001/11/0003/2425

Block Development Officer,
Agalpur(Duduka)

Azadi Ka Amrit Mahotsav | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**WALK-IN-INTERVIEW**

Applications are invited from the eligible candidates for the following posts:

**Adv. No.: AD6B19/05/2025 Dated: 27.01.2025**


**(Consultant Posts for SVNIRTAR, Cuttack and CRCSRE- Balangir & Ranchi)**

| Sl. No. | Name of the Post | Consolidated Monthly remuneration | No. of posts | Date of walk-in-interview |
|---|---|---|---|---|
| 1 | GDMO (Consultant) | Rs.80,000/- | 05 | 21.02.2025 |
| 2 | Assistant Professor (Clinical Psychology) (Consultant) | Rs.75,000/- | 02 (CRCSRE Ranchi - 1) (CRCSRE Balangir - 1) | |
| 3 | Lecturer (Prosthetics & Orthotics) (Consultant) | Rs.60,000/- | 02 | 25.02.2025 |
| 4 | Consultant Lecturer (Speech Language Pathology) | Rs.60,000/- | 01 | 04.03.2025 |
| 5 | Consultant Lecturer (Audiology) | Rs.60,000/- | 01 | |
| 6 | Speech Pathologist Grade-II (Consultant) | Rs.35,000/- | 01 | |
| 7 | Audiologist Grade-II (Consultant) | Rs.35,000/- | 01 | |
| 8 | Radiographer (Consultant) | Rs.30,000/- | 01 | 14.02.2025 |

The aspiring applicants fulfilling the eligibility criteria in all respect may appear the walk-in-interview as per the above schedule date, time and venue along with completed application. The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in & https://crcranchi.nic.in.**

Sd/-
Director

# ସମ୍ପାଦକୀୟ



ଅନ୍ୟର ସେବାରେ ନିଜକୁ ହଜାଇ ଦେବା ହିଁ ତୁମେ ନିଜେ ନିଜକୁ ଆବିଷ୍କାର କରିବାର ସର୍ବୋତ୍ତମ ପଥ।
- ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଡ୍ରାଗନ୍ ସହିତ ବନ୍ଧୁତା

ପାରମ୍ପରିକ ଇର୍ଷାଳୁ ପ୍ରତିବେଶୀ ଚୀନ୍ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଦିଗରେ ଭାରତ ପୁଣି ଥରେ ପ୍ରୟାସ ଆରମ୍ଭ କରିଛି। ଚୀନ ମଧ୍ୟ ଏହି ପଦକ୍ଷେପକୁ ସକାରାତ୍ମକ ଦୃଷ୍ଟିକୋଣରେ ସ୍ୱାଗତ କରିଛି। ସାମ୍ପ୍ରତିକ ବହୁଧ୍ରୁବୀୟ ବିଶ୍ୱ ଭୂ-ରାଜନୈତିକ ପ୍ରେକ୍ଷାପଟ୍ଟରେ ବିଶ୍ୱର ଦୁଇ ପ୍ରମୁଖ ରାଷ୍ଟ୍ର ଭାରତ ଓ ଚୀନ୍ ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା ଆଭିମୁଖ୍ୟକୁ ରଣନୈତିକ ସହଯୋଗିତାରେ ପରିବର୍ତ୍ତନ କରିବା ଆଞ୍ଚଳିକ ସଂହତି, ଶାନ୍ତି ଓ ସ୍ଥିରତା ପାଇଁ ଯେତିକି ଆବଶ୍ୟକ, ବିଶ୍ୱକଲ୍ୟାଣ ପାଇଁ ତା' ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଭାରତ-ଚୀନ୍ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ଅବସର ଦ୍ୱିପାକ୍ଷିକ ସମ୍ପର୍କ ପୁନଃବାହାଲ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଛି।

୧୯୪୯ ମସିହାରେ ଚୀନ୍ ନିଜକୁ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ରୂପେ ଘୋଷଣା କରିବା ପରେ ଭାରତ ହିଁ ବିଶ୍ୱର ପ୍ରଥମ ଦେଶ ଭାବରେ ସ୍ୱୀକୃତି ଓ ସମ୍ମାନ ଦେଇଥିଲା। ଆଜି ଜାତିସଂଘର ସୁରକ୍ଷା ପରିଷଦରେ ଭେଟୋ କ୍ଷମତା ସହିତ ଚୀନ୍‌ର ସଦସ୍ୟତା ପଛରେ ଭାରତର ଅବଦାନ ଅନେକ। ସେହି ସମ୍ମାନଜନକ ସଦସ୍ୟତା ପାଇଁ ରୁଷ୍ ଭାରତର ନାମ ପ୍ରସ୍ତାବ ଦେଇଥିଲେ ମଧ୍ୟ 'ପଞ୍ଚଶୀଳ' ନୀତି ଓ 'ପଡ଼ୋଶୀ ପ୍ରଥମ' ନୀତି ଆଧାରରେ ନେହେରୁ ହିଁ ଚୀନ୍‌ର ନାମ ସୁପାରିସ କରିଥିଲେ। ହିନ୍ଦୀ-ଚୀନୀ ଭାଇ ଭାଇ ମନ୍ତ୍ର ଭାରତ ଚୀନ୍‌କୁ ଦେଇଥିଲା। କିନ୍ତୁ ବନ୍ଧୁତ୍ୱର ମୂଲ୍ୟ ବୁଝି ନ ପାରି ଚୀନ୍ ଭାରତ ଆକ୍ରମଣ କରିଥିଲା। ଏହାପରେ ମଧ୍ୟ ଭାରତ ପକ୍ଷରୁ ଅନେକ ବାର ଚୀନ୍ ପ୍ରତି ବନ୍ଧୁତ୍ୱର ହାତ ବଢ଼ାଇ ଆସିଛି। କିନ୍ତୁ ହିତାକାଂକ୍ଷୀ ହେବା ବଦଳରେ ଚୀନ୍ ଭାରତକୁ ତା'ର ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖି ଆସୁଛି। ୨୦୧୭ରେ ଡୋକଲାମ୍ ଓ ୨୦୨୦ରେ ଗଲୱାନ୍ ସୀମା ବିବାଦ ଏହି ସମ୍ପର୍କକୁ ଅଧିକ ତିକ୍ତ କରିଛି।

ସୁଖର କଥା ଇତିମଧ୍ୟରେ ଗଲୱାନ୍ ସୀମା ବିବାଦର ଆପୋସ ସମାଧାନ ହୋଇଥିବା ବେଳେ ଭାରତ ଏହି କୂଟନୈତିକ ସଫଳତାକୁ ଦ୍ୱିପାକ୍ଷିକ ଦୃଢ଼ ଓ ଦୀର୍ଘମିଆଦୀ ସମ୍ପର୍କରେ ପରିଣତ କରିବାରେ ଚେଷ୍ଟିତ ଅଛି। ଆଞ୍ଚଳିକ ଅସ୍ଥିରତା, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରୁ ପାଶ୍ଚାତ୍ୟ ବିଶ୍ୱ ଫାଇଦା ଉଠାଇବା ପାଇଁ ସଦା ତତ୍ପର। ତେଣୁ ସାମ୍ୟବାଦ ଭିତ୍ତିକ ବହୁଧ୍ରୁବୀୟ ଭୂରାଜନୀତି, ସମାବେଶୀ ବିଶ୍ୱ ଅର୍ଥନୀତିର ଉଦ୍‌ଘୋଷଣା କରୁଥିବା ଭାରତ ଏବେ ବିଶ୍ୱ ବିକାଶ ପ୍ରକ୍ରିୟାକୁ ଶାନ୍ତି ଓ ଦୀର୍ଘମିଆଦୀ କରିବା ଲକ୍ଷ୍ୟରେ ଆଞ୍ଚଳିକ ସ୍ଥିରତାକୁ ଅଧିକ ଗୁରୁତ୍ୱ ଦେଉଛି। ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶରୁ ଅଧିକ ଲୋକ ଏହି ଦୁଇ ରାଷ୍ଟ୍ରରେ ବସବାସ କରୁଛନ୍ତି। ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଏବଂ ଉଦୀୟମାନ ଅର୍ଥନୀତି ରୂପେ ଉଭା ହୋଇଛି।। ଚୀନ୍ ଏବେ ଅର୍ଥନୀତି ଓ ସାମରିକ ଶକ୍ତିରେ ଆମେରିକାକୁ ଟକ୍କର ଦେଉଛି। ତେଣୁ ଉଭୟ ରାଷ୍ଟ୍ରର ଆଭିମୁଖ୍ୟ ଓ ବାଧ୍ୟବାଧକତା ଯାହା ବି ଥାଉ ନା କାହିଁକି ମତାନ୍ତରକୁ ଦୂରେଇ ଦୁଇ ରାଷ୍ଟ୍ର ପରସ୍ପର ସହଯୋଗୀ ହେବା ହିଁ ସମୟର ଆହ୍ୱାନ।

ଅପରପକ୍ଷରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପଛରେ ଚୀନ୍‌ର ଅନେକ ବାଧ୍ୟବାଧକତା ରହିଛି। ଚୀନ୍‌ର ମୁଖ୍ୟ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଡୋନାଲ୍ଡ ଟ୍ରମ୍ପ ଆମେରିକାରେ ପୁଣି ଥରେ କ୍ଷମତାକୁ ଫେରିବା ସହିତ ଶୁଳ୍କ ନୀତିକୁ କଠୋର କରିବା ପାଇଁ ଘୋଷଣା କରିସାରିଛନ୍ତି। ଇତିମଧ୍ୟରେ ଚୀନ୍‌ରୁ ବହୁଦେଶୀୟ କମ୍ପାନୀମାନେ ଭାରତ ମୁହାଁ ହେଉଛନ୍ତି। ଏହାଦ୍ୱାରା ଚୀନ୍ ଗୁରୁତର ଆର୍ଥିକ ସଙ୍କଟର ଅନୁମାନ କରିସାରିଛି। ଏହାଛଡ଼ା ସମ୍ପ୍ରତି ବିଶ୍ୱ କୂଟନୈତିକ ସ୍ତରରେ ଭାରତର ଗୁରୁତ୍ୱ ବଢ଼ୁଛି। ଗତ କିଛିବର୍ଷ ଧରି ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ, ବିଶେଷକରି ଦକ୍ଷିଣ-ଚୀନ୍-ସାଗର ଅଞ୍ଚଳରେ, ଚୀନ୍‌ର ଆଧିପତ୍ୟକୁ ହ୍ରାସ କରିବା ପାଇଁ ଆମେରିକା, ଅଷ୍ଟ୍ରେଲିଆ, ଜାପାନ୍ ଓ ଭାରତ ମିତ୍ରରାଷ୍ଟ୍ର ଗୋଷ୍ଠୀ ବା 'କ୍ୱାଡ୍' ଚୁକ୍ତି କରି ପ୍ରତ୍ୟକ୍ଷରେ ଚୀନ୍ ବିରୁଦ୍ଧରେ ପଦକ୍ଷେପ ନେବାକୁ ପ୍ରସ୍ତୁତ ହୋଇଛନ୍ତି। ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ସମେତ ପ୍ରାୟ ୧୭ଟି ଦେଶ ସହିତ ଚୀନ୍‌ର ସୀମା ବିବାଦ ରହିଛି କିମ୍ବା କୂଟନୈତିକ ତିକ୍ତତା ସୃଷ୍ଟି ହୋଇଛି। ସେହିପରି ଅଷ୍ଟ୍ରେଲିଆ-ବ୍ରିଟେନ୍-ଆମେରିକା ଦ୍ୱାରା ରଚିତ 'ଆଉକସ୍' ନାମକ ବ୍ୟୂହର କେନ୍ଦ୍ରରେ ଚୀନ୍ ରହିଛି। ଏହି ପୃଷ୍ଠଭୂମିରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ପାଇଁ ଚୀନ୍ ଆଗ୍ରହୀ ହେବା ଅସମ୍ଭବ ନୁହେଁ।

ଦ୍ୱିପାକ୍ଷିକ ସମ୍ପର୍କ ସୁଧାରର ପ୍ରାରମ୍ଭିକ ସଙ୍କେତ ଅନୁଯାୟୀ ଭାରତର ବୈଦେଶିକ ସଚିବ ସହଯୋଗର ବାର୍ତ୍ତା ନେଇ ଚୀନ୍ ଗସ୍ତରେ ଯାଇଥିବା ବେଳେ ଚୀନ୍ ପ୍ରତିପକ୍ଷ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୂତ କରିବା ପାଇଁ କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ, ଦୁଇ ଦେଶର ରାଜଧାନୀ ମଧ୍ୟରେ ପ୍ରତ୍ୟକ୍ଷ ବିମାନ ଚଳାଚଳ ସେବାର ପୁନଃବାହାଲ, ଭାରତର ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ପାଇଁ ଚୀନ୍ ଭିସା କଟକଣା କୋହଳ, ବ୍ରହ୍ମପୁତ୍ର ନଦୀ ଜଳ ସ୍ଥିତି ସୂଚନା ବିନିମୟ ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିବା ସୂଚନା ମିଳିଛି। ୨୦୧୯ ପର୍ଯ୍ୟନ୍ତ ଭାରତ-ଚୀନ୍ ମଧ୍ୟରେ ୫୩୯ଟି ବିମାନ ଯାତାୟାତ କରୁଥିବା ବେଳେ କୋଭିଡ୍ ମହମାରୀ ଓ ଗଲ୍‌ୱାନ ବିବାଦ ପରେ ଏହା ବନ୍ଦ ହୋଇଯାଇଛି। ୨୦୧୯ରେ ଭାରତ ୨ ଲକ୍ଷ ଚୀନ୍‌ପ୍ରବାସୀଙ୍କୁ ଭିସା ଦେଇଥିବା ବେଳେ ସୀମାରେ ଉତ୍ତେଜନା ଯୋଗୁଁ ୨୦୨୪ ଜାନୁଆରୀ ବେଳକୁ ତାହା ମାତ୍ର କେତେକ ହଜାରକୁ ଖସି ଆସିଛି। ଏବେ ପୂର୍ବ ସ୍ଥିତି ବାହାଲ ହେଲେ ଭାରତ ଚାହୁଁଥିବା ପରି ଦୁଇ ଦେଶର ଜନତା ଉପକୃତ ହେବେ।

ଭାରତ ଚାହୁଁଛି ଦ୍ୱିପାକ୍ଷିକ ବୁଝାମଣା ବିଶ୍ୱାସ, ସମ୍ମାନ, ସମ୍ବେଦନଶୀଳତା ଆଧାରିତ ହେଉ। ଜଣେ ଆଉଜଣଙ୍କ ପାଇଁ ବିପଦ ହେବା ବଦଳରେ ସୁଯୋଗ ବୋଲି ଭାବିଲେ ଦକ୍ଷିଣ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବାହ୍ୟ ପାଶ୍ଚାତ୍ୟ ଶକ୍ତି, ବିଶେଷକରି ଆମେରିକାର ବିସ୍ତାରବାଦୀ ଆଭିମୁଖ୍ୟକୁ ପ୍ରତିହତ କରିହେବ। ବହୁପାକ୍ଷିକ ବ୍ୟବସ୍ଥାରେ ବିଶ୍ୱାସ ଜରୁରୀ। ତେଣୁ ଉଭୟ ଦେଶର ସମ୍ପର୍କ ବିଶ୍ୱାସ ଆଧାରିତ ହେଲେ ମତାନ୍ତର ଓ ବିବାଦର ସମାଧାନ ଆପେ ହୋଇଯିବ। ସାମ୍ପ୍ରତିକ ସ୍ଥିତିରେ ଭାରତ ଓ ଚୀନ୍ ପରସ୍ପରଠାରୁ ଦୂରେଇ ଯିବା ବଦଳରେ ପାଖେଇ ଆସିବା ଆବଶ୍ୟକ। ଏହା ଉଭୟ ଦେଶବାସୀଙ୍କ ସ୍ୱାର୍ଥ ପାଇଁ ଜରୁରୀ। ତେଣୁ ଭାରତ-ଚୀନ୍ ସମ୍ପର୍କକୁ ରଣନୈତିକ ଦୃଷ୍ଟିରୁ ବିଚାର ନ କରି ଦୀର୍ଘସ୍ଥାୟୀ କରିବା ଉପରେ ଭାରତ ଗୁରୁତ୍ୱାରୋପ କରୁଛି। ସର୍ବୋପରି ପ୍ରତିଯୋଗିତା ଯେପରି ସହଯୋଗିତାରେ ରୂପାନ୍ତରିତ ହେବ ସେ ଦିଗରେ ଉଭୟ ରାଷ୍ଟ୍ର ଆନ୍ତରିକ ଉଦ୍ୟମ କରିବା ଜରୁରୀ। ଶେଷରେ ଗୋଟିଏ ଆପ୍ତବାକ୍ୟ ମନେ ରଖିବାକୁ ହେବ ଯେ ଡ୍ରାଗନ୍‌ର ଦେଶ ଚୀନ୍ ଆଦୌ ଏକ ବିଶ୍ୱାସୀ ପ୍ରତିବେଶୀ ନୁହେଁ। ତେଣୁ ଭାରତର ବିଶ୍ୱାସ ଭାଷାକୁ ଡ୍ରାଗନ୍ କେମିତି ବୁଝିବ ତାହା ତା' ଉପରେ ହିଁ ନିର୍ଭର କରେ। ବନ୍ଧୁତ୍ୱର ହାତ ବଢ଼ାଇ ପଛରୁ ଛୁରି ମାରିବାରେ ଅଭ୍ୟସ୍ତ ଡ୍ରାଗନ୍ ସହିତ ସମ୍ପର୍କରେ ସୁଧାର ଆଣିବା ପାଇଁ ଭାରତର ଉଦ୍ୟମ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ହାତେ ମାପି ଚାଖଣ୍ଡେ ଚାଲିବା ଉଚିତ ହେବ।

## ନୂଆ ଶିକ୍ଷାନୀତି: ରୂପାୟନ ଓ ଆହ୍ୱାନ

**ସୌଭାଗ୍ୟ ସୁନ୍ଦରରାୟ**

ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ ଏହାର କାର୍ଯ୍ୟକାରିତାକୁ ନେଇ ବିରୋଧାଭାସ ସୃଷ୍ଟି ହୋଇଛି। ଇତିମଧ୍ୟରେ ତାମିଲନାଡୁ ଓ କର୍ଣ୍ଣାଟକ ସରକାର ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ ନ କରିବାକୁ ଘୋଷଣା କରିଛନ୍ତି। ନୂଆ ଜାତୀୟ ଶିକ୍ଷାନୀତିରେ ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ମହତ୍ ଲକ୍ଷ୍ୟ ରଖାଯାଇଛି। ତେବେ ଇତିମଧ୍ୟରେ ପ୍ରକାଶିତ ଶିକ୍ଷା ସଂକ୍ରାନ୍ତ ବାର୍ଷିକ ସ୍ଥିତାବସ୍ଥା ରିପୋର୍ଟ (ଗ୍ରାମାଞ୍ଚଳ) ୨୦୨୪ରେ ଦର୍ଶାଯାଇଛି ଯେ ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଅଭିଭାବକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୪୦% ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀ ପୁସ୍ତକ ସଠିକ୍ ଭାବେ ପଢ଼ିପାରୁ ନାହାନ୍ତି। ତୃତୀୟ ଶ୍ରେଣୀର ୭୦% ପିଲା ଫେଡ଼ାଣ କରିପାରୁ ନାହାନ୍ତି। ଅତୀତରେ ଅଣଆନୁଷ୍ଠାନିକ ଶିକ୍ଷା, କଳାପଟା ଅଭିଯାନ, ସର୍ବଶିକ୍ଷା ଅଭିଯାନ ଆଦି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସତ୍ତ୍ୱେ ପିଲାଙ୍କ ଜ୍ଞାନର ଏପ୍ରକାର ମାନ ଚିନ୍ତାର ବିଷୟ। ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ/ଶିକ୍ଷୟିତ୍ରୀ ଅଭାବ ଏକ ଚିରାଚରିତ ସମସ୍ୟା। ଛାତ୍ରାବାସ, ମଧ୍ୟାହ୍ନ ଭୋଜନ ଚଳାଇବା, ଅଭିଭାବକ ବୈଠକ କରାଇବା ଆଦିରେ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ବହୁ ସମୟ ବିତିଯାଉଥିବା ଦେଖାଯାଉଛି।

ଦେଶରେ ଶେଷ ଶିକ୍ଷା ନୀତି ପ୍ରଣୟନ ହୋଇଥିଲା ୧୯୮୬ ମସିହାରେ। ଏହାର ୩୪ ବର୍ଷ ପରେ ଆଉ ଏକ ଶିକ୍ଷା ନୀତି ପ୍ରଣୟନ କରାଗଲା ୨୦୨୦ ମସିହାରେ। ତେବେ ଏହି ୩୪ ବର୍ଷ ମଧ୍ୟରେ ଶିକ୍ଷା କ୍ଷେତ୍ରରେ କି ପ୍ରଗତି ଘଟିଛି ତାହାର କୌଣସି ମୂଲ୍ୟାୟନ ନୂତନ ଶିକ୍ଷା ନୀତି ଇସ୍ତାହାରରେ ଦର୍ଶାଯାଇ ନାହିଁ କି ପୂର୍ବ ଶିକ୍ଷା ନୀତିର କେଉଁ କେଉଁ ଦିଗ ସଫଳ ହୋଇଛି ଓ କେଉଁଟି ବିଫଳ ହୋଇଛି ତାହାର ତଥ୍ୟ ନାହିଁ। ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସତ୍ତ୍ୱେ ପିଲାମାନେ କ'ଣ ପାଇଁ ବିଦ୍ୟାଳୟମୁହାଁ ହେଉନାହାନ୍ତି ତାହାର କାରଣ ଖୋଜିବା ପାଇଁ ମଧ୍ୟ ନୂତନ ଶିକ୍ଷାନୀତିରେ ପ୍ରୟାସ କରାଯାଇନାହିଁ। ପ୍ରତି ୫ ବର୍ଷରେ ଶିକ୍ଷାନୀତିର ସମୀକ୍ଷା ପାଇଁ ପୂର୍ବ ଶିକ୍ଷାନୀତିରେ ସୁପାରିସ କରାଯାଇଥିଲା। କିନ୍ତୁ ତାହା ବଦଳରେ କେନ୍ଦ୍ର ସରକାର ନୂଆ ଶିକ୍ଷାନୀତି ପ୍ରଣୟନ କଲେ।

'ଆନନ୍ଦଦାୟକ ଶିକ୍ଷା' ପୂର୍ବ ଶିକ୍ଷାନୀତିରେ ରହିଥିଲା, ନୂଆ ଶିକ୍ଷାନୀତିରେ ମଧ୍ୟ ରହିଛି। କିନ୍ତୁ ଆମକୁ ଗ୍ରହଣ କରିବାକୁ ପଡ଼ିବ ଯେ ବିଦ୍ୟାଶିକ୍ଷା ବା ଅଧ୍ୟୟନ ଆଦୌ ଏକ ଆନନ୍ଦଦାୟକ ବିଷୟ ନୁହେଁ। ଏ କଥା ଶୁଣିବାକୁ ସୁନ୍ଦର ଲାଗିପାରେ, କିନ୍ତୁ ଏଥିରେ ବାସ୍ତବତା ନାହିଁ। ଶିକ୍ଷା ଆନନ୍ଦଦାୟକ ହେଲେ ଏହା ପ୍ରମୋଦ ବା ମନୋରଞ୍ଜନର ବିଷୟ ହୋଇଯିବ। ଆମୋଦପ୍ରମୋଦ ନିମନ୍ତେ କ୍ରୀଡ଼ା ରହିଛି। ଅଧ୍ୟୟନରେ ଚାପ ନେବାକୁ ପଡ଼ିବ, ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ ସମୟ ଦେବାକୁ ପଡ଼ିବ। ପାଠ ବୁଝିବାକୁ ପଡ଼ିବ, ମସ୍ତିଷ୍କ ପ୍ରୟୋଗ କରିବାକୁ ପଡ଼ିବ, ସ୍ମରଣ ରଖିବାକୁ ହେବ। ଏଣୁ କଷ୍ଟ ନକରି ଆନନ୍ଦରେ ବିଦ୍ୟାଲାଭ ହୋଇପାରିବ ନାହିଁ। ଏଣୁ ଶିକ୍ଷା ଆମୋଦପୂର୍ଣ୍ଣ ହେବା ଏକ ଭ୍ରମାତ୍ମକ ତତ୍ତ୍ୱ। ପୂର୍ବରୁ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟରେ ରଙ୍ଗୀନ 'ମୋ ଛବି ବହି' ପ୍ରଚଳନ ଥିଲା। ଏହା କ'ଣ ଆନନ୍ଦଦାୟକ ଶିକ୍ଷାର ଏକ ଅଂଶ ନୁହେଁ?

ସମ୍ପ୍ରତି ଦଣ୍ଡମୁକ୍ତ ଶିକ୍ଷା ପ୍ରଚଳିତ ରହିଛି। ଦଣ୍ଡମୁକ୍ତ ଶିକ୍ଷା ଯୋଗୁଁ ଶିକ୍ଷାନୁଷ୍ଠାନ ପରିସର ଅନୁଶାସନହୀନ ହୋଇପଡ଼ିଛି। ପିଲା ଯାହା କଲେ ମଧ୍ୟ ଶିକ୍ଷକମାନେ ସେଥିରୁ ନିଜକୁ ଦୂରେଇ ରଖିବା ପାଇଁ ଚାହୁଁଛନ୍ତି। ଦଣ୍ଡ, ଅନୁଶାସନ, ନିର୍ଯାତନା ମଧ୍ୟରେ ଫରକ ନିର୍ଦ୍ଧାରଣ କରିବାକୁ ପଡ଼ିବ। ପିଲାକୁ ଶୃଙ୍ଖଳିତ ବା ଅନୁଶାସିତ କରିବା ଉଦ୍ଦେଶ୍ୟରେ ଯଦି ମା'ଚାପୁଡ଼ାଟିଏ ମାରେ ତା'ହାଲେ ତା'କୁ ଯଦି ଆମେ ଦଣ୍ଡ ବୋଲି କହିବା, ସେ ଦଣ୍ଡ ଗ୍ରହଣୀୟ ହେବା ଉଚିତ୍। ତେବେ କେତେକ କ୍ଷେତ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦଣ୍ଡର ମାତ୍ରା ଅଧିକ ହୋଇଯାଇଥାଏ, ଯାହା ଶରୀରକୁ ପ୍ରଭାବିତ କରିଥାଏ। ଏ ସଂଖ୍ୟା ନଗଣ୍ୟ। ନଗଣ୍ୟ ସଂଖ୍ୟକ ଘଟଣା ପାଇଁ ସମଗ୍ର ବ୍ୟବସ୍ଥାକୁ ଯେଉଁ ଦିନଠାରୁ ଅନୁଶାସନବିହୀନ କରାଗଲା ସେବେଠାରୁ ଶିକ୍ଷକଙ୍କ ପ୍ରତି ବିଦ୍ୟାର୍ଥୀଙ୍କ ଆଉ ଭୟ ରହିଲା ନାହିଁ। ଯେଉଁଠି ଭୟ ନାହିଁ, ସେଠି ଶୃଙ୍ଖଳା ଆସିବ କେଉଁଠୁ?

ଦେଶରେ ଅନେକ ପିତମାତା, ଅଭିଭାବକ ଅଛନ୍ତି, ଯେଉଁମାନଙ୍କ ଶିକ୍ଷାଗତ ଯୋଗ୍ୟତା ବିଦ୍ୟାଳୟର ଶିକ୍ଷକଙ୍କଠାରୁ ମଧ୍ୟ ଅଧିକ। ତଥାପି ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟ ଯିବାକୁ ପଡ଼ିଥାଏ। କାରଣ ଏହା ଏକ ଆନୁଷ୍ଠାନିକ ବ୍ୟବସ୍ଥା। ପିତାମାତାଙ୍କର ସମସ୍ତ କଥା ଘରେ ପିଲା ଶୁଣି ନ ଥାଏ। ସ୍ନେହମମତାର ଡୋରୀରେ ଅଭିଭାବକମାନେ ପିଲା ଉପରେ ସମସ୍ତ ବିଷୟ ଜାହିର କରିପାରନ୍ତି ନାହିଁ। କିନ୍ତୁ ବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତି ଭୟ ଯୋଗୁଁ ତା'ର ବୁଦ୍ଧିର ବିକାଶ ଘଟିଥାଏ। ସାଙ୍ଗସାଥୀଙ୍କ ମେଳରେ ଖେଳିବା ଓ ପଢ଼ିବା ଦ୍ୱାରା ତା'ର ସାମାଜିକ ଓ ଗୋଷ୍ଠୀଗତ ଜ୍ଞାନ ପ୍ରସ୍ଫୁଟିତ ହୋଇଥାଏ।

ପିଲାଙ୍କ ଦ୍ୱାରା ବିଦ୍ୟାଳୟ ସଫେଇକୁ ବର୍ତ୍ତମାନର ଶିକ୍ଷା ନୀତିରେ 'ଶାରୀରିକ କାମ' ବୋଲି କୁହାଯାଉଛି ଏବଂ ଏଥିପାଇଁ ଶିକ୍ଷକଙ୍କୁ ଜବାବ ତଲବ କରାଯାଉଛି। ଏ କି ପ୍ରକାର ଶିକ୍ଷାନୀତି? ଏହାଦ୍ୱାରା ଶିଶୁର ଚେତନା ସ୍ତର ବାଧାପ୍ରାପ୍ତ ହେଉ ନାହିଁ କି ? ନୂଆ ଶିକ୍ଷାନୀତିର ଢାଞ୍ଚା ୫+୩+୩+୪ ରଖାଯାଇଛି। ୧ମ, ୨ୟ ଶ୍ରେଣୀ ସହ ପ୍ରାକ୍ ପ୍ରାଥମିକର ୩ ବର୍ଷ ମିଶାଯାଇ ଏହାକୁ ୫ ବର୍ଷ କରାଯାଇଛି। ଏହାକୁ 'ଫାଉଣ୍ଡେସନ' ବା 'ଭିତ୍ତି ସୋପାନ' ବୋଲି କୁହାଯାଉଛି। ସେହିପରି ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀକୁ ମିଶାଇ 'ପ୍ରିପାରେଟୋରୀ' ବା 'ପ୍ରସ୍ତୁତି' କୁହାଯାଇଛି। ୬ଷ୍ଠ, ୭ମ ଓ ୮ମକୁ ମିଶାଇ 'ମିଡଲ୍' ବା 'ମଧ୍ୟମ' ସୋପାନ ଏବଂ ନବମ, ଦଶମ, ଏକାଦଶ ଓ ଦ୍ୱାଦଶକୁ 'ମାଧ୍ୟମିକ' ସୋପାନ ବୋଲି କୁହାଯାଉଛି। ପୂର୍ବ ଶିକ୍ଷାନୀତିର ଢାଞ୍ଚା ଥିଲା ୧୦+୨। ଅର୍ଥାତ ସ୍ନାତକ ପୂର୍ବରୁ ୧୨ ବର୍ଷ ଆନୁଷ୍ଠାନିକ ଶିକ୍ଷା ଅଧ୍ୟୟନ। ଚଳିତ ଶିକ୍ଷାନୀତିରେ ପ୍ରାକ୍ ପ୍ରାଥମିକ ବା ଅଙ୍ଗନବାଡ଼ି ପର୍ଯ୍ୟାୟ ୩ ବର୍ଷକୁ ବାଦ ଦେଲେ ଏହା ମଧ୍ୟ ସେହି ୧୨ ବର୍ଷ ହେଉଛି। ବୟସ ସମାନ, ସମୟ ଏକା। କହିବାକୁ ଗଲେ ନୂଆ ବୋତଲରେ ପୁରୁଣା ପାନୀୟ ସଦୃଶ। ବିଦ୍ୟାଳୟରେ ପୁନର୍ବାର ଫେଲ ବ୍ୟବସ୍ଥା ପ୍ରଚଳନ ପାଇଁ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଅଧାରୁ ପାଠ ଛାଡ଼ିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।

ଆଞ୍ଚଳିକ ଭାଷାରେ ଶିକ୍ଷା ପ୍ରଦାନ ନୂଆ ନୀତିର ଅନ୍ୟ ଏକ ଦିଗ। ଏବେ ଯେଉଁ କିଛି ପାଠ୍ୟପୁସ୍ତକ ଆଞ୍ଚଳିକ ଭାଷାରେ ଅନୁବାଦ ହୋଇଛି, ସେଥିମଧ୍ୟରୁ ଅଧିକାଂଶ ଗୁଗୁଲ ଭାଷାରେ ହୋଇଛି। ଏବେ ଗୁଗୁଲର ଭାଷା ସମ୍ପର୍କରେ ଜାଣିବା। ଓଡ଼ିଶାର ଜଣେ ବ୍ୟକ୍ତିଙ୍କର ନାମ 'ପ୍ରଦୀପ ଦାସ'। ଗୁଗୁଲ ଭାଷାରେ ଏହାର ଅନୁବାଦ ହେଲା 'କ୍ୟାଣ୍ଡେଲ୍ ସ୍ଲେଭ୍'। ଓଡ଼ିଆ ଅନୁବାଦରେ ବ୍ୟାପକ ତ୍ରୁଟି ଯୋଗୁଁ 'ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ'ଙ୍କୁ କେତେକ ପରୀକ୍ଷା ଇତିମଧ୍ୟରେ ବାତିଲ କରିବାକୁ ପଡ଼ିଛି। ଅନୁବାଦରେ ଅଜଣା ଅଶୁଣା ଭାଷାର ପ୍ରୟୋଗ ପାଠ୍ୟକ୍ରମ ବୁଝିବାରେ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଆଞ୍ଚଳିକ ଭାଷାରେ ଉଚ୍ଚଶିକ୍ଷା ଦ୍ୱାରା ଭାରତୀୟ ଛାତ୍ରଛାତ୍ରୀ ଆନ୍ତର୍ଜାତିକ ପ୍ରତିଯୋଗିତାରେ ସମସ୍ୟାର ସମ୍ମୁଖୀନ ହେବେ। ଇତିମଧ୍ୟରେ ସରକାର ତରବରିଆ ଭାବେ ଏନ୍‌ସିଇଆରଟି ଜରିଆରେ ପାଠ୍ୟପୁସ୍ତକରେ ସଂଶୋଧନ ପାଇଁ ପଦକ୍ଷେପ ନେଇଛନ୍ତି। ପାଠ୍ୟକ୍ରମରେ ସନ୍ତୁଳନ ରକ୍ଷା ପାଇଁ ଏହା କରାଯାଉଛି ବୋଲି କୁହାଯାଉଛି। ସନ୍ତୁଳନ ରକ୍ଷା ପାଇଁ ବିବର୍ତ୍ତନବାଦ, ପର୍ଯ୍ୟାୟ ସାରଣୀ, ମୋଗଲ ଇତିହାସ ପରି ମୌଳିକ ବିଷୟ ବାଦ ଦିଆଯିବା ଉଚିତ୍ ନୁହେଁ। ଏପରି କରାଯିବା ଦ୍ୱାରା ଏକ ନିଶୁଣୀରୁ କିଛି ପଗ ବାହାର କରିଦେଲେ ଯେଉଁ ଅବସ୍ଥା ସୃଷ୍ଟି ହୋଇଥାଏ, ଶିକ୍ଷା କ୍ଷେତ୍ରରେ ଅନୁରୂପ ଅବସ୍ଥା ସୃଷ୍ଟି ହେବାର ଆଶଙ୍କା ରହିଛି।

ନୂଆ ଶିକ୍ଷାନୀତିରେ ଧନ୍ଦାମୂଳକ ଶିକ୍ଷା ଓ ଡିଜିଟାଲ ପ୍ରଯୁକ୍ତିର ପ୍ରୟୋଗକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଦେଖିବାକୁ ଗଲେ ଧନ୍ଦାମୂଳକ ଶିକ୍ଷା ମୂଳରୁ ରହିଛି। ୮୦ ଦଶକରେ ଯେଉଁ ବିଦ୍ୟାର୍ଥୀ ମାଧ୍ୟମିକ ସ୍ତରରେ ଭଲ ଫଳାଫଳ କରୁ ନ ଥିଲେ ସେମାନେ ପ୍ରାୟତଃ ପରବର୍ତ୍ତୀସ୍ତରର ଶିକ୍ଷା ଭାବେ ଧନ୍ଦାମୂଳକ ପାଠ୍ୟକ୍ରମକୁ ଗ୍ରହଣ କରୁଥିଲେ। ଏଥିପାଇଁ ପ୍ରତି ରାଜ୍ୟରେ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ଓ ଡିପ୍ଲୋମା ଶିକ୍ଷାନୁଷ୍ଠାନ ଅନେକ ଦିନରୁ ରହିଆସିଛି। ୧୯୮୦ ମସିହା ପୂର୍ବରୁ ବିଦ୍ୟାଳୟରେ କୃଷି ବିଜ୍ଞାନ ପାଠ୍ୟକ୍ରମରେ ରହିଥିଲା। ଡିଜିଟାଲ ଶିକ୍ଷାଦାନ ଉପରେ ଯେଉଁ ଗୁରୁତ୍ୱ ଦିଆଯାଇଛି ତାହାର ସଫଳତା ଭବିଷ୍ୟତରେ ହିଁ ଜଣାପଡ଼ିବ। ଗ୍ରାମାଞ୍ଚଳରେ ଟେଲିଯୋଗାଯୋଗ ଓ ଇଣ୍ଟରନେଟ ଆଦିର ସମସ୍ୟା ରହିଛି। ଆଇଆଇଟି ପରି ଦେଶର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନର ୱେବସାଇଟ ଦୀର୍ଘସମୟ ଧରି ଅଚଳ ହୋଇ ପଡ଼ୁଥିବା ଦେଖାଯାଉଛି। ଏଣୁ ଡିଜିଟାଲ ଶିକ୍ଷାଦାନ ପାଇଁ ଭିତ୍ତିଭୂମି ପ୍ରଥମେ ପ୍ରସ୍ତୁତ କରାଯାଉ। କେବଳ ନୂଆ କୋଠା ନିର୍ମାଣ ସହ କିଛି ଇଲେକଟ୍ରୋନିକ୍ସ ସରଞ୍ଜାମ ବିଦ୍ୟାଳୟରେ ରଖିଦେଲେ ଠିକାଦାର ଓ ଯୋଗାଣକାରୀ ସଂସ୍ଥା ଉପକୃତ ହୋଇପାରନ୍ତି, କିନ୍ତୁ ବିଦ୍ୟାର୍ଥୀ ଉପକୃତ ହୋଇପାରିବେ ନାହିଁ। ନିରନ୍ତର ବିଦ୍ୟୁତ ସରବରାହ ନିଶ୍ଚିତ କରିବା ପାଇଁ ବିଦ୍ୟାଳୟକୁ ଡିଜି ସେଟ୍ ଯୋଗାଣ ସହ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ କର୍ମଚାରୀ ନିଯୁକ୍ତ କରାଯିବା ଆବଶ୍ୟକ। ତେବେଯାଇ ନୂତନ ଶିକ୍ଷା ନୀତି କେତେକାଂଶରେ ଉପଯୋଗୀ ସାବ୍ୟସ୍ତ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## ଅବଲୁପ୍ତି ପଥରେ ହସ୍ତାକ୍ଷର

**ଅଲେଖ ଚନ୍ଦ୍ର ମିଶ୍ର**

ବୈଦ୍ୟୁତିକ ସରଞ୍ଜାମ(ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍) ସହିତ ସଂଯୁକ୍ତ ସୂଚନା ପ୍ରଯୁକ୍ତି ବିଦ୍ୟା(ଆଇଟି) ଏବଂ ସଫ୍ଟୱେର୍ ଟେକ୍ନୋଲୋଜିର ଅବଦାନ ସ୍ୱରୂପ ସାରା ପୃଥିବୀ ଏବେ ଗୋଟିଏ ପରିବାରରେ ପରିଣତ ହୋଇଗଲାଣି। ସମ୍ବାଦ ସରବରାହ, ଭାବ ଆଦାନପ୍ରଦାନ, ପାଠ୍ୟୋପକରଣ ବିନିମୟ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ଜିଜ୍ଞାସା, ପରୀକ୍ଷା ପାଇଁ ପ୍ରସ୍ତୁତିଠାରୁ ଦୂର ସମ୍ପର୍କୀୟଙ୍କ ସହିତ ପ୍ରତ୍ୟକ୍ଷ କଥାବାର୍ତ୍ତା କରିବା ଯାଏଁ ଯାବତୀୟ କର୍ମ ଏହା ମାଧ୍ୟମରେ ସଂଘଟିତ ହେଉଛି। ଏହାଛଡ଼ା ଦୈନନ୍ଦିନ ଜୀବନଚର୍ଯ୍ୟାର ଅନେକ କଷ୍ଟଦାୟକ ଓ ସମୟସାପେକ୍ଷ କାର୍ଯ୍ୟ ସହଜରେ ଏବଂ ଶୀଘ୍ର ସମ୍ପାଦିତ ହୋଇପାରୁଛି। ଅପରପକ୍ଷରେ ଏହାର ପ୍ରଭାବରେ ଗୋଟିଏ ଛୋଟ ଅଥଚ ଦରକାରୀ ଉପାଦାନ କ୍ରମେ ଉଭେଇ ଯିବାକୁ ବସିଲାଣି। ତାହା ହେଲା ହାତରେ ଲେଖିବା ଅଭ୍ୟାସ।

ଶୈଶବରୁ ବାର୍ଦ୍ଧକ୍ୟ ଯାଏଁ ସବୁ ଅବସ୍ଥାରେ ମଣିଷର ବୌଦ୍ଧିକ ବିକାଶରେ ଲେଖିବାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ସବୁଯୁଗରେ ଏହାକୁ ପ୍ରାଧାନ୍ୟ ଦିଆଯାଇ ଆସିଛି। ଲେଖିବା ଦ୍ୱାରା ହସ୍ତାକ୍ଷର ଭଲ ହୁଏ (ବିଭିନ୍ନ ପ୍ରକାରର ଅକ୍ଷର ଯଥା ଗୋଲ୍, ଡେଙ୍ଗା, ଛଟା, କରଣି, ଢଳିଢଳି, ତେଢ଼ା, ଅଙ୍କାବଙ୍କା, ଓଡ଼ଁରିଆ, ଇଟାଲିକ୍), ଆଭିଧାନିକ ଜ୍ଞାନ ବୃଦ୍ଧି ହୁଏ, ବନାନ ଶୁଦ୍ଧି ହୁଏ, ସ୍ମୃତିଶକ୍ତି ବଢ଼େ, କଳ୍ପନାବିଳାସ ସୃଷ୍ଟି ହୁଏ, ସୃଜନଶକ୍ତି ଜନ୍ମ ନିଏ, ମସ୍ତିଷ୍କ ତୀକ୍ଷ୍ଣ ହୁଏ, ଆଙ୍ଗୁଠିଗୁଡ଼ିକର ପରିଚାଳନା ହେତୁ ଶିଥିଳତା ଦୂର ହୁଏ ଇତ୍ୟାଦି। ଏହାଛଡ଼ା ଥରେ କଥାଟିଏ ଲେଖା ହୋଇଗଲେ ତାହା ଏକ ସ୍ଥାୟୀ ଦସ୍ତାବିଜ୍ ପାଲଟି ଯାଏ, ଯାହା ଏକ ସ୍ମୃତିର ନିଦର୍ଶନ ସ୍ୱରୂପ ପରବର୍ତ୍ତୀ କାଳରେ କାମରେ ଆସେ। ସେଥିପାଇଁ କାହିଁ କେଉଁ କାଳରୁ ପାଠ୍ୟକ୍ରମରେ ଲେଖାକୁ ଏକ ବିଶେଷ ଅଂଶ ଭାବରେ ଗ୍ରହଣ କରାଯାଇଛି।

ପାଠର ଆରମ୍ଭ ତ ଲେଖାରୁ ହିଁ ହୁଏ(ତିନୋଟି 'ଠ' ମୁଣ୍ଡଳାକୁ ମଡ଼େଇ), ଯାହା ପରବର୍ତ୍ତୀ ସମୟରେ ହସ୍ତାକ୍ଷର ଲେଖା ରୂପରେ ପାଠ୍ୟ ଖସଡ଼ାରେ ସାମିଲ୍ ହୁଏ। ହସ୍ତାକ୍ଷର ଖାତାର ବି ବିଶେଷତ୍ୱ ଥାଏ। ପ୍ରତି ପୃଷ୍ଠାରେ ସ୍କେଲ୍ ପେନ୍ସିଲ୍‌ରେ ତିନିଟିକିଆ ଗାର ଟାଣି ଶିକ୍ଷକଙ୍କୁ ଦେଖେଇ ଦିଆଯାଏ ଏବଂ ସେ ତା'ର ଶିରୋନାମାରେ ନୀତିଶିକ୍ଷାମୂଳକ ଧାଡ଼ିଟିଏ ଯେପରି, 'ବାଳକେ ମୋର ବୋଲ କର', ପର ପୃଷ୍ଠାରେ 'ସତ୍ୟ ପାଳିବ ନିରନ୍ତର' ଲେଖି ଦିଅନ୍ତି। ପିଲାଟିଏ ତା'କୁ ତଳେ ପଡ଼ିଥିବା ସବୁ ଧାଡ଼ିର ଗାରରେ ବାରମ୍ବାର ଲେଖି ଅଭ୍ୟାସ କରେ ଏବଂ ଶିକ୍ଷକଙ୍କୁ ଦେଖାଏ। ଏହିପରି ଲେଖି ଲେଖି ଖାତା ସରିଲା ବେଳକୁ ଅକ୍ଷରର ଶୈଳୀରେ ତ ଉନ୍ନତି ହୋଇଥାଏ, ତା' ସହିତ ପିଲାଟିଏ ଅନେକ ନୀତିବାଣୀ ମନେ ରଖେ। ସେଥିରୁ ସାମାନ୍ୟ ବିଚ୍ୟୁତି ଘଟିଲେ କିମ୍ବା ଅକ୍ଷର ଠିକ୍ ଭାବରେ ଲେଖା ହୋଇ ନ ଥିଲେ ଦଣ୍ଡ ଭୋଗିବାକୁ ପଡ଼େ।

ଏହା ଏକ ଜଣାଶୁଣା କଥା ଯେ, ପାଞ୍ଚ ଥର ପଢ଼ିଲେ ଯେତିକି ମନେ ରହେ ଥରେ ଲେଖି ଦେଲେ ତା'ଠାରୁ ଅଧିକ ମନେ ରହେ। ଏ ସବୁ ପୁରୁଣା କଥା ଆଜିକାଲିର ପିଲାମାନେ ହୁଏ ତ ବିଶ୍ୱାସ କରିବେନି। ଲେଖିବା ସହିତ ଅନେକ ଭାବାବେଗ ଜଡ଼ିତ। ତେଣୁ ଲେଖିବା ଭଳି ଲେଖା ପାଇଁ ଆବଶ୍ୟକ ହେଉଥିବା ଲିଖନ ସାମଗ୍ରୀ ଯଥା ସିଲଟ, ଖଡ଼ି, ଲେଖନି, କଲମ ବା ପେନ୍, ପେନ୍ସିଲ୍, ସ୍କେଲ୍, ରବର୍ (ଇରେଜର୍), ରିଫିଲ୍, ରଙ୍ଗବେରଙ୍ଗର ସ୍ୟାହି, କାଗଜ, ନୋଟ୍ ପ୍ୟାଡ୍, ଡାଏରି ଇତ୍ୟାଦି ମଧ୍ୟ ଅପରିହାର୍ଯ୍ୟ।

ଅଧୁନା ଇଣ୍ଟରନେଟ୍, କମ୍ପ୍ୟୁଟର୍, ସ୍ମାର୍ଟ ଫୋନ୍ ଇତ୍ୟାଦିର ବ୍ୟବହାର ଫଳରେ ଲେଖିବା କମି କମି ଚାଲିଛି। ଏବେ ସେଥିରେ ଯୋଡ଼ି ହୋଇ ଗଲାଣି କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ଯାହାର ପ୍ରତ୍ୟକ୍ଷ ପ୍ରଭାବରେ ଲେଖାଲେଖି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇ ଯିବାର ଆଶଙ୍କା ଉପୁଜୁଛି। ଏହା ସାହିତ୍ୟକୁ ବିଶେଷ ପ୍ରଭାବିତ କରି ମଣିଷର କୃତିକୁ ଯାନ୍ତ୍ରିକ ଉପାଦାନ ସହିତ ମିଶେଇ ଦିଏ ବୋଲି ବିଶିଷ୍ଟ ଇଂରାଜୀ ସାହିତ୍ୟିକ ଷ୍ଟିଫେନ୍ ମାର୍ଚ ତାଙ୍କର ସଦ୍ୟ ପ୍ରକାଶିତ ପୁସ୍ତକ 'ଡେଥ୍ ଅଫ୍ ଆନ୍ ଅଥର୍'ରେ ଚିନ୍ତାପ୍ରକଟ କରିଛନ୍ତି। ତାଙ୍କ ମତରେ ଯନ୍ତ୍ର ମଣିଷ ଭଳି ଲେଖିପାରିବ ନାହିଁ। କାରଣ ତା'ର ଅନୁଭବ ଶକ୍ତି ନାହିଁ। ତା' ଛଡ଼ା ଏହା ସାହିତ୍ୟ ଚୋରି (ପ୍ଲାଗିଆରିଜିମ୍)କୁ ଉତ୍ସାହିତ କରେ। କାରଣ ଏ କ୍ଷେତ୍ରରେ ମୂଳ ଲେଖା ଓ ନକଲ ଲେଖାକୁ ଜାଣିବା ସମ୍ଭବ ହୁଏ ନାହିଁ। ସେହିପରି ବିଖ୍ୟାତ ଲେଖକ ଗ୍ରାହାମ୍ ଚେତାବନୀ ଦେଇଛନ୍ତି ଯେ ଭବିଷ୍ୟତର ସମାଜ 'ରାଇଟ୍‌ସ୍ ଆଣ୍ଡ ରାଇଟ୍ ନଟସ୍' ରୂପରେ ଦୁଇଟି ଭାଗରେ ବିଭକ୍ତ ହେବାକୁ ଯାଉଛି। ଶିକ୍ଷାନୁଷ୍ଠାନରେ ପିଲାମାନଙ୍କ ପାଇଁ ଏଆଇ ମାତ୍ର କେଇ ସେକେଣ୍ଡରେ ପ୍ରବନ୍ଧ ଗଳ୍ପ ଓ ପ୍ରଶ୍ନୋତ୍ତର ଇତ୍ୟାଦି ପ୍ରସ୍ତୁତ କରି ପାରୁଥିବାରୁ ସେମାନେ ଆଉ ଲେଖିବା ଜାଣିବେନି। ଲେଖାର ଜନ୍ମ ଅନୁଭବ, ଚିନ୍ତା, ଭାବନା, କଳ୍ପନା ଇତ୍ୟାଦି ସୂକ୍ଷ୍ମ ମାନବୀୟ ବିଭାବରୁ ହୋଇଥାଏ, ଯାହା ଏଆଇର ନାହିଁ। ତେଣୁ ମୌଳିକତା ସୃଷ୍ଟି ତା' ଦ୍ୱାରା ସମ୍ଭବ ନୁହେଁ।

ଏବେ ପୃଥିବୀ ଆଲ୍‌ଗୋରିଦମ୍(ଯାନ୍ତ୍ରିକ ନୀତିନିୟମ ଧାରା) ଆଡ଼କୁ କ୍ଷିପ୍ରଗତିରେ ଆଗଭର ଥିବା ବେଳେ ପ୍ରଶ୍ନ ଉଠେ ମେସିନ୍ ଆମର ମନର ଭାବନା, ଚିନ୍ତନ, ବୁଦ୍ଧି, ଜ୍ଞାନ ଓ ବିବେକର କାର୍ଯ୍ୟ ଆମ ପାଇଁ କରିବ ନା ଆମେ ଆମ ଭବିଷ୍ୟତ ବଂଶଧରଙ୍କ ପାଇଁ ସେମାନଙ୍କର ମନର କଥା ଲେଖା ମାଧ୍ୟମରେ ପ୍ରକାଶ କରିବାର ଉପାୟକୁ ବଞ୍ଚେଇ ରଖିବା ଉଦ୍ଦେଶ୍ୟରେ ପୁଣି କାଗଜ କଲମ ଓ ଲିଖନ ସାମଗ୍ରୀକୁ ଖୋଜିବା।

ଭୁବନେଶ୍ୱର, ମୋ: ୮୪୩୮୬୭୩୮୯୮

## ଚୁଡ଼ି: ସ୍ୱାସ୍ଥ୍ୟ ଓ ସୌଭାଗ୍ୟର ସନ୍ତକ

**ବେଦ-ବିଜ୍ଞାନ**

**ଓଜସ୍ୱିନୀ**

ଭାରତୀୟ ସଂସ୍କୃତିରେ ଚୁଡ଼ିର ବିଶେଷ ମହତ୍ତ୍ୱ ଅଛି। ଏହାର ଆଧ୍ୟାତ୍ମିକ ଓ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ବୈଦିକ ଶାସ୍ତ୍ରରେ ପୁରୁଷଙ୍କୁ ଆୟୁଷ୍ମାନ ଓ ମହିଳାମାନଙ୍କୁ ଅଖଣ୍ଡ ସୌଭାଗ୍ୟବତୀ ହେବାର ଆଶୀର୍ବାଦ ଦେବା ପାଇଁ ପରାମର୍ଶ ଦିଆଯାଇଛି। କାରଣ ସ୍ତ୍ରୀର ସୌଭାଗ୍ୟ ସ୍ୱାମୀର ଆୟୁଷ ସହିତ ସମ୍ପୃକ୍ତ। ତେଣୁ ଯେତେବେଳେ ପର୍ଯ୍ୟନ୍ତ ସ୍ତ୍ରୀର ହାତରେ ଚୁଡ଼ି ଶୋଭା ପାଉଥିବ ସେତେବେଳ ପର୍ଯ୍ୟନ୍ତ ତାହା ସଧବା ଓ ସୌଭାଗ୍ୟର ପ୍ରତୀକ ହୋଇ ରହିଥିବ। ଆମ ଦେଶରେ ବିଭିନ୍ନ ଜାତି ଓ ଆଞ୍ଚଳିକ ବିବିଧତା ଆଧାରରେ ଚୁଡ଼ି ପିନ୍ଧିବାର ପରମ୍ପରା ଓ ଶୈଳୀ ଭିନ୍ନ ଭିନ୍ନ। ହିନ୍ଦୁ ଧର୍ମରେ ବିବାହ ପରେ ମହିଳାମାନେ ଚୁଡ଼ି ପିନ୍ଧିବା ବାଧ୍ୟତାମୂଳକ ହୋଇଥାଏ। ତେଣୁ ଜଣେ କନ୍ୟା ବିବାହିତା କି ଅବିବାହିତା ତା'ର ସନ୍ତକ ଚୂଡ଼ିରୁ ମିଳେ।

ଚୁଡ଼ି ପିନ୍ଧିବାର ଅନେକ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଚୁଡ଼ି ଲଗାତାର ହାତ ସହିତ ଘର୍ଷଣ ହେବା ଦ୍ୱାରା ରକ୍ତ ପ୍ରବାହ ସୁଚାରୁ ରୂପେ ସମ୍ପାଦନ ହୋଇଥାଏ। ହାତରେ ଥିବା ଅନେକ ଆକ୍ୟୁପ୍ରେସର ବା ଚାପ ବିନ୍ଦୁଗୁଡ଼ିକ ଉପରେ ଚୁଡ଼ିଗୁଡ଼ିକ ନିରନ୍ତର ଚାପ ସୃଷ୍ଟି କରିବା ଦ୍ୱାରା ହରମୋନ୍ ସନ୍ତୁଳନ ସଠିକ୍ ରହିଥାଏ। ଏହି କାରଣରୁ ପୌରାଣିକ ଯୁଗରେ ପୁରୁଷମାନେ ମଧ୍ୟ ହାତରେ କଡ଼ା ପିନ୍ଧୁଥିଲେ। ଭାରତର କେତେକ ଅଞ୍ଚଳରେ ଗର୍ଭଧାରଣର ସାତମାସରେ 'ଗୋଦ୍ ଭରାଇ' ନାମକ ଏକ ପ୍ରଥା ରହିଛି। ଏଥିରେ ଗର୍ଭବତୀଙ୍କୁ ଚୁଡ଼ି ଓ କଡ଼ା କିମ୍ବା ଶଙ୍ଖା ପିନ୍ଧିବାକୁ ଦିଆଯାଏ। ସାତମାସରେ ଗର୍ଭସ୍ଥ ଶିଶୁର ମସ୍ତିଷ୍କ ସକ୍ରିୟ ହେଉଥିବାରୁ ଚୁଡ଼ିରୁ ଯେଉଁ ଧ୍ୱନି ସୃଷ୍ଟି ହୁଏ, ତାହା ଉଭୟ ମା' ଓ ଶିଶୁକୁ ଚିନ୍ତାମୁକ୍ତ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ଶରୀରରେ କ୍ରିୟାଶକ୍ତି ଜାଗ୍ରତ କରାଏ। ସୁନା ଓ ରୁପା ଚୁଡ଼ି ପିନ୍ଧିବା ଦ୍ୱାରା ସେଗୁଡ଼ିକର ଧାତୁଗୁଣ ଚର୍ମତଳେ ଥିବା ସୂକ୍ଷ୍ମ ଶିରାପ୍ରସିରା ଦେଇ ଶରୀରକୁ ଯାଇ ସ୍ୱାସ୍ଥ୍ୟପ୍ରଦ ଲାଭ ହୋଇଥାଏ।

ରଙ୍ଗୀନ ଚୁଡ଼ିଗୁଡ଼ିକ ମନକୁ ଶାନ୍ତ ରଖେ ଓ ଆଖିକୁ ଆରାମ ଦେଇଥାଏ। ଧଳା ଚୁଡ଼ି ଅୟମାରମ୍ଭର ପ୍ରତୀକ ହୋଇଥିବା ବେଳେ ହଳଦିଆ ରଙ୍ଗର ଚୁଡ଼ି ଖୁସି, ସବୁଜ ରଙ୍ଗର ଚୁଡ଼ି ସୌଭାଗ୍ୟ ଓ ସମୃଦ୍ଧି, କଳାରଙ୍ଗର ଚୁଡ଼ି ଶକ୍ତି ଆରାଧନା, ବାଇଗଣୀ ରଙ୍ଗର ଚୁଡ଼ି ସ୍ୱାଧୀନତା, ନୀଳ ରଙ୍ଗର ଚୁଡ଼ି ଶାନ୍ତି ଓ ପ୍ରଜ୍ଞା, ଲାଲ୍ ରଙ୍ଗର ଚୁଡ଼ି ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ପିନ୍ଧାଯାଇଥାଏ। କାଚରେ ତିଆରି ଚୁଡ଼ି ପିନ୍ଧିବା ଦ୍ୱାରା ସେଥିରୁ ବାହାରୁଥିବା ଶବ୍ଦ ନକାରାତ୍ମକ ଶକ୍ତିର ପ୍ରଭାବକୁ ଦୂର କରେ।

ପୌରାଣିକ କଥାବସ୍ତୁରେ ଋଷି ପତ୍ନୀମାନେ ଫୁଲରୁ ପ୍ରସ୍ତୁତ ଚୁଡ଼ି ପିନ୍ଧିଥିବାର ଜଣାଯାଏ। ବିଭିନ୍ନ ଫୁଲର ସୁଗନ୍ଧ ଓ ରଙ୍ଗ ମନରେ ସାତ୍ତ୍ୱିକ ଭାବନା ଜାଗ୍ରତ କରେ। ସେହିପରି ସୁନା, ରୁପା ଆଦି ଧାତୁନିର୍ମିତ ଚୁଡ଼ି ରାଜସିକ ଏବଂ ଲୌହ, ତାମ୍ର, କାଂସ୍ୟ ଓ ପିତଳ ନିର୍ମିତ ଚୁଡ଼ି ତାମସିକ ଭାବ ଜାଗ୍ରତ କରାଏ। ତେଣୁ ରାଜପ୍ରସାଦର ଲଳନାମାନେ ସୁନା ଓ ରୁପା ଚୁଡ଼ି ପିନ୍ଧୁଥିବା ବେଳେ ତାନ୍ତ୍ରିକ ଓ ମାନ୍ତ୍ରିକମାନେ ଲୁହା, ପିତଳ, ତମ୍ବା ନିର୍ମିତ ଚୁଡ଼ି କିମ୍ବା କଡ଼ା ପିନ୍ଧୁଥିବାର ଦେଖାଯାଏ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଚୁଡ଼ି ମଙ୍ଗଳ ଓ ଚନ୍ଦ୍ର ଗ୍ରହଙ୍କ ପ୍ରତୀକ। ଗ୍ରହ ଓ ରାଶି ଅନୁଯାୟୀ ଚୁଡ଼ି ପିନ୍ଧିବା ପାଇଁ ସେଥିରେ ଉଲ୍ଲେଖ ଥିବା ବେଳେ ସକାଳେ କିମ୍ବା ସନ୍ଧ୍ୟାରେ, ଅମାବାସ୍ୟା, ସଂକ୍ରାନ୍ତିରେ ଚୁଡ଼ି ପିନ୍ଧିବାକୁ ବାରଣ କରାଯାଇଛି। ଭାଗ୍ୟ ଓ ଶକ୍ତି ଲାଭ ପାଇଁ ଯଥାକ୍ରମେ ସୁନା ଓ ରୁପା ଚୁଡ଼ି ପିନ୍ଧିବା ପାଇଁ ଏବଂ ଗ୍ରହଦୋଷରୁ ମୁକ୍ତି ପାଇଁ ଶଙ୍ଖ, ଶାମୁକା ଓ ପ୍ରସ୍ତର ନିର୍ମିତ ଚୁଡ଼ି ପିନ୍ଧିବାକୁ ଜ୍ୟୋତିଷଶାସ୍ତ୍ରରେ ପରାମର୍ଶ ଦିଆଯାଇଛି। ସେହିପରି ଚୁଡ଼ି ପିନ୍ଧିବା ପୂର୍ବରୁ ମା'ଗୌରୀଙ୍କୁ ସ୍ମରଣ କରିବାର ବିଧି ରହିଛି।

ଚୁଡ଼ିର ସଂଖ୍ୟା ସହିତ କେତେକ ଧର୍ମୀୟ ବିଶ୍ୱାସ ମଧ୍ୟ ଜଡ଼ିତ ଅଛି। ଉଦାହରଣ ସ୍ୱରୂପ ତନ୍ତ୍ରବିଦ୍ୟାରେ ତିନିଟି ଲେଖାଏଁ ଚୁଡ଼ି ତାରକ ଶକ୍ତି, ଛଅଟି ଲେଖାଏଁ ଚୁଡ଼ି ତାରକ-ମାରକ ଶକ୍ତି, ଆଠଟି ଚୁଡ଼ି ମାରକ-ତାରକ ଶକ୍ତି ଏବଂ ୧୨ଟି ଲେଖାଏଁ ମାରକ ଶକ୍ତିର ପ୍ରତୀକ ଭାବେ ଉଲ୍ଲେଖ ଅଛି।

ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫେବୃଆରୀ ପ୍ରଥମ ସପ୍ତାହରେ ବିଜେପିକୁ ମିଳିବ ରାଜ୍ୟ ମଙ୍ଗୁଆଳ

**ଭୁବନେଶ୍ୱର,୩୦।୧(ସମିସ):** ଆସନ୍ତା ଫେବୃଆରୀ ମାସ ପ୍ରଥମ ମାସରେ ରାଜ୍ୟ ବିଜେପି ସଭାପତି ନିଯୁକ୍ତ ହେବେ। କନ୍ଧମାଳ ବିଜେଡି ସାଂସଦ ତଥା ନିର୍ବାଚନ ସହ-ପ୍ରଭାରୀ ସୁକାନ୍ତ ପାଣିଗ୍ରାହୀ ଏ ନେଇ ସୂଚନା ଦେଇଛନ୍ତି।

ଶ୍ରୀ ପାଣିଗ୍ରାହୀ କହିଛନ୍ତି, ଆସନ୍ତା ମାସର ପ୍ରାରମ୍ଭରେ ବଳକା ଥିବା ବିଜେପି ସାଂଗଠନିକ ଜିଲ୍ଲାଗୁଡ଼ିକରେ ସଭାପତି ନିଯୁକ୍ତ ହେବେ। ଏହାପରେ ଓଡ଼ିଶା ପାଇଁ ସାଂଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଥିବା ସଞ୍ଜୟ ଜୟସ୍ୱାଲ ଓଡ଼ିଶା ଆସିବେ। ରାଜ୍ୟ ସଭାପତି ନିର୍ବାଚନ ପାଇଁ ଏବେ କୌଣସି ପ୍ରତିବନ୍ଧକ ନାହିଁ। ବିଜେପିର ସମ୍ବିଧାନ ଅନୁଯାୟୀ ୫୦ ପ୍ରତିଶତରୁ ଅଧିକ ଜିଲ୍ଲାରେ ସଭାପତି ନିଯୁକ୍ତି ସରିଛି। ତେଣୁ ଫେବୃଆରୀ ପ୍ରଥମ ସପ୍ତାହରେ ରାଜ୍ୟରେ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ସରିବ ଏବଂ ରାଜ୍ୟ ବିଜେପିକୁ ନୂଆ ମଙ୍ଗୁଆଳ ମିଳିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବଳକା ୧୪ ସାଂଗଠନିକ ଜିଲ୍ଲା ମଧ୍ୟରୁ ଏବେ ୨-୩ଟି ଜିଲ୍ଲାରେ ସଭାପତି କିଏ ହେବେ ସେନେଇ ନିଷ୍ପତ୍ତି ନିଆଯାଇ ପାରିନାହିଁ। ସହମତି ଭିତ୍ତିରେ ସଭାପତି ଚୟନ କରାଯାଉଥିବା ବେଳେ ଦୁଇ ଶକ୍ତିଶାଳୀ ଗୋଷ୍ଠୀଙ୍କ ମଧ୍ୟରେ ଟଣାଓଟରା କାରଣରୁ ନିଷ୍ପତ୍ତି ଅଟକି ରହିଛି। ତେବେ ଦିନେ ଦୁଇଦିନ ମଧ୍ୟରେ ସଭାପତି ନେଇ ଚୂଡ଼ାନ୍ତ ନିଷ୍ପତ୍ତି ପରେ ରାଜ୍ୟ ସଭାପତି ପାଇଁ ପ୍ରକ୍ରିୟା ଆଗେଇବ ବୋଲି ଜଣାପଡ଼ିଛି।

## 'ସମର୍ଥ'ରେ ଅନ୍ତେବାସୀଙ୍କୁ ମାନସିକ ନିର୍ଯାତନା

# ଡିଏସ୍‌ଏସ୍‌ଙ୍କୁ କାରଣ ଦର୍ଶାଅ ନୋଟିସ

**ସମ୍ବଲପୁର, ୩୦।୧(ସମିସ):** ସମ୍ବଲପୁର ନେତାଜୀ ନଗରସ୍ଥିତ ସମର୍ଥ ଅନୁଷ୍ଠାନରେ ମାନସିକ ରୋଗୀଙ୍କୁ ସେବା ଆଳରେ ନିର୍ଯାତନା ଘଟଣା ଭିନ୍ନମୋଡ଼ ନେଇଛି। ଜିଲ୍ଲାପାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ) ଥବିର ମହାନନ୍ଦଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ମାନସିକ ରୋଗୀଙ୍କୁ ନିର୍ଯାତନା ଦେଉଥିବା ଭିଡିଓ ଭାଇରାଲ ହେବା ପରେ ଜିଲ୍ଲାପାଳ ତଥା ଜିଲ୍ଲା ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ଗଠନ କରାଯାଇଥିଲା। ପ୍ରାଥମିକ ତଦନ୍ତ ପରେ ଉପଜିଲ୍ଲାପାଳ ତଦନ୍ତ ରିପୋର୍ଟ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରିଛନ୍ତି। ଏହା ପରେ ଜିଲ୍ଲାପାଳ ଡିଏସ୍‌ଏସ୍‌ଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କାହିଁକି ସେ ଠିକ୍ ଭାବରେ ପରିଦର୍ଶନ କରୁନଥିଲେ, ତାହାର କାରଣ ଦର୍ଶାଇବାକୁ ନୋଟିସ୍‌ରେ କୁହାଯାଇଛି। ସମର୍ଥରେ ଅନ୍ତେବାସୀଙ୍କୁ ଅସହ୍ୟ ମାନସିକ ନିର୍ଯାତନା ଦିଆଯାଉଥିଲା। ସହର ଉପକଣ୍ଠରେ ଥାଇ ମଧ୍ୟ କିପରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଏ ବିଷୟରେ ସୂଚନା ପାଇ ପାରୁନଥିଲେ। ଗତବର୍ଷ ଅଗଷ୍ଟରୁ ସେ ଆଉ ପରିଦର୍ଶନରେ ଯାଉ ନଥିବା କହିଛନ୍ତି। ଅନ୍ତେବାସୀମାନେ ବହୁତ ଦିନରୁ ନିର୍ଯାତନାର ଶିକାର ହେଉଥିଲେ। ତେଣୁ ଜିଲ୍ଲାପାଳ ଡିଏସ୍‌ଏସ୍‌ଓଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

**ଆଜି ସ୍ଥାନାନ୍ତର ହେବେ ଅନ୍ତେବାସୀ କାହାକୁ ଛଡା ଯିବନି : ଆଇଜି**

ସେପଟେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଘଟଣାକୁ ଗୁରୁତ୍ୱର ସହ ନେଇ କହିଛନ୍ତି, ଉକ୍ତ ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ଅନୁଷ୍ଠାନର ପରିଚାଳକ ହରିଶଚନ୍ଦ୍ର ଦାସ ଓ ସହାୟିକ ସ୍ୱାଗତିକାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ହରିଶଙ୍କୁ ରିମାଣ୍ଡରେ ଆଣି ତଦନ୍ତ କରାଯିବ। ପୂର୍ବରୁ ଅନ୍ୟ କେଉଁ କେଉଁ ଘଟଣାରେ ସମ୍ପୃକ୍ତ ରହିଛି, ତାହାର ତଦନ୍ତ ହେବ। ଆଦର୍ଶ ଶିଶୁ ମନ୍ଦିର ଅନୁଷ୍ଠାନ କରି ସେଥିରେ ୪ଟି ଏନ୍‌ଜିଓ କରିଥିଲେ। ତେଣୁ ସବୁ କିଛିର ତଦନ୍ତ କରାଯିବ। ଉପଜିଲ୍ଲାପାଳ କହିଛନ୍ତି, ପ୍ରାଥମିକ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରାଯାଇଛି। ନିର୍ଯାତନା ପାଇଁ ପୂର୍ବରୁ ଏକ ମାମଲା ରୁଜୁ ହୋଇଛି। ବୁଧବାର ଜଣେ ମହିଳା ଅନ୍ତେବାସୀ ଅଭିଯୋଗ ପରେ ଦୁଷ୍କର୍ମ ମାମଲା ପରିଚାଳକଙ୍କ ନାମରେ ରୁଜୁ ହୋଇଛି। ଆଗକୁ ତଦନ୍ତ ଜାରି ରହିବ ବୋଲି କହିଛନ୍ତି। ସମର୍ଥ ଅନୁଷ୍ଠାନକୁ ମୋଟ ସରକାରଙ୍କ ପକ୍ଷରୁ ୩୭ଲକ୍ଷ ଟଙ୍କା ଅନୁଦାନ ମିଳିସାରିଛି। ପର୍ଯ୍ୟାପ୍ତ ଅର୍ଥ ରାଶି ପାଇ ମଧ୍ୟ ଅନ୍ତେବାସୀଙ୍କୁ ଭାତ ଓ ଆଚାର ଦିଆଯାଉଥିଲା। ତାହାର ମଧ୍ୟ ତଦନ୍ତ କରାଯିବା ନେଇ ସୂଚନା ରହିଛି। ଆସନ୍ତାକାଲି ଅନ୍ତେବାସୀଙ୍କୁ ବଏଜା ମୁଣ୍ଡାସ୍ଥିତ ସମନ୍ୱିତ କମ୍ପ୍ଲେକ୍ସକୁ ସ୍ଥାନାନ୍ତରଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ଦନ୍ତା ଆକ୍ରମଣରେ ୭ ବର୍ଷର ଶିଶୁକନ୍ୟା ମୃତ

**ଢେଙ୍କାନାଳ, ୩୦।୧(ସମିସ):** ମୋଟଙ୍ଗା ଥାନା ଅନ୍ତର୍ଗତ ବଦାଲୁ ପଞ୍ଚାୟତର ହାଣ୍ଡିଫୁଟା ଗ୍ରାମରେ ଏକ ଦନ୍ତାହାତୀ ଆକ୍ରମଣରେ ୭ ବର୍ଷର ଶୁଶୁକନ୍ୟାର ମୃତ୍ୟୁ ଘଟିଛି। ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଗ୍ରାମରେ ପ୍ରବେଶ କରି ଆତଙ୍କ ସୃଷ୍ଟି କରିଥିଲା। ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରିବା ସହ ପ୍ରମୋଦ ନାଏକଙ୍କ ଝାଟିମାଟି ଘର ଭାଙ୍ଗି ସେଠାରେ ଶୋଇଥିବା ଝିଅ ପ୍ରିୟଙ୍କା ନାଏକ(୭)କୁ ଆକ୍ରମଣ କରିଥିଲା। ଏଥିରେ ପ୍ରିୟଙ୍କା ଗୁରୁତର ଆହତ ହେବାରୁ ତାଙ୍କୁ ପରିବାର ସଦସ୍ୟ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦନ୍ତାହାତୀ ଆକ୍ରମଣରେ ପ୍ରିୟଙ୍କାଙ୍କ ମାଆ ଓ ଜେଜେ ମାଆ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ଉତ୍ୟକ୍ତ ଗ୍ରାମବାସୀ ହିନ୍ଦୋଳ ଗୁଡ଼ିଆକାଟେଣି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ୫୫ନଂ ଜାତୀୟ ରାଜପଥରେ ଯାତାୟାତ ସଂପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ମୋଟଙ୍ଗା ଥାନା ଅଧିକାରୀ ଓ ବନବିଭାଗର କର୍ମଚାରୀମାନେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ବନ ବିଭାଗ ପକ୍ଷରୁ ମୃତ ପ୍ରିୟଙ୍କାଙ୍କ ପରିବାରକୁ ୬୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ସହିତ ଉକ୍ତ ଅଞ୍ଚଳରେ ଥିବା ରାସ୍ତାର ଆଲୋକୀକରଣ ଖୁବ୍‌ଶୀଘ୍ର କରାଯିବ ବୋଲି ଡିଏଫ୍‌ଓ ସୁମିତ କର ପ୍ରକାଶ କରିଛନ୍ତି।



୫୫ନଂ ଜାତୀୟ ରାଜପଥ ଅବରୋଧ କଲେ ଉତ୍ୟକ୍ତ ଗ୍ରାମବାସୀ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେନା ହେଲିକପ୍ଟର...

ଦୁର୍ଘଟଣାର ୩୦ ସେକେଣ୍ଡ ପୂର୍ବରୁ ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) ପକ୍ଷରୁ ସେନା ହେଲିକପ୍ଟରକୁ ଯୋଗାଯୋଗ କରାଯାଇଥିଲା। ମାତ୍ର କେହି କଲ୍ ଉଠାଇ ନ ଥିଲେ। ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ)ର ସୂଚନା ଅନୁଯାୟୀ ଆମେରିକା ଏୟାରଲାଇନ୍ସର ଏହି ବିମାନ ଡିସିଏର ୩୩ ନମ୍ବର ରନୱେ ଅଭିମୁଖେ ଯାଉଥିଲା। ଏହି ସମୟରେ ବ୍ଲାକ୍‌ହକ୍ ଏଚ୍-୬୦ ହେଲିକପ୍ଟର ସହ ଏହା ଧକ୍କା ହୋଇଥିଲା। ଦୁଇ ବିମାନ ଧକ୍କା ହେବା ପରେ ଜଣେ ପାଇଲଟ ଏହା ଦେଖି ଏଟିସିକୁ ଜରୁରୀ କଲ୍ କରିଥିଲେ। ଟାୱାର ତୁମେ ଦେଖିପାରୁଛ କି ବୋଲି ପଚାରି ଥିଲେ। ଏହା ପରେ ଜଣେ ଏଟିସି ଦୁର୍ଘଟଣା ଦୁର୍ଘଟଣା ଦୁର୍ଘଟଣା ବୋଲି କହିଥିଲେ। ଏହି ଦୁର୍ଘଟଣାରେ ଯାତ୍ରୀ ବିମାନଟି ତିନି ଖଣ୍ଡ ହୋଇଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଟ୍ରମ୍ପ ଏହା ଉପରେ ପ୍ରଶ୍ନ ଉଠାଇ ଏଟିସିକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ବିମାନ ଠିକ୍ ମାର୍ଗରେ ଯାଉଥିଲା। ମାତ୍ର ହେଲିକପ୍ଟରଟି ବହୁତ ବିଳମ୍ବରେ ବିମାନ ଆଡ଼କୁ ଆସି ଯାଇଥିଲା। ଏହା ସତ୍ତ୍ୱେ ହେଲିକପ୍ଟର ତଳକୁ କିମ୍ବା ଉପରକୁ କାହିଁକି ଗଲାନି? କଣ୍ଟ୍ରୋଲ ଟାୱାର ପକ୍ଷରୁ ବିମାନକୁ କାହିଁକି ସୂଚନା ଦିଆଗଲା ନାହିଁ? ଏଭଳି ଦୁର୍ଘଟଣା ଏଡ଼ା ଯାଇପାରିଥାନ୍ତା ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ବିଶେଷଜ୍ଞମାନେ ଏହି ଦୁର୍ଘଟଣା ନେଇ ସୁରକ୍ଷାବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁହାଁମୁହିଁ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଅତ୍ୟାଧୁନିକ ଉପକରଣ ଲାଗିଥିବା ସତ୍ତ୍ୱେ କେମିତି ଏହା ଘଟିଲା ବୋଲି ପ୍ରଶ୍ନ କରିଛନ୍ତି।

### ପାଣି ବନ୍ଦ କଲା...

ହୀରାକୁଦ କର୍ତ୍ତୃପକ୍ଷ ମାତ୍ର ୩୬୪୫ କ୍ୟୁସେକ୍ ଜଳ ଛାଡୁଛନ୍ତି। ୫୦୦୦୦ କ୍ୟୁସେକ୍ ବଦଳରେ ୩୬୪୫ କ୍ୟୁସେକ୍ ଜଳ ଛାଡ଼ିବା ଦ୍ୱାରା ଜଳ ବିଦ୍ୟୁତ୍ ଉତ୍ପାଦନ ବ୍ୟାହତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ପାଣି ଉପରମୁଣ୍ଡରୁ ନ ଆସିବା ଫଳରେ ପାୱାର ଚ୍ୟାନେଲ୍‌କୁ ଛଡ଼ାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ନିର୍ମାଣାଧୀନ ୨୦ଟି ଜଳ ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବର୍ଷାଦିନ ବ୍ୟତୀତ ଅନ୍ୟ ସମୟରେ ଓଡ଼ିଶାକୁ ପାଣି ମୁନ୍ଦାଏ ବି ଆସିବ ନାହିଁ ବୋଲି ସ୍ପଷ୍ଟ ହୋଇଛି।

ପୂର୍ବରୁ ଛତିଶଗଡରେ ବିଜେପିର ରମଣ ସିଂ ସରକାର ଶିଳ୍ପ ସଂସ୍ଥାକୁ ଜଳ ଯୋଗାଣ ନିମନ୍ତେ ମହାନଦୀ ଉପରମୁଣ୍ଡରେ ଅନେକଗୁଡ଼ିଏ ବ୍ୟାରେଜ୍ ନିର୍ମାଣ କରିଥିଲେ। ଯାହା ଦ୍ୱାରା ମହାନଦୀକୁ ଜଳ ପ୍ରବାହ ହ୍ରାସ ପାଇଥିଲା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡିଶା ସରକାର ଏହାର ତୀବ୍ର ବିରୋଧ କରିବା ଫଳରେ କଥା କେନ୍ଦ୍ର ପାଖରେ ପହଞ୍ଚିଥିଲା। ମାତ୍ର ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏ କ୍ଷେତ୍ରରେ ପ୍ରାୟ ନିରବ ରହିଥିଲେ। ଟ୍ରିବ୍ୟୁନାଲ ଗଠନ ପରେ ମଧ୍ୟ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବିଶେଷ ପରିବର୍ତ୍ତନ ହୋଇଥିବା ମନେ ହେଉନାହିଁ, ଯାହା ଫଳରେ ଓଡ଼ିଶାର ସ୍ୱାର୍ଥ ହାନି ହୋଇଛି ଓ ମହାନଦୀ କ୍ରମଶଃ ମୃତ ନଦୀରେ ପରିଣତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଓଡିଶାରେ ଡବଲ ଇଞ୍ଜିନ ସରକାର ହେଲେ ମହାନଦୀ ପାଣିକୁ କେହି ଅଟକାଇ ପାରିବେ ନାହିଁ ବୋଲି ବିଜେପି ନେତାମାନେ କହୁଥିଲେ। ମାତ୍ର ଏବେ ଓଡିଶା, ଛତିଶଗଡ଼ ଓ କେନ୍ଦ୍ରକୁ ମିଶାଇଲେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ବିଡ଼ମ୍ବନା ହେଉଛି ଓଡିଶା ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର କଲମା ବ୍ୟାରେଜ ଓ ବର୍ତ୍ତମାନ ୨୦ଟି ଜଳ ଯୋଗାଣ ପ୍ରକଳ୍ପ ଆକାରରେ ଦେଇଛନ୍ତି ଡ଼ବଲ ଧୋକ୍କା। ଯାହା ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ବିଡ଼ମ୍ବନା ହେଉଛି ଓଡ଼ିଶାକୁ ଡ଼ବଲ ଇଞ୍ଜିନ୍ ଦଳର ୨୦ ସାଂସଦ ଦିଲ୍ଲୀରେ ଏଥିନେଇ ତୁଣ୍ଡ ଖୋଲୁ ନାହାନ୍ତି। ଯାହା ପରୋକ୍ଷରେ ଛତିଶଗଡ଼ ପାଇଁ ଆଶୀର୍ବାଦ ପାଲଟିଛି। କଲମା ନିକଟରେ ନିର୍ମାଣାଧୀନ ୨୦ ପ୍ରକଳ୍ପ ଶେଷ ପରେ ହୀରାକୁଦ ଜଳଭଣ୍ଡାର ହୁଏତ ଇତିହାସ ହୋଇଯିବ ଓ ମହାନଦୀ ଏକ ମୃତ ନଦୀରେ ପରିଣତ ହୋଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

### ଆଜିଠୁ ସଂସଦର...

କମିଟି (ଜେପିସି) ଦେଇଥିବା ରିପୋର୍ଟ ଗୃହରେ ଉପସ୍ଥାପନ କରିବା ପରେ ଏକ ନୂଆ ବିଲ୍ ଆଣିପାରନ୍ତି ବୋଲି କୁହାଯାଉଛି। ଏହି ବିଲକୁ ନେଇ ମଧ୍ୟ ସଂସଦ ସରଗରମ ରହିବ ବୋଲି ଆକଳନ କରାଯାଉଛି। କାରଣ ଜେପିସି ୱାକଫ୍ ବିଲକୁ ଅନୁମୋଦନ ଦେଇଥିଲେ ହେଁ ଏହି ବିଲ୍‌ର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ବିରୋଧୀଙ୍କ ପକ୍ଷରୁ ଦିଆଯାଇଥିବା ୪୪ଟି ସଂଶୋଧନ ପ୍ରସ୍ତାବକୁ ଜେପିସି ଅଗ୍ରାହ୍ୟ କରିଦେଇଥିଲା ବେଳେ ଏନଡିଏ ପକ୍ଷରୁ ଦିଆଯାଇଥିବା ୧୪ଟି ପ୍ରସ୍ତାବକୁ ଗ୍ରହଣ କରିଥିଲା। ଏହାକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ନିଶାଣ କରିବେ ବୋଲି କୁହାଯାଉଛି। ଇତିମଧ୍ୟରେ ଗୁରୁବାର ଜେପିସି ପକ୍ଷରୁ ଲୋକସଭାରେ ୱାକଫ୍ ରିପୋର୍ଟ ଦାଖଲ କରାଯାଇଛି। ୱାକଫ ସମେତ କେନ୍ଦ୍ର ସରକାର ଏହି ଅଧିବେଶନରେ ୧୬ଟି ବିଲ୍ ଆଣିବାକୁ ଯାଉଛନ୍ତି।

ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ତାରିଖ ଯାଏ ଚାଲିବ। ମଧ୍ୟବର୍ତ୍ତୀକାଳୀନ ଅବସର ସମୟରେ ବିଭିନ୍ନ ମନ୍ତ୍ରାଳୟର ଷ୍ଟାଣ୍ଡିଂ କମିଟି ବୈଠକ ସହିତ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଲକୁ ନେଇ ମଧ୍ୟ ଆଉ ଏକ ଯୁଗ୍ମ ସଂସଦୀୟ କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ସଂସଦୀୟ କମିଟିର...

ଅନେକ ସମୟରେ ସୁଯୋଗ ମଧ୍ୟ ଦିଆଯାଉନାହିଁ। ଏଭଳି ପରିସ୍ଥିତିରେ ସଂସଦୀୟ କମିଟି ଗଠନର କୌଣସି ମୂଲ୍ୟ ରହୁନାହିଁ। ବୈଠକ ପରେ କଂଗ୍ରେସ ନେତା ଗୌରବ ଗୋଗଇ କହିଲେ, ସଂସଦ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରାଯାଉନଥିବାରୁ ବିରୋଧୀ ସଭ୍ୟ ଉଦବେଗ ପ୍ରକାଶ କରିଛନ୍ତି।

### ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କୁ...

ଗଠନ, ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ମନ୍ତ୍ରୀମାନେ ଯେପରି ବାରମ୍ବାର ମତ ବଦଳାଉଛନ୍ତି, ତାହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି ବୁଦ୍ଧିଜୀବୀ। ସରକାର ଗଠନ ହେବାର ମାତ୍ର କିଛିଦିନ ମଧ୍ୟରେ ରାଜ୍ୟ ସାମାଜିକ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟରେ ମଦ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବ ବୋଲି ଘୋଷଣା କଲେ। ମାତ୍ର ଏହାର କିଛିଘଣ୍ଟା ମଧ୍ୟରେ ଆଇନ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ସିଧା ସିଧା ଫାଙ୍କିଦେଲେ। ରାଜ୍ୟରେ ମଦ ନୁହେଁ, ବରଂ ଚୋରା ମଦ ବନ୍ଦ ହେବ ବୋଲି ସଫେଇ ଦେଲେ ଅବକାରୀ ମନ୍ତ୍ରୀ। ବିନା ଅବକାରୀ ମନ୍ତ୍ରୀଙ୍କ ପରାମର୍ଶରେ ସାମାଜିକ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏପରି ମନ୍ତବ୍ୟ କେମିତି ଦେଲେ ଏବଂ ଏହା ପଛରେ ଉର୍ବର ମସ୍ତିଷ୍କଟି କାହାର ଥିଲା ତାହାକୁ ନେଇ ସେତେବେଳେ ବେଶ୍ ଚର୍ଚ୍ଚା ହୋଇଥିଲା। ଏହାର କିଛିଦିନ ପରେ ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାରରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। କ୍ରୀଡ଼ା ପୁରସ୍କାରରୁ ବିଜୁ ନାଁ କାଟିଦେବାକୁ କ୍ରୀଡା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ନେଇ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ପରେ ବିବାଦ ଥମିଥିଲା। ଏହି ନିଷ୍ପତ୍ତି କିଏ ନେଲା ତାହା ସେମାନେ ଜାଣି ନଥିଲେ। ନାମ ପରିବର୍ତ୍ତନ ଖବର ସେମାନେ ଗଣମାଧ୍ୟମରୁ ଜାଣିବାକୁ ପାଇଲେ ବୋଲି ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ବିଭାଗୀୟ କ୍ରୀଡାମନ୍ତ୍ରୀ କହିଥିଲେ। ଯଦି ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଏକଥା ଜାଣିନଥିଲେ ତାହେଲେ ନିଷ୍ପତ୍ତି କାହାର ଥିଲା ବୋଲି ପ୍ରଶ୍ନ ଉଠିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଆଇଏସ୍ ଅଧିକାରୀ ଏଭଳି ନିଷ୍ପତ୍ତି ନେଇଥିବାରୁ ସରକାରଙ୍କୁ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାପରେ ପରେ ମାଗଣା ବିଜୁଳିକୁ ନେଇ ପ୍ରଥମେ ଦୃଢୋକ୍ତି ପ୍ରକାଶ କରିବା ଏବଂ ପରେ ପରେ ଏଥିରୁ ଓହରିଯାଇ ପିଏମ୍ ସୂର୍ଯ୍ୟଘର ଯୋଜନାର ଆଳ ଦେଖାଇଲେ ମନ୍ତ୍ରୀ। ଯାହା ମନ୍ତ୍ରୀମାନଙ୍କୁ ସମାଲୋଚନାର ଶରବ୍ୟ କରିଛି। ସେହିଭଳି ଆଳୁ ଦର ବୃଦ୍ଧି ସମୟରେ ଟ୍ରେନରେ ଆଳୁ ଆସିବା ହେଉ ଅଥବା ଆଳୁର ଦର ଏବଂ ବଜାରରେ ଆଳୁର ଉପଲବ୍ଧତା ନେଇ ମନ୍ତ୍ରୀଙ୍କର ପ୍ରତିଦିନ ବୟାନବାଜି ମଧ୍ୟ ସରକାରଙ୍କୁ ସାଧାରଣରେ ନିନ୍ଦିତ କରିଛି। ରାସନ କାର୍ଡ ପ୍ରଦାନ ଏବଂ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟାକୁ ନେଇ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ନିତିଦିନିଆ ବୟାନବାଜିକୁ ନେଇ ମଧ୍ୟ ଖୁବ ଅପଦସ୍ତ ହେଲେଣି ସରକାର। ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ନୂଆ ରାସନ କାର୍ଡ ବାଣ୍ଟିବାକୁ ଖାଉଟି କଲ୍ୟାଣ ମନ୍ତ୍ରୀ କଥା ଦେଇଥିଲେ ମଧ୍ୟ ଏହା ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସେହିପରି ଆୟୁଷ୍ମାନ ଭାରତର ସ୍ୱରୂପକୁ ନେଇ ନି ।।ଜେ ବିଭାଗୀୟ ମନ୍ତ୍ରୀ ଏଯାବତ୍ ସମ୍ପୂର୍ଣ୍ଣ ତଥ୍ୟ ଦେଇପାରୁ ନାହାନ୍ତି। ଅଧିକାରୀମାନେ ତାଙ୍କୁ ମଧ୍ୟ ଅନ୍ଧାରରେ ରଖିଛନ୍ତି। ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସୁନ୍ଦରଗଡ଼ ମିଶିବା, ପଶ୍ଚିମ ଓଡ଼ିଶା ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଆଦିରେ ବିବାଦ ହେବା ପରେ ନିଜେ ମୁଖମନ୍ତ୍ରୀ ମଧ୍ୟ ନିଜ ବୟାନ ବଦଳାଇଛନ୍ତି। ଏହାପଛରେ ମଧ୍ୟ ଆଇଏଏସ୍ ଅଧିକାରୀଙ୍କ ଭୂମିକା ରହିଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଏହାକୁ ନେଇ ବିରକ୍ତି ପ୍ରକାଶ କରିଥିଲେ।

ସରକାରରେ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେବା ପାଇଁ ଅମଲାମାନେ ରହିଛନ୍ତି। ବିନା ଅମଲାଙ୍କ ପରାମର୍ଶରେ ମନ୍ତ୍ରୀମାନେ କେବେହେଲେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖୁନଥିବେ କିମ୍ବା ନୀତିଗତ ନିଷ୍ପତ୍ତି ନେଉନଥିବେ। ଥରେ ଗୋଟିଏ ନିଷ୍ପତ୍ତି ଶୁଣାଇବା ପରେ ପୁଣି ତାହାକୁ ଅନେକ ମନ୍ତ୍ରୀ ଯେମିତି ବଦଳାଉଛନ୍ତି, ତାହା ସେମାନଙ୍କୁ କେବଳ ଅପଦସ୍ତ କରୁଛି। ମନ୍ତ୍ରୀମାନଙ୍କ କଥା ଅଫିସରମାନେ ରଖୁ ନାହାନ୍ତି, ନା ଅଫିସରମାନେ ଜାଣିଶୁଣି ମନ୍ତ୍ରୀମାନଙ୍କୁ ଭୁଏ ବାଟରେ ନେଉଛନ୍ତି? ଗତ ସାତ ମାସ ଉପରୋକ୍ତ ଘଟଣା ପରିପ୍ରେକ୍ଷୀରେ ଏଭଳି ପ୍ରଶ୍ନ ସାଧାରଣ ଜନତାକୁ ଆନ୍ଦୋଳିତ କଲାଣି। ଯେତେଶୀଘ୍ର ଏଭଳି ଅସଙ୍ଗତିରେ ପୂର୍ଣ୍ଣଛେଦ ପଡ଼ିବ, ତାହା ସରକାରଙ୍କ ପାଇଁ ଭଲ ହେବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

### ମହାକୁମ୍ଭରେ ପୁଣି...

ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ନିଖୋଜ ରହିଥିବା ସେମାନଙ୍କ ପରିବାର କିମ୍ବା ଆତ୍ମୀୟସ୍ୱଜନଙ୍କୁ ଖୋଜୁଥିବା ଦେଖାଯାଇଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶର ଅନେକ ଲୋକ ନିଜ ସଂପର୍କୀୟଙ୍କୁ ଏବେ ବି ଖୋଜିବାରେ ଲାଗିଛନ୍ତି। ନିଖୋଜ ହୋଇଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଥିବା ଜଣାପଡ଼ିଛି। ଗ୍ୱାଲିଅରର ଜିତେନ୍ଦ୍ର ସାହୁ କହିଛନ୍ତି, ତାଙ୍କର ଜଣେ ସଂପର୍କୀୟଙ୍କର କୌଣସି ପତ୍ତା ମିଳୁନାହିଁ। ତାଙ୍କର ମୋବାଇଲ ବି ସୁଇଚ୍ ଅଫ୍ ରହିଛି। ସେମାନଙ୍କୁ ଖୋଜି ବାହାର କରିବାରେ ସହାୟତା ମିଳୁନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗତକାଲିର ଦୁର୍ଘଟଣା ପେର ପ୍ରୟାଗରାଜକୁ ସଂଯୋଗ କରୁଥିବା ସମସ୍ତ ରାଜପଥ ଏବଂ ରାଜ୍ୟ ସଡ଼କପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ସହିତ ମେଳା ସ୍ଥଳରେ ଭିଡ଼କୁ ଆହୁରି କିଭଳି ସୁନିୟନ୍ତ୍ରିତ କରାଯାଇପାରିବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଛି। କେବଳ ମେଳାସ୍ଥଳ ନୁହେଁ; ଅନ୍ୟାନ୍ୟ ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳଗୁଡିକରେ ମଧ୍ୟ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଉଛି। ଭିଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗତକାଲିର ଘଟଣାର ମୁଖ୍ୟ କାରଣ ଥିଲା ବୋଲି ବିବେଚନା କରାଯାଉଥିବାରୁ ଫେବୃଆରୀ ୪ ପର୍ଯ୍ୟନ୍ତ ଭିଭିଆଇପି ପାସ୍ ବାତିଲ କରିଦିଆଯାଇଛି। ସେହିପରି ମେଳା ଅଞ୍ଚଳକୁ 'ନୋ ଭେହିକିଲ୍ ଜୋନ' ଘୋଷଣା କରାଯିବା ସହିତ ଏଠାକୁ ଦୁଇଚକିଆ ଯାନ, ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡି ବ୍ୟତୀତ ଅନ୍ୟ କୌଣସି ଯାନକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଗଙ୍ଗା ନଦୀର ବିଭିନ୍ନ ଘାଟରେ ବୁଡ଼ ପକାଇବାକୁ ଯାଉଥିବା ରୁଟ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ସେହିପରି ପ୍ରୟାଗରାଜ ସହିତ ବାରଣାସୀ, ଅଯୋଧ୍ୟା, ମିର୍ଜାପୁର, ବସ୍ତି, ଜୌନପୁର, କବୀର ନଗର, ରାୟ ବରେଲି ଏବଂ ଗୋରଖପୁର ଆଦି ବିଭିନ୍ନ ଜିଲ୍ଲା ପ୍ରଶାସନ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ହାତୀ କରିଡର୍..

ଏଥିମଧ୍ୟରୁ ୩୨୪ଟିର କାମ ସରିଛି। ବାକି ୫୮ଟି ଟାୱାର ନିର୍ମାଣ କାର୍ଯ୍ୟରେ ବାଟ ଓଗାଳିଛି ବନ ବିଭାଗ। ଏ ସମସ୍ତ ଟାୱାର କଳାହାଣ୍ଡି ଜିଲ୍ଲାରେ ରହିଥିବା ଜଣାପଡିଛି। ତେବେ ଟାୱାର ପାଇଁ ନିର୍ଦ୍ଧାରିତ ସ୍ଥାନ ରିର୍ଜଭ ଫରେଷ୍ଟ ମଧ୍ୟରେ ରହିଥିବାରୁ ଅଟକି ରହିଛି କାମ। ଏଥିପାଇଁ ମିଳୁନି ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି। ଟାୱର ସ୍ଥାପନ ପାଇଁ ୧୯ କିମି ଲମ୍ବା ଓ ୩୫ ମିଟର ଓସାରରେ କରିଡର ଆବଶ୍ୟକ ରହିଛି। ଏଥିପାଇଁ ପ୍ରାୟ ୫୦ ହଜାର ଗଛ କଟାଯିବ ବୋଲି ଆକଳନ କରାଯାଇଛି। ଗଛକଟା ପାଇଁ ମିଳିପାରୁନି ବନବିଭାଗର ଅନୁମତି। ଆବେଦନପତ୍ର ଦୀର୍ଘ ଦିନ ହେଲା କେନ୍ଦ୍ର ଜଙ୍ଗଲ ଓ ପରିବେଶର ଫାଇଲ ଭିତରେ ପଡିରହିଛି। ଅପରପକ୍ଷରେ, କନ୍ଧମାଳ ଜିଲ୍ଲାରେ କିଛି ଟାୱାର ବିନା ଅନୁମତିରେ ଜଙ୍ଗଲ ଜମିରେ ବସା ଯାଇଥିବାରୁ ଓପିଟିସିଏଲର ତିନି ଜଣ ଯନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରିଛି ବନବିଭାଗ। ସେମାନେ ଏବେ ଜାମିନରେ ଥିବା ଜଣାପଡିଛି। ଏହି କାରଣରୁ ଓପିଟିସିଏଲ କର୍ତ୍ତୃପକ୍ଷ ମଧ୍ୟ ଏ ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ରାଜ୍ୟ ସରକାର କିମ୍ବା ସ୍ଥାନୀୟ ରାଜନେତା ବି ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ମଧ୍ୟ କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା ଦେଖାଦେଇଛି। ଏପଟେ ଦୀର୍ଘ ଦିନ ଧରି ଅବ୍ୟବହୃତ ହୋଇ ପଡିରହିବାରୁ ଏଠାରେ ଲାଗିଥିବା ଯନ୍ତ୍ରପାତି ସବୁ ନଷ୍ଟ ହେବାକୁ ବସିଛି। ଯଦି ଏବେ ଟାୱାର କାମ ଆରମ୍ଭ ହୁଏ, ତେବେ ସରିବାକୁ ଦୁଇବର୍ଷ ଲାଗିବ ବୋଲି ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ସେତେବେଳକୁ ପୁରୁଣା ଯନ୍ତ୍ରପାତି ବଦଳାଇବାକରୁ ପଡିବ କିମ୍ବା ନୂଆ ଲଗାଇବାକୁ ପଡିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୨ରେ ବାଲିଗୁଡ଼ା ଅଞ୍ଚଳରେ ୭ ମେଗାୱାଟ ବିଦ୍ୟୁତ ଆବଶ୍ୟକ ହେଉଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୧୮ ମେଗାୱାଟରେ ପହଞ୍ଚିଛି। କିନ୍ତୁ ବିଦ୍ୟୁତ ଯୋଗାଣ ପାଇଁ ଆଜି ବି ବାଲିଗୁଡ଼ା ଅଞ୍ଚଳ ଫୁଲବାଣୀ ଗ୍ରୀଡ ଉପରେ ନିର୍ଭର କରୁଛି। ଏହି ଗ୍ରୀଡ କାର୍ଯ୍ୟକ୍ଷମ ହେଲେ ବାଲିଗୁଡା ବ୍ଲକ ସମେତ କୋଟଗଡ, ତୁମୁଡିବନ୍ଧ, କ.ନୁଆଗାଁ, ଦାରିଙ୍ଗବାଡି, ରାଇକିଆ ଆଦି ବ୍ଲକର ଅଞ୍ଚଳବାସୀ ଉପକୃତ ହୋଇପାରିବେ। ଲୋଭୋଲଟେଜ ଓ ବାରମ୍ବାର ବ୍ରେକଡାଉନରୁ ନିସ୍ତାର ମିଳନ୍ତା। ସେହିଭଳି, ରାୟଗଡା ଜିଲ୍ଲା ଡଙ୍ଗା ସୋରଡାରୁ କୋଟଗଡ ପର୍ଯ୍ୟନ୍ତ ଅନ୍ୟ ଏକ ୩୩ କେଭି ବିଦ୍ୟୁତ ଲାଇନ ପାଇଁ ସରକାରଙ୍କ ଅନୁମୋଦନ ମିଳିଥିବା ପ୍ରକାଶ କରିଛନ୍ତି ଯନ୍ତ୍ରୀ ଶ୍ରୀ ପଟ୍ଟନାୟକ। ଏଥିପାଇଁ ୬ କୋଟି ଟଙ୍କାର ଅନୁଦାନ ବି ମିଳିଥିଲା। କିନ୍ତୁ ଏହାକୁ ହାତୀ କରିଡର କହି ପ୍ରକଳ୍ପକୁ ଅଟକାଇ ଦେଇଛି କେନ୍ଦ୍ର ବନ୍ୟପ୍ରାଣୀ ବିଭାଗ। ଫଳରେ ଅନୁଦାନ ଟଙ୍କା ସେମିତି ପଡ଼ିରହିଛି। ଶୀଘ୍ର ବନବିଭାଗର ଅନୁମତି ନ ମିଳିଲେ ଅନୁଦାନ ଟଙ୍କା ଫେରିଯିବାର ଆଶଙ୍କା ରହିଛି ବୋଲି ସହକାରୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଏବେ ୧୦୦ କୋଟି ବ୍ୟୟରେ ନିର୍ମିତ ସିର୍ତ୍ତିଗୁଡା ଗ୍ରୀଡ ସବଷ୍ଟେସନର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଝୁଲି ରହିଛି।

■ ଦ୍ୱନ୍ଦ୍ୱ ଦୂର କଲା ଶ୍ରୀମନ୍ଦିର ପ୍ରଶାସନ

# ଫେବ୍ରୁଆରୀ ୨ରେ ସରସ୍ୱତୀ ପୂଜା

**ପୁରୀ,୩୦।୧(ସମିସ):** ଚଳିତ ବର୍ଷ କେଉଁଦିନ ପାଳନ ହେବ ବସନ୍ତ ପଞ୍ଚମୀ? ଫେବ୍ରୁଆରୀ ୨ ନା ୩ ତାରିଖରେ ହେବ ସରସ୍ୱତୀ ପୂଜା? ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଲାଗି ରହିଥିଲା, ତାହାକୁ ଦୂର କରିଛି ଶ୍ରୀମନ୍ଦିର ପ୍ରଶାସନ। ଗୁରୁବାର ମନ୍ଦିରର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏ ସଂକ୍ରାନ୍ତରେ ସ୍ପଷ୍ଟ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଆସନ୍ତା ଫେବ୍ରୁଆରୀ ୨ ତାରିଖରେ ଶ୍ରୀମନ୍ଦିରରେ ସରସ୍ୱତୀ ପୂଜା ଅନୁଷ୍ଠିତ ହେବ। ଏଥିସହ ପରମ୍ପରା ଅନୁଯାୟୀ ଆସନ୍ତା ରଥଯାତ୍ରା ପାଇଁ ସେହିଦିନ ତିନିରଥର ତିନୋଟି ୧୨ ଫୁଟିଆ ଧଉରା କାଠ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା କରାଯିବ। ବିଭିନ୍ନ ସମୟରେ ପର୍ବପର୍ବାଣିର ତିଥି, ବାରକୁ ନେଇ ଯେଉଁ ଅସମାନତା ରହୁଛି, ତାହାକୁ ଦୂର କରିବା ଲାଗି ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବିଭିନ୍ନ ପଞ୍ଜିକାରମାନଙ୍କ ସହ ପାଞ୍ଜି ସମୀକରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ନିଆଯାଇଥିବା ନିଷ୍ପତ୍ତି ଆଧାରରେ ଆସନ୍ତା ଫେବ୍ରୁଆରୀ ୨ ତାରିଖରେ ସରସ୍ୱତୀ ପୂଜା ହେବ ବୋଲି ନୀତି ପ୍ରଶାସକ ଶ୍ରୀ ସାହୁ କହିଛନ୍ତି। ତେବେ ସରସ୍ୱତୀ ପୂଜା ନେଇ ବିଭିନ୍ନ ପଞ୍ଜିକାରେ ଭିନ୍ନଭିନ୍ନ ମତ ଥିବାରୁ ଏହିଭଳି ଦ୍ୱନ୍ଦ୍ୱ ଦେଖାଦେଇଥିଲା।

# ଅଫିସ୍‌ରେ ପଶି ମହିଳା ଆର୍‌ଆଇଙ୍କଠାରୁ ଲୁଟ୍

**କରଞ୍ଜିଆ, ୩୦।୧ (ସମିସ):** ଦିନ ଦିପହରରେ କରଞ୍ଜିଆ ବ୍ଲକ୍ ପାଟବିଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପଶି ଦୁର୍ବୃତ୍ତମାନେ ଭୁଜାଲି ଓ ପିସ୍ତଲ ଦେଖାଇ ଜଣେ ମହିଳା ଆର୍‌ଆଇଙ୍କଠାରୁ ହାର ଏବଂ କାନଫୁଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ମହିଳା ହେଲେ, ନିରୁପମା ନାଏକ। ଏ ସଂପର୍କରେ ସେ କରଞ୍ଜିଆ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୨ଟାରେ ନିରୁପମା ଅଫିସ୍ କାମରେ ବ୍ୟସ୍ତ ଥିବା ବେଳେ ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଅଫିସ୍ ଭିତରେ ପଶି ତାଙ୍କୁ ଭୁଜାଲି ଏବଂ ପିସ୍ତଲ ଦେଖାଇ ଭୟଭୀତ କରାଇଥିଲେ। ପରେ ସେ ପିନ୍ଧିଥିବା ହାର, କାନଫୁଲ, ମୋବାଇଲ ଓ ସ୍କୁଟି ଚାବି ଲୁଟିନେଇ ଫେରାର୍ ହୋଇଯାଇଥିଲେ।

**ପିସ୍ତଲ ଦେଖାଇ ଲୁଟିଲେ ହାର ଓ କାନଫୁଲ**

# ହତ୍ୟାକାରୀକୁ ଆଜୀବନ

**ଆନନ୍ଦପୁର,୩୦।୧(ସମିସ):** ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଜ୍ୟୋତି ରାଉତ ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସୋସୋ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ମଦନ ଜେନାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। କେନ୍ଦୁଝର ଜିଲ୍ଲା ଗତ ୨୦୨୩ ଫେବୃଆରୀ ୨୭ ତାରିଖରେ ମଦନ ସେହି ଗ୍ରାମର ପଦ୍ମନାଭ ମହାନ୍ତିଙ୍କୁ ଏକ ଠେଙ୍ଗାରେ ପିଟି ହତ୍ୟା କରିଥିଲା। ଉକ୍ତ ଦିନ ପଦ୍ମନାଭଙ୍କ ପରିବାରରେ ପରସ୍ପର ଭିତରେ ଝଗଡ଼ା ଲାଗିଥିବା ବେଳେ ମଦନ ତାଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ଶକ୍ତ ପାହାର ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ମୃତକଙ୍କ ପୁଅ ଅଜୟ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ମଦନକୁ କୋର୍ଟଚାଲାଣ କରିଥିଲା।

# ୭୫ କେଜି ଗଞ୍ଜେଇ ଜବତ; ୫ ଗିରଫ

**ଖଲ୍ଲିକୋଟ, ୩୦।୧(ସମିସ):** ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଖଲ୍ଲିକୋଟ ଠାରେ ଚଢ଼ଉ କରି ୭୫ କେଜି ଗଞ୍ଜେଇ ସହ କାର ଓ ବାଇକ୍ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଛି। ଗିରଫ ୫ ଅଭିଯୁକ୍ତ ହେଲେ ବାଲିଗୁଡ଼ା ଥାନା ତିଲୋରୀ ଜାଗେରମାହା ଗ୍ରାମର ବାର୍ଥାଲାମୀ ଦିଗାଲ (୨୩), ଅଭିମନ୍ୟୁ ଦିଗାଲ(୩୦), ସୁଜିତ ଦିଗାଲ (୨୭), ବାଲିଗୁଡା ଥାନା ସମନବାଦଲ ଗ୍ରାମର କୃପାସିନ୍ଧୁ ପ୍ରଧାନ (୨୯) ଓ ଦାରିଙ୍ଗିବାଡି ଥାନା ଅଞ୍ଚଳର ପଙ୍କଜ ପ୍ରଧାନ (୨୮)। କନ୍ଧମାଳ ବାଲିଗୁଡ଼ାରୁ ଗଞ୍ଜାମ କୋଦଳା ଅଭିମୁଖେ ଏକ କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଗୁରୁବାର ପୂର୍ବାହ୍ନରେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଡ଼ିଏସପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀ ମାନେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ଗ୍ରାମ ନିକଟରେ ଚଢ଼ଉ କରିଥିଲେ। ଆଗରେ ଏକ ବାଇକ ଯାଉଥିବା ବେଳେ ପଛରେ ଏକ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। କାର୍‌ରେ ଦୁଇଟି ବସ୍ତାରେ ଥିବା ୭୫ କେଜି ଗଞ୍ଜେଇ ସହିତ କାର ଓ ବାଇକକୁ ଜବତ କରିଥିଲେ। ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛନ୍ତି ଅବକାରୀ ଡ଼ିଏସପି।

■ ବିଦ୍ୟାଳୟ ଛାତ୍ରାବାସରୁ ୧୫ ଛାତ୍ର ନିଖୋଜ ଘଟଣା

# ନିଲମ୍ବିତ ହେଲେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ

**ରାଉରକେଲା, ୩୦।୧(ସମିସ):** ରାଉରକେଲା ପୁଲିସ୍ ଜିଲ୍ଲା ମହୁଲପଦା ଥାନା ସିହିଡିଆ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ଛାତ୍ରାବାସରୁ ଗତ ୨୮ ତାରିଖ ବିଳମ୍ବିତ ରାତିରେ ୧୫ଜଣ ଛାତ୍ର ଏକାସାଙ୍ଗରେ ଫେରାର୍ ହୋଇଯିବା ଘଟଣାରେ ଆଜି ବଣାଇଁ ବିଇଓ ସୁନୀଲ ମୁଣ୍ଡ ସମ୍ପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦ୍ରୌପଦୀ ସାହୁଙ୍କୁ ନିଲମ୍ବନ କରିଛନ୍ତି।

ସୂଚନା ମୁତାବକ, ଗତ ୨୮ ତାରିଖ ରାତିରେ ଆଦିବାସୀ ଛାତ୍ରାବାସର ୧୫ଛାତ୍ର ହଷ୍ଟେଲ ପାଚେରି ଡେଇଁ ପଳାଇ ଯାଇଥିଲେ। ତେବେ ବାରକୋଟ ପୁଲିସ୍ ଛାତ୍ରମାନଙ୍କୁ ଉଦ୍ଧାର କରିବା ପରେ ଘଟଣା ପଦାକୁ ଆସିଥିଲା। ଏହି ଘଟଣା ଉପରେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ ତଦନ୍ତ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ସହକାରୀ ରୋଷେୟା ଅମିତ କୁମାର ପାହୁଲେ ଅନ୍ତେବାସୀଙ୍କୁ ବିଭିନ୍ନ ଆଳରେ ଦୁର୍ବ୍ୟବହାର କରିବା ସହ ମାଡ଼ ମାରୁଥିଲା। ଏଥିପାଇଁ ଛାତ୍ରମାନେ ହଷ୍ଟେଲ ଛାଡ଼ି ପଳାଇ ଯାଇଥିଲେ ବୋଲି ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି। ଆଜି ତଦନ୍ତ ରିପୋର୍ଟ ବିଇଓଙ୍କୁ ପ୍ରଦାନ ପରେ ଦାୟିତ୍ୱରେ ଅବହେଳା ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦ୍ରୌପଦୀ ସାହୁଙ୍କୁ ନିଲମ୍ବିତ କରାଯାଇଛି।

■ କଣ୍ଟାବାଞ୍ଜି ସିଏଚ୍‌ସିକୁ ସବ୍-ଡିଭିଜନାଲ ହସ୍ପିଟାଲରେ ପରିଣତ ପ୍ରସଂଗ

# ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୩୦।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)କୁ ସବ୍-ଡିଭିଜନାଲ ହସ୍ପିଟାଲ(ଏସଡିଏଚ୍)ରେ ପରିଣତ କରିବାକୁ ନିବେଦନ କରି ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ପରବର୍ତ୍ତୀ ଶୁଣାଣି ପୂର୍ବରୁ ମାମଲାରେ ପକ୍ଷ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶିଷ ଅଗ୍ରୱାଲଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବ୍ରୁଆରି ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ବହୁ ଦିନର ଦାବି ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ପ୍ରତିବର୍ଷ ସିଏଚ୍‌ସିରେ ପ୍ରାୟ ୪ ହଜାର ଶିଶୁ ଜନ୍ମ ନେଉଥିବା ବେଳେ ପ୍ରତିଦିନ ଓପିଡିକୁ ୨୭୬ ରୋଗୀ ଆସୁଛନ୍ତି। ସିଏଚ୍‌ସିର ଆବଶ୍ୟକ ଉନ୍ନତୀକରଣ କରି ଏହାକୁ ଏସଡିଏଚ୍‌ରେ ପରବର୍ତ୍ତନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

## ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

# 'ଛାତ୍ରଛାତ୍ରୀଙ୍କ ମାର୍ଜିତ ବ୍ୟବହାର ସମାଜକୁ ଶୃଙ୍ଖଳିତ କରିଥାଏ'

ବୌଦ୍ଧ, ୩୦ ।୧(ସମିସ)



ବୌଦ୍ଧ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳିତ ବ୍ୟବହାର ସମାଜକୁ ଶୃଙ୍ଖଳିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବିଦ୍ୟାଳୟ ଅଧକ୍ଷ ଯୁଗଳ କିଶୋର ସାମଲ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବର ମୁଖ୍ୟ ଆକର୍ଷଣ ତଥା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଚଳଚ୍ଚିତ୍ର ଅଭିନେତା ସମ୍ବିତ ଆଚାର୍ଯ୍ୟ। ଅତିଥିମାନେ ମା' ଭୈରବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିବାପରେ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୀତା ପାଠ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଅଧକ୍ଷା ସସ୍ମିତା ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କାଉଟ ଗାଇଡ ଶିକ୍ଷୟିତ୍ରୀ ଚନ୍ଦ୍ରମା ଯୋଶୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷୟିତ୍ରୀ ଅମିଷା ଗର୍ଗ ମଞ୍ଚ ପରିଚାଳନା କରିଥିଲେ। ଭାଇସ ପ୍ରିନସିପାଲ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବଳୟା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁବଳୟା, ୩୦ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସ୍ୱର୍ଣ୍ଣଲତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଶାନ୍ତି ଲୁହା, ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ସୁବଳୟା ସମିତି ସଭ୍ୟା ଲିଲି ମେହେର, ମୋ ସ୍କୁଲ ଅଭିଯାନ ସଭାପତି ଶିବ ନାରାୟଣ ମେହେର, ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ପୋଢ଼ ଯୋଗଦାନ କରି ଶଅଙ୍ଖଳା ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ କରି ଗଢ଼ିତୋଳେ ବୋଲି ମାର୍ଗଦର୍ଶନ କରିଥିଲେ। ସୁବଳୟା ଉଚ୍ଚ ବିଦ୍ୟାଳୟ ଅନେକ ସୁଯୋଗ୍ୟ ଛାତ୍ରଛାତ୍ରୀ ସୃଷ୍ଟି କରିଛି ବୋଲି ମୁଖ୍ୟ ବକ୍ତା ପ୍ରଶଂସା କରିଥିବା ବେଳେ ବିଦ୍ୟାଳୟର ଆବଶ୍ୟକତା ପୂରଣକରାଯିବ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସମ୍ପା ବିଶ୍ୱାଳ ଓ ପଙ୍କଜିନି ମେହେର ପରିଚାଳନା କରିଥବା ବେଳେ ଶିକ୍ଷକ ଅରୁଣ କୁମାର ସିଂହ ସ୍ୱାଗତ ପରିଚୟ କରିଥିଲେ। ବରିଷ୍ଠ ଶିକ୍ଷକ ସଦାନନ୍ଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସଫଳତା ତଥା ଇତିହାସର ଗୁଣଗାନ ପୂର୍ବକ ବିଦ୍ୟାଳୟର ସାଂସ୍କୃତିକ ମୁଖ୍ୟ ଶିକ୍ଷକ ଚନ୍ଦ୍ରମଣି ବାଘ ବିବରଣୀ ପଠନ କରିଥିଲେ।



ସଭା ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ଶ୍ରେଷ୍ଠ ଛାତ୍ର ମୟୁରେଶ ମିଶ୍ର, ସ୍କାଉଟ୍‌ରେ ଲଳିତ ଓ ଦିବ୍ୟ, ଜେଆରସିରେ ଛାତ୍ରୀ ଅଙ୍କିତା ମେହେର, ଗାଇଡ଼ରେ ନନ୍ଦିନୀ ମେହେର ଓ ଶ୍ରେଷ୍ଠ ହାଉସ ସୁବାଷ ଚନ୍ଦ୍ର ବୋଷ ପୁରସ୍କୃତ ହୋଇଥିଲେ।

# ରଘୁନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୀରମହାରାଜପୁର, ୩୦ ।୧(ସମିସ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ରଘୁନାଥ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ କାଳିଆ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ, ମୁଖ୍ୟବକ୍ତା ଉଲୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ପୂଜାରୀ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର ଏବଂ ବିଦ୍ୟଳୟ ପରିଚାଳନା କମିଟିର ଅଧକ୍ଷ ମନୋଜ ନାଏକ ଯୋଗଦାନ କରିଥିଲେ। ବିଦ୍ୟଳୟର ଶିକ୍ଷକ ନିଳାମ୍ବର ମେହେର ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।ଶିକ୍ଷକ ସଚ୍ଚିଦାନନ୍ଦ ବେରିହା ବିବରଣୀ ପାଠ କରିଥିଲେ।ବିଭିନ୍ନ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜଗନ୍ନାଥ ମେହେର, ସୁଧୀର ରଞ୍ଜନ ପଧାନ, ଶ୍ରୀକାନ୍ତ ନାଏକ, ପ୍ରଦ୍ୟୁମ୍ନ ସେଠୀ, ମନୋରଞ୍ଜନ ସେଠୀ, ବିଶ୍ୱେଶ୍ୱର ପଣ୍ଡା, ଶିକ୍ଷୟିତ୍ରୀ ମିତା ପଧାନ, ମମତା ବେହେରା, ସଙ୍ଗୀତା ପଧାନ, ପ୍ରିୟମ୍ବଦା ପର୍ଡ଼ିଆ ପ୍ରମୁଖ ସହଯୋଗ କରିଥିଲେ।ଶେଷରେ ମନୋଜ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



# ଧର୍ମଶାଳା ଯୁକ୍ତ ଦୁଇ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋନପୁର, ୩୦ ।୧(ସମିସ):** ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟରେ କ୍ରୀଡ଼ା ଉଦ୍‌ଯାପନୀ ଓ ବିଦାୟ ସମ୍ବର୍ଦ୍ଧନା ସମାରୋହ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଗୋପାଳ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବରେ ନାଟ୍ୟଶ୍ରୀ ଗଦାଧର ବାରିକ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ଉତ୍କଳ ସାହିତ୍ୟ ସମାଜର ବୌଦ୍ଧ ଜିଲ୍ଲା ଆବାହକ ନୀଳଲୋହିତ ମହାପାତ୍ର, ସମ୍ମାନିତ ଅତିଥିଭାବରେ ବ୍ୟଙ୍ଗକବି ଶାନ୍ତନୁ ପାଣିଗ୍ରାହୀ, ସଙ୍ଗୀତଜ୍ଞ ଶାଶ୍ୱତ କୁମାର ତ୍ରିପାଠୀ ଓ ଦଣ୍ଡରତ୍ନ ବିପିନ ଜାଲ ଯୋଗଦାନ କରିଥିଲେ। ସଭା ପରିଚଳନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଡକ୍ଟର ପୁରୁଷୋତ୍ତମ ମିଶ୍ର। ପୁରସ୍କାର ବିତରଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପୁରାତନ ଛାତ୍ରୀ ସୁଶ୍ରୀ ରୁବି ବେହେରା ସଂଯୋଜନା କରିଥିଲେ। ନୃତ୍ୟ ଓ କୌତୁକ ପୋଷାକ ପ୍ରତିଯୋଗିତାର ବିଚାରକ ଥିଲେ ଅନୁଷ୍ଠାନର ପୁରାତନ ଛାତ୍ରୀ ରୁବି ବେହେରା, ଜସ୍ମିନ୍ ବେଦବାକ ଓ ସ୍ୱସ୍ତିକା ଭୋଇ। ଶେଷରେ ଯୁକ୍ତଦୁଇ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ବିଭିନ୍ନ ଉପହାର ପ୍ରଦାନ କରି ବିଦାୟ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାପିକା ନମିତ ରଥ, ପ୍ରଧାପକ ପ୍ରତୁଳ ତ୍ରିପାଠୀ, ଅଧାପକ ସତ୍ୟନାରାୟଣ ମହାକୁଡ଼, ଗୋବିନ୍ଦ ପଧାନ, କାଶୀନାଥ ମିଶ୍ର, ଗଦାଧର ପଧାନ, ବିଭୀଷଣ ପଧାନ, ନୀଳାମ୍ବର ଝାଙ୍କର ଓ ପୁରାତନ ଛାତ୍ରଛାତ୍ରୀମାନେ ସୂଚାରୁ ରୂପେ ପରିଚାଳନା କରିଥିଲେ।




# ୫୬୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବୌଦ୍ଧ, ୩୦ ।୧(ସମିସ):** ବୌଦ୍ଧ ଥାନା ଆମ୍ବଝରୀ ପଞ୍ଚାୟତ ଅନ୍ତର୍ଗତ ବଣ୍ଡା ବଲଦିଆ ନାଳ ନିକଟରୁ ବୌଦ୍ଧ ଆଦର୍ଶ ଥାନା ପୁଲିସ ୫୬୦ କେଜି ଗଞ୍ଜେଇ ଜବତ କରିଛି। ବୌଦ୍ଧ ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ପ୍ରସ୍ତୁତି ଚାଲିଥିବା ଖବର ପାଇ ବୌଦ୍ଧ ଥାନା ପୁଲିସ ପକ୍ଷରୁ ବଣ୍ଡା ବଲଦିଆ ନାଳ ନିକଟରେ ଚଢ଼ଉ କରାଯାଇଥିଲା।ଚଢ଼ଉରେ ପୁଲିସକୁ ବିପୁଳ ପରିମାଣରେ ଗଞ୍ଜେଇ ମିଳିଥିବା ବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଓଜନ କରାଯିବାରୁ ୫୬୦ କେଜି ହୋଇଥିଲା। ଏହି ମାମଲାରେ ଗଞ୍ଜେଇ ଏବଂ ଗୋଟିଏ ବାଇକ ଜବତ ହୋଇଥିବା ବେଳେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିବା ସହ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।



# ଏଫ୍‌ଆର୍‌ସିସିରେ ସହିଦ ଦିବସ ପାଳିତ

**ତରଭା, ୩୦ ।୧(ସମିସ):** ବରିଷ୍ଠ ନାଗରିକ ସଂଘ ତରଭା ତରଫରୁ ମହାତ୍ମାଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ସ୍ଥାନୀୟ ଏଫଆରସିସିରେ ପାଳିତ ହୋଇଯାଇଛି।ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଉପସ୍ଥିତ ସଭ୍ୟମାନେ ଶତାବ୍ଦୀର ଶ୍ରେଷ୍ଠ ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ହରିବନ୍ଧୁ ପାଣିଗ୍ରାହୀ, ଜୟପ୍ରକାଶ ନାରାୟଣ ସାହୁ, ଅକ୍ଷୟ ବାଘ, ରାମଶଙ୍କର ମହଲା, ଶୈଳେନ୍ଦ୍ର ସାହୁ, ବିଚିତ୍ର ସାହୁ, ରାଜକିଶୋର ସାହୁ, ଧୀରେନ୍ଦ୍ର ବିଜୟ ସାହୁ, ଯୋଗୀନ୍ଦ୍ର ମଟାରୀ, ଜୟକିଶୋର ସାହୁ, ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ ଗାନ୍ଧୀଙ୍କ ଜୀବନ ଦର୍ଶନ ସମ୍ବନ୍ଧେ ଆଲୋକପାତ କରିଥିଲେ।



# 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ଶଗଡ଼ା, ୩୦ ।୧(ସମିସ):** କଣ୍ଟାମାଳ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶିଶୁ ପାଇଁ ଦିନ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପଙ୍କଜିନୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଆଇନଜୀବୀ ପ୍ରତାପ ସାହୁ ଅତିଥି ଭାବରେ ଯୋଗଦାନ କରିଥିଲେ। ଆଇନଜୀବୀ ଶ୍ରୀ ସାହୁ ବାଲ୍ୟ ବିବାହ ଆଇନ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ବୀରମହାରାଜପୁର, ୩୦ ।୧(ସମିସ):** ବୀରମହାରାଜପୁର ଉପକଣ୍ଠ ଆଇଟିଆଇ କଲେଜ ଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କଲେଜର ଅଧକ୍ଷା ସଞ୍ଜୁ ବରୱାଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ସୋନପୁର ଆରଟିଓ ଅକ୍ଷୟ କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିନା ହେଲମେଟରେ ଗାଡ଼ି ନଚଳାଇବା, ମଦ୍ୟପାନ କରି ଗାଡି ନଚଳାଇବା, ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନକରିବା, ୧୮ ବର୍ଷରୁ କମ ବୟସର ପୁଅ ଝିଅ ଗାଡି ନଚଳାଇବା ଆଦି ପରାମର୍ଶ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ କର୍ମଚାରୀ ସସ୍ମିତା ପଧାନ, ଅଶୋକ ବେଜି, ମକରଧ୍ୱଜ ପତି, ପଙ୍କଜିନୀ ବେହେରା, ମୋନାଲିସା ବିଶ୍ୱାଳ ଏବଂ ପରିବହନ ବିଭାଗର କର୍ମଚାରୀ ପ୍ରତାପ ପାଣିଗ୍ରାହୀ, ଚିତ୍ତରଞ୍ଜନ ଭୋଇ, ବିପିନ ରଣା ଏବଂ ମାନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ପରିସରରୁ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ଜନସାଧାରଣଙ୍କୁ ସଚେତନ କରିଥିଲେ।

# ଗିନ୍ଦିଲାମାଳରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା

**ବୀରମହାରାଜପୁର, ୩୦ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଏସ୍ ପତ୍ରାପାଲି ପଞ୍ଚାୟତର ଗିନ୍ଦିଲାମାଳ ଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରୀତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର, ମାଇଁ ଇଣ୍ଡିଆ ସୋନପୁର ତଥା ଖେଳ ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ବୀର ସୁରେନ୍ଦ୍ର ସାଏ କ୍ଲବ୍ ମାଟୁପାଲି ତରଫରୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ହକି, ଦୌଡ, କବାଡି, ବ୍ୟାଡମିଣ୍ଟନ୍, ଆଦି ବିଭିନ୍ନ ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା।ହକି ଖେଳରେ ଲମତୁଲକୁ ୫-୪ ଟ୍ରାଇବ୍ରେକର ଜରିଆରେ ହରାଇ ଗିନ୍ଦିଲାମାଳ ବିଜୟୀ ହୋଇଥିଲା। ୧୦୦ ମିଟର ଦୌଡ଼ରେ ମାଟିୟାସ ଭେଙ୍ଗରା ବିଜୟୀ ହୋଇଥିଲେ। ମହିଳା କବାଡି ଖେଳ ଦକ୍ଷିଣିପାଲି ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା।ଦକ୍ଷିଣିପାଲିକୁ ହରାଇ ମାଟୁପାଲି ବିଜୟୀ ହୋଇଥିଲା ବ୍ୟାଣ୍ଟମିଟନ ଖେଳରେ ଜ୍ୟୋତି କାନ୍ଦୁଲାନାକୁ ହରାଇ ମିତା ବେହେରା ୧୮-୨୨ ସେଟ୍ ରେ ବିଜୟୀ ହୋଇଥିଲେ। ଧୀର ସାଇକଲ ଚାଳନାରେ ଜାଗା ପୂର୍ତ୍ତି ବିଜୟୀ ହୋଇଥିଲେ। ଗିନ୍ଦିଲାମାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକୁନ୍ଦ ମେହେର ବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ।କାର୍ଯ୍ୟକ୍ରମକୁ ଶମ୍ଭୁରାଜ କର୍ଣ୍ଣ ପରିଚାଳନା କରିଥିବା ବେଳେ ଧବଳେଶ୍ୱର ଭୁକ୍ତା ଧନ୍ୟବାଦ ଅର୍ପଣ ଦେଇଥିଲେ।କୋଚ ଭାବେ ସୁବାସ ବାର୍ଲା ଖେଳ ପରିଚାଳନା କରିଥିଲେ।




# ନଳକୂପ ଅଚଳ, ପାଣି ପାଇଁ ଲୋକେ ହନ୍ତସନ୍ତ

**ସୁବଳୟା, ୩୦ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ଗାଁ ମଝିରେ ଥିବା ନଳକୂପ ବହୁ ଦିନ ହେବ ଅଚଳ ହୋଇ ପଡ଼ିରହିଛି।ଏହି ନଳକୂପ ଉପରେ ଦୁଇଟି ୱାର୍ଡର ଜନସାଧାରଣ ନିର୍ଭର କରିଥାନ୍ତି। ଏହା ଅନେକ ଦିନ ହେବ ଅଚଳ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ପାଣିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।



# ରାମାୟଣ ନବାହ୍ନ ପାରାୟଣ ଉଦ୍‌ଯାପିତ



**ତରଭା, ୩୦ ।୧(ସମିସ):** ତରଭା ଶ୍ରୀ ଦଧିବାବନ ମନ୍ଦିର ପରିସରରେ ଗତ ୨୦ ତାରିଖରୁ ଚାଲିଥିବା ତୁଳସୀ ରାମାୟଣ ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ୯ ଦିନଧରି ଚାଲିଥିବା ଧାର୍ମିକ କାର୍ଯ୍ୟକ୍ରମରେ ପଣ୍ଡିତ ଅସିତ ଷଡଙ୍ଗୀ ବ୍ୟାସ ଭୂମିକା ନିର୍ବାହ କରିଥିବା ବେଳେ ବିଭିନ୍ନ ଦିବସରେ ପୁରୁଷୋତ୍ତମ ବେଜ, ଜୟନ୍ତୀ ବେଜ, ଧୋବା ନାଏକ, ଯୋଶୋଦା ନାଏକ, ଗୋପାଳ ଅଗ୍ରୱାଲ, ଆଶାଦେବୀ ଅଗ୍ରୱାଲ, ଶମ୍ଭୁ ପ୍ରସାଦ ସାହୁ, ରଞ୍ଜିତା ସାହୁ, ଦେବାନନ୍ଦ ସାହୁ, ବାସନ୍ତୀ ସାହୁ, ସୁମିତ ସାହୁ, ରିନୁ ସାହୁ, ସୁବଳ ରାଉତ, ସୌଭାଗିନୀ ରାଉତ, ପୱନ ଅଗ୍ରୱାଲ, ପ୍ରିୟଙ୍କା ଅଗ୍ରୱାଲ, ସୁବଳ ପାଣିଗ୍ରାହୀ, ଅଞ୍ଜଳି ପାଣିଗ୍ରାହୀ କର୍ତ୍ତାର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେଉଥିଲା।

# ଜିଲ୍ଲା ଟ୍ରକ୍ ମାଲିକ ସଂଘର ଶପଥ ପାଠ ସମାରୋହ

**ବୌଦ୍ଧ, ୩୦ ।୧(ସମିସ):** ବୌଦ୍ଧ ଜିଲ୍ଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଜିଲ୍ଲା ଟ୍ରକ୍ ମାଲିକ ସଂଘର ସଭାପତି ଶିବ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ସଭାପତି ବିଭୁତି ଭୂଷଣ ଦାସଙ୍କ ଦ୍ୱାରା ଜିଲ୍ଲା ଟ୍ରକ୍ ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶପଥ ପାଠ ସମାରୋହ ଉତ୍ସବରେ ସର୍ବପ୍ରଥମେ ସଭାପତି ଶିବ ପ୍ରସାଦ ମିଶ, ଉପସଭାପତି ଶେଖ ସେମିଉଲ୍ଲା, ସମ୍ପାଦକ ବିଶ୍ୱଜିତ ମିଶ୍ର, ଯୁଗ୍ମସମ୍ପାଦକ ରବୀନ୍ଦ୍ର ପଟ୍ଟନାୟକ ଓ କୋଷାଧକ୍ଷ ଇ.ଆଶିଷ କୁମାର ପାତ୍ର ଶପଥ ପାଠ କରିଥିଲେ। ସେହିପରି କାର୍ଯ୍ୟକାରୀ କମିଟିର ସଦସ୍ୟ ସନ୍ତୋଷ କୁମାର ମହାନ୍ତି, ବିରେନ୍ଦ୍ର ମୋହନ ଗୌଡ଼, ବାବୁଲି ପ୍ରଧାନ, ସନ୍ତୋଷ କୁମାର ସାହୁ, ରାଜେନ୍ଦ୍ର କୁମାର ସାହୁ, ଅଭିଷେକ ମିଶ୍ର, ପ୍ରଭାତ ସେଠୀ, ପିନାକୀ ବିଶି, ସୁରେଶ କୁମାର ସାହୁ, ରାଜେନ୍ଦ୍ର ସାହୁ ଏବଂ କୈଳାଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଶପଥ ପାଠ କରିଥିଲେ। ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ସଭାପତି ଶ୍ରୀ ଦାସଙ୍କ ଉପସ୍ଥିତିରେ ନବ ନିର୍ବାଚିତ କର୍ମକର୍ତ୍ତା ସଂଘର ସମସ୍ତ ନିୟମ କାନୁନ ମାନିବା ସହିତ ସଂଘର ସର୍ବାଙ୍ଗୀନ ବିକାଶ ପାଇଁ ବଚନ ବଦ୍ଧ ହେବାକୁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗୀର, ପଦ୍ମପୁର, ଖଡ଼ିଆଳ, ଅନୁଗୁଳ, ରେଢ଼ାଖୋଲ, ବାମୁର୍, ବୁଢାସମ୍ବର ଆଦି ବିଭିନ୍ନ ଅଞ୍ଚଳର ଟ୍ରକ୍ ମାଲିକ ସଂଘର ସଭାପତି, ସମ୍ପାଦକ ତଥା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶପଥ ପାଠ କାର୍ଯ୍ୟକ୍ରମକୁ ବୌଦ୍ଧ ଜିଲ୍ଲା ଟ୍ରକ୍ ମାଲିକ ସଂଘର ପୂର୍ବତନ ସମ୍ପାଦକ ସ୍ୱାଧୀନ ବିଶ୍ୱାଳ ପରିଚାଳନା କରିଥଲେ ଏବଂ ସଂଘର ବରିଷ୍ଠ ସଦସ୍ୟ ଅଜୟ କୁମାର ପଣ୍ଡା, ଶୁଭେନ୍ଦ୍ର ଶତପଥୀ, ଇ.ବିଜୟ କୁମାର ପାତ୍ର, ଶ୍ରୀହର୍ଷ ମିଶ୍ର, କରବୀ ପ୍ରସାଦ ରାଓ, ଅନଙ୍ଗ ପାଣିଗ୍ରାହୀ, ସନ୍ତୋଷ କୁମାର ପ୍ରଧାନ, କେଶବ ମେହେର, କୈଳାଶ ମହାଖୁଡ଼ ପ୍ରମୁଖ ପୂର୍ଣ୍ଣମାତ୍ରାରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।




## ବୌଦ୍ଧ ଜିଲ୍ଲାସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

# ଫୁଲପ୍ରେମୀଙ୍କ ମନମୋହିଲା ଭଳିକି ଭଳି ଫୁଲର ସମ୍ଭାର

ବୌଦ୍ଧ, ୩୦ ।୧(ସମିସ)

ବୌଦ୍ଧ ଉଦ୍ୟାନ ବିଭାଗ ଏବଂ ଜିଲ୍ଲା ବୃକ୍ଷପ୍ରେମୀ ସଂଘର ମିଳିତ ସହଯୋଗରେ ୩୦ତମ ଜିଲ୍ଲାସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ବୌଦ୍ଧ ଟାଉନହଲ୍ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଫିତାକାଟି ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଲାପ, ଡାଲିଆ, ସେବତୀ, ଗେଣ୍ଡୁ, ଜର୍ବେରା, ପେଟୁନିଆ, ଅଦେନିଅମ୍ ଆଦି ଫୁଲ ସହ ବୋନସାଇ, କାକଟସ, ଅଳଙ୍କାରିକ ବୃକ୍ଷ, ଔଷଧୀୟ ବୃକ୍ଷର ତିନିଶହରୁ ଅଧିକ କୁଣ୍ଡରେ ଥିବା ଫୁଲ ସହ କଟା ଫୁଲ ସ୍ଥାନ ପାଇଥିଲା। ଫୁଲର ରଙ୍ଗୋଲି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶହଶହ ବୃକ୍ଷପ୍ରେମୀ ଭଳିକି ଭଳି ଫୁଲର ସମ୍ଭାରକୁ ଉପଭୋଗ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅଧିବେଶନରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ପରିବେଶବିତ୍ ସୁଧୀର କର୍ଣ୍ଣ, ପୂର୍ବତନ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ମହାପାତ୍ର ଯୋଗଦେଇ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରିଥିଲେ। ଗୋଲାପରେ ରଶ୍ମିତା ପ୍ରଧାନ, ଡାଲିଆରେ ପ୍ରଜ୍ଞାଶ୍ରୀ, ସେବତୀରେ ମାନଭଞ୍ଜନ ଦାନୀ, ସୋମିତ୍ରୀ ପଲିଆ, ଅଳଙ୍କାରିକ ବୃକ୍ଷରେ ରାଜୁ ପ୍ରସାଦ ଓ ନବ ମିଶ୍ର, ବନସାଇରେ ତପସ୍ୱିନୀ ପ୍ରଧାନ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଔଷଧୀୟ ବୃକ୍ଷ ପ୍ରଦର୍ଶନୀରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଶ୍ରେଷ୍ଠ ହୋଇଛି। ଜିଲ୍ଲା ବୃକ୍ଷପ୍ରେମୀ ସଂଘର ସଭାପତି ପରିବେଶ ବିଜ୍ଞାନୀ ଅଧାପକ ଡ. ପ୍ରବୀର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଂଘର ସମ୍ପାଦକ କପିଲ୍ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସହକାରୀ ଉଦ୍ୟାନବିତ୍ ପୂଜା ବାରିକ ଏଥିରେ ସହଯୋଗ କରିଥିଲେ।



# ବିପୁଳ ପରିମାଣର ମଦ ଜବତ; ୪ ଗିରଫ





**ରାଉରକେଲା, ୩୦ା୧(ସମିସ)**

ବିଶ୍ରା ପୁଲିସ ଦ୍ୱାରା ବିପୁଳ ବିଦେଶୀ ମଦ ଜବତ ହୋଇଥିବା ବେଳେ ଏହି ଘଟଣାରେ ୨ ଜଣଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲ ନିକଟରେ ଥିବା ଏକ ଢାବାରେ ପୁଲିସ ଚଢ଼ଉ କରି ୧୬ ବୋତଲ ମଦ ଜବତ କରିଥିବାବେଳେ ଦୋକାନୀ ଗଙ୍ଗେଇ ଖାଲକୋ(୩୯)କୁ ଗିରଫ କରିଛି। ସେହିପରି ବିଶ୍ରା ଥାନା ଅନ୍ତର୍ଗତ ଏକ ଢାବାରେ ପୁଲିସ ଚଢଉ କରି ୧୨ ବୋତଲ ଜବତ କରିବା ସହ ଢାବା ମାଲିକ ରାମ ନରେଶ ସିଂହ(୪୯)କୁ ଗିରଫ କରିଥିବା ଜଣାପଡ଼ିଛି।

ସେହିପରି ଲହୁଣୀପଡ଼ା ପୁଲିସ ଖୁଣ୍ଟଗାଁରେ ଏକ ଭେରାଇଟି ଷ୍ଟୋରରେ ଚଢ଼ଉ କରି ୨୦ ବୋତଲ ବିଅର ଜବତ କରିବା ସହ ଦୋକାନୀ ପପୁ ନାୟକକୁ ଗିରଫ କରିଛି ପୁଲିସ। ଏଥିସହ ତୁମକେଲା ନିକଟରେ ଆଉ ଏକ ଭେରାଇଟି ଷ୍ଟୋରରେ ଚଢ଼ଉ କରି ପୁଲିସ ୨୪ ବିଦେଶୀ ମଦ ବୋତଲ ଜବତ କରିବା ସହ ଦୋକାନୀ ବନବିହାରୀ ନାୟକକୁ ଗିରଫ କରିଥିବା ସୂଚନା ମିଳିଛି। ସେହିପରି ବ୍ରାହ୍ମଣୀ ତରଙ୍ଗ ପୁଲିସ ଟିସିଆଇ ଅଞ୍ଚଳରୁ ୬ ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ସହ ଏକ ସ୍କୁଟି ଜବତ କରିଥିବା ସୂଚନା ମିଳିଛି। ପୁଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଥିବାବେଳେ ନିଶା କାରବାର ରୋକିବାକୁ ବ୍ୟାପକ ପଦକ୍ଷେପ ହାତକୁ ନେଇଥିବା ଜଣାପଡ଼ିଛି।

## ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୩୦ା୧(ସମିସ):** ସ୍ଥାନୀୟ ଏକ ଟେଣ୍ଟ ହାଉସର ଗୋଦାମ ଘରୁ ପୁଲିସ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। କିଞ୍ଜିରକେଲା ଥାନା କୁସୁମୁରା ଗ୍ରାମର କ୍ଷୀରୋଦ କାଲୋ ଦୀର୍ଘ ବର୍ଷରୁ ଶିବ ଶକ୍ତି ଟେଣ୍ଟ ହାଉସରେ କାମ କରି ଆସୁଥିଲେ। ତେବେ କିଛି ମାସ ତଳେ ସେ କାମ ଛାଡ଼ି ଦେଇଥିବାବେଳେ ପରବର୍ତ୍ତୀ ସମୟରେ ପୁଣି ଟେଣ୍ଟ ହାଉସରେ ଯୋଗ ଦେଇଥିଲେ। ତାଙ୍କ ପତ୍ନୀ ଓ ପୁଅ ଗ୍ରାମରେ ରହୁଥିଲେ। ଆଜି ସକାଳେ ତାଙ୍କ ମୃତଦେହ ଗୋଦାମ ଘରେ ଟେଣ୍ଟ ହାଉସରେ ବ୍ୟବହାର କରା ଯାଉଥିବା ଲୁଗା ରଶିରେ ବେକରେ ଫାଶୀ ଲାଗିଥିବା ଅବସ୍ଥାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ପରେ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଧାନ ବୋଝେଇ ଟ୍ରାକ୍ଟରକୁ ଧକ୍କାଦେଲା ଟ୍ରେଲର୍

**ହେମଗିରି, ୩୦ା୧(ସମିସ):** ହେମଗିରି ବ୍ଲକ ବାଙ୍କୀବାହାଲ ଟପରିଆ ରାସ୍ତାର ଲୁଆବାହାଲ ଲ୍ୟାମ୍ପସ୍ ସମ୍ମୁଖରେ ଧାନ ବୋଝେଇ ଟ୍ରାକ୍ଟରକୁ ଗୁରୁବାର ସକାଳେ ଏକ ଟ୍ରେଲର ଧକ୍କା ଦେଇଛି। ଛତିଶଗଡ଼ ପଟୁ ଏମ୍‌ସିଏଲ୍ ପଟକୁ ଦ୍ରୁତଗତିରେ ଆସୁଥିବା ସିଜି ୧୩ ଏଡି ୩୩୮୫ ନମ୍ବର ବିଶିଷ୍ଟ ଟ୍ରେଲର ଲୁଆବାହାଲ ଲ୍ୟାମ୍ପ ମଣ୍ଡିକୁ ଆସିଥିବା ଧାନ ବୋଝେଇ ଟ୍ରାକ୍ଟରକୁ ଧକ୍କା ଦେଇଥିଲା।



ଫଳରେ ଟ୍ରାକ୍ଟର ଚାଳକ ଅଳ୍ପକେ ବର୍ତ୍ତିବା ସହ କିଛି ବସ୍ତା ଧାନ ନଷ୍ଟ ହୋଇଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା।

## ୧ରୁ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ଖାଦ୍ୟମେଳା

**ରାଉରକେଲା, ୩୦ା୧(ସମିସ) :** ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, ଓରମାସ, ରାଉରକେଲା ମହାନଗର ନିଗମ ଏବଂ ଜିଲ୍ଲା ପ୍ରଶାସନ, ସୁନ୍ଦରଗଡ଼ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ଓ ଖାଦ୍ୟମେଳା ଆସନ୍ତା ୧ ରୁ ୭ ଫେବୃଆରୀ ପର୍ଯ୍ୟନ୍ତ ସେକ୍ଟର - ୫ ଅନ୍ତର୍ଗତ ଭଞ୍ଜଭବନ ନିକଟସ୍ଥ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମେଳାରେ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ମେଳା ଓ ଖାଦ୍ୟ ମେଳା ପାଇଁ ୨୦୦ ଷ୍ଟଲ ଲାଗିବ। ଏଥିରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ କରିଗର ମାନଙ୍କ ଦ୍ୱାର ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ତଥା ବିକ୍ରୟ ହେବ। ପ୍ରତିଦିନ ସଂଧ୍ୟାରେସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ। ହସ୍ତଶିଳ୍ପ ପ୍ରଦର୍ଶନୀ ଓ ପଲ୍ଲୀଶ୍ରୀ ମେଳା ପ୍ରତ୍ୟେକ ଦିନ ସକାଳ ୧୦ ଘଟିକାରୁ ରାତ୍ରି ୧୦ ଘଟିକା ଯାଏଁ ଚାଲିବ। ଖାଦ୍ୟ ମେଳା ସଂଧ୍ୟା ୫ ଘଟିକାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଚାଲିବ। ଏହି ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପଲ୍ଲୀଶ୍ରୀ ଓ ଖାଦ୍ୟମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅନୁରୋଧ କରିଛନ୍ତି।

## ଆନ୍ତଃମହାବିଦ୍ୟାଳୟ ନାଟକ ମହୋତ୍ସବ ଉଦ୍‌ଯାପିତ



**ରାଉରକେଲା, ୩୦ା୧(ସମିସ):** ରାଉରକେଲା ସହରର ଅଗ୍ରଣୀ ନାଟ୍ୟ ସଂସ୍ଥା 'ପରିଚୟ' ପକ୍ଷରୁ ଚତୁର୍ଥ ଆନ୍ତଃ ମହାବିଦ୍ୟାଳୟ ନାଟକ ମହୋତ୍ସବ ସ୍ଥାନୀୟ ସେକ୍ଟର -୧୯ ସିଭିକ୍ ସେଣ୍ଟର୍ ଠାରେ ଉଦ୍‌ଯାପିତ ହୋଇଯାଇଛି। 'ପରିଚୟ'ର ସମ୍ପାଦକ ପଞ୍ଚାନନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇ କହିଲେ ଉଶୃଙ୍ଖଳିତ ଯୁବ ସମାଜକୁ ସତ ମାର୍ଗ ଦେଖାଇବାରେ ମଞ୍ଚ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ସମର ମୁଦାଲି, ଏସଡିଏସଇର ନିର୍ଦ୍ଦେଶକ ବିକାଶ ପାତ୍ର, ଡକ୍ଟର ଚିନ୍ମୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଥମ ନାଟକ ରିମସ୍ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୌତମ ମହାନନ୍ଦଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ପରାଭୋଗ', ୨ୟ ନାଟକ ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ ମଲ୍ଲିକ ରଚିତ ଓ ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତିଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଉଁଆସର୍ ରାଏତ୍' ପରିବେଷିତ ହୋଇଥିଲା। ୩ୟ ନାଟକ ରାଉରକେଲା କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଧ୍ୟାପକ ନବୀନ ପରିଡ଼ାଙ୍କ ରଚିତ ଓ ଅଧ୍ୟାପିକା ରଶ୍ମି ପ୍ରଭା ମଥାନଙ୍କ ନିର୍ଦ୍ଦେଶିତ ନାଟକ 'ଦେଖିବାକୁ କିନ୍ତୁ ଏକ ଶବ୍ଦ' ପରିବେଷିତ ହୋଇଥିଲା। ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ନାଟକ 'ସଭ୍ୟ ଜମିଦାର'କୁ ପୁରସ୍କୃତ କରାଯାଇଥିଲା। ୨ୟ ଶ୍ରେଷ୍ଠ ନାଟକ ଭାବେ ୟୁଜିଏମ ରାଉରକେଲାର ସମ୍ବଲପୁରୀ ନାଟକ 'ଉଆଁସର ରାଏତ' ଏବଂ ତୃତୀୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ଏସକେ ଡି ଏ ଭି ପଲିଟେକ୍ନିକ, ରାଉରକେଲା ଦ୍ୱାରା ପରିବେଶିତ ନାଟକ 'ଅନୁତାପ' ପୁରସ୍କୃତ ହୋଇଥିଲା।

### ଆଲୋଚନା ପାଇଁ ଆସିଲେନି କାରଖାନା କର୍ତ୍ତୃପକ୍ଷ

## ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**ସୁନ୍ଦରଗଡ଼, ୩୦ା୧(ସମିସ):** କିରେଇସ୍ଥିତ ଶ୍ରୀହରି ସ୍ପିନର୍ସର ଶ୍ରମିକ ୟୁନିୟନ ପକ୍ଷରୁ ବିଭିନ୍ନ ଦାବିରେ କାର୍ଯ୍ୟ ବନ୍ଦ ପାଇଁ ଡାକରା ଦିଆ ଯିବା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଭ୍ରୂକ୍ଷେପ କରିନାହାନ୍ତି। ଏପରିକି ସୁନ୍ଦରଗଡ଼ ସଦର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ତ୍ରିପାକ୍ଷିକ ବୈଠକରେ କମ୍ପାନୀ ପକ୍ଷରୁ କେହି ଯୋଗ ଦେଇ ନ ଥିବା ଅଭିଯୋଗ ହୋଇଛି। ଉପ ଜିଲ୍ଲାପାଳ ଦାଶରଥି ସରାବୁଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ସୁନ୍ଦରଗଡ଼ ସହକାରୀ ଶ୍ରମ ଅଧିକାରୀ ଯୋଗ ଦେଇଥିବା ବେଳେ ଶ୍ରମିକ ପ୍ରତିନିଧି ଭାବେ ସଂଘର ସାଧାରଣ ସମ୍ପାଦକ କେଦାର ଚନ୍ଦ୍ର ପଟେଲ, କାର୍ଯ୍ୟକାରୀ ସଭାପତି କୁନୁ ପଶାୟତ, ସହ ସମ୍ପାଦକ ଭେଷଜ ରଥ ଆଲୋଚନାରେ ଭାଗ ନେଇଥିଲେ। ଶ୍ରମିକ ପ୍ରତିନିଧିମାନେ ଶ୍ରମିକଙ୍କୁ ୮ ଘଣ୍ଟା କାର୍ଯ୍ୟ, ଓଭର୍ ଟାଇମ ପାଇଁ ଦୁଇ ଗୁଣା ପାଉଣା, ପୁରୁଣା ଶ୍ରମିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ପୁରାତନ ବକେୟା ପ୍ରଦାନ, ଶ୍ରମିକମାନଙ୍କୁ ପରିଚୟ ପତ୍ର ଓ ଦରମା ବିବରଣୀ ପତ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ତେବେ ଉପଜିଲ୍ଲାପାଳ ଶ୍ରମିକ ପ୍ରତିନିଧିମାନଙ୍କୁ ୩୧ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ କରିବାରୁ ସେମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି।

## ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ପରଲୋକ

**ସୁନ୍ଦରଗଡ଼, ୩୦ ା୧(ସମିସ):** ଟାଙ୍ଗରପାଲି ବ୍ଲକ ନିଆଲିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ତଥା ଲବଣୀଧର ଉଚ୍ଚ ବିଦ୍ୟାଳୟର ପୃଷ୍ଠପୋଷକ ଶିକ୍ଷାବିତ୍ ବିଜନ କୁମାର ନାଏକଙ୍କ ୮୫ ବର୍ଷ ବୟସରେ ପରଲୋକ ଘଟିଛି। ବିଜନ ବାବୁ ଅନେକ ଦିନ ତଳୁ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଶେଷରେ ସେ ସବୁ ଦିନ ପାଇଁ ଆଖି ବୁଜିଛନ୍ତି। ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରାକ୍ତନ ଛାତ୍ରଛାତ୍ରୀ, ବନ୍ଧୁ ପରିଜନ ତଥା ଗ୍ରାମବାସୀ ମାନେ ଶେଷ ଦର୍ଶନ କରିବା ପରେ ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଇଚ୍ଛା ନଦୀକୂଳ ସ୍ୱର୍ଗଦ୍ୱାରକୁ ନିଆ ଯାଇ ଅନ୍ତିମ ସଂସ୍କାର କରା ଯାଇଛି। ପୁଅ ଲଲାଟେନ୍ଦୁ ନାଏକ ମୁଖାଗ୍ନି ଦେଇଥିଲେ। ବିଜନ ବାବୁ ଜଣେ ଛାତ୍ରବତ୍ସଳ, କର୍ତବ୍ୟ ପରାୟଣ ତଥା ଉତ୍ସର୍ଗୀକୃତ ଶିକ୍ଷକ ଥିବା ବେଳେ ଗରିବ, ଅସହାୟ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ତାଙ୍କର ସମ୍ପୂର୍ଣ୍ଣ ଜୀବନକୁ ସମର୍ପଣ କରିଥିଲେ। ୧୯୬୨ରୁ ୨୦୦୧ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୯ ବର୍ଷର ଶିକ୍ଷକତା ଜୀବନ ଭିତରେ ସେ ଅନେକ ସୁଯୋଗ୍ୟ ଛାତ୍ରଛାତ୍ରୀ ସୃଷ୍ଟି କରି ପାରିଥିଲେ। ଯାହାଙ୍କ ଭିତରେ ଆଜି ଅନେକ ବିଭିନ୍ନ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ସମାଜ ପାଇଁ ଅପୂରଣୀୟ



## ଇଲେକ୍ଟ୍ରିକାଲ ଦୋକାନରୁ ୨ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

**ସୁନ୍ଦରଗଡ଼, ୩୦ା୧(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଛକରେ ଥିବା ଏକ ଇଲେକ୍ଟ୍ରିକାଲ ଦୋକାନରୁ ପ୍ରାୟ ୨ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଯାଜପୁର ଗ୍ରାମର ବିକାଶ କୁମାର ସା ତୁଡାଲଗା ଛକରେ ଏହି ଦୋକାନ କରିଛନ୍ତି। ପ୍ରତିଦିନ ଦୋକାନ ବନ୍ଦ କଲା ପରେ ସେ ତାଙ୍କ ଘରକୁ ଚାଲି ଯାଆନ୍ତି। ରାତିରେ ଦୋକାନରେ କେହି ନ ରହିବା ସୁଯୋଗରେ ଚୋର ମାନେ ତାଙ୍କ ଝରକା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରାଇ ନେଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତନାଘନା ଚଳାଇଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ୱାସ୍ଥ୍ୟ ସେବା

**ବାଲିଶଙ୍କରା, ୩୦ା୧(ସମିସ):** ବାଲିଶଙ୍କରା ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ବୈରାଗୀ ତନ୍ତୀ ଏବଂ ପୂର୍ବତନ ଡିଏସ୍‌ପି ଦାମୋଦର ମାଝୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ବାଲିଶଙ୍କରା ଚାନ୍ଦିନୀମାଳ କଲ୍ୟାଣ ମଣ୍ଡପ ପରିସରରେ ଅଞ୍ଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ମାଗଣାରେ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛଇ। ଏଥିରେ ମାଗଣାରେ କଫ, ରକ୍ତ, ବ୍ଲଡ୍ ପ୍ରେସର୍, ଟିବି ଆଦି ପରୀକ୍ଷା କରାଯାଇଥିଲା। ଏପରିକି ବିଭିନ୍ନ ପରୀକ୍ଷା ସହିତ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଡାକ୍ତର ଡୁଲେଚାନ୍ଦ ଜାନଙ୍ଗୀର, ଡାକ୍ତର ଦେବେନ କାଲୋ, କମ୍ପାଉଣ୍ଡର ତୃପ୍ତିମୟୀ କର, ଗୀର୍ଜା ଦାନୀ, ନର୍ସ ଜ୍ୟୋତ୍ସ୍ନା ମହାକୁଳ, ନୀଳିମା ବିରଗଣ୍ଡିଆ ପ୍ରମୁଖ ଯୋଗଦେଇ ରୋଗୀ ସେବା ଯୋଗାଇ



ଦେଇଥିଲେ। ଏଥିରେ ୨୩୦ ରୋଗୀ ପଞ୍ଜୀକରଣ କରି ମାଗଣାରେ ସ୍ୱାସ୍ଥ୍ୟସେବା ଗ୍ରହଣ କରିଥିଲେ। ବିଜୟ ଖାଲଖୋ, ଅର୍ଜୁନ ରଣା, ଶିଶିର ବଡ଼େଇ, ଉଗ୍ରେସନ ପ୍ରଧାନ, କଳାକାର ବରିହା, ଗୋକୁଳାନନ୍ଦ ଦାନୀ, ସୁଗ୍ରୀବ ବାଘ, ଢୀଡୁ ତିର୍କି, ବୈରାଗୀ ତନ୍ତୀ, ଦାମୋଦର ମାଝୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସଂଘର ସଭାପତି ପ୍ରଦୀପ ଶେଖର ଦେଓ ପ୍ରତ୍ୟେକ ବର୍ଷ ଏପରି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ମତ ଦେଇଥିଲେ।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ସୁନ୍ଦରଗଡ଼, ୩୦ା୧(ସମିସ):** କଣ୍ଟାବାହାଲ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମହରାଗୀ ଲରାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବନଡେଗା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରିୟା ଲାକଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଅଭିଳାଷ ରଖି ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଞ୍ଜ ବିହାରୀ ପଟେଲ, ଜୟ କୁମାର ତିର୍କୀ, ମମତା ପଟେଲ, ଅଜିତ ବାର୍ଲା, ଯୋସଲିନ କୁଜୁର, ଥୋମାସ କୁଜୁର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ କୁମାର ଜେନା, ନୀଳିମା ଖାଲଖୋ, ସୁକାନ୍ତି ନାଏକ, ପୂର୍ଣ୍ଣିମା କିଷାନ, ପ୍ରଣତି ଟପ୍ପୋ, ରିଙ୍କି ସାହା, ପ୍ରମିଳା ସଏ, ଦିବ୍ୟା ତନ୍ତୀ, ପ୍ରିୟତମ ଏକ୍କା, ସାବିତ୍ରୀ କୁଜୁର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଆକ୍ରମଣରେ ଜଣେ ଆହତ

**ସୁନ୍ଦରଗଡ଼, ୩୦ା୧(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଛତାସର୍ଗି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମାଡରେ ଜନୈକ ଯୁବକ ଗୁରୁତର ଆହତ ହୋଇଛନ୍ତି। ସାମାନ୍ୟ କଥାକୁ କେନ୍ଦ୍ର କରି ଗ୍ରାମର ବିମଳ ନାଗ ଓ ନିରଞ୍ଜନ ମାହାରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ନିରଞ୍ଜନ ଉତ୍‌କ୍ଷିପ୍ତ ହୋଇ ବିମଳଙ୍କୁ ମୁଥ ପାରିବା ଫଳରେ ନାକ ଫାଟ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବୃତ୍ତି ପରୀକ୍ଷାରେ ମାଲିଡିହି ଓ ଛତାସର୍ଗି ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା



**ସୁନ୍ଦରଗଡ଼, ୩୦ା୧(ସମିସ):** ସବଡେଗା ବ୍ଲକ ବୃତି ପରୀକ୍ଷାରେ ମାଲିଡିହି ଓ ଛତାସର୍ଗି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଫଳତା ମିଳିଛି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମାଲିଡିହି ସ୍କୁଲର ଆମନ କୁଲୁ ଓ ଇପ୍ସିତା ମାଝୀ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଦମୟନ୍ତୀ ପ୍ରଧାନ ଓ ଦେବାଶିଷ ପ୍ରଧାନ କୃତିତ୍ୱ ହାସଲ କରିଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛତାସର୍ଗି ସ୍କୁଲର ମୁକେଶ ଦେହୁରୀ ଓ ବେଦମତୀ ନାଏକ ସଫଳତା ପାଇଛନ୍ତି। ମାଲିଡିହି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନୋଳେଶ୍ୱର ନାଏକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶୀଳ କୁମାର ନାଏକ, ଛତାସର୍ଗି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରେମାନନ୍ଦ ମାହାର, ପ୍ରଧାନ ଶିକ୍ଷକ କେଦାରନାଥ ବେହେରା, ସହକାରୀ ଶିକ୍ଷକ ଅର୍ଜୁନ ରୋହିଦାସ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏସ୍‌ଏମ୍‌ସି ସଦସ୍ୟ ସଦସ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ।

## ସମସ୍ୟା ସମାଧାନରେ ମାର୍ଗଦର୍ଶକ ସାଜିବ 'ବହୁବିଧ କାର୍ଯ୍ୟକାରୀ ମଞ୍ଚ'

**ସୁନ୍ଦରଗଡ଼, ୩୦ା୧(ସମିସ)**

ସେବକ ରଙ୍ଗିଆମୁଣ୍ଡା କାର୍ଯ୍ୟାଳୟ ପରିସରରେ ସେବକ ଓ ଲିଭିଙ୍ଗ ଲାଣ୍ଡସ୍କେପର ମିଳିତ ଆନୁକୂଲ୍ୟରେ ବହୁବିଧ କାର୍ଯ୍ୟକାରୀ ମଞ୍ଚ ସଂକ୍ରାନ୍ତ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ବହୁବିଧ କାର୍ଯ୍ୟକାରୀ ମଞ୍ଚ, ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ନୀତି ସମୂହ, ବ୍ଲକସ୍ତରୀୟ ସମ୍ବଳ କେନ୍ଦ୍ର, ଏହାର କାର୍ଯ୍ୟକାରୀ ପଦ୍ଧତି ଉପରେ ବିଭିନ୍ନ ଖେଳ ଓ ପାଠ୍ୟକ୍ରମ ମାଧ୍ୟମରେ ବୁଝାଇଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଆଗାମୀ ଦିନରେ ଏହି ବହୁବିଧ କାର୍ଯ୍ୟକାରୀ ମଞ୍ଚ ତୃଣମୂଳସ୍ତରର ସମସ୍ୟାର ସ୍ଥାୟୀ ସମାଧାନ, ଲୋକଙ୍କ ଅଧିକାର ଉପରେ ବ୍ୟାପକ ସଚେତନତା, ବିଭିନ୍ନ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ତଥା ଗୋଷ୍ଠୀର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକଙ୍କ ସମେତ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ କର୍ମକର୍ତ୍ତା, କୃଷକ ସଂଗଠନ ପ୍ରତିନିଧି ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକ ଦାୟିତ୍ୱରେ ଥିବା ଅଭିଷେକ ତନ୍ତୀ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷୀ ବାଗ, ସୁମିତ ପଟେଲ, ଅମିତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି, ଲେଫ୍ରିପଡ଼ା, ଟାଙ୍ଗରପାଲି, ବାଲିଶଙ୍କରା ଓ ସଦର ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।



# ଶିକ୍ଷକ-ସରପଞ୍ଚଙ୍କ ମଧ୍ୟରେ ଛକାପଞ୍ଝା

ଲାଞ୍ଜିଗଡ଼, ୩୦ ।୧(ସମିସ)

## ବାଣିପଙ୍ଗା ସରକାରୀ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ

- ବିଳମ୍ବରେ ସ୍କୁଲ ଆସୁଛନ୍ତି ଶିକ୍ଷକ-ଶିକ୍ଷୟିତ୍ରୀ
- ଭିଡିଓ ରେକର୍ଡିଂ କରିବାରୁ ବିବାଦ

ଲାଞ୍ଜିଗଡ଼ ବ୍ଲକ ବାତେରଲିମା ପଞ୍ଚାୟତସ୍ଥିତ ବାଣିପଙ୍ଗା ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ଗୁରୁବାର ଶିକ୍ଷକମାନେ ବିଳମ୍ବରେ ଆସିବା ଓ ବିଦ୍ୟାଳୟ ଭିତରେ ସରପଞ୍ଚ ଭିଡିଓ ରେକର୍ଡ କରିବା ନେଇ ଝାମେଲା ଦେଖା ଦେଇଛି । ସ୍କୁଲର ଖେଳ ଶିକ୍ଷକ ବିଜୟ ଭୋଇ ଓ ବାତେଲିମା ସରପଞ୍ଚ କରୁଣା ମାଝୀଙ୍କ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଥିଲା । ସରପଞ୍ଚ ଶ୍ରୀ ମାଝୀଙ୍କ ଅଭିଯୋଗ ଅନୁସାରେ ଖେଳ ଶିକ୍ଷକ ଶ୍ରୀ ଭୋଇ ଓ ଅନ୍ୟ ଦୁଇ ଜଣ ଶିକ୍ଷୟିତ୍ରୀ ଲାଞ୍ଜିଗଡ଼ରେ ରହୁଛନ୍ତି । ସେମାନେ ବିଳମ୍ବରେ ସ୍କୁଲ ଆସୁଛନ୍ତି । ଏହାକୁ ନେଇ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଳମ୍ବରେ ଯାଉଥିବା ଦେଖି ସେ ବିଦ୍ୟାଳୟକୁ ଯାଇଥିଲେ । ନିଜ ମୋବାଇଲରେ ଶିକ୍ଷୟିତ୍ରୀମାନଙ୍କୁ କେତେବେଳେ ଆସୁଛନ୍ତି ଓ କେତେବେଳେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି ବୋଲି ପଚାରିଥିଲେ; ହେଲେ ଖେଳ ଶିକ୍ଷକ ଶ୍ରୀ ଭୋଇ ତାଙ୍କୁ ଗାଳିଗୁଲଜ କରିଥିବା ସରପଞ୍ଚ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ଅପରପକ୍ଷେ ଖେଳ ଶିକ୍ଷକ ଶ୍ରୀ ଭୋଇଙ୍କୁ ପଚାରିବାରୁ ସେ ଓ ଅନ୍ୟ ୨ ଦୁଇ ଜଣ ଶିକ୍ଷୟିତ୍ରୀ ଲାଞ୍ଜିଗଡ଼ରେ ରହୁଛନ୍ତି ବୋଲି ସ୍ୱୀକାର କରିଛନ୍ତି । ବୁଧବାର ଜୁନାଗଡ଼ ବ୍ଲକ କୁରୁଗୁଡା ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଥିଲା । ସେମାନେ ଛାତ୍ରୀମାନଙ୍କୁ ନେଇ ସେହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଇଥିଲେ । ଫେରିବା ବେଳେ ରାତି ୧୨ଟା ହୋଇଯାଇଥିଲା । ସେଥିପାଇଁ ସ୍କୁଲ ଆସିବାରେ ୧୫ ମିନିଟ ବିଳମ୍ବ ହେଲା । ଏହା ସହିତ ଆବାସିକ ବାଳିକା ବିଦ୍ୟାଳୟ ସହରରୁ ୮ କିମି ଦୂରରେ ରହିଛି । ଜରୁରୀ ସାମଗ୍ରୀ ଆଣିବା ବେଳେ କେବେ କେମିତି ବିଳମ୍ବ ହେଉଛି । ପ୍ରଧାନ ଶିକ୍ଷକଙ୍କୁ ଏ ନେଇ ଅବଗତ କରାଯାଉଛି । ସ୍କୁଲ ଆସିବା ୧୫ ମିନିଟ ବିଳମ୍ବ ଦେଖି ସରପଞ୍ଚ ଶ୍ରୀ ମାଝୀ ସ୍କୁଲ ପରିସର ମଧ୍ୟରେ ପଶି ନିଜ ମୋବାଇଲରେ ଭିଡିଓ କରିଥିଲେ । ଏକ ବାଳିକା ବିଦ୍ୟାଳୟ ପରିସରରେ ଭିଡିଓ ବରିବା ଉଚିତ ନୁହେଁ ବୋଲି ସେ କହିଥିଲେ । ସରପଞ୍ଚ ଏଥିରେ ରାଗି ଯାଇଥିଲେ ବୋଲି ପ୍ରକାଶ କରିଛନ୍ତି । ତେବେ ଏ ନେଇ ପ୍ରଧାନ ଶିକ୍ଷକ ବସନ୍ତ ମାଝୀଙ୍କୁ ପଚାରିବାରୁ ଘଟଣାକୁ ସେ ସ୍ୱୀକାର କରିଛନ୍ତି । ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲର ଜରୁରୀ କାମ ଯୋଗୁଁ କେବେ କେମିତି ବିଳମ୍ବରେ ଆସୁଛନ୍ତି । ଆବାସିକ ବାଳିକା ବିଦ୍ୟାଳୟ ଯୋଗୁଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଧିକାଂଶ ସମୟରେ ଜରୁରୀ କାଳୀନ କାମ ମଧ୍ୟ ରହୁଛି ବୋଲି ପ୍ରକାଶ କରିଛନ୍ତି ।

## କମ୍ପ୍ୟୁଟର ଶିକ୍ଷାଦାନ ପାଇଁ ପୁରସ୍କୃତ



ସୁବଳୟା, ୩୦ ।୧(ସମିସ): ଭୁବନେଶ୍ୱରସ୍ଥିତ ରେଳବାଇ ଅଡିଟୋରିୟମରେ ରାଜ୍ୟମୁକ୍ତ ବିଶ୍ୱ ବିଦ୍ୟାଳୟ ଅଧିନରେ ୟୁନିଭର୍ସିଟି ସାର୍ଟିଫିକେଟ କୋର୍ସ ଚଳାଉଥିବା କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ତଥା ଉଦ୍ୟୋଗୀମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଦନ୍ତାପାଲି ଠାରେ ଥିବା କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ 'ନାଇସେଟ'କୁ ପୁରସ୍କୃତ କରାଯାଇଛି ।ଅନୁଷ୍ଠାନର ନିର୍ଦ୍ଦେଶକ ଅନନ୍ତ କୁମାର ପଣ୍ଡା ଯୋଗଦେଇ ମାନପତ୍ର ଗ୍ରହଣ କରିଥିଲେ । ବିପିୟୁଟିର ଭାଇସ ଚାନସେଲର ଡ.ଅମିୟ କୁମାର ରଥ ଓ ଓକେସିଏଲର ମ୍ୟାନେଜିଂ ଡାଇରେକ୍ଟର ମନୋରଞ୍ଜନ ପୋଥାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ଭାରସାମ୍ୟ ହରାଇ ଓଲଟିଲା ଗାଡ଼ି, ୫ ଗୁରୁତର

ସୁବଳୟା, ୩୦ ।୧(ସମିସ): ବୀରମହାରାଜପୁର ଓ କଦଳୀଗଡ଼ ମୁଖ୍ୟ ରାସ୍ତା ଧଉରାଖମନସ୍ଥିତ ବୁଲାଣୀ ରାସ୍ତାରେ ଗୁରୁବାର ଭୋରୁ ସଂକିର୍ତ୍ତନ ମଣ୍ଡଳିକୁ ନେଇ ଯାଉଥିବା ଟାଟା ଏସ୍ସି ଗାଡ଼ି ଭାରସାମ୍ୟ ଦୁର୍ଘଟଣା ଘଟିଥିଲା ।ଏଥିରେ ୫ ଜଣ ଗୁରୁତରହୋଇଥିବା ବେଳେ ୧୨ ଜଣ ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି । ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲା ନାରାୟଣ ନଗର ଠାରୁ ସଂକିର୍ତ୍ତନ ସାରି ନିଜ ଘରକୁ ଟାଟାଏସ୍ସି ଗାଡ଼ିରେ ଫେରୁଥିବା ସମୟରେ ଉକ୍ତ ସ୍ଥାନରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଏଥିରେ ଥିବା ଟେଭାପଦର ଓ ତାମକିଆଦାଦାର ଗ୍ରାମର ୩୫ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୫ ଗୁରୁତର ଓ ୧୨ ଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ୧୨ ଜଣ ଆହତ ବ୍ୟକ୍ତିଙ୍କୁ ସୁବଳୟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି ଛାଡି ଦେଇଥିଲେ ।



## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

ମନମୁଣ୍ଡା, ୩୦ ।୧(ସମିସ): ବୌଦ୍ଧ ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧୀନରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ (ହିସାବ ରକ୍ଷକ) ତଥା ସହଯୋଗୀ କର୍ମଚାରୀଙ୍କ ଦାବି ପୂରଣ କାର ନ ଗଲେ ଆନ୍ଦୋଳନ କରିବେ । କଣ୍ଟାମାଳ ବ୍ଲକରେ କାର୍ଯ୍ୟରତ ଆକାଉଣ୍ଟଣ୍ଟାଣ୍ଟ ପୂର୍ଣ୍ଣଚନ୍ଦ୍ର ସେନାପତି, ରାମେଶ୍ୱର ପାତ୍ରଙ୍କ ସମେତ ଜିଲ୍ଲାର ଅନ୍ୟ ବ୍ଲକର ବାପିନା ମାହାନା, ପଦ୍ମଲୋଚନ କର୍ଣ୍ଣ, ସୁଶାନ୍ତ ପ୍ରଧାନ, ସୁଶାନ୍ତ ନନ୍ଦ, ନିରୁପମା ବେହେରା, ବାଳଗୋପଲ ସ୍ୱାଇଁ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଏ ନେଇ ଏକ ଦାବିପତ୍ର ବୌଦ୍ଧ ଡିଇଓ, ଡିପିସି, କଣ୍ଟାମାଳ ଏବିଇଓଙ୍କୁ ପ୍ରଦାନ କରିଛନ୍ତି । ଦୀର୍ଘ ପ୍ରାୟ ୧୨ ବର୍ଷ ହେବ ସେମାନେ କାର୍ଯ୍ୟ କରି ଆସୁଛନ୍ତି । ଅଦ୍ୟାବଧି ସେମାନଙ୍କୁ ନିୟମିତ କରାଯାଇନି । ଦିନ ମଜୁରିଆଠାରୁ କମ୍ ପାରିଶ୍ରମିକ ଦିଆ ଯାଉଛି । ଏଣୁ ପରିବାର ପୋଷଣରେ ଅସୁବିଧା ହେଉଛି । ତେଣୁ ସେମାନଙ୍କୁ ନିୟମିତ କରାଯିବାକୁ ଦାବି କରିଛନ୍ତି । ଅନ୍ୟଥା ଜିଲ୍ଲା ଓ ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନ କରିବେ ବୋଲି ଜଣାଇଛନ୍ତି ।



## ଅସୁରଗଡ଼ ଲୋକ ମହୋତ୍ସବ ଉଦ୍ଯାପିତ



ମନମୁଣ୍ଡା, ୩୦ ।୧(ସମିସ): ମନମୁଣ୍ଡାରେ ୨୫ ତାରିଖରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ ଅସୁରଗଡ଼ ଲୋକ ମହୋତ୍ସବ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ମୁଖ୍ୟ ବକ୍ତା ଭାବେ ଭାରତୀୟ ବ୍ୟାଙ୍କ ସଂଘର ବରିଷ୍ଠ ପରାମର୍ଶଦାତା ବିକାଶ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ଭକ୍ତିରାଣୀ ମହାପାତ୍ର, ଖଗେଶ୍ୱର ବସ୍ତିଆ, ସାମ୍ବାଦିକ ଭାର୍ଜନ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବର ସଭାପତି ଆଶିଷ ସାହୁ ସଭାପତିତ୍ୱ କରିଥିଲେ । ଶେଷରେ ଅବସରପ୍ରାପ୍ତ ଶିକ୍ଷକ ବିଜୟ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସିଆର୍ଏନ୍ ୧୧ ତାଳଚେର ରାଜ୍ୟସ୍ତରୀୟ ସରମଣ୍ଡା କ୍ରିକେଟ କପ୍ ଚାମ୍ପିଅନ

ମନମୁଣ୍ଡା, ୩୦ ।୧(ସମିସ): ବୌଦ୍ଧ ବ୍ଲକ ବରଗୋଛା ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୧୮ ତମ ରାଜ୍ୟସ୍ତରୀୟ ସରମଣ୍ଡା କ୍ରିକେଟ କପ୍ ଫାଇନାଲରେ କୋମାଣ୍ଡୋ ୧୧ ଭୁବନେଶ୍ୱରକୁ ହରାଇ ସିଆର୍ଏନ୍ ୧୧ ତାଳଚେର ଚାମ୍ପିଅନ ହୋଇଛି । ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ମମତା ସାହୁ, ଶିକ୍ଷାବିତ୍ ନୀଳାଚଳ ଭୋଇ, ବରଗୋଛା ସରପଞ୍ଚ ଲକି କର୍ମୀ, ସମିତି ସଭ୍ୟା ମମତା କୁଅଁର, ଶଗଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ, ରକ୍ସା ଏସସିଏସ ସଭାପତି ଶିବ ଶଙ୍କର କର୍ଣ୍ଣ, ବରିଷ୍ଠ ବିଜେପି ନେତା ନିରଞ୍ଜନ କର୍ଣ୍ଣ, ସତ୍ୟନାରାୟଣ ମଲ୍ଲିକ, ଗୁଡୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, ବିଜେପି ନେତା ପିନାକ ଧର ରଣା, ବିଲାସପୁର ସରପଞ୍ଚ ପ୍ରତିନିଧି ରୋହିତ ସୁନା ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜକ ଶ୍ରୀ ଜଗନ୍ନାଥ ପାଠାଗାରର ସଭାପତି ଶାନ୍ତନୁ ଥାଟି ସଭାପତିତ୍ୱ କରିଥିବାବେଳେ ତନ୍ମୟ ସାହୁ ସଂଯୋଜନା କରିଥିଲେ ।

## ଲୁଟ୍ ଟଙ୍କା ଉଦ୍ଧାର, ୪ ଲୁଟେରା ଗିରଫ



ତରଭା, ୩୦ ।୧(ସମିସ): ତରଭା ଥାନା ମେଣ୍ଡା ଫାଣ୍ଡି ଅନ୍ତର୍ଗତ ମାଟିକୋଡ଼ ନିବାସୀ ପୃଥ୍ୱୀରାଜ ବାଘ(୨୯)ଙ୍କ ଠାରୁ ଗତ ୨୭ତାରିଖ ସନ୍ଧ୍ୟାରେ କିଛି ଡକାୟତ ଟଙ୍କା, ମୋବାଇଲ ଓ ରୂପାର ବ୍ରାସଲେଟ ଲୁଟି ନେଇଥିଲେ । ଅଭିଯୋଗ ପାଇଁ ତରଭା ପୁଲିସ ଏହାକୁ ଗୁରୁତ୍ୱଦେଇ ଘଟଣାର ୩ଦିନ ଭିତରେ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଏସମ୍ବନ୍ଧେ ଗୁରୁବାର ତରଭା ଥାନାରେ ଆୟୋଜିତ ପ୍ରେସ୍‌ମିଟରେ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି ।ଶ୍ରୀ ତ୍ରିପାଠୀଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ ଅଭିଯୋଗକାରୀ ପୃଥ୍ୱୀରାଜ ବାଘ ତାଙ୍କର ଜଣେ କାକା ବିବେକାନନ୍ଦ ବାଦୀଙ୍କ ସହ ଖଗସାକନା ଗ୍ରାମରୁ ଫେରୁଥିବା ବେଳେ ମେଣ୍ଡା ମଦଦୋକାନ ନିକଟସ୍ଥ କଲଭର୍ଟରେ ୫ଜଣ ଅଜଣାବ୍ୟକ୍ତି ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ବାଇକ୍‌ର ଚାବି ନେଇଯାଇଥିଲେ ।ପରେ ସେ ପିନ୍ଧିଥିବା ରୁପା ବ୍ରାସଲେଟ, ୧୧ ହଜାର ଟଙ୍କା ଓ ରେଡିମି ନୋଟ ୯ ପ୍ରୋ ମୋବାଇଲ ନେଇ ଫେରାର ମାରିଥିଲେ । ଫେରାର ମାରିବା ସମୟରେ ବାଇକ୍‌ର ଚାବି ଶ୍ରୀ ବାଘଙ୍କ ଉପରକୁ ଫିଙ୍ଗି ଦେଇଥିଲେ ।ଘଟଣା ସମ୍ବନ୍ଧେ ଶ୍ରୀ ବାଘ ମେଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ ।ଏ ସମ୍ବନ୍ଧେ ତରଭା ଥାନା କେଶ ନମ୍ବର ୨୧/୨୫ରେ ମାମଲା ରୁଜୁ କରାଯାଇ ମେଣ୍ଡା ଫାଣ୍ଡି ଏସ୍ଆଇ ରବୀନ୍ଦ୍ର ସାହୁ ତଦନ୍ତ ଦାୟିତ୍ୱ ନେଇଥିଲେ ।ଗୁରୁବାର ପୁଲିସ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଧରିଛି ସେମାନେ ହେଲେ ମେଣ୍ଡା ଗ୍ରାମର କରନ ହାତୀ(୧୯), ମହେନ୍ଦ୍ର ସୁନା(୨୫), ରକି ହାତୀ(୧୯), ରାହୁଲ ନନ୍ଦ(୨୨) ଓ ବିନିକା ଥାନା ଅନ୍ତର୍ଗତ କଉଡ଼ିଆମୁଣ୍ଡା ଗ୍ରାମର ଜଣେ ୧୭ ବର୍ଷର ନାବାଳକ । ଏମାନଙ୍କ ଠାରୁ ନଗଦ ୬୫୦୦ ଟଙ୍କା, ରୁପା ବ୍ରାସଲେଟ, ମୋବାଇଲ ଓ ଗୋଟିଏ ଚାକୁ ପୁଲିସ ଜବତ କରିଛି ।

## ଧର୍ମଶାଳା ନୋଡାଲ ସ୍କୁଲର ବାର୍ଷିକୋତ୍ସବ




ବୀରମହାରାଜପୁର, ୩୦ ।୧(ସମିସ): ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ଧର୍ମଶାଳା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପର୍ଶୁରାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲତା ମିଶ୍ର ଏବଂ ବକ୍ତା ଭାବରେ ଡ଼.ସୁଦାମ ଦୀପ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।ସମ୍ମାନିତ ଅତିଥି ଭାବରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଧିକାରୀ ମଞ୍ଜୁଲତା ଭୋଇ, ସାମାଜିକ କର୍ମୀ କୃତିବାସ ମିଶ୍ର, ସୋନପୁର କଲେଜର ଅଧ୍ୟାପକ ଡ଼ ରାଜେନ୍ଦ୍ର ରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ବାଘ, ପରିଚାଳନା କମିଟି ସଭାପତି ଜଗନ୍ନାଥ ପାତ୍ର ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ରାଜେନ୍ଦ୍ର ଜଗଦଲା ଉପସ୍ଥିତ ଥିଲେ ।ଶତ୍ରୁଘ୍ନ କର୍ମୀ ସଭା ସଂଯୋଜନା ଏବଂ ସ୍ୱାଗତ ଭାଷଣ ଦେଇଥିଲେ । କଳ୍ପନା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିକ୍ଷୟିତ୍ରୀ ସତ୍ୟ ଭାମା ହୋତା, ସୁମତି ଆଚାର୍ଯ୍ୟ ଲିଙ୍ଗରାଜ ମେହେର, ଡିଲେଶ୍ୱରି ଷଣ୍ଢ, ଭାରତୀ ମିଶ୍ର, ପ୍ରଭାତୀ ପୁରୋହିତ, ସଂଘ ମିତ୍ରା ତ୍ରିପାଠୀ, ତାରାଚାନ୍ଦ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସୁମତି ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

- ଖଟଖଟିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ

## ବୌଦ୍ଧକୁ ହରାଇ ସେମିରେ ସିଣ୍ଡୋଲ

ଶଗଡ଼ା, , ୩୦ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ଧୂବେନ ଆର୍ଟ ଖେଳ ପଡ଼ିଆରେ ଚାଲିଥିବା ୩୮ ତମ ଖଟଖଟିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ବୌଦ୍ଧ ଡିଷ୍ଟ୍ରିକ୍ କ୍ରିକେଟ ଆସୋସିଏସନ ଓ ସିଣ୍ଡୋଲ ଦଳ ମଧ୍ୟରେ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଣ୍ଡୋଲ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲେ । ଜବାବରେ ବୌଦ୍ଧ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୬୬ ରନ୍ କରି ୪ ରନରେ ପରାଜିତ ହୋଇଥିଲା । ସିଣ୍ଡୋଲ ଦଳର କେଦାର ବେହେରା ୧୧ଟି ବଲରେ ୪ଟି ଚୌକା ସାହାଯ୍ୟରେ ୨୩ ରନ୍ କରିଥିବାବେଳେ ମୂଲ୍ୟବାନ ୨ଟି ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅମ୍ପାୟାର ଭାବେ ସୁରେଶ ବିଶି ଓ ଶ୍ରୀମନ୍ତ ନାଏକ ଖେଳ ପରିଚାଳନା କରିଥିଲେ । ଭରଦ୍ୱାଜ ଖେତି ଓ ଶିବରାଜ ବାରିକ ସ୍କୋରର ଦାୟିତ୍ୱ ତୁଲାଇ ଥିବା ବେଳେ ସୁଦ୍ଧାମୟ ବାଘ, ଦିଲ୍ଲୀପ ବାରିକ ଓ ରଞ୍ଜୁ ଅମାତ ଧାରବିବରଣୀ ପ୍ରଦାନ କରିଥିଲେ ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ତରଭା, ୩୦ ।୧(ସମିସ): ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିବା ତରଭା ଦଧିବାବନପଡ଼ାର ସ୍ୱର୍ଗତ ବିଜ୍ଞାନ ନାଏକଙ୍କ ପୁଅ ଆଶିଷ ନାଏକ(୨୬)ଙ୍କ ବୁର୍ଲା ଡାକ୍ତରଖାନାରେ ବୁଧବାର ପରଲୋକ ହୋଇଯାଇଛି । ଗତ ୨୪ ତାରିଖ ଅପରାହ୍ନରେ ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥ ଶିବତୁଲା ନିକଟସ୍ଥ ରାସ୍ତାକଡରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା ।ନିକଟରେ ତାଙ୍କର ବାଇକ୍ ନମ୍ବର ଓଡି ୩୧-ଏଲ୪୨୩୫ ପଡ଼ିଥିଲା । ପରିବାର ଲୋକେ ଖବର ପାଇ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ତାଙ୍କର ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ଅକାଳ ବିୟୋଗରେ ମାହେଶ୍ୱରୀ ସଂଗଠନର ତରଭା ବ୍ଲକ ସଭାପତି ପ୍ରଦୀପ ମେହେର ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଗୁଟ୍‌ଖା ବିକି ଜରିମାନା ଗଣିଲେ ୨୫ ଦୋକାନୀ

ଶଗଡ଼ା/ମନମୁଣ୍ଡା, ୩୦ ।୧(ସମିସ): କଣ୍ଟାମାଳ ଓ ଏହାର ଆଖପାଖ ଅଞ୍ଚଳର ବଜାରରେ ଥିବା ବିଭିନ୍ନ ଦୋକାନରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି । ବେଆଇନ୍ ଭାବରେ ଗୁଟକା ଜାତୀୟ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗରେ ବିଭିନ୍ନ ଦୋକାନରେ ଅବକାରୀ ଓ ଖାଦ୍ୟ ସୁରକ୍ଷା ବିଭାଗ ମିଳିତ ଭାବେ ଚଢ଼ଉ କରାଯାଇଥିଲା ।୨୫ଟି ଦୋକାନରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଚଢ଼ଉରେ ସନ୍ତୋଷ ପ୍ରଧାନ, ଆଲୋକ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।



## ଖାମଖିଆଲି କାମ ଯୋଗୁଁ ରାସ୍ତାରେ ଦବିଲା ଗାଡ଼ି

ମନମୁଣ୍ଡା, ୩୦ ।୧(ସମିସ): ଏଲଆଣ୍ଡଟି କମ୍ପାନୀର ଖାମଖିଆଲି କାମ ଯୋଗୁଁ ରାସ୍ତା କଡରେ ଗୋଟିଏ ଗାଡ଼ି ଦାବିଛି । ଏଲଆଣ୍ଡଟି କମ୍ପାନୀ ମନମୁଣ୍ଡାରେ ମେଗା ଜଳ ସେଚନ ପାଇପ ବିଛାଇବା କାମ କରୁଛି । ଦେଉଳି ଗ୍ରାମ ରାଜ୍ୟପଥ ୪୧ କଡରେ ଗାତ ଖୋଳି ପାଇପ ବିଛାଇବା ସହ କେବଳ ବାଲି ପକାଇ ଗାତ ପୋତି ଦେଇଛି । ତାହା ଉପରେ କଂକ୍ରିଟ ଢଳେଇ ହେବା କଥା; କିନ୍ତୁ ଦୀର୍ଘ ଦିନ ହେବ ତାହା ସେମିତି ପଡ଼ି ରହିଛି । ଗୁରୁବାର ଏକ ପିକ୍‌ଅପ କଣ୍ଟାମାଳ ଦିଗରୁ ଆସୁଥିବା ବେଳେ ଅନ୍ୟ ଏକ ଗାଡ଼ିକୁ ସାଇଡ୍ ଦେବାକୁ ଯାଇ ଦବି ଯାଇଥିଲା ।

## ବିଶିଷ୍ଟ ଶିକ୍ଷାବିତ୍ ରେଣୁକା ମିଶ୍ରଙ୍କ ପରଲୋକ



ସୋନପୁର, ୩୦ ।୧(ସମିସ): ସୋନପୁର କଲେଜର ପୂର୍ବତନ ଅଧ୍ୟକ୍ଷା ତଥା ବିଶିଷ୍ଟ ଶିକ୍ଷାବିତ୍ ରେଣୁକା ମିଶ୍ର(୮୦)ଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇଛି । ସୋନପୁରରେ ରେଣୁକା ମାଡାମ ବା ରେଣୁକା ଦିଦି ଭାବେ ସେ ଖୁବ୍ ପରିଚିତ । ତାଙ୍କୁ ଶିକ୍ଷାର ଏକ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ରେଣୁକା ମିଶ୍ର ସୁବର୍ଣ୍ଣପୁର ଜିଲ୍ଲାର ପ୍ରଥମ ମହିଳା ସ୍ନାତକୋତ୍ତର ହେବାର ଗୌରବ ଅର୍ଜନ କରିଥିଲେ । ସେ ଅବିବାହିତ ରହି ସାରା ଜୀବନ ଶିକ୍ଷାଦାନ ଏବଂ ଭକ୍ତି ମାର୍ଗରେ ଅତିବାହିତ କରିଥିଲେ । ଅଧ୍ୟାପକ ଭାବରେ ଯୋଗଦେବା ଠାରୁ ଆରମ୍ଭ କରି ସୋନପୁର କଲେଜର ପ୍ରିନ୍ସିପାଲ ଭାବରେ ଅବସର ନେବା ପର୍ଯ୍ୟନ୍ତ ଶିକ୍ଷାଦାନର ଲମ୍ବା କ୍ୟାରିଅର ରହିଥିଲା । ତାଙ୍କ ପରଲୋକରେ ସାରା ଜିଲ୍ଲା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଶୁକ୍ରବାର ସକାଳେ ଶେଷ ସଂସ୍କାର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

## ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନରେ ନିଯୁକ୍ତିମେଳା

ସୋନପୁର, ୩୦ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସରକାରୀ ତାଲିମ ଶିକ୍ଷାନୁଷ୍ଠାନରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ତରଫରୁ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି । ମେଳାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ବିଶ୍ୱମ୍ବର ମହାପାତ୍ର, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଉଲୁଣ୍ଡା ବିଡିଓ କରିସ୍ମା ବେସ୍ରା, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସଞ୍ଜୁ କୁମାରୀ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।ରୋଜଗାର ଆଶାୟୀ ଯୁବକଯୁବତୀଙ୍କୁ ସରକାରୀସ୍ତରରେ ଉପଲବ୍ଧ ଥିବା ସମସ୍ତ ସୁବିଧା ସୁଯୋଗର ଶତ ପ୍ରତିଶତ ଲାଭ ନେବା ସହିତ ନିଯୁକ୍ତି ମେଳା ଜରିଆରେ ସିଧା ସଳଖ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହେବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ମେଳାରେ ୧୮ଟି ବିଭିନ୍ନ ସଂସ୍ଥା ଯୋଗଦାନ କରି ୪୧୫ ଜଣ ରୋଜଗାର ଆଶାୟୀ ଯୁବକଯୁବତୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ମେଳାକୁ ସ୍ନିଗ୍ଧା ପାତ୍ର ପରିଚାଳନା କରିଥିବା ବେଳେ ଶିଳ୍ପ ପ୍ରତିଷ୍ଠାନ ଭାରପ୍ରାପ୍ତ ଅଧ୍ୟକ୍ଷ ସୌଭାଗ୍ୟ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।




- ୧୮ଟି ସଂସ୍ଥାର ଅଂଶଗ୍ରହଣ

# କୁଷ୍ଠ ମୂଳପୋଛ ପାଇଁ ମାନସମନ୍ଥନ






ବୌଦ୍ଧ, ୩୦ ।୧(ସମିସ)

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ କୁଷ୍ଠ ସଚେତନତା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ରୁପକ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । କୁଷ୍ଠ ରୋଗକୁ ବୌଦ୍ଧ ଜିଲ୍ଲାରୁ କିଭଳି ନିରାକରଣ କରାଯାଇ ପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରାମର୍ଶଦାତା ଡାକ୍ତର ଅମରେନ୍ଦ୍ର ମହାପାତ୍ର ଜିଲ୍ଲାରେ ଚାଲିଥିବା କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଯେଉଁ କର୍ମଚାରୀ ଓ ଆଶା କର୍ମୀ କୁଷ୍ଠ ନିରାକରଣ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ।

ସୋନପୁର: ସୁବର୍ଣ୍ଣପୁର ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ରାଲି ଆୟୋଜିତ ହୋଇଥିଲା । ରାଲିକୁ ମୁଖ୍ୟ ଜିଲ୍ଲାସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଦୀପ କୁମାର ଗୁରୁ, ଡିଏସପି ପ୍ରତାପ କୁମାର ରଣା ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ । ପରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା । ସଭାରେ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ କୁମାର ଗୁରୁ, ଡିଏସପି ପ୍ରତାପ କୁମାର ରଣା, ଏଡିପିଏଚଓ (ଟିବି) ଡା.ପଦ୍ମହଂସା ଦୋରା, ଏଡିପିଏଚଓ(ଡିସି) ଡ.ରମେଶ ଚନ୍ଦ୍ର ସ୍ୱାଇଁ, ଡିଏମଓ(ଏମଏସ) ତଥା ଅଧିକ୍ଷକ ଡ.ଦୁର୍ଗାଦତ୍ତ ଦାସ, ଡିପିଏମ ବିଶ୍ୱମ୍ବର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । କୁଷ୍ଠ ରୋଗର କାରଣ, ନିରାକରଣ, ଲକ୍ଷଣ ଓ ଚିକିତ୍ସା ଆଦି ବିଷୟରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ ।ସଭା ଶେଷରେ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଠିକ ଉତ୍ତରଦାତାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଡ଼ିଏଲସି ଗୌରୀ ଶଙ୍କର ପଣ୍ଡା ଏବଂ ଏଡିପିଏଚସିଓ ବୃନ୍ଦାବନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ମ୍ୟାନେଜର ଗୀତାଞ୍ଜଳି ମେହେର, ନାରାୟଣ ରଥ, ଅନୁପ ରଞ୍ଜନ ଦାସ, ସୁନୀଲ କୁମାର ମହାନ୍ତି, ଦେବାଶିଷ ବାରିକ, କୃଷ୍ଣ ଚନ୍ଦ୍ର ଦୀପ, ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ ।ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମଗ୍ର ଜିଲ୍ଲାରେ କୁଷ୍ଠ ନିରାକରଣ ସଚେତନତା ନିମନ୍ତେ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ବ୍ୟାପକ ଭାବରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।



ସକାଳର ସ୍ୱାସ୍ଥ୍ୟ

# ସ୍ନାୟୁଜନିତ ରୋଗ ଜିବିଏସ୍

ଶୀତଦିନେ ଭୂତାଣୁ ଜନିତ ପ୍ରଦାହ ଅଧିକ ବ୍ୟାପିଥାଏ । କିଛିଦିନ ପୂର୍ବରୁ ଏଚ୍‌ଏମ୍‌ପିଭି ଭୂତାଣୁ ଆତଙ୍କ ସୃଷ୍ଟି କରିଥିବାବେଳେ ଏବେ ପୁଣେ ତଥା ଏହାର ଆଖପାଖ ଅଞ୍ଚଳରେ ଗୁଇଲେନ୍-ବାରେ ସିଣ୍ଡ୍ରୋମ (ଜିବିଏସ୍) ର ଅଧିକ ମାମଲା ଚିହ୍ନଟ ହୋଇଛି । ଜୀବାଣୁ ଏବଂ ଭୂତାଣୁ ସଂକ୍ରମଣ ସାଧାରଣତଃ ଜିବିଏସ୍ ହେବାର ମୁଖ୍ୟ କାରଣ । ଫରାସୀ ସ୍ନାୟୁ ବିଜ୍ଞାନ ବିଶେଷଜ୍ଞ ଜର୍ଜ ଗୁଲେନ ଓ ଜିନ୍ ଆଲେକଜାଣ୍ଡର ବାରେଙ୍କ ନାମାନୁସାରେ ଏହି ରୋଗର ନାମକରଣ ହୋଇଛି । ଏହି ପରିପ୍ରେକ୍ଷୀରେ ଏହି ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି ବିଷୟରେ ଜାଣିବା ।

**ସ୍ନାୟୁପ୍ରଣାଳୀ ପ୍ରଭାବିତ:** ଏହା ଏକପ୍ରକାର ସ୍ନାୟୁଜନିତ ରୋଗ । ଯାହାକି ଶରୀରର ସ୍ନାୟୁପ୍ରଣାଳୀକୁ ପ୍ରଭାବିତ କରେ । ଉଭୟ ପୁରୁଷ ଓ ମହିଳାଙ୍କୁ ଆକ୍ରମଣ କରିଥାଏ । ମୁଖ୍ୟତଃ ଅନ୍ତଃନଳୀ ସଂକ୍ରମଣ କିମ୍ବା ଅନ୍ୟାନ୍ୟ ଭୂତାଣୁଜନିତ ସଂକ୍ରମଣରୁ ଆରୋଗ୍ୟ ହେବା ପରେ ଏହି ରୋଗ ଦେଖାଯାଇଥାଏ । ରୋଗ ଆରମ୍ଭରୁ ଆକ୍ରାନ୍ତ ବ୍ୟକ୍ତିଙ୍କ ହାତ ଓ ପାଦରେ ଦୁର୍ବଳତା ଅନୁଭବ ସହ ସ୍ନାୟୁଗତ ଯନ୍ତ୍ରଣା ହୁଏ । ପାଦତଳୁ ଶରୀରର ସମସ୍ତ ଭାଗକୁ ବ୍ୟାପିଥାଏ ।

**ଲକ୍ଷଣ:** ପୀଡ଼ିତ ବ୍ୟକ୍ତିଙ୍କୁ କଥା କହିବା, ଚାଲିବା, ଖାଦ୍ୟ ଢୋକିବା, ମଳତ୍ୟାଗ ତଥା ଦିନଚର୍ଯ୍ୟା କରିବାରେ ସମସ୍ୟା ହୋଇଥାଏ । ପାଦତଳ ଝିମ୍‌ଝିମ୍ ଲାଗି ଦୁର୍ବଳତା ଅନୁଭବ କରିବା, ଚାଲିବାରେ ସମସ୍ୟା ଆଦି ହୁଏ । ଏହା ତୀବ୍ର ହେଲେ, ମାଂସପେଶୀରେ ଯନ୍ତ୍ରଣା, ନିଃଶ୍ୱାସ ନେବାରେ କଷ୍ଟ ହୋଇଥାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରୋଗରେ ଶରୀରକୁ ସୁରକ୍ଷା ଦେଉଥିବା କଣିକାଗୁଡ଼ିକ ସୁସ୍ଥ ଜୀବକୋଷକୁ ଆକ୍ରମଣ କରିଥାନ୍ତି । ତେଣୁ ଏହାକୁ ଅଟୋ ଇମ୍ୟୁନୋ ଡିସ୍‌ଅର୍ଡର ମଧ୍ୟ କୁହାଯାଏ । ଏହି ରୋଗର ଲକ୍ଷଣକୁ ସମୟରେ ନ ଚିହ୍ନିବା ତଥା ସଠିକ୍ ଚିକିତ୍ସା ନ କରିଲେ, ଏହା ପକ୍ଷାଘାତ ସୃଷ୍ଟି କରିପାରେ । କେବଳ ସେତିକି ନୁହେଁ, ଶାରୀରିକ ସକ୍ରିୟ ନ ରହିଲେ, ଜିବିଏସ୍ ରୋଗ ପେଟ ଜନିତ ସମସ୍ୟା ସୃଷ୍ଟି କରିପାରେ । ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି ।



**ପ୍ରଭାବୀ ଇଞ୍ଜେକସନ୍:** ଏହି ରୋଗ ପାଇଁ କୌଣସି ସଫଳ ଔଷଧ ନଥିବାବେଳେ, କେବଳ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ରୋଗର ତ୍ରୀବତାକୁ ଦେଖି ପ୍ଲାଜ୍‌ମା ଫେରେସିସ୍ ପଦ୍ଧତିରେ ରକ୍ତକୁ ଛଣା ଯାଇଥାଏ । ସେହିପରି ଆଇଭି ଇମ୍ୟୁନୋଗ୍ଲୋବଲିନ୍ ଇଞ୍ଜେକସନ୍‌କୁ ଶିରାରେ ଦିଆଯାଏ । ଏହା ବ୍ୟୟବହୁଳ ହୋଇଥିଲେ ମଧ୍ୟ ଏହି ରୋଗର ତୀବ୍ରତାକୁ କମାଇଥାଏ । ଭବିଷ୍ୟତରେ ପକ୍ଷାଘାତର ଭୟ ରୁହେ ନାହିଁ । ତେଣୁ ଏଥିପ୍ରତି ସଚେତନ ରହିବା ସହ ସନ୍ତୁଳିତ ଖାଦ୍ୟ ଗ୍ରହଣ ଓ ଦୈନିକ ନିର୍ଦ୍ଦିଷ୍ଟ ମାତ୍ରାରେ ପାଣି ପିଇବା ଜରୁରି । ନିୟମିତ ବ୍ୟାୟାମ କିମ୍ବା ପ୍ରାଣାୟାମ କରିପାରିବେ ।

# ଋତୁସ୍ରାବବେଳେ କ'ଣ ଖାଇବେ

**ମାସିକ ଧର୍ମ ମହିଳାମାନଙ୍କର ପ୍ରଜନନ ସମ୍ପର୍କିତ ଏକ ଶାରିରିକ ପ୍ରକ୍ରିୟା । ଏହି ସମୟରେ ମହିଳାମାନଙ୍କର ମନ ପରିବର୍ତ୍ତନ, ଶରୀର ଥକ୍କାପଣ, କ୍ରୋଧ, ଚିଡ଼ିଚିଡ଼ା ଆଦି ସମସ୍ୟା ଦେଖାଯାଏ । ରକ୍ତସ୍ରାବ ଯୋଗୁଁ ଶରୀରରେ ପୋଷକତତ୍ତ୍ୱ ଅଭାବ ହୁଏ । ତେଣୁ ଋତୁସ୍ରାବଜନିତ ସମସ୍ତ ପୀଡ଼ା ଓ ଯନ୍ତ୍ରଣା ଦୂର ପାଇଁ କେଉଁ ଖାଦ୍ୟ ଉପଯୋଗୀ ଜାଣନ୍ତୁ ।**



- ପ୍ରତିଦିନ ଭିଟାମିନ୍ –ସି ଯୁକ୍ତ ଖାଦ୍ୟପେୟ ଯଥା- ସେଓ, କମଳା, ଲେମ୍ବୁ, ମୌସମି, ପିଜୁଳି, ଡାଳିମ୍ବ ଆଦି ଖାଇପାରିବେ । ଏହା ଲୌହସାରର ମୂଳ ଉତ୍ସ । ତେଣୁ କମ୍‌ଜୋର ଓ ରକ୍ତହୀନତାକୁ ଏହା ଦୂର କରେ । ତା'ଛଡ଼ା ଭିଟାମିନ୍, ଓମେଗା-୩ ଓ ଫାଇବରଜନିତ ଖାଦ୍ୟ, ଅଦା, ଓଟମିଲ୍, ହଳଦୀ ସେବନ ଦ୍ୱାରା ହର୍‌ମୋନ୍ ଅସନ୍ତୁଳନ ସମସ୍ୟା ଦୂର ହୋଇଥାଏ ।
- ସବୁଜ ପନିପରିବା ଶାଗ ଯଥା -ପାଳଙ୍ଗ, ମେଥି ଆଦି ଲୌହସାର ଓ କ୍ୟାଲସିୟମର ଉତ୍ସ ହୋଇଥିବାରୁ ଏହା ଦୁର୍ବଳତା, ମାଂସପେଶୀ, ପେଟ ଯନ୍ତ୍ରଣାକୁ କମ୍ କରେ । ଚିଡ଼ାଚିଡ଼ାପଣ ଦୂର ପାଇଁ ଦୈନିକ କନ୍ଦ, ଡାର୍କ ଚକୋଲେଟ୍ ଖାଇବା ନିହାତି ଆବଶ୍ୟକ । ସେହିପରି ବିଟ୍ ଜୁସ୍ ପିଇବା ଦ୍ୱାରା ରକ୍ତସ୍ରାବ ଠିକ୍ ଭାବେ ହୋଇଥାଏ । ସକାଳୁ ଗଜାମୁଗ, ବୁଟ ବାଦାମ ଓ ଡ୍ରାଏଫ୍ରୁଟ୍ସ ଖାଇବା ଦ୍ୱାରା ରକ୍ତରେ ହିମୋଗ୍ଲୋବିନ୍ ପରିମାଣ ବୃଦ୍ଧି କରେ । ପାଣି, ପଇଡ଼ ଆଦି ପିଇ ଶରୀରକୁ ହାଇଡ୍ରେଟ୍ ରଖିପାରିବେ ।
- ଅନ୍ୟପକ୍ଷରେ ଅତ୍ୟଧିକ ଲୁଣ ଓ ଶର୍କରା ଯୁକ୍ତ ଖାଦ୍ୟପେୟ, ଦୁଗ୍ଧଜାତୀୟ ଖାଦ୍ୟପେୟ, ମଦ,କେଫିନ୍‌ଯୁକ୍ତ ଖାଦ୍ୟପେୟ ଆଦି ଠାରୁ ଦୂରେଇ ରହିବା ଭଲ ।

# ପାହାଡ଼ ଚଢ଼ିବା ବେଳେ କାହିଁକି ଲାଗେ ଅଣନିଃଶ୍ୱାସୀ

**ବଡ଼ ବଡ଼ ପାହାଡ଼କୁ ଯିବାର ଅନୁଭୂତି ସର୍ବଦା ରୋମାଞ୍ଚକର ହୋଇଥାଏ । କିନ୍ତୁ ଅଧିକାଂଶ ଏହି ଯାତ୍ରା ସମୟରେ ବିଭିନ୍ନ ସମସ୍ୟାକୁ ସାମ୍ନା କରନ୍ତି । ତନ୍ମଧ୍ୟରୁ ଶ୍ୱାସକ୍ରିୟାରେ ସମସ୍ୟା ହେବା ମୁଖ୍ୟ ପ୍ରସଙ୍ଗ । ତେଣୁ ପାହାଡ଼କୁ ଚଢ଼ିବା ସମୟରେ ସଠିକ୍ ପ୍ରସ୍ତୁତି ଏବଂ ସତର୍କତା ଅବଲମ୍ବନ କଲେ, ଜଣେ ସୁସ୍ଥ ରହିପାରିବେ ।**



ସାଧାରଣତଃ ସମୁଦ୍ର ପତ୍ତନଠାରୁ ଦୁଇହଜାର ଚାରିଶହ ମିଟର ଉଚ୍ଚରେ ଥିବା ପାହାଡ଼ରେ ଅମ୍ଳଜାନର ପରିମାଣ କମ୍ ଥାଏ । ତେଣୁ ଉଚ୍ଚ ପାହାଡ଼ ଚଢ଼ିବା ଦ୍ୱାରା ନିଃଶ୍ୱାସ ନେବାରେ ସମସ୍ୟା ହୋଇଥାଏ । ଏପରି ସ୍ଥିତିକୁ 'ହାଇ-ଅଲ୍‌ଟିଟ୍ୟୁଡ ସିକ୍‌ନେସ୍' କୁହାଯାଏ । ଶ୍ୱାସକ୍ରିୟାରେ ସମସ୍ୟା, ଥକ୍କାପଣ, ମୁଣ୍ଡବିନ୍ଧା, ବାନ୍ତି ହେବା ଏହାର ମୂଳ ଲକ୍ଷଣ । ଶାରୀରିକ ଫିଟ୍ ନ ଥିବା ବ୍ୟକ୍ତିଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ । ନୂଆ ପରିବେଶ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ଓ ନୀରୋଗ ରହିବା ମଧ୍ୟ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥାଏ ।

ଏପରି ସ୍ଥିତିରେ ଧୀରେ ଧୀରେ ପାହାଡ଼ ଚଢ଼ିବା ଅଭ୍ୟାସ ଜରୁରି । ଶରୀରକୁ ହାଇଡ୍ରେଟ୍ ରଖିବାକୁ ପ୍ରଚୁର ମାତ୍ରାର ପାଣି ପିଅନ୍ତୁ । ଏକାଥରେ ଅଧିକ ଉଚ୍ଚକୁ ଚଢ଼ିବା ଲକ୍ଷ୍ୟ ନ ରଖି ଚାଲିବା ସମୟରେ ମଝିରେ ମଝିରେ ବିଶ୍ରାମ ନେଇପାରିବେ । ଏହି ସମୟରେ ହାଲୁକା ଏବଂ ପୌଷ୍ଟିକ୍ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ । ସେହିପରି ପାହାଡକୁ ଚଢ଼ିବା ପୂର୍ବରୁ ନିଜ ସାଙ୍ଗରେ ଅମ୍ଳଜାନ ସିଲିଣ୍ଡର ରଖିବା ନିହାତି ଆବଶ୍ୟକ ।

# କର୍କଟର ନୂଆ ଚିକିତ୍ସା ପଦ୍ଧତି ଫ୍ଲାସ୍ ରେଡିଓଥେରାପି

କର୍କଟ ଏକ ମାରାତ୍ମକ ରୋଗ । ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ମିଶ୍ରଣ, ମଦ୍ୟପାନ, ତମାଖୁ ସେବନ, ଭୂତାଣୁ ଜନିତ ସଂକ୍ରମଣ, ଚିନ୍ତା, ଅବସାଦ, ବଂଶାନୁଗତ ଆଦି ବିଭିନ୍ନ କାରଣରୁ କର୍କଟ ରୋଗ ସୃଷ୍ଟି ହୋଇଥାଏ । ଆକ୍ରାନ୍ତଙ୍କଠାରେ ଦୀର୍ଘ ଦିନ ଧରି କାଶ, ଜ୍ୱର ଲାଗି ରହିବା, ପରିସ୍ରାରେ ରକ୍ତ ଆସିବା, ଥକ୍କାପଣ, ଭୋକ ନ ଲାଗିବା, ରାତିରେ ଝାଳ ଆସିବା, ପେଟ ଖରାପ କିମ୍ବା ବାନ୍ତି ଆଦି ଲକ୍ଷଣ ଦେଖାଯାଏ । ପ୍ରତିବର୍ଷ ଏହି ରୋଗରେ ଲକ୍ଷ ଲକ୍ଷ ମୃତ୍ୟୁବରଣ କରନ୍ତି । ତେଣୁ ଏହି ରୋଗ ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା ପାଇଁ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ "ବିଶ୍ୱ କର୍କଟ ଦିବସ' ଭାବେ ପାଳନ କରାଯାଏ ।

କର୍କଟ ରୋଗର ପର୍ଯ୍ୟାୟ ଅନୁସାରେ ଡାକ୍ତର ରୋଗୀଙ୍କୁ ଅସ୍ତ୍ରୋପଚାର, କେମୋଥେରାପି ତଥା ରେଡିଓଥେରାପି ଚିକିତ୍ସା ଯୋଗାଇ ଦିଅନ୍ତି । ଏହାଦ୍ୱାରା ଯନ୍ତ୍ରଣା କମ୍ ହୁଏ ଓ ଆକାର କମିଯାଏ । ଏକ୍ଷେତ୍ରରେ ଅନେକ ନୂତନ ଚିକିତ୍ସା ପଦ୍ଧତି ଆସିଥିଲେ ମଧ୍ୟ ଫ୍ଲାସ୍ ରେଡିଓଥେରାପି ଅଧିକ ପ୍ରଭାବୀ । ପାରମ୍ପରିକ ରେଡିଓଥେରାପି ତୁଳନାରେ ଏହା ୪୦୦ ଗୁଣ ଅଧିକ ତୀବ୍ର । ଏହି ଚିକିତ୍ସା ପଦ୍ଧତି ଉନ୍ନତ କୌଶଳ ଏବଂ ଗବେଷଣା ଉପରେ ଆଧାରିତ । ଏଥିରେ ମଲେକୁଲାର ଟ୍ରିଟ୍‌ମେଣ୍ଟ ଏବଂ ଆଡଭାନ୍ସ ଡାୟଗୋନିଷ୍ଟିକ୍ ଟୁଲ୍‌ର ବ୍ୟବହାର କରାଯାଇଛି । ଏହା କର୍କଟ କୋଷିକାକୁ ଚିହ୍ନଟ କରି ନଷ୍ଟ କରିବାକୁ ସକ୍ଷମ ହୋଇଥାଏ । ଲ୍ୟୁକେମିୟା କର୍କଟ, ପ୍ରୋଷ୍ଟେଟ୍ କର୍କଟ ଆଦି ପାଇଁ ଏହି ରେଡିଓଥେରାପ ସବୁଠୁ ଭଲ ଚିକିତ୍ସା ପଦ୍ଧତି । ଏହି ଥେରାପି ଦ୍ୱାରା ରୋଗୀଙ୍କୁ ହସ୍ପିଟାଲରେ ଦୀର୍ଘ ସମୟ ରହିବାକୁ ପଡ଼େନାହିଁ । ୟୁଏସ୍ ୟୁନିଭର୍ସିଟି ଅଫ୍ ସିନସିନାଟି କର୍କଟ ସେଣ୍ଟରରେ ଏହା ଉପରେ ପୂର୍ବରୁ ଅଧ୍ୟୟନ କରାଯାଇଥିଲା । ରୋଗୀର ସ୍ୱାସ୍ଥ୍ୟବସ୍ଥା ଓ ରୋଗର ପ୍ରକାରକୁ ଦେଖି ଡାକ୍ତର



ରେଡିଓଥେରାପି ଦେଇଥାନ୍ତି । କମ୍ ସମୟ ରେ ରୋଗୀକୁ ରେଡିଓଥେରାପି ସହ ହାଇ ଡୋଜ୍ ଦେବା ଦ୍ୱାରା ସାଧାରଣ କୋଷ ଜୀବିତ ରହିପାରନ୍ତି । ଏଥିରେ କମ୍ ପାର୍ଶ୍ୱପ୍ରତିକ୍ରିୟା ମଧ୍ୟ ଦେଖାଯାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଟ୍ୟୁମର ଯୋଗୁଁ ହେବାକୁ ଥିବା କ୍ଷତିକୁ ଏହି ଥେରାପି କମ୍ କରେ । ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜଣେ ସପ୍ତାହ କି ମାସରେ ଥରେ ଏହି ଥେରାପି ନେଇପାରିବେ । ତେଣୁ ଖୁବ୍‌ଶୀଘ୍ର ଭାରତରେ ଏହି ଚିକିତ୍ସା ପଦ୍ଧତି ବ୍ୟବହାର ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି ।

## ଗୋଟିଏ ରୋଗର ଅନେକ ଉପଚାର

# ୟୁରିକ୍ ଏସିଡ୍

ମନୁଷ୍ୟ ଶରୀର ପାଇଁ ୟୁରିକ୍ ଏସିଡ୍ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ୟୁରିକ୍ ଏସିଡ୍ ମୂତ୍ରଗ୍ରନ୍ଥି ମାଧ୍ୟମରେ ବାହାରି ଯାଇଥାଏ । କିନ୍ତୁ କୌଣସି କାରଣରୁ ରକ୍ତରେ ୟୁରିକ୍ ଏସିଡ୍‌ର ପରିମାଣ ବୃଦ୍ଧି ହେଲେ କିମ୍ବା କମିଲେ, ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ଅସନ୍ତୁଳିତ ଖାଦ୍ୟ, ବଂଶାନୁଗତ, ମାନସିକ ଚାପ, ବୃକ୍‌କଜନିତ ରୋଗ, ଥାଇରଏଡ୍ ବୃଦ୍ଧି ଆଦି ବିଭିନ୍ନ କାରଣରୁ ଶରୀରରେ ୟୁରିକ୍ ଏସିଡ୍ ପରିମାଣର ବୃଦ୍ଧିପାଏ । ୟୁରିକ୍ ଏସିଡ୍ ବୃଦ୍ଧିରେ ଗୋଇଠି, ହାତ ଅଙ୍ଗୁଠି, ଆଣ୍ଠୁ ଯନ୍ତ୍ରଣା, ଥକ୍କାପଣ, ତଥା ଗାଉଟ୍ ପରି ସମସ୍ୟା ଦେଖାଯାଏ । ତେଣୁ ଏହି ଗୋଟିଏ ରୋଗପାଇଁ ଏଲୋପାଥି, ହୋମିଓପାଥି ଓ ଆୟୁର୍ବେଦରେ କ'ଣ ଚିକିତ୍ସା ପଦ୍ଧତି ରହିଛି ଜାଣନ୍ତୁ ।



### ଏଲୋପାଥି

ବଂଶଗତ ୟୁରିକ୍ ଏସିଡ୍ ସମସ୍ୟା ଥିଲେ, ବହୁଦିନ ଧରି ଗଣ୍ଠି ଫୁଲି ଦରଜ ହେବା, ଲାଲ୍ ପଡ଼ିବା କିମ୍ବା ବାରମ୍ବାର ଜ୍ୱରହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଡାକ୍ତରଙ୍କ ପରାମର୍ଶ ନେଇ ପରୀକ୍ଷାନିରୀକ୍ଷା କରିବା ପରେ ୟୁରିକ୍ ଏସିଡ୍ କମ୍ କରିବା ପାଇଁ ଫେବୁକ୍ସୋଷ୍ଟେଟ୍,ଦିନକୁ ଗୋଟେ ଖାଇ ସାରିବା ପରେ ଖାଇପାରିବେ । ନଚେତ୍ ଏଲୋପ୍ୟୁରିନଲ ଔଷଧ ୧୦୦ ମିଲି ଗ୍ରାମ୍ ଦୈନିକ ଖାଇବା ଜରୁରି । ଡାଲି, ପନିର, ଆମିଷ ତଥା ପ୍ରୋଟିନ୍‌ଜାତୀୟ ଖାଦ୍ୟଠାରୁ ଦୂରେଇ ରହିବା ଭଲ । ମଦ୍ୟପାନ ଓ ଧୂମପାନ ପରିତ୍ୟାଗ କରିବା ଜରୁରି । ଦୈନିକ ପ୍ରଚୁର ପାଣି ପିଇବା ଆବଶ୍ୟକ ।

ଡାକ୍ତର ସୁଜିତ କୁମାର ତ୍ରିପାଠୀ

### ଆୟୁର୍ବେଦ

ଗୁଡ଼ୁଚି ଲତା, ଗୁଖୁରୁ ବୀଜ, କୁଇଲେଖାପତ୍ର ତିନୋଟି ମିଶାଇ ୧୦ ଗ୍ରାମ ନେଇ ୨୦୦ ମିଲିରେ ସିଝାଇ ୫୦ ମିଲି ରଖି ସକାଳ ଓ ସନ୍ଧ୍ୟାରେ ପାନ କଲେ ୟୁରିକ୍ ଏସିଡର ହିତକର ହୁଏ । ଚିକିତ୍ସକଙ୍କ ପରାମର୍ଶ ଅନୁସାରେ, ଚନ୍ଦ୍ରପ୍ରଭା ବଟି ସେବନ କଲେ ହିତକର ହୁଏ । ସେହିପରି ଗାଉଟ୍ ଉପଚାର ପାଇଁ ନିମ୍ବ ବେଶ୍ ପ୍ରଭାବୀ । ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଗିଲୟ ଜୁସ୍ ସେବନ କରିପାରିବେ ।

ଡା ପ୍ରଦୀପ କୁମାର ମିଶ୍ର

### ହୋମିଓପାଥି

ତଳି ପାଦରେ ଯନ୍ତ୍ରଣା ସହ ଅଙ୍ଗୁଠି ଫୁଲି ଲାଲ୍ ପଡ଼ିଗଲେ, ବାମ ପଟ ହାତ ସହ ଡାହାଣ ପାଖ ଅଣ୍ଟାରେ ଯନ୍ତ୍ରଣା ହେଉଥିଲେ ଲିଡ୍‌ମପାଲ୍ ଔଷଧ ସେବନ କରିହେବ । ଅସହ୍ୟ ଯନ୍ତ୍ରଣା ଓ ଫୁଲାସ୍ଥାନର ଉପଶମ ପାଇଁ କୋଲଚିକମ୍ ଅଟମନାଲେ ଔଷଧ ଅତ୍ୟନ୍ତ ଫାଇଦା ହୋଇଥାଏ । ବର୍ଷାଦିନେ ଏହି ରୋଗରେ ପୀଡ଼ିତଙ୍କ ଯନ୍ତ୍ରଣା ବଢ଼ିଯାଏ, ଜ୍ୱର ଆସିଥାଏ, ଏହାର ଉପଶମ ପାଇଁ ରୋଡ୍‌ଡେନଡ୍ରନ୍ ଔଷଧ ଦିଆଯାଏ । ଯନ୍ତ୍ରଣା ଥିବା ସତ୍ତ୍ୱେ ରୋଗୀ ଚାଲବୁଲ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ରସ ଟକ୍ସ ସେବନ କରାଯାଏ । କିନ୍ତୁ ରୋଗୀ ଆରାମ କରିବାକୁ ଭଲ ପାଉଥିଲେ ବ୍ରାୟୋନିଆ ଆଲବା ଔଷଧ ସେବନ କରିବାକୁ ପରାମର୍ଶ ଦିଆଯାଏ । ଉପରୋକ୍ତ ଔଷଧକୁ ରୋଗୀ ଅଭିଜ୍ଞ ହୋମିଓପାଥି ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଉଚିତ ।

ଡା ପ୍ରକାଶ କୁମାର ମହାପାତ୍ର

# ର୍‌ୟୁମାଟଏଡ୍ ଆର୍ଥ୍ରାଇଟିସ୍ ସଚେତନତା ଦିବସ

ର୍‌ୟୁମାଟଏଡ୍ ଆର୍ଥ୍ରାଇଟିସ୍ ଏକ ପ୍ରକାର ଗଣ୍ଠିବାତ ରୋଗ । ଏହି ରୋଗରେ ହାଡ଼ ଓ ଗୋଡ଼ର ଛୋଟବଡ଼ ଗଣ୍ଠିଗୁଡ଼ିକରେ ପ୍ରଦାହ ହୋଇ ଫୁଲିଯାଇ ଯନ୍ତ୍ରଣା ହୁଏ । ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଗଲେ ର୍‌ୟୁମାଟଏଡ୍ ଆର୍ଥ୍ରାଇଟିସ୍ ବା ଅସ୍ଥିସନ୍ଧି ରୋଗ ହୋଇଥାଏ । ଗଣ୍ଠି ଫୁଲି ବଙ୍କା ହୋଇଥାଏ । ହାତ ଏବଂ ଗୋଡ଼ର ଛୋଟ ଓ ବଡ଼ ସମସ୍ତ ଗଣ୍ଠିଫୁଲି ଦରଜ ଲାଗିବା, ଫୁସ୍‌ଫୁସ୍‌ରେ ଫାଇବ୍ରୋସିସ୍ ଏବଂ ଦୁର୍ବଳତା ମଧ୍ୟ ଦେଖାଯାଏ । ତେଣୁ ଏହି ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ 'ର୍‌ୟୁମାଟଏଡ୍ ସଚେତନତା ଦିବସ' ଭାବେ ପାଳନ କରାଯାଇଆସୁଛି । ଡାକ୍ତରୀ ପରୀକ୍ଷା ଏବଂ ରକ୍ତ ପରୀକ୍ଷା କରି ରୋଗର ସ୍ତର, ଗଣ୍ଠି କେତେ ମାତ୍ରାରେ ଆକ୍ରାନ୍ତ ହୋଇଛି, ତାହା ଜାଣି ଔଷଧ ସେବନ କରିବାକୁ ପଡ଼ିଥାଏ । ଏହି ରୋଗ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ସେବନ ସହିତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଖାଦ୍ୟ, ଭିଟାମିନ୍ ଡି, କ୍ୟାଲସିୟମ୍, କ୍ଷୀରଜାତୀୟ ଖାଦ୍ୟ ଖାଇବାକୁ ହେବ । ନିୟମିତ ବ୍ୟାୟାମ କରି ଏହି ରୋଗଠୁ ଦୂରେଇ ରହିପାରିବେ ।



# ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ

**ଉଚ୍ଚ ରକ୍ତଚାପକୁ ହାଇପର ଟେନ୍‌ସନ୍ କୁହାଯାଏ । ବ୍ୟସ୍ତବହୁଳ ଜୀବନଶୈଳୀ, ଖାଦ୍ୟପେୟରେ ଅନିୟମିତତା, ମଧୁମେହ ଆଦି ଯୋଗୁଁ ଉଚ୍ଚ ରକ୍ତଚାପ ହୁଏ । ଉଚ୍ଚ ରକ୍ତଚାପରେ ବେକରେ ଯନ୍ତ୍ରଣା, ମୁଣ୍ଡ ବୁଲାଇବା, ହୃଦୟର ଅନିୟମିତ ଗତି, ହାତପାଦ ଥରିବା, ବାରମ୍ବାର ପରିସ୍ରା ଲାଗିବା ଲକ୍ଷଣ ଦେଖାଦିଏ । ତେଣୁ ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ ପାଇଁ ଆପଣାନ୍ତୁ ଏହି ଉପାୟ ।**




- ଫାଷ୍ଟଫୁଡ, ତେଲମସଲାଯୁକ୍ତ ଖାଦ୍ୟ, ଆମିଷ ଆଦି ଖାଦ୍ୟ ବଦଳରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଜରୁରି । କମ୍ ଲୁଣ ଖାଇବା ଉଚିତ । ସେହିପରି ଚିନ୍ତା ଓ ମାନସିକ ଅବସାଦ ଏହି ରୋଗର ମୂଳ କାରଣ । ଅଯଥା ଚିନ୍ତାରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ । ମଧୁମେହ ରୋଗୀ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ଶର୍କରାଜାତୀୟ ଖାଦ୍ୟ କମ୍ ଖାଇବା ଉଚିତ । ଅନିଦ୍ରା ଉଚ୍ଚ ରକ୍ତଚାପ ବୃଦ୍ଧିର ବି ଆଉ ଏକ କାରଣ । ତେଣୁ ଦୈନିକ ୮ ଘଣ୍ଟା ଶୋଇବା ଜରୁରି ।
- ଗୁଟ୍‌ଖା, ବିଡ଼ି, ସିଗାରେଟ୍, ଆଲକହଲଯୁକ୍ତ ପାନୀୟ ଅଭ୍ୟାସକୁ ପରିତ୍ୟାଗ କରିବା ଦ୍ୱାରା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ ।
- ସପ୍ତାହକୁ ଅତିକମ୍‌ରେ ୧୫୦ ମିନିଟ୍ ବ୍ୟାୟାମ କରିବା ଆବଶ୍ୟକ । ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ସହ ନିର୍ଦ୍ଦିଷ୍ଟ ଅନ୍ତରରେ ରକ୍ତଚାପ ପରୀକ୍ଷା କରିବା ଉଚିତ ।

**ପୁଣେରେ ଚତୁର୍ଥ ଟି-୨୦ ଆଜି**

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

**ପୁଣେ,୩୦।୧(ଏଜେନ୍ସି):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜ୍ ଏକ ଉତ୍ସାହଜନକ ମୋଡରେ ପହଞ୍ଚିଛି। ଭାରତୀୟ ସ୍ପିନରଙ୍କ କବ୍‌ଜାକୁ ମୁକୁଳି ତୃତୀୟ ଟି-୨୦ରେ ବିଜୟୀ ହୋଇଥିବା ଇଂଲଣ୍ଡ ଏବେ ସିରିଜ୍ ଜିତିବା ଆଶାରେ ରହିଛି। ଯାହା ଫଳରେ ଟି-୨୦ରେ ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଆସନ୍ତାକାଲି ହେବାକୁ ଥିବା ଚତୁର୍ଥ ମୁକାବିଲା ଯେ ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ ଏଥିରେ କୌଣସି ସନ୍ଦେହ ନାହିଁ। ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର କୋଲକାତା ଓ ଚେନ୍ନାଇରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। କିନ୍ତୁ ରାଜକୋଟରେ ଖେଳାଯାଇଥିବା ତୃତୀୟ ଟି-୨୦କୁ ଇଂଲଣ୍ଡ ୨୬ ରନ୍ ବ୍ୟବଧାନରେ ଜିତିନେଇଛି। ମହାରାଷ୍ଟ୍ର କ୍ରିକେଟ ସଂଘ ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବାକୁ ଥିବା ମ୍ୟାଚ୍ ଜିତି ଭାରତ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। କିନ୍ତୁ ଘରୋଇ ଦଳ ଲାଗି ଏହା ଯେ ସହଜ ହେବ ନାହିଁ ତାହା ରାଜକୋଟ ଲଢ଼େଇରୁ ସ୍ପଷ୍ଟ ହୋଇଛି।

ଇଂଲଣ୍ଡ ବିପକ୍ଷରେ ଭାରତର ସ୍ପିନରମାନେ ଯେପରି ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି, ସେହିପରି ପେସ୍ ବୋଲର କିମ୍ବା ବ୍ୟାଟର ପ୍ରଭାବ ପକାଇବାରେ ସମର୍ଥ ହୋଇ ନାହାନ୍ତି। ବିଶେଷକରି ଓପନର ସଞ୍ଜୁ ସାମସନ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ନଂ-୭ରେ ଖେଳିଥିବା ବ୍ୟାଟର ଆଦୌ ଫର୍ମରେ ନାହାନ୍ତି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ କିମ୍ବା ୱାଶିଂଟନ ସୁନ୍ଦର ସେମାନଙ୍କ ଅଲରାଉଣ୍ଡ ପ୍ରଦର୍ଶନ କରିବାରେ ସମର୍ଥ ହୋଇପାରି ନାହାନ୍ତି। ଯାହା ଫଳରେ ପ୍ରଥମ ୨ଟି ମ୍ୟାଚ୍ ଜିତିଥିଲେ ମଧ୍ୟ ଭାରତ ଏହି ସିରିଜ୍‌ରେ ଦମ୍‌ଦାର ଖେଳ ଦେଖାଇବାରେ ସମର୍ଥ ହୋଇପାରି ନାହିଁ। ବିଶେଷ କରି ଫାଷ୍ଟ ବୋଲରଙ୍କୁ ଖେଳିବାରେ ସାମସନଙ୍କ ଦୁର୍ବଳତା ପଦାରେ ପଡ଼ିଯାଇଛି। ନିକଟରେ ସେ ୩ଟି ଶତକ ହାସଲ କରିଥିଲେ ମଧ୍ୟ ଘଣ୍ଟାପ୍ରତି ୧୪୫ରୁ ୧୫୫ କିଲୋମିଟର ବେଗରେ ବୋଲିଂ କରୁଥିବା ଇଂଲଣ୍ଡର ଜୋଫ୍ରା ଆର୍ଚର କିମ୍ବା ମାର୍କ ଉଡ୍‌ଙ୍କୁ ଉଚିତ ମୁକାବିଲା କରିପାରୁ ନାହାନ୍ତି ସାମସନ। ଏହି ଟେକ୍ନିକାଲ ଅସୁବିଧା ଦୂର ନ ହେଲେ ୨୬, ୫ ଓ ୩ ରନ୍ କରିଥିବା ସାମସନ ଅନ୍ୟ ଦୁଇଟି ମ୍ୟାଚ୍‌ରେ ଯେ ଫ୍ଲପ୍ ହେବେ ଏଥିରେ ସନ୍ଦେହ ନାହିଁ। ସେହିପରି ଅଧିନାୟକ ସୂର୍ଯ୍ୟକୁମାର ଯାଦବ କୋଲକାତାରେ ୦, ଚେନ୍ନାଇରେ ୧୨ ଓ ରାଜକୋଟରେ ୧୪ ରନ୍ କରିଛନ୍ତି। ଏ ସମସ୍ତ ପିଚ୍‌ରେ କିଛି ବିପଦ ନ ଥିଲେ ମଧ୍ୟ ସାମସନଙ୍କ ପରି ଇଂଲଣ୍ଡ ବିପକ୍ଷରେ ସୂର୍ଯ୍ୟକୁମାର ଖେଳିପାରୁ ନାହାନ୍ତି। ଫର୍ମ ନ ଥିବା ଆଉ ଜଣେ ଖେଳାଳି ହେଲେ ରିଙ୍କୁ ସିଂ। କୋଲକାତାରେ ତାଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳି ନ ଥିଲେ ମଧ୍ୟ ପିଠିରେ ଆଘାତ ଲାଗିବାରୁ ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ନ ଖେଳି ବିଶ୍ରାମ ନେଇଥିଲେ। ଚତୁର୍ଥ ମ୍ୟାଚ୍‌ରେ ତାଙ୍କର ପ୍ରତ୍ୟାବର୍ତ୍ତନ ହେବ ବୋଲି ଆଶା କରାଯାଉଛି। କିନ୍ତୁ ଫିଟନେସ୍ ସହ ଫର୍ମରେ ନ ଥିବାରୁ ରିଙ୍କୁଙ୍କ ସ୍ଥାନରେ ରମଣଦୀପ ସିଂଙ୍କୁ ଖେଳିବାର ସୁଯୋଗ ମିଳିପାରେ। ସ୍ପିନ୍ ବୋଲିଂରେ ଭାରତ ବେଶ ପ୍ରଭାବ ପକାଇଛି। କିନ୍ତୁ ପେସ୍‌ରଙ୍କ ପ୍ରଭାବ ନାହିଁ। ଏଣୁ ଅର୍ଶଦୀପଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିପାରେ। ସେ ମହମ୍ମଦ୍ ସାମିଙ୍କ ସହ ବୋଲିଂ କଲେ ଭାରତକୁ ଉପଯୁକ୍ତ ଫଳ ମିଳିବ ବୋଲି ଆଶା କରାଯାଉଛି। ରାଜକୋଟରେ ଲଢୁଆ ଖେଳିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କଠାରୁ ଅଧିକ ଆକ୍ରମଣାତ୍ମକ ଖେଳ ଆଶା କରାଯାଉଛି। ଇଂଲଣ୍ଡ ଦଳ ନିକଟରେ ଥିବା ଦୁର୍ବଳତାକୁ ସୁଧାରିବାରେ ସମର୍ଥ ହୋଇଛି। ଏଣୁ ଦଳ ତାହାର ଶକ୍ତି ଉପରେ ଭରସା କରି ଭାରତରେ ଟି-୨୦ ସିରିଜ୍ କବ୍‌ଜା କଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।



**ଖେଳ ଆରମ୍ଭ**
ରାତି ୭ଟା
**ପ୍ରସାରଣ**
ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର

**ବାରବାଟୀ ଏକଦିବସୀୟ** | **ଆଉ ୧୦ ଦିନ**


# ଚିକ୍‌ମିକ୍ କରିବ ସିଟ୍‌'ର ରେଡିୟମ୍

**କଟକ,୩୦।୧(ସମିସ):** ଫେବୃୟାରୀ ୯ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ଦିବାରାତ୍ର ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦର୍ଶକଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ଚଳିତ ଥର ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) କେତେକ ନୂଆ ପଦକ୍ଷେପ ନେବାକୁ ଯାଉଛି। ପ୍ରଥମଥର ନିମନ୍ତେ ପ୍ରତ୍ୟେକ ସିଟ୍‌ରେ ରେଡିୟମ ଷ୍ଟିକର ଲାଗିବ। ଏଥିରେ ନମ୍ବର ଲେଖାଯିବ। ସଂଜ ବୁଡିବା ପରେ ପ୍ରତ୍ୟେକ ସିଟ୍ ସହଜରେ

**ବାଉଁଶ ହଟିବ; ତାରରେ ବନ୍ଧା ହେବ ଜାଲି**

ଚିହ୍ନି ପାରିବେ ଦର୍ଶକ। ତେବେ ମ୍ୟାଚ୍‌ର ବିରତି ସମୟରେ ଷ୍ଟାଡିୟମର ଫ୍ଲଡ ଲାଇଟ୍ ବନ୍ଦ କରାଯିବ। ସମ୍ପୂର୍ଣ୍ଣ ଷ୍ଟାଡିୟମଟି ରେଡିୟମ ଲାଇଟ୍‌ରେ ଚିକମିକ୍ କରିବ। ଏଭଳି କିଛି ବ୍ୟବସ୍ଥା ହେବ ବୋଲି ଜଣାପଡ଼ିଛି। ଏଥିପାଇଁ ଯୋଜନା ମଧ୍ୟ ଚୂଡାନ୍ତ ହୋଇସାରିଲାଣି।

ବିଗତ କିଛି ବର୍ଷ ହେବ ବାରବାଟୀରେ ସିଟ୍ ନମ୍ବରିଂ ବ୍ୟବସ୍ଥା ଗ୍ରହଣ ହୋଇଛି। ଦର୍ଶକ ନିଜ ସିଟ୍ ନମ୍ବର ଅନୁସାରେ ସ୍ଥାନ ଗ୍ରହଣ କରୁଛନ୍ତି। ପୂର୍ବରୁ ଗ୍ୟାଲେରୀ ଗୁଡିକରେ ଏହା ଦେଖିବାକୁ ମିଳୁ ନଥିଲା। ତେବେ ଆଗାମୀ ମ୍ୟାଚ୍‌ରେ ଆକର୍ଷଣ ଭରିବା ପାଇଁ ଓସିଏ ରେଡିୟମ ଷ୍ଟିକର ଲଗାଇବା ପାଇଁ ଯୋଜନା କରିଛି। ଷ୍ଟିକରଗୁଡିକ ଖୁବ ପତଳା ରହିବ। ଯଦ୍ୱାରା ଦର୍ଶକ ଏହାକୁ ସହଜରେ ଛଡ଼ାଇ ପାରିବେ ନାହିଁ। ରାତି ହେବାପରେ ଷ୍ଟିକର ଗୁଡିକ ଚିକମିକ୍ କରିବ। ବାରବାଟୀରେ ଏହା ଏକ ଭିନ୍ନ ଅନୁଭୂତି ଦେବ ବୋଲି ଆଶା ରଖିଛି ଓସିଏ। ସେହିପରି ପାଣି ବୋତଲ ପ୍ରବେଶ ଉପରେ କଟକଣା ଲାଗିଥିଲେ ସୁଦ୍ଧା ବାରବାଟୀରେ ଜାଲି ବନ୍ଧା ହେବ। ବିଭିନ୍ନ ଗ୍ୟାଲେରୀ ସମ୍ମୁଖରେ ବାଉଁଶ ଜରିଆରେ ପୂର୍ବରୁ ଜାଲି ବନ୍ଧା ହେଉଥିଲା। ପାଣି ବୋତଲ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଲୋକେ ପଡ଼ିଆ ଭିତରକୁ ଫିଙ୍ଗି ନପାରିବା ଭଳି ବ୍ୟବସ୍ଥା ହୋଇଛି। ହେଲେ ବାଉଁଶ ବନ୍ଧା ହେଉଥିବାରୁ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବସୁଥିବା ଦର୍ଶକ ଖେଳ ଉପଭୋଗ କରି ପାରୁ ନଥିଲେ। ଏଥିରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ଆଗାମୀ ମ୍ୟାଚ୍‌ରେ ଗ୍ୟାଲେରୀ ସମ୍ମୁଖରେ ଆଉ ବାଉଁଶ ଦେଖିବାକୁ ମିଳିବ ନାହିଁ। ତାର ଦ୍ୱାରା ଜାଲି ବାନ୍ଧିବା ପାଇଁ ଓସିଏ ଯୋଜନା କରିଛି।



**■ ଡ୍ରିମ୍ସ ଗ୍ରାଉଣ୍ଡରେ ବ୍ୟାଟିଂ ବିପର୍ଯ୍ୟୟ**

# ସମ୍ମାନ ରଖିଲେ ରାଜେଶ; ଓଡ଼ିଶା ୧୮୦

**କଟକ,୩୦।୧(ସମିସ):** ଡ୍ରିମସ ଗ୍ରାଉଣ୍ଡରେ ଗୁରୁବାରଠାରୁ ସର୍ଭିସେସ୍ ବିପକ୍ଷରେ ଆରମ୍ଭ ହୋଇଥିବା ରଣଜୀ ଟ୍ରଫିର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରି ୧୮୦ରନରେ ଅଲଆଉଟ ହୋଇଛି। ଘରୋଇ ପରିବେଶରେ ବ୍ୟାଟରଙ୍କ ବିଫଳତା ପରେ ମିଡିୟମ ପେସ୍ ବୋଲର ରାଜେଶ ମହାନ୍ତି ଅର୍ଦ୍ଧଶତକୀୟ ପାଳି ଖେଳି ଦଳୀୟ ସ୍କୋରକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବିପକ୍ଷ ସର୍ଭିସେସ ଦୁଇ ୱିକେଟ ବିନିମୟରେ ୮୫ରନ କରିଛି। ୯୫ରନ ପଛୁଆ ଥିବା ସର୍ଭିସେସ ଏଠାରେ ଇନିଂସ ଅଗ୍ରଣୀ ଲକ୍ଷ୍ୟରେ ରହିଛି।

ସର୍ଭିସେସ ଅଧିନାୟକ ରଜତ ପାଲିୱାଲ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ପରିବର୍ତ୍ତିତ ଦଳରେ ୪ଜଣଙ୍କୁ ସାମିଲ କରାଯାଇଥିଲେ ସୁଦ୍ଧା ଚୂଡାନ୍ତ ଏକାଦଶରେ କାହାକୁ ସ୍ଥାନ ମିଳିନଥିଲା। ତେବେ ଶାନ୍ତନୁ ମିଶ୍ରଙ୍କୁ ବିଶ୍ରାମ ଦିଆଯାଇଥିଲା। ମଧ୍ୟକ୍ରମ ବ୍ୟାଟିଂ ଲାଇନ୍‌ଅପ୍‌ରେ ଅନୀଲ ପରିଡ଼ା ସାମିଲ ହୋଇଥିଲେ। ସ୍ୱସ୍ତିକ ସାମଲ ଏବଂ ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ଓପନିଂ ସମ୍ଭାଳିଥିଲେ। ୧୯ ରନରେ ଦଳ ପ୍ରଥମ ୱିକେଟ ହରାଇଥିଲା। ସ୍ୱସ୍ତିକ ୯ରନରେ କ୍ରିଜ ଛାଡ଼ିଥିଲେ। ପରେ ବ୍ୟାଟିଂ ଆସିଥିବା ଅଧିନାୟକ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ଆଗରୁ ଆଉଟ ହୋଇଥିଲେ। ଗୋବିନ୍ଦ ପୋଦ୍ଦାର ୭ରନ, ରାଜେଶ ଧୂପର ୧୬ରନ, କାର୍ତ୍ତିକ ବିଶ୍ୱାଳ ୦, ଆଶୀର୍ବାଦ ୨୮ରନ ଏବଂ ଏହି ମ୍ୟାଚ୍‌ରେ ରଣଜୀ ପଦାର୍ପଣ କରିଥିବା ଅନୀଲ ପରିଡ଼ା ୮ରନରେ ଆଉଟ ହୋଇଥିଲେ। ସ୍କୋରବୋର୍ଡରେ ଓଡ଼ିଶାର ସ୍କୋର ୯୨ ବେଳକୁ ୭ଜଣ ପ୍ରମୁଖ ବ୍ୟାଟର ପ୍ୟାଭିଲିୟନ ଫେରି ସାରିଥିଲେ। ରାଜେଶ ମହାନ୍ତିଙ୍କ ନେତୃତ୍ୱରେ ନିମ୍ନକ୍ରମ ବ୍ୟାଟରମାନଙ୍କ ଉପଯୋଗୀ ରନ୍ ସଂଗ୍ରହ ଯୋଗୁଁ ଓଡ଼ିଶା ବିପଦରୁ ମୁକୁଳିଥିଲା। ୪ ବୋଲର ଏଠାରେ ବ୍ୟାଟର ଭୂମିକାରେ ୨୦ଓଭର ଖେଳି ଦଳୀୟ ସ୍କୋରକୁ ୧୮୦ରେ ପହଞ୍ଚାଇଥିଲେ। ସେମାନଙ୍କ ମଧ୍ୟରେ ପେସ୍ ବୋଲର ରାଜେଶ ୬୧ବଲରୁ ୮ଟି ଚୌକା ଏବଂ ୪ଟି ଛକା ବଳରେ ସର୍ବାଧିକ ୬୦ରନ କରିଥିଲେ। କ୍ୟାରିୟରରେ ଏହା ତାଙ୍କ ପ୍ରଥମ ଅର୍ଦ୍ଧଶତକ। ସୁନୀଲ ରାଉଳ ୧୯ରନ, ସୁମିତ ଶର୍ମା ୧୬ରନ ଏବଂ ତାପସ ୮ରନ କରିଥିଲେ। ସର୍ଭିସେସ ପକ୍ଷରୁ ପୁନମ ପୁନିଆ ୪ଟି, ଜୟନ୍ତ ଗୋୟତ ୩ଟି ଏବଂ ବରୁଣ ଚୌଧୁରୀ ଗୋଟିଏ ୱିକେଟ ଦଖଲ କରିଥିଲେ। ତୃତୀୟ ସେସନରେ ୨୩ ଓଭର ଖେଳି ସର୍ଭିସେସ ପ୍ରଥମ ଇନିଂସରେ ଦୁଇ ୱିକେଟ ହରାଇ ୮୫ରନ କରିଛି। ସୂରଜ ବଶିଷ୍ଠ ୨୪ରନରେ ଏବଂ ଶୁଭମ ରୋହିଲା ୧୩ରନରେ ଆଉଟ ହୋଇଛନ୍ତି। ରବି ଚୌହ୍ୱାନ ୪୦ରନ ଏବଂ ଅର୍ଜୁନ ଶର୍ମା ୭ରନରେ ଅପରାଜିତ ଅଛନ୍ତି।



**୩୮ତମ ଜାତୀୟ କ୍ରୀଡ଼ା**

# ସନ୍ତରଣରୁ ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୩୦।୧ (ସମିସ):** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ସ୍ୱର୍ଣ୍ଣପଦକ ଖାତା ଖୋଲିଛି। ଦ୍ୱିତୀୟ ଦିବସରେ ଗୁରୁବାର ମହିଳା ସନ୍ତରଣର ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ ଓଡ଼ିଶା ଦଳ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲା। ପ୍ରତ୍ୟାଶା ରାୟ, ମନ୍ମତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଦିବ୍ୟାଙ୍କ ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ଏହି ରେସ୍‌ରେ ପୋଡିୟମର ଶୀର୍ଷରେ ରହି ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ଦିବସରେ ସୃଷ୍ଟି କାଂସ୍ୟ ପଦକ ଜିତିଥିବାରୁ ଜାତୀୟ କ୍ରୀଡ଼ାର ଚଳିତ ସଂସ୍କରଣରେ ତାଙ୍କ ପଦକ ସଂଖ୍ୟା ୨ରେ ପହଞ୍ଚିଛି।

**ଦିବ୍ୟାଙ୍କାଙ୍କୁ ୨ୟ ପଦକ:** ମହିଳା ସନ୍ତରଣ ରିଲେ ଦଳରେ ସ୍ୱର୍ଣ୍ଣିମ ସଫଳତା ପାଇଥିବା ଦିବ୍ୟାଙ୍କା ଗୁରୁବାର ଆଉ ଏକ ପଦକ ନିଜ ଖାତାରେ ଯୋଡ଼ିଥିଲେ। ସେ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଦୂରତାକୁ ୨ ମିନିଟ୍ ୪୭.୮୫ ସେକେଣ୍ଡରେ ଫିନିଶ କରି କାଂସ୍ୟ ପଦକ ହାସଲ କରିଥିଲେ। ଏଥିରେ କେରଳର ହର୍ଷିତା ଜୟରାମ (୨:୪୬.୪୧) ଓ ତାମିଲନାଡୁର ଶ୍ରୀନିଡି ନଟେସାନ (୨:୪୬.୪୦) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଦ୍ୱିତୀୟ ଦିବସ ସୁଦ୍ଧା ଓଡ଼ିଶା ୧ ସ୍ୱର୍ଣ୍ଣ ଓ ୨ କାଂସ୍ୟ ସହ ମୋଟ୍ ୩ଟି ପଦକ ବିଜୟୀ ହୋଇଛି। ସମସ୍ତ ପଦକ ଓଡ଼ିଶା ସନ୍ତରଣରୁ ହାସଲ କରିଛି।



**ସେମିରେ ଓଡ଼ିଶା ଖୋ ଖୋ ଦଳ**

ଓଡ଼ିଶା ପୁରୁଷ ଓ ମହିଳା ଖୋ ଖୋ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମହିଳା କ୍ୱାର୍ଟରଫାଇନାଲରେ ଓଡ଼ିଶା ୩୦-୨୧ ପଏଣ୍ଟରେ ଦିଲ୍ଲୀକୁ ପରାସ୍ତ କରିଥିଲା। ସେହିଭଳି ଓଡ଼ିଶା ପୁରୁଷ ଦଳ ୩୦-୨୩ରେ ଆନ୍ଧ୍ରପ୍ରଦେଶକୁ ହରାଇ ସେମିରେ ପହଞ୍ଚିଛି।

**୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ସେମିଫାଇନାଲ**

# ଭାରତ-ଇଂଲଣ୍ଡ ମୁକାବିଲା

**କ୍ୱାଲାଲମ୍ପୁର, ୩୦।୧(ଏଜେନ୍ସି):** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସେମିଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ସକାଳ ୮ରେ ପ୍ରଥମ ସେମିରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଏବଂ ଅପରାହ୍ଣ ୧୨ଟାରେ ଭାରତ ଓ ଇଂଲଣ୍ଡ ଦ୍ୱିତୀୟ ସେମିରେ ପରସ୍ପରକୁ ଭେଟିବେ। ପୂର୍ବରୁ ଭାରତ ଗ୍ରୁପ୍ ଏ'ରେ ତା'ର ୩ଟି ମ୍ୟାଚ୍ ଜିତି ୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହି ସୁପର-୬କୁ ଉଠିଥିଲା। ସେହିପରି ସୁପର-୬ର ଗ୍ରୁପ୍-୧ରେ ଭାରତ ୪ଟି ମ୍ୟାଚ୍ ଖେଳି ୪ଟି ବିଜୟ ସହ ୮ ପଏଣ୍ଟ ପାଇଁ ଶୀର୍ଷରେ ରହିଥିଲା। ଗତଥରର ଚାମ୍ପିଅନ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହିଛି ଓ ଟାଇଟଲ ହାସଲଠାରୁ ଦୁଇପାଦ ଦୂରରେ ରହିଛି। ଅନ୍ୟପଟେ ଇଂଲଣ୍ଡ ଗ୍ରୁପ୍ ବି'ରେ ୩ ମ୍ୟାଚ୍ ଖେଳି ୨ ବିଜୟ ସହ ୫ ପଏଣ୍ଟ ପାଇ ଶୀର୍ଷରେ ରହି ସୁପର-୬କୁ ଉଠିଥିଲା।

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧୨ଟା
ସ୍ଥାନ: କ୍ୱାଲାଲମ୍ପୁର
ସିଧାପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ-୨

**ହକି ଇଣ୍ଡିଆ ଲିଗ୍**

# ସେମିଫାଇନାଲ ମୁକାବିଲା ଆଜି

**ରାଉରକେଲା,୩୦।୧(ସମିସ):** ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ)ର ଚଳିତ ଷଷ୍ଠ ସଂସ୍କରଣ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଦୁଇଟି ଯାକ ସେମିଫାଇନାଲ ଶୁକ୍ରବାର ଖେଳାଯିବ। ଲିଗ୍‌ର ଶ୍ରେଷ୍ଠ ୪ଟି ଦଳଗୁଡିକ ସେମିକୁ ଉଠିଛନ୍ତି। ପ୍ରଥମ ଓ ଚତୁର୍ଥ ଏବଂ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ଦଳଗୁଡିକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସେମିରେ ମୁହାଁମୁହିଁ ହେବେ। ଏହିକ୍ରମରେ ପ୍ରଥମ ସେମିଫାଇନାଲରେ ରାରହ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ଏବଂ ଦ୍ୱିତୀୟ ସେମିରେ ସୁରମା ହକି କ୍ଲବ ଓ ହାଇଦାରାବାଦ ତୁଫାନ୍ସ ପରସ୍ପରକୁ ଭେଟିବେ। ଶନିବାର ଫାଇନାଲ ଖେଳାଯିବ।

ଲିଗ୍ ପର୍ଯ୍ୟାୟରେ ବେଙ୍ଗଲ ଟାଇଗର୍ସ ୧୦ଟି ମ୍ୟାଚ୍ ଖେଳି ୬ ବିଜୟ, ନିର୍ଦ୍ଧାରିତ ସମୟ ସୁଦ୍ଧା ୩ ପରାଜୟ ଓ ଗୋଟିଏ ସୁଟ୍ ଆଉଟ ପରାଜୟ ସହ ୧୯ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଦଳର ତରଫରୁ ଯୁଗରାଜ ସିଂହ ୯ଟି ଗୋଲ ସ୍କୋର କରି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେହିପରି ସୁରମା ୧୦ ମ୍ୟାଚ୍ ଖେଳି ୪ ବିଜୟ, ନିର୍ଦ୍ଧାରିତ ସମୟ ସୁଦ୍ଧା ୨ ପରାଜୟ ଓ ୩ ସୁଟ୍‌ଆଉଟ ବିଜୟ ଓ ପରାଜୟ ସହ ସମାନ ୧୯ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ହାଇଦାରାବାଦ ୪ ବିଜୟ, ୨ ସୁଟ୍‌ଆଉଟ୍ ବିଜୟ ସହ ୧୮ ପଏଣ୍ଟ ପାଇ ତୃତୀୟ ଏବଂ ଡ୍ରାଗନ୍ସ ୪ ବିଜୟ, ୨ ସୁଟ୍ ଆଉଟ୍ ବିଜୟ ସହ ସମାନ ୧୮ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ରହି ଚତୁର୍ଥ ସ୍ଥାନରେ ରହିଛି। ଲିଗ୍‌ରେ ଓଡ଼ିଶାର ଦୁଇ ଦଳ କଳିଙ୍ଗ ଲାନ୍ସର୍ସ ଓ ଟିମ୍ ଗୋନାସିକା ସମାନ ୧୨ ଲେଖାଏ ପଏଣ୍ଟ ପାଇଥିଲେ ମଧ୍ୟ ଯଥାକ୍ରମେ ୬ଷ୍ଠ ଓ ୭ମ ସ୍ଥାନରେ ରହି ସେମି ଦୌଡ଼ରୁ ବାଦ୍ ପଡିଛନ୍ତି। ଲିଗ୍‌ର ଶେଷଥର ପାଇଁ ୨୦୧୭ରେ ଖେଳାଯାଇଥିଲା ଓ ଏଥିରେ ଲାନ୍ସର୍ସ ୪-୧ ଗୋଲରେ ଦବଙ୍ଗ ମୁମ୍ବାଇକୁ ହରାଇ ଟାଇଟଲ ହାସଲ କରିଥିଲା।



**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଲାଗି ଭାରତୀୟ ପୁରୁଷ ଦଳ ଘୋଷିତ**

# ଓଡ଼ିଶାରୁ ଅମିତ, ଶିଳାନନ୍ଦ ଓ ସଞ୍ଜୀପ



**ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି):** ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଲେଗ୍ ଲାଗି ୩୨ଜଣିଆ ଭାରତୀୟ ପୁରୁଷ ହକି ଦଳ ଘୋଷଣା କରାଯାଇଛି। କଳିଙ୍ଗ ହକି ଷ୍ଟାଡିୟମ୍‌ରେ ଫେବୃଆରୀ ୧୫ରୁ ୨୫ ତାରିଖଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ହରମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି। ହାର୍ଦ୍ଦିକ ସିଂହ ଉପଅଧିନାୟକ ରହିଥିଲାବେଳେ ଓଡ଼ିଶାରୁ ୩ଜଣ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ, ମିଡ୍‌ଫିଲ୍ଡର ନୀଲମ ସଞ୍ଜୀପ ଖେସ୍ ଓ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା। ଏହି ଲେଗ୍‌ରେ ଭାରତ ସମେତ ସ୍ପେନ୍, ଜର୍ମାନୀ, ଆୟର୍ଲାଣ୍ଡ ଓ ଇଂଲଣ୍ଡ ଦଳ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ଦଳ ଅନ୍ୟ ସହ ୨ଥର ଲେଖାଏଁ ମ୍ୟାଚ୍ ଖେଳିବେ।

**ଭାରତୀୟ ଦଳ:** କ୍ରିଷନ ବାହାଦୁର ପାଠକ ଓ ସୁରଜ କରକେରା (ଗୋଲକିପର), ଜରମନପ୍ରୀତ ସିଂ, ଅମିତ ରୋହିଦାସ, ହରମନପ୍ରୀତ୍ ସିଂହ, ସୁମିତ, ସଞ୍ଜୟ, ଯୁଗରାଜ ସିଂହ, ନୀଲମ ସଞ୍ଜୀପ ଖେସ୍, ବରୁଣ କୁମାର ଓ ଯଶଦୀପ ସିୱାଚ୍ (ଡିଫେଣ୍ଡର), ରାଜକୁମାର ପାଲ, ସମସେର ସିଂହ, ମନ୍‌ପ୍ରୀତ୍ ସିଂହ, ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦ, ନିଳକାନ୍ତ ଶର୍ମା, ଏମ୍. ରବିଚନ୍ଦ୍ର ସିଂ ଓ ରାଜିନ୍ଦର ସିଂ (ସମସ୍ତେ ମିଡ୍‌ଫିଲ୍ଡର), ଅଭିଷେକ, ସୁଖଜିତ ସିଂହ, ଲଳିତକୁମାର ଉପାଧ୍ୟାୟ, ମନଦୀପ ସିଂହ, ଗୁରଜାନ୍ତ ସିଂହ, ବବିସିଂ ଧାମି, ଶିଳାନନ୍ଦ ଲାକ୍ରା, ଦୀଲପ୍ରୀତ ସିଂହ, ଅରାଇଜିତ ସିଂ ହୁଣ୍ଡାଲ, ଉତ୍ତମ ସିଂ, ଅଙ୍ଗଦବୀର ସିଂହ ଓ ଅର୍ଶଦୀପ ସିଂହ। ଏହି ଦଳ ଚୟନରେ ହେଡ୍ କୋଚ୍ କ୍ରେଗ୍ ଫୁଲଟନ ସନ୍ତୋଷ ପ୍ରକାଶ କରିଛନ୍ତି।

# ୪୪୬୯ ଦିନ ପରେ ରଣଜୀ ଖେଳିଲେ କୋହଲି

**ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି):** ବ୍ୟାଟିଂ ସୁପର୍ ଷ୍ଟାର୍ ବିରାଟ କୋହଲି ଦୀର୍ଘ ୪୪୬୯ ଦିନ ପରେ ରଣଜୀ ଟ୍ରଫି ଖେଳିଛନ୍ତି। ଗୁରୁବାର ଏଠାରେ ରେଲ୍‌ୱ ବିପକ୍ଷ ମ୍ୟାଚ୍ ଖେଳି କୋହଲି ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଘରୋଇ ରେଡ୍ ବଲ୍ କ୍ରିକେଟ୍‌କୁ ଫେରିଛନ୍ତି। ଶେଷଥର ଲାଗି ସେ ୨୦୧୨ ନଭେମ୍ବରରେ ଉତ୍ତର ପ୍ରଦେଶ ବିପକ୍ଷରେ ଶେଷ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲେ। ଗୁରୁବାର ପ୍ରଥମ ଦିବସରେ ରେଲ୍‌ୱ ପ୍ରଥମ ପାଳିରେ ୨୪୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଘରୋଇ ଦିଲ୍ଲୀ ଷ୍ଟମ୍ପ ସୁଦ୍ଧା ଗୋଟିଏ ୱିକେଟ୍‌ରେ ୪୧ ରନ କରିଛି। କୋହଲିଙ୍କ ବ୍ୟାଟିଂ ପୋଜିସନ ନଂ-୪ ହୋଇଥିବାରୁ ପ୍ରଥମ ଦିବସରେ ଦର୍ଶକ ତାଙ୍କ ଖେଳ ଦେଖିବାରୁ ବଞ୍ଚିତ ହୋଇଥିଲେ। ଶୁକ୍ରବାର ସେ ବ୍ୟାଟିଂ କରିବା ନିଶ୍ଚିତ ହୋଇଛି।

**ରଣଜୀରେ ଆଇପିଏଲ୍‌ର ଭ୍ରମ**

କୋହଲି ୧୨ ବର୍ଷ ପରେ ରଣଜୀ ଖେଳୁଥିବାରୁ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଦର୍ଶକଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ୧୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚକୁ ଉପଭୋଗ କରିଥିଲେ। ଫଳରେ ଏହି ରଣଜୀ ଟ୍ରଫି ମ୍ୟାଚ୍ ଆଇପିଏଲ୍‌ର ଭ୍ରମ ସୃଷ୍ଟି କରିଥିଲା। ଷ୍ଟାଡିୟମରେ ଥିବା 'ଗୌତମ ଗମ୍ଭୀର ଷ୍ଟାଣ୍ଡ'ର ୬ ହଜାର ସିଟ୍ ଦର୍ଶକରେ ପୂର୍ଣ୍ଣ ହୋଇଯିବା ପରେ ୧୪ ହଜାର ବିଶିଷ୍ଟ 'ବିଶନ ସିଂହ ବେଦୀ ଷ୍ଟାଣ୍ଡ'କୁ ଖୋଲାଯାଇଥିଲା।

ସକାଳ THE SAKALA
www.thesakala.com

**WANTED**

The Sakala (A unit of Nandighosha Network Pvt. Ltd.) invites application for the following position

| Name of the Post | Qualification/ Experience |
|---|---|
| 1. Layout Designer | : 2-5 years of working experience in Layout Designing (work experience in Adobe InDesign software is preferable). |

Please send your CV with recent passport size photo to hr@thesakala.com on or before 8th February 2025.

9437016499 | Sd/- HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS